

ଅଲ୍ଲୁଙ୍କ ଫିଲ୍ମରେ କାଜଲଙ୍କ ଏଣ୍ଟ୍ରି

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-201 ◆FRIDAY ◆16 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୦୧ ◆ଶୁକ୍ରବାର ◆୧୬ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଇରାନ ମୁହାଁ ଆମେରିକା ଯୁଦ୍ଧ ଜାହାଜ

## ଚୀନ ସାଗରରୁ ବାହାରି ମଧ୍ୟପ୍ରାଚ୍ୟ ଯାଉଛି ଷ୍ଟ୍ରାଇକ୍ ଗ୍ରୁପ୍

**ଟ୍ରମ୍ପଙ୍କ ଧମକ ପରେ ନରମିଲା ଇରାନ**

**ଫାଶୀ ଦଣ୍ଡ ସ୍ଥଗିତ**

**ଏବେ ଯୁଦ୍ଧ ହୋଇନପାରେ**

**ବାୟୁ ସୀମା ଖୋଲିଲା ଇରାନ**



■ ୱାଶିଂଟନ, ୧୫ ।୧ (ଏଜେନ୍ସି): ଇରାନରେ ସୁପ୍ରିମ ନେତା ଅଲ୍ଲୀ ଖାମେନେଇଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବା ବେଳେ ସରକାର ମଧ୍ୟ ଦମନଲୀଳା ଜାରି ରଖିଛନ୍ତି। ଏଥିରେ କ୍ଷୁବ୍ଧ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରିବାକୁ ସ୍ଥିର କରିଥିବା ଜଣାପଡ଼ିଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଥିବା ଆମରିକାର ଯୁଦ୍ଧ ଜାହାଜ ଏବେ ଇରାନ ଆଡ଼କୁ ମାଡ଼ିଯାଉଥିବା ଖବର ମିଳିଛି। ଇରାନକୁ ଚାରିପଟୁ ଘେରାଉ କରିବା ପରେ ଇରାନର ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିପାରନ୍ତି ଆମେରିକା ସେନା। ।ତେବେ ଟ୍ରମ୍ପଙ୍କ ଧମକ ପରେ ଇରାନ ବିକ୍ଷୋଭକାରୀଙ୍କୁ ମୃତ୍ୟୁଦଣ୍ଡ ଦେବା ସ୍ଥଗିତ ରଖିଥିବାରୁ ଇରାନ ଉପରେ ଆମେରିକା ଏବେ ଆକ୍ରମଣ କରିନପାରେ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ମୃତ୍ୟୁଦଣ୍ଡ ନଦେବାଲାଗି ଇରାନ ପ୍ରତିଶ୍ରୁତି ଦେବାପରେ ଟ୍ରମ୍ପ ଆକ୍ରମଣ ଯୋଜନାକୁ ସ୍ଥଗିତ ରଖିଛନ୍ତି। ଇରାନ ଆକ୍ରମଣ ଆଶଙ୍କାରେ କତାରରୁ ସେନା ପ୍ରତ୍ୟାହାର କରିଥିବା ଆମେରିକା ଏହି ସେନାକୁ ପୁଣି କତାର ପଠାଇଛି। ପରିସ୍ଥିତି ଶାନ୍ତ ପଡୁଥିବାରୁ ଇରାନ ଏହାର ଆକାଶ ସୀମାକୁ ମଧ୍ୟ ଖୋଲିଦେଇଛି।

ଅନ୍ୟପକ୍ଷରେ ଇରାନର ଆଖପାଖ ଅଞ୍ଚଳରେ ନିଜର ସାମରିକ ଉପସ୍ଥିତିକୁ ବୃଦ୍ଧି କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ଆମେରିକା। ନୌସେନାର ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍ ଦକ୍ଷିଣ ଚୀନ୍ ସାଗରରୁ ମଧ୍ୟପ୍ରାଚ୍ୟକୁ ଯାତ୍ରା କରିବା ଆରମ୍ଭ କରିଛି। ୟୁଏସ୍ଏସ୍ ଆବ୍ରାହାମ ଲିଙ୍କନ ହେଉଛି ଆମେରିକା ନୌସେନାର ଏକ ପରମାଣୁ ଶକ୍ତିସମ୍ପନ୍ନ ଯୁଦ୍ଧ ବିମାନ ବାହକ। ଏହାକୁ ବିଶ୍ୱର ସବୁଠାରୁ ବଡ଼ ଓ ସବୁଠାରୁ ଶକ୍ତିଶାଳୀ ଯୁଦ୍ଧଜାହଜଗୁଡ଼ିକ ମଧ୍ୟରେ ଗୋଟିଏ ବୋଲି ବିବେଚନା କରାଯାଏ। ଆମେରିକା ସମାଚାର ୱେବ୍ସାଇଟ୍ ନ୍ୟୁଜ ନେସନର ଏକ ରିପୋର୍ଟ ଅନୁଯାୟୀ, ଇରାନ ଆକାଶ ସୀମା ବନ୍ଦ ହେବାର ମାତ୍ର ଗୋଟିଏ ଘଣ୍ଟା ପରେ ଏହି ନିଷ୍ପତ୍ତି ନିଆଯାଇଛି। ରିପୋର୍ଟ ଅନୁସାରେ ଚୀନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଏହି ଷ୍ଟ୍ରାଇକ ଗ୍ରୁପ୍ ଦକ୍ଷିଣ ଚୀନ ସାଗରରେ ମୁତୟନ କରାଯାଇଥିଲା। କିନ୍ତୁ ଏବେ ଏହା ଇରାନ ଆଡକୁ ଯିବା ଲକ୍ଷ୍ୟ କରାଯାଇଛି। କିନ୍ତୁ ମଧ୍ୟପ୍ରାଚ୍ୟରେ ଏହା ପହଞ୍ଚିବାକୁ ଅତିକମ୍‌ରେ ଗୋଟିଏ ସପ୍ତାହ ସମୟ ଲାଗିବ। ଏପର୍ଯ୍ୟନ୍ତ ଆମେରିକା ଅଧିକାରୀମାନେ ଏ ସଂକ୍ରାନ୍ତରେ କୌଣସି ସୂଚନା ଦେଇନାହାନ୍ତି ବା କିଛି ସ୍ପଷ୍ଟ କରିନାହାନ୍ତି। ଆକ୍ରମଣ କରିବା ପୂର୍ବରୁ ଆମେରିକା ସମାନ ଢଙ୍ଗରେ ଭେନେଜୁଏଲା ଉପକୂଳରେ ଏହାକୁ ମୁତୟନ କରିଥିଲା। ଏହି ଷ୍ଟ୍ରାଇକ ଗ୍ରୁପ୍ ଏବେ ଦକ୍ଷିଣ ଚୀନ ସାଗରରୁ ସେଣ୍ଟ୍ରାଲ କମାଣ୍ଡ (ସିଇଏନଟିସିଓଏମ୍) କ୍ଷେତ୍ର ଆଡକୁ ଗତି କରୁଛି। ଏହା ମଧ୍ୟପ୍ରାଚ୍ୟ, ଉତ୍ତରପୂର୍ବ ଆଫ୍ରିକା, କେନ୍ଦ୍ର ଏସିଆ ଓ ଦକ୍ଷିଣ ଏସିଆର ୨୧ଟି ଦେଶକୁ କଭର କରିବ। ଏବେ କିନ୍ତୁ ମଧ୍ୟପ୍ରାଚ୍ୟରେ ଆମେରିକାର କୌଣସି ଷ୍ଟ୍ରାଇକ୍ ଗ୍ରୁପ୍ ମୁତୟନ ହୋଇନାହିଁ। ▶ପୃଷ୍ଠା-୭

### ଆଇ-ପ୍ୟାକ୍ କାର୍ଯ୍ୟାଳୟରେ ଇଡି ଚଢ଼ଉ ମାମଲା

# ସୁପ୍ରିମକୋର୍ଟରେ ମମତାଙ୍କୁ ଝଟ୍‌କା



**ଏଜେନ୍ସିର କାର୍ଯ୍ୟରେ ବାଧା ଏକ ଗୁରୁତର ପ୍ରସଙ୍ଗ: ସୁପ୍ରିମ୍‌କୋର୍ଟ**

**କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ**

**ଇଡି ଅଧିକାରୀଙ୍କ ବିରୋଧରେ ଏଫ୍‌ଆଇଆର୍ ଉପରେ ରୋକ୍**

■ ନୂଆଦିଲ୍ଲୀ, ୧୫ ।୧ (ଏଜେନ୍ସି): କୋଇଲା ଦୁର୍ନୀତି ମାମଲାରେ ଆଇ-ପାକ୍ ଅଫିସରେ ଚଢ଼ଉକୁ ନେଇ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗି ରହିଥିବା ବେଳେ ଏହି ମାମଲାରେ ସୁପ୍ରିମ କୋର୍ଟରେ ମମତା ବାନାର୍ଜୀଙ୍କୁ ଝଟକା ଲାଗିଛି। ଇଡି ଚଢ଼ଉ ଚଳାଇଥିବା ବେଳେ ମମତା ଏବଂ ତାଙ୍କର ଅଧିକାରୀ ଏଥିରେ ଯେଉଁପ୍ରକାର ବାଧା ସୃଷ୍ଟି କଲେ, ତାହାକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଏକ ଗମ୍ଭୀର ମାମଲା ହୋଇଥିବାରୁ ସର୍ବୋଚ୍ଚ ଅଦାଲତ ମମତା ବାନାର୍ଜୀ ଏବଂ ତାଙ୍କ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହାସହିତ ଇଡି ଅଧିକାରୀଙ୍କ ବିରୋଧରେ ରାଜ୍ୟ ପୁଲିସର ଏଫଆଇଆର ଉପରେ ରୋକ୍ ଲଗାଇଛନ୍ତି।

ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଓ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ଆଜି ଶୁଣାଣି ବେଳେ ଇଡି ବନାମ୍ ମମତା ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଖଣ୍ଡପୀଠ କହିଥିଲେ ଯେ କେନ୍ଦ୍ରୀୟ ଏଜେନ୍ସିର ତଦନ୍ତ ଏବଂ ଏଥିରେ ରାଜ୍ୟ ଏଜେନ୍ସି ଦ୍ୱାରା ହସ୍ତକ୍ଷେପ ସଂପର୍କରେ ଇଡି ଏହାର ପିଟିସନରେ ଯେଉଁ ପ୍ରସଙ୍ଗ ଉଠାଉଛି, ତାହା ଅତି ଗୁରୁତର ଥିବା ଜଣାପଡୁଛି। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ରହିଛି, ଯାହାର ଉତ୍ତର ଦିଆଯିବା ଦରକାର। ଏହାର ଉତ୍ତର ନମିଳିଲେ ବିଶୃଙ୍ଖଳା ସୃଷ୍ଟି ହେବ। ଯଦି ଏକ କେନ୍ଦ୍ରୀୟ ତଦନ୍ତ ଏଜେନ୍ସି ଗୁରୁତର ମାମଲାର ତଦନ୍ତ କରୁଛି, ସେଥିରେ ଦଳୀୟ କର୍ମକର୍ତ୍ତା ବାଧା ଦେବା ଉଚିତ କି? ସରକାର ଇଡିର କାର୍ଯ୍ୟରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ଓ ଏଜେନ୍ସିଗୁଡ଼ିକୁ ସେମାନଙ୍କ କାର୍ଯ୍ୟ କରିବାକୁ ଦିଆଯିବା ▶ପୃଷ୍ଠା-୭

**ମହଙ୍ଗା ପଡ଼ିଲା ଦଳବିରୋଧୀ କାର୍ଯ୍ୟ**

# ବିଜେଡିରୁ ନିଲମ୍ବିତ ହେଲେ ବିଧାୟକ ସନାତନ, ଅରବିନ୍ଦ



**ଦଳୀୟ ଶୃଙ୍ଖଳାଠାରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି ବୋଲି ନବୀନଙ୍କ ବାର୍ତ୍ତା**

**କିଛି ମାସ ଧରି ଉଭୟଙ୍କ ଆଚରଣକୁ ନିରୀକ୍ଷଣ କରୁଥିଲେ ନବୀନ**

**ସଭାପତି ସବୁବେଳେ ଭାବିଚିନ୍ତି ନିଷ୍ପତ୍ତି ନେଇଥାନ୍ତି: ଦିବ୍ୟଶଙ୍କର**

**ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ କାର୍ଯ୍ୟାନୁଷ୍ଠାନ ହୋଇଛି: ଗଣେଶ୍ୱର**

■ ଭୁବନେଶ୍ୱର, ୧୫।୧ (ସମିସ): ଦଳରେ ବିଶୃଙ୍ଖଳା ସର୍ବୋପରି। ଯିଏ ଯେତେ ଶକ୍ତିଶାଳୀ ହୁଅନ୍ତୁ ପଛେ, ବିଜେଡିରେ ବିଶୃଙ୍ଖଳିତ ନେତା ଓ କର୍ମୀଙ୍କର ସ୍ଥାନ ନାହିଁ। ଦଳୀୟ ଅନୁଶାସନ ଭଙ୍ଗ ଓ ଦଳ ବିରୋଧୀ କାର୍ଯ୍ୟକୁ କେବେ ବି ପ୍ରଶ୍ରୟ ଦିଆଯିବ ନାହିଁ। ବିଜେଡି ସୁପ୍ରିମୋ ବିଭିନ୍ନ ସମୟରେ ଦଳର ନେତା ଓ କର୍ମୀମାନଙ୍କୁ ଏ ସମ୍ପର୍କରେ ସଙ୍କେତ ଦେଇଛନ୍ତି। ସରକାର ଥିବା ସମୟରେ ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ ବହୁ ଟାଣୁଆ ନେତାଙ୍କୁ ନବୀନ ଦଳରୁ ନିଲମ୍ବିତ ଓ ବହିଷ୍କାର କରିଛନ୍ତି। ସେହିକ୍ରମରେ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଆଜି ନବୀନ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିଛନ୍ତି। ଏନେଇ ଗୁରବାର ଦଳ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଦଳ ପକ୍ଷରୁ ଉଭୟ ବିଧାୟକଙ୍କ ନିଲମ୍ବନ ସମ୍ପର୍କରେ ବିଧାନସଭାର ବାଚସ୍ପତିଙ୍କୁ ଅବଗତ କରାଯାଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥବା ସୂଚନା ଅନୁଯାୟୀ ବିଗତ କିଛି ମାସ ଧରି ଉଭୟଙ୍କ ବିରୋଧରେ ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗ ଆସିବା ପରେ ନବୀନ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ସର୍ବସାଧାରଣରେ ବିଜେଡି ସରକାରଙ୍କୁ ସମାଲୋଚନା କରି ଆସୁଥିଲେ। ଏପରିକି ଚମ୍ପୁଆ ତଥା କେନ୍ଦୁଝର ଜିଲ୍ଲାରେ ସେ ଦଳର ସଂଗଠନକୁ ଦୁର୍ବଳ କରୁଥିବା ନେଇ ନବୀନଙ୍କ ପାଖରେ ଖବର ପହଞ୍ଚିଥିଲା। ସେହିପରି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମଧ୍ୟ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ନେଇ ନବୀନ ଜାଣିବାକୁ ପାଇଥିଲେ। କିଛିମାସ ଧରି ନିରବରେ ନବୀନ ଉଭୟଙ୍କ ଆଚରଣକୁ ନିରୀକ୍ଷଣ କରିବା ସହ ତ୍ରୁଟି ସୁଧାରିବାକୁ ମଧ୍ୟ ସୁଯୋଗ ଦେଇଥିଲେ। ମାତ୍ର ତ୍ରୁଟି ସୁଧାରିବା ପରିବର୍ତ୍ତେ ଉଭୟ ପୂର୍ବପରି ଦଳ ବିରୋଧୀ କାର୍ଯ୍ୟରେ ଜଡ଼ିତ ଜଣା ପଡ଼ିବା ପରେ ଉଭୟଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ଦଳର ଯେତେବେଡ଼ ନେତା ଯେଉଁ ପଦବୀରେ ଥାଆନ୍ତୁ ପଛେ, ଦଳର ଶୃଙ୍ଖଳା ସର୍ବୋପରି। ଶୃଙ୍ଖଳା ସୀମାରେଖାକୁ ଯିଏ ଅତିକ୍ରମ କରିବ, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନବୀନ ଶକ୍ତ ଏବଂ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିଛନ୍ତି। ଅପରପକ୍ଷେ ନବୀନଙ୍କ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେଇ ବିଜେଡିର ବରିଷ୍ଠ ବିଧାୟକ ଦିବ୍ୟଶଙ୍କର ▶ପୃଷ୍ଠା-୭

### ସୁନ୍ଦରଗଡ଼ରେ ଗୋଷ୍ଠୀ ସଂଘର୍ଷ

# ୧୬୩ ଧାରା ଜାରି; ଇଣ୍ଟରନେଟ୍ ବନ୍ଦ



**ଇଟା, ପଥର ମାଡ଼ ଓ ଭଙ୍ଗାରୁଜା**

**୪ ପୁଲିସ ସମେତ ୧୦ ଆହତ**

■ ରାଉରକେଲା, ୧୫।୧ (ସମିସ): ଗୁରୁବାର ସୁନ୍ଦରଗଡ଼ ସହରରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଗୋଟିଏ ଗୋଷ୍ଠୀ ପକ୍ଷରୁ ଇଟା ପଥର ମାଡ଼ ହେବାରୁ ଅନ୍ୟ ଗୋଷ୍ଠୀ ସହ ପ୍ରଥମେ ଉଚ୍ଚବାଚ ଓ ପରେ ସଂଘର୍ଷ ଘଟିଥିଲା। ଏଥିରେ ୪ ଜଣ ପୁଲିସ କର୍ମଚାରୀଙ୍କ ସମେତ ୧୦ଜଣ ଆହତ ହୋଇଥିବା ସୂଚନା ମିଳିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସୁନ୍ଦରଗଡ଼ ସହରରେ ଭାରତୀୟ ନ୍ୟାୟ ସଂହିତା(ବିଏନଏସ)ର ୧୬୩ ଧାରା ଜାରି କରାଯିବା ସହ ଗୁରୁବାର ସଂଧ୍ୟା ୬ଟାରୁ ଶୁକ୍ରବାର ସଂଧ୍ୟା ୬ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବାକୁ ବନ୍ଦକରି ଦିଆଯାଇଛି। ଘଟଣାସ୍ଥଳରେ ବରିଷ୍ଠ ପୁଲିସ ପ୍ରଶାସନିକ ଅଧିକାରୀଙ୍କ ସହ ସୁନ୍ଦରଗଡ ଏସ୍‌ପି ଅମ୍ରିତପାଲ କୌର, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଏବଂ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି।

ସୂଚନା ମୁତାବକ, ଗୁରୁବାର ସୁନ୍ଦରଗଡ଼ ଟାଉନ୍ ଥାନା ଅଧୀନ ରିଜେଣ୍ଟ ମାର୍କେଟରେ କୌଣସି ଏକ ନିର୍ଦ୍ଦିଷ୍ଟ ଘରେ ଗୋ-ମାଂସ ମହଜୁଦ ରଖାଯାଇଥିବା ନେଇ ପୁଲିସକୁ ସୂଚନା ଦିଆଯାଇଥିଲା। ଏହି ଖବର ପାଇ ସୁନ୍ଦରଗଡ ଟାଉନ ଥାନା ପୁଲିସ ସମ୍ପୃକ୍ତ ଘରେ ସର୍ଚ୍ଚ ଅପରେସନ କରିଥିଲା। ହେଲେ ସେଠାରେ କୌଣସି ଗୋମାଂସ ନ ମିଳିବାରୁ ପୁଲିସ ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି ଫେରି ଯାଇଥିଲା। ତେବେ ପୁଲିସକୁ କାହିଁକି ମିଥ୍ୟା ସୂଚନା ଦିଆଗଲା ବୋଲି ପ୍ରସଙ୍ଗକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ, ଉଚ୍ଚବାଚ ଆରମ୍ଭ ହୋଇଥିଲା। ଏହାପରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ପଥର ମାଡ଼ ହେବାରୁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲା। ଏସ୍‌ପି ଅମ୍ରିତପାଲ କୌର, ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦ, ମହେନ୍ଦ୍ର କୁମାର ମୁର୍ମୁ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସହରରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ସହରର ସମସ୍ତ ଦୋକାନ ବଜାର, ବସ୍ ଚଳାଚଳ, ଯାତାୟାତକୁ ବନ୍ଦ ରଖାଯାଇଛି। ତୁରନ୍ତ ଏକ ଶାନ୍ତି କମିଟି ଗଠନ କରି ବୈଠକ ଡାକିବାକୁ ଏସପିଙ୍କୁ ଡିଆଇଜି ଶ୍ରୀ ରାଏ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ଏହି ଘଟଣା ଯେପରି ସୋସିଆଲ ମିଡିଆରେ ନ ବ୍ୟାପିବ ସେଥିପାଇଁ ସୁନ୍ଦରଗଡ଼ ସହରରେ ଇଣ୍ଟରନେଟ ସେବାକୁ ୨୪ ଘଣ୍ଟା ପାଇଁ ବନ୍ଦ ରଖାଯାଇଛି ବୋଲି ଜିଲ୍ଲାପାଳ ଡ. ମହାପାତ୍ର କହିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରରେ ଶୁକ୍ରବାର ସମସ୍ତ ସ୍କୁଲ କଲେଜ ବନ୍ଦ ରଖିବାକୁ ସ୍ଥିର କରାଯାଇଛି।

# ଅସଂରକ୍ଷିତ ବର୍ଗରେ ନିଯୁକ୍ତି ପାଇଁ ସଂରକ୍ଷିତ ବର୍ଗଙ୍କୁ ମିଳିବନି ବୟସ କୋହଳ ସୁବିଧା: ହାଇକୋର୍ଟ

■ କଟକ, ୧୫ ।୧ (ସମିସ): ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଓ ବୟସ କୋହଳ ନୀତିକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଯଦି କୌଣସି ନିର୍ଦ୍ଦିଷ୍ଟ ବର୍ଗ ପାଇଁ ପଦ ସଂରକ୍ଷିତ ନାହିଁ, ତେବେ ସେହି ବର୍ଗର ପ୍ରାର୍ଥୀମାନେ ଅଣସଂରକ୍ଷିତ ବର୍ଗରେ ଆବେଦନ କରିବା ସମୟରେ ବୟସ କୋହଳ ସୁବିଧା ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ନିତୋଷ କୁମାର ଦାସଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରଦାନ କରିଛନ୍ତି। ଏହାସହ ପୂର୍ବରୁ ଯଦି କୌଣସି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦିଆଯାଇଥାଏ, ତାହା ମଧ୍ୟ ରଦ୍ଦ ହୋଇଛି। ସଂରକ୍ଷିତ ବର୍ଗର ଜଣେ ପ୍ରାର୍ଥୀ ସେତେବେଳେ ଅଣସଂରକ୍ଷିତ ବର୍ଗକୁ ସ୍ଥାନାନ୍ତର କରିପାରିବେ, ଯଦି ସେହି ନିଯୁକ୍ତି ନିୟମ ବା ବିଜ୍ଞାପନରେ ଏହାର ସ୍ପଷ୍ଟ ବ୍ୟବସ୍ଥା ରହିଥିବ। ଯଦି ସଂରକ୍ଷିତ ପଦବୀ ନଥାଇ ମଧ୍ୟ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ବୟସ କୋହଳ ସୁବିଧା ଦିଆଯାଏ, ତେବେ ତାହା ଅନ୍ୟ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପ୍ରତି ବୈଷମ୍ୟ ସୃଷ୍ଟି କରିବ ଏବଂ ସମ୍ବିଧାନର ଧାରା ୧୪ ଓ ୧୬ ର ଉଲ୍ଲଂଘନ ହେବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଓଡ଼ିଶା ହାଇଡ୍ରୋପାୱାର କର୍ପୋରେସନ ଲିମିଟେଡ (ଓଏଚପିସିଏଲ)ରେ ମ୍ୟାନେଜମେଣ୍ଟ ଟ୍ରେନି-ହ୍ୟୁମାନ ରିସୋର୍ସ ପଦ ପାଇଁ ଆବେଦନ କରିବାକୁ ଚାହୁଁଥିଲେ। ସେ ଏସଇବିସି ବର୍ଗର ହୋଇଥିବା ବେଳେ ତାଙ୍କ ବୟସ ଅଣସଂରକ୍ଷିତ ବର୍ଗର ସର୍ବୋଚ୍ଚ ସୀମା (୩୨ ବର୍ଷ) ଅତିକ୍ରମ କରିସାରିଥିଲା। ଯଦିଓ ବିଜ୍ଞାପନରେ ଏସଇବିସି ପାଇଁ ବୟସ କୋହଳ ବ୍ୟବସ୍ଥା ଥିଲା, ମାତ୍ର ସେହି ନିର୍ଦ୍ଦିଷ୍ଟ ପଦରେ ଏସଇବିସି ବର୍ଗ ପାଇଁ କୌଣସି ପଦ ସଂରକ୍ଷିତ ନଥିଲା।


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


### ପରିବହନ ପ୍ରାଧିକରଣକୁ ଘାରିଛି ଜୋରିମାନା ନିଶା

# ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ମନ୍ତ୍ରୀ-ଅଧିକାରୀ




**▶ ଗାଡ଼ି ମାଲିକଙ୍କୁ ଏସ୍‌ଟିଏର ବେଢ଼ି ଉପରେ କୋରଡ଼ା**

**▶ ଟୋଲଗେଟ୍‌ରେ ବନ୍ଦ ହେଲାନି ଇ-ଡିଟେକ୍ସନ ବ୍ୟବସ୍ଥା**

**▶ ବୈଧ ଇନସ୍ୟୁରାନ୍ସ ସତ୍ତ୍ୱେ ଆସୁଛି ଏକାଧିକ ଚାଲାଣ**

■ ଭୁବନେଶ୍ୱର, ୧୫ ।୧ (ସମିସ): ଜରିମାନା ଆଦାୟ ମୋହରୁ ଉଠି ପାରୁନି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)। ଏସ୍‌ଟିଏକୁ ଘାରିଥିବା ଟଙ୍କା ନିଶା ଉତୁରୁ ନାହିଁ। ତେଣୁ ପୂର୍ବବତ୍ ଏବେ ବି ରାଜ୍ୟର ବିଭିନ୍ନ ଟୋଲଗେଟ୍‌ରେ ଲଗାଯାଇଥିବା ଇ-ଡିଟେକ୍ସନ ବ୍ୟବସ୍ଥା ଚାଲୁ ରଖି ଏସ୍‌ଟିଏ ଲୋକଙ୍କ ଉପରେ ଜୋରିମାନା କଷୁଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ଡିଟେକ୍ସନ ବ୍ୟବସ୍ଥାରେ ବୈଧ ଇନ୍‌ସ୍ୟୁରାନ୍ସଧାରୀଙ୍କୁ ମଧ୍ୟ ଚାଲାଣ ପଠାଯାଉଛି। ଏମିତି କି କେତେକ ଗାଡ଼ିମାଲିକଙ୍କୁ ୨-୩ ଦିନ ମଧ୍ୟରେ ଏକାଧିକ ଚାଲାଣ ଆସୁଛି। ଏଭଳି ଚାଲାଣ ଦେଖିବା ପରେ ଏସ୍‌ଟିଏର ଜରିମାନାଖୋର୍ ମନୋଭାବ ପଦାକୁ ଆସିଛି। ରାଜ୍ୟରେ ପିୟୁସିସି ସହିତ ପୁରୁଣା ଜରିମାନାକୁ ଯୋଡ଼ି ପରିବହନ ବିଭାଗ ମୋଟା ଅଙ୍କର ଟଙ୍କା ରୋଜଗାର ପାଇଁ ଯେଉଁ ଉଦ୍ୟମ କରିଥିଲା, ତାକୁ ନେଇ ସାରା ରାଜ୍ୟରେ ବିବାଦ ତେଜିଛି। ଏହାସହିତ ଯେଉଁ ଗାଡ଼ିଗୁଡ଼ିକର ପିୟୁସିସି କିମ୍ବା କୌଣସି ଇନ୍‌ସ୍ୟୁରାନ୍ସର ବୈଧତା ଶେଷ ହୋଇଛି, ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା କରିବା ପାଇଁ ରାଜ୍ୟର ▶ପୃଷ୍ଠା-୭

## ଖାମନେଇଙ୍କ ସମର୍ଥନରେ କାର୍ଗିଲ, ଲାଲ୍ ଚୌକରେ ସିଆ ସମ୍ପ୍ରଦାୟର ଶୋଭାଯାତ୍ରା

କାର୍ଗିଲ, ୧୫ ।୧(ଏଜେନ୍ସି): ଜମ୍ମୁ-କଶ୍ମୀର ତଥା ଲଦାଖର କାର୍ଗିଲରେ ଇରାନ ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମନେଇଙ୍କ ସମର୍ଥନରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଛି । ବୁଧବାର ଆୟୋଜିତ ଏହି ରାଲିରେ ସିଆ ସମ୍ପ୍ରଦାୟର ହଜାର ହଜାର ଲୋକ ଏକାଠି ହୋଇଥିଲେ । ଇମାମ ଖୋମେନି ମେମୋରିଆ ଟ୍ରଷ୍ଟ (ଆଇକେଏମ୍‌ଟି) ଦ୍ୱାରା ଆୟୋଜିତ ଏହି ରାଲି ।ରେ ପ୍ରଦର୍ଶନକାରୀମାନେ ଭାରତ ଓ ଇରାନ ପତାକା ଧରି ଖାମନେଇ ସମର୍ଥନରେ ସ୍ଲୋଗାନମାନ ଦେଇଥିଲେ । ଆମେରିକା ଓ ଇସ୍ରାଏଲର ବୈଦେଶିକ ନୀତିକୁ ବିରୋଧ କରାଯିବା ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା । ରାସ୍ତାରେ ଟ୍ରମ୍ପ ଓ ନେତାନ୍ୟାହୁଙ୍କ ପ୍ରତୀକାତ୍ମକ ଶବଧାରା ମଧ୍ୟ ରଖାଯାଇଥିଲା । ଏହି ରାଲି ଜାମିଆ ମସଜିଦ, ଜୈନାବିୟା ଚୌକ ଓ ଲାଲ ଚୌକ ଦେଇ ଅତିକ୍ରମ କରି ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡରେ ପହଞ୍ଚିଥିଲା ।

## ଦୁଇ ପୁଅଙ୍କ ହତ୍ୟା ଅଭିଯୋଗରେ ଆମେରିକାରେ ଭାରତୀୟ ମହିଳା ଗିରଫ



ନ୍ୟୁୟର୍କ, ୧୫ ।୧(ଏଜେନ୍ସି): ଆମେରିକାର ନ୍ୟୁଜର୍ସିରେ ଜଣେ ଭାରତୀୟ ବଂଶୋଦ୍ଭବ ମହିଳା ନିଜ ଦୁଇ ନାବାଳକ ପୁଅଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇଛନ୍ତି । ଏହି ମହିଳା ହେଉଛନ୍ତି ୩୫ ବର୍ଷୀୟା ପ୍ରିୟଦର୍ଶିନୀ ନଟରାଜନ । ସେ ନ୍ୟୁଜର୍ସିର ହିଲ୍ସବରୋ ଟାଉନସିପ୍‌ର ବାସିନ୍ଦା । ତାଙ୍କ ଦୁଇ ପୁଅଙ୍କ ବୟସ ଯଥାକ୍ରମେ ୫ ଓ ୭ ବର୍ଷ । ଗତ ଜାନୁଆରୀ ୧୩ରେ ପିଲାମାନଙ୍କ ବାପା ଅର୍ଥାତ ପ୍ରିୟଦର୍ଶିନୀଙ୍କ ସ୍ୱାମୀ ଅଫିସରୁ ଫେରିବା ପରେ ଦୁଇ ପୁଅଙ୍କୁ ଶୋଇବା ଘରେ ଅଚେତ ଅବସ୍ଥାରେ ପାଇଥିଲେ । ପୁଲିସ ଓ ମେଡିକାଲ ଟିମ ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଶେଷରେ ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ପ୍ରିୟଦର୍ଶିନୀଙ୍କ ବିରୋଧରେ ଦୁଇଟି ମର୍ଡର ଓ ବେଆଇନ୍ ଭାବେ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗ ଦାଏର କରାଯାଇଛି । ଏବେ ତାଙ୍କୁ ଗିରଫ କରାଯାଇ ସୋମରସେଟ କାଉଣ୍ଟି ଜେଲ୍‌ରେ ରଖାଯାଇଛି । ଦୁଇ ପିଲାଙ୍କ ମୃତ୍ୟୁର ସଠିକ୍ କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ କରାଯାଉଛି । ଅଧିକ ତଦନ୍ତ ପରେ ସ୍ଥିତି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

## କେରଳ ସାଇ ହଷ୍ଟେଲରେ ୨ ନାବାଳିକା କ୍ରୀଡ଼ାବିତ୍‌ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର


କୋଲାମ, ୧୫ ।୧(ଏଜେନ୍ସି): କେରଳ କୋଲାମସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ହଷ୍ଟେଲ୍‌ରେ ଦୁଇଜଣ ତାଲିମପ୍ରାପ୍ତ ନାବାଳିକା କ୍ରୀଡ଼ାବିତ୍‌ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ପୁଲିସ ଏହାକୁ ଅସ୍ୱାଭାବିକ୍ ମୃତ୍ୟୁ ଭାବେ ମାମଲା ପଞ୍ଜୀକରଣ କରି ତଦନ୍ତ ଆରମ୍ଭ କରିଛି । ଏହି ଦୁଇ ମୃତକ ମହିଳା କ୍ରୀଡ଼ାବିତ୍ ହେଲେ କୋଝିକୋଡ଼ ଜିଲ୍ଲାର ୧୭ ବର୍ଷୀୟା ସାନ୍ଦ୍ରା ଓ ତିରୁଅନନ୍ତପୁରମ ଜିଲ୍ଲାର ୧୫ ବର୍ଷୀୟା ବୈଷ୍ଣବୀ । ସାନ୍ଦ୍ରା ଜଣେ ତାଲିମପ୍ରାପ୍ତ ଆଥଲେଟିକ୍ସ ଥିବା ବେଳେ ବୈଷ୍ଣବୀ କବାଡ଼ି ଖେଳାଳି ଥିଲେ । ଗୁରୁବାର ସକାଳ ୫ଟାରେ ଏହି ଘଟଣା ସାମ୍ନାକୁ ଆସିଥିଲା । ଏହି ଦୁଇଜଣ ତାଲିମ ପାଇଁ ଉପସ୍ଥିତ ହୋଇ ନଥିଲେ । ହଷ୍ଟେଲ କର୍ତ୍ତୃପକ୍ଷ ବାରମ୍ବାର କବାଟ ବାଡ଼େଇବା ପରେ ଉତ୍ତର ମିଳିନଥିଲା । ଫଳରେ କବାଟ ଭାଙ୍ଗି ଭିତରକୁ ଯିବା ପରେ ଦୁଇଜଣଙ୍କ ଝୁଲନ୍ତା ମୃତହେଦ ଉଦ୍ଧାର କରାଯାଇଥିଲା । ଘଟଣାସ୍ଥଳରୁ କୌଣସି ସୁଇସାଇଡ ନୋଟ୍ ମିଳିନାହିଁ ବୋଲି ପୁଲିସ କହିଛି । ଶବ ବ୍ୟବଚ୍ଛେଦ ଓ ତଦନ୍ତ ପରେ ସ୍ଥିତି ସ୍ପଷ୍ଟ ହେବ ବୋଲି କୁହାଯାଇଛି ।

## ଇରାନ ଆକାଶରେ ଇଣ୍ଡିଗୋ

ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ଇରାନରେ ସରକାର ବିରୋଧୀ ଆନ୍ଦୋଳନ ଦିନକୁ ଦିନ ଉଗ୍ରରୂପ ଧାରଣ କରୁଥିବା ବେଳେ ତେହେରାନ କର୍ତ୍ତୃପକ୍ଷ ଜାନୁଆରୀ ୧୫ରେ ନିଜର ଆକାଶମାର୍ଗକୁ ବନ୍ଦ କରିଦେଇଥିଲା । ଏଭଳି ସ୍ଥିତିରେ ଇରାନ ଆକାଶମାର୍ଗ ବନ୍ଦ ହେବାର ମାତ୍ର କିଛି ମିନିଟ ପୂର୍ବରୁ ଇଣ୍ଡିଗୋ ବିମାନ ୬ଇ ୧୮୦୮ ଜର୍ଜିଆର ତିବିଲିସ୍‌ରୁ ଦିଲ୍ଲୀ ଆସୁଥିଲା । ଗୁରୁବାର ପ୍ରାୟ ଭୋର ୨.୩୫ ମିନିଟରେ ଏହି ବିମାନ ଇରାନର ଆକାଶମାର୍ଗ ଅତିକ୍ରମ କରିଥିଲା । ଏହାର ମାତ୍ର କିଛି ମିନିଟ୍ ପରେ ଅର୍ଥାତ ଭୋର ୩ଟାରେ ଇରାନ ତା'ର ଆକାଶମାର୍ଗ ବନ୍ଦ କରିଥିଲା । ଇରାନ ଏହି ପଦକ୍ଷେପ ଯୋଗୁଁ ଅନେକ ଅନ୍ତର୍ଜାତୀୟ ବିମାନ ଉଡାଣ ପ୍ରଭାବିତ ହୋଇଛି । ଇଣ୍ଡିଗୋର ବାକୁ- ଦିଲ୍ଲୀ ବିମାନକୁ ଅଧାବାଟରୁ ଫେରିବାକୁ ପଡ଼ିଥିଲା । ବିମାନଗୁଡିକ ବିକଳ୍ପ ରୁଟ୍‌ରେ ଯାଉଥିବାରୁ ଉଡ଼ାଣ ବିଳମ୍ବ କିମ୍ବା ବାତିଲ ହେବାର ସମ୍ଭାବନା ରହିଛି ।

## ଗଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହେବେ ୟୁରୋପୀୟ ସଂଘ ଅଧ୍ୟକ୍ଷ

ନୂଆଦିଲ୍ଲୀ, ୧୫ ।୧ (ଏଜେନ୍ସି): ଜାନୁଆରୀ ୨୬ରେ ଭାରତ ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଥିବା ବେଳେ ମୁଖ୍ୟ ଉତ୍ସବରେ ଯୋଗ ଦେବାକୁ ଥିବା ମୁଖ୍ୟ ଅତିଥିଙ୍କ ନାମ ଘୋଷଣା କରାଯାଇଛି ।



ୟୁରୋପୀୟ ସଙ୍ଘ (ଇୟୁ) ଅଧ୍ୟକ୍ଷ ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଓ ୟୁରୋପୀୟ କମିସନ ଅଧ୍ୟକ୍ଷା ଉର୍ସୁଲା ଭାନ ଡେର ଲେଏନ୍ ଏଥର ମୁଖ୍ୟ ଅତିଥିଭାବେ ।ହେବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ଘୋଷଣା କରିଛି । ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ଯେ, ଭାରତ ଓ ୟୁରୋପୀୟ ସଙ୍ଘ ୨୦୦୪ରୁ ରଣନୈତିକ ଅଂଶୀଦାର ରହିଆସିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଭୟ ନେତାଙ୍କୁ ଏହି ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି । ଏହି ନେତାମାନେ ଜାନୁଆରୀ ୨୭ରେ ୧୬ତମ ଭାରତ- ୟୁରୋପୀଆନ ୟୁନିୟନ ଶିଖର ସମ୍ମିଳନୀରେ ସହ-ଅଧ୍ୟକ୍ଷତା କରିବେ ।

## ଶ୍ରୀନଗରରେ ବିୟୁକ୍ତ ୫.୨ ଡିଗ୍ରୀ, 'ଡାଲ୍'ରେ ଜମିଲା ବରଫ



ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ସମଗ୍ର ଉତ୍ତର ଭାରତରେ ପ୍ରବଳ ଥଣ୍ଡା ଓ ଶୀତ ଲହର ଜାରି ରହିଛି । କଶ୍ମୀରରେ ଗତ କିଛିଦିନ ଧରି ସର୍ବନିମ୍ନ ତାପମାତ୍ରା ଶୂନ ଡିଗ୍ରୀ ତଳେ ରହିଛି । ଏହି କାରଣରୁ ଡାଲ ହ୍ରଦ ସମେତ କଶ୍ମୀରର ଅନ୍ୟାନ୍ୟ ଜଳ ଉତ୍ସଗୁଡିକ ବରଫରେ ପରିଣତ ହୋଇଛି । ଗୁରୁବାର ରାଜଧାନୀ ଶ୍ରୀନଗରର ତାପମାତ୍ରା ବିୟୁକ୍ତ ୫.୨ ଡିଗ୍ରୀ ରେକର୍ଡ କରାଯାଇଛି । ସେପଟେ ରାଜସ୍ଥାନର ତାପମାତ୍ରା ମଧ୍ୟ ଶୂନ ତଳକୁ ଖସିଛି । ପ୍ରସିଦ୍ଧ ଶୈଳନିବାସ ମାଉଣ୍ଟ ଆବୁରେ ସର୍ବନିମ୍ନ ତାପମାତ୍ରା ବିୟୁକ୍ତ ୩ ଡିଗ୍ରୀ ରେକର୍ଡ କରାଯାଇଛି । ସିକରର ଫତେପୁରରେ ସର୍ବନିମ୍ନ ତାପମାତ୍ରା ୦.୨ ଡିଗ୍ରୀ ରେକର୍ଡ କରାଯାଇଛି । ଜାନୁଆରୀ ୧୯ରେ ରାଜ୍ୟରେ ହାଲକା ବର୍ଷା ହେବାର ସମ୍ଭାବନା ରହିଛି । ପାର୍ବତ୍ୟାଞ୍ଚଳରୁ ପ୍ରବାହିତ ଥଣ୍ଡା ପବନ ଯୋଗୁଁ ହରିୟାଣାରେ ଶୀତ ବୃଦ୍ଧି ପାଇଛି । ଏହି ରାଜ୍ୟରେ ୮ଟି ଜିଲ୍ଲାରେ ପାରଦ ୮ ଡିଗ୍ରୀକୁ ଖସିଛି । ହିସାରର ପୂର୍ବ ଦୁଇବର୍ଷର ଥଣ୍ଡା ରେକର୍ଡ ଭାଙ୍ଗିଛି ଓ ସର୍ବନିମ୍ନ ତାପମାତ୍ରା ୦.୫ ଡିଗ୍ରୀ ରେକର୍ଡ କରାଯାଇଛି । ପୂର୍ବରୁ ହିସାରରେ ସର୍ବନିମ୍ନ ତାପମାତ୍ରା ୨୦୨୫ ଜାନୁଆରୀ ୧୫ରେ ୩.୫ ଓ ୨୦୨୪ ଡିସେମ୍ବର ୧୬ରେ ୧.୧ ଡିଗ୍ରୀ ରେକର୍ଡ କରାଯାଇଥିଲା । ସେହିପରି ଉତ୍ତରାଖଣ୍ଡର ହରିଦ୍ୱାର ଓ ଉଦ୍ଧମ ସିଂହ ନଗରରେ ପ୍ରବଳ ଥଣ୍ଡା ଯୋଗୁଁ ଗୁରୁବାର ଦିନ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ କରାଯାଇଛି । ଉତ୍ତରକାଶୀ, ରୁଦ୍ରପ୍ରୟାଗ, ଚାମୋଲୀ ଓ ପିଥୋରାଗଡ଼ରେ ବର୍ଷା ଓ ତୁଷାରପାତ ସତର୍କତା ଜାରି କରାଯାଇଛି । ନଦୀ ଓ ଜଳପ୍ରପାତଗୁଡିକ ଜମାଟ ବାନ୍ଧିଛି ।

## ମକର ସଂକ୍ରାନ୍ତି: ପ୍ରୟାଗରାଜରେ ୯୧ଲକ୍ଷ ଶ୍ରଦ୍ଧାଳୁ



ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ଦେଶବ୍ୟାପୀ ପ୍ରବଳ ଉତ୍ସାହରେ ପବିତ୍ର ମକର ସଂକ୍ରାନ୍ତି ପାଳନ କରାଯାଇଛି । ସକାଳୁ ଲକ୍ଷ ଲକ୍ଷ ଲୋକ ଗଙ୍ଗା, ଯମୁନା, ନର୍ମଦା ଭଳି ପ୍ରମୁଖ ନଦୀକୂଳରେ ପବିତ୍ର ବୁଡ଼ ପକାଇଛନ୍ତି । ପ୍ରୟାଗରାଜରେ ମାଘମେଳାର ମକର ସଂକ୍ରାନ୍ତି ସ୍ନାନ ଉତ୍ସବ ଥିଲା । ତ୍ରିବେଣୀ ସଙ୍ଗମରେ ସନ୍ଧ୍ୟା ସୁଦ୍ଧା ୯୧ ଲକ୍ଷ ଶ୍ରଦ୍ଧାଳୁ ସ୍ନାନ କରିଛନ୍ତି । ଆଜି ପାଖାପାଖି ଦେଢ଼ କୋଟି ଶ୍ରଦ୍ଧାଳୁ ସଙ୍ଗମରେ ପହଞ୍ଚିବା ଆଶା କରାଯାଉଛି । ଏହି ସଂକ୍ରାନ୍ତିରେ ଗୁଡ଼ି ଉଡାର ପରମ୍ପରା ରହିଛି । ଗୁଡ଼ି ଉଡାଇବା ଘଟଣାରେ ଦୁଇ ଦିନ ମଧ୍ୟରେ ଏପର୍ଯ୍ୟନ୍ତ ୧୭ ଜଣ ମୃତ୍ୟୁବରଣ କରିଛନ୍ତି । ଗୁଜରାଟରେ ୯, ରାଜସ୍ଥାନରେ ୬, ଉତ୍ତରପ୍ରଦେଶ ଓ କର୍ଣ୍ଣାଟକରେ ଜଣେ ଲେଖାଏ ଲୋକ ମୃତ୍ୟୁବରଣ କରିଛନ୍ତି । ଉତ୍ତରପ୍ରଦେଶର ବାରାଣସୀ ଘାଟ ଓ ପଶ୍ଚିମବଙ୍ଗର ଗଙ୍ଗାସାଗରରେ ସ୍ନାନ ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ସେହିପରି ପଞ୍ଜାବରେ ଅମୃତସରରେ ବହୁ ସଂଖ୍ୟାରେ ଲୋକ ସଚଖଣ୍ଡ ଶ୍ରୀ ଦରବାର ସାହିବରେ ବହୁ ସଂଖ୍ୟକ ଭକ୍ତ ବୁଡ଼ ପକାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମକର ସଂକ୍ରାନ୍ତି ଅବସରରେ ତାଙ୍କ ବାସଭବନରେ ଗାଇମାନଙ୍କୁ ଖାଦ୍ୟ ଖୁଆଇ ଥିଲେ । ଉଜ୍ଜୟିନୀର ବିଶ୍ୱ ପ୍ରସିଦ୍ଧ ଶ୍ରୀ ମହାକାଳେଶ୍ୱର ମନ୍ଦିରରେ ମହାକାଳଙ୍କୁ ତିଳ ତେଲରେ ଅଭିଷେକ କରାଯାଇଥିଲା । ଭସ୍ମ ଆରତୀରେ ତିଳ ଅର୍ପଣ କରାଯାଇଥିଲା ଓ ତିଳ ଲଡୁ ପ୍ରସାଦ ଭାବେ ଅର୍ପଣ କରାଯାଇଥିଲା ।

# ପାକିସ୍ତାନ, ବାଂଲାଦେଶ ସମେତ ୭୫ଟି ଦେଶର ଭିସା ବନ୍ଦ କଲେ ଟ୍ରମ୍ପ



ୱାସିଂଟନ, ୧୫ ।୧(ଏଜେନ୍ସି): ଆମେରିକା ଜାନୁଆରୀ ୨୧ରୁ ପାକିସ୍ତାନ ଓ ବାଂଲାଦେଶ ସମେତ ୭୫ଟି ଦେଶର ଭିସା ସେବା ପ୍ରକ୍ରିୟା ସ୍ଥଗିତ କରିବାକୁ ନିଷ୍ପତ୍ତି ନେଇଛି । ଫକ୍ସ ନ୍ୟୁଜ୍ ଅନୁଯାୟୀ, ଆମେରିକା ବୈଦେଶିକ ବିଭାଗର ଏକ ମେମୋ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି । ଆମେରିକାକୁ ଆସୁଥିବା ବିଦେଶୀଙ୍କ ସଂଖ୍ୟା ହ୍ରାସ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ । ଆମେରିକା ବୈଦେଶିକ ବିଭାଗ କହିଛି ଯେ, ଏହା ଏବେ ଆମେରିକାକୁ ଆସିବା ପରେ ସରକାରୀ ସହାୟତା କିମ୍ବା କଲ୍ୟାଣ କାର୍ଯ୍ୟକ୍ରମ ଉପରେ ନିର୍ଭରଶୀଳ ହେବାର ସନ୍ଦେହ କରୁଥିବା ବ୍ୟକ୍ତିମାନଙ୍କୁ ଭିସା ସେବା ସ୍ଥଗିତ ରଖିବା ପାଇଁ ଏହାର ଆଇଗତ କ୍ଷମତା ବ୍ୟବହାର କରିବ । ସ୍କ୍ରିନିଂ ଓ ଯାଞ୍ଚ ପ୍ରକ୍ରିୟାର ପୁନଃ ମୂଲ୍ୟାୟନ ନହେବା ପର୍ଯ୍ୟନ୍ତ ଆମେରିକୀୟ ଦୂତାବାସ ଓ କନସୁଲାର ଅଧିକାରୀମାନଙ୍କୁ ଭିସା ଆବେଦନଗୁଡିକୁ ପ୍ରତ୍ୟାଖାନ କରିବାକୁ କୁହାଯାଇଛି । ତେବେ ଏହି ସ୍ଥଗିତାଦେଶ କେତେ ସମୟ ପାଇଁ ରହିବ ସେ ବିଷୟରେ କୌଣସି ସୂଚନା ଦିଆଯାଇନାହିଁ । ୭୫ଟି ଦେଶର ତାଲିକା ଘୋଷଣା କରାଯାଇଛି । ଏହି ତାଲିକାରେ ଭାରତର ୬ଟି ପଡୋଶୀ ଦେଶ ସାମିଲ ରହିଛି । ଏହି ଦେଶଗୁଡିକ ହେଲା ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ମ୍ୟାଁମାର, ନେପାଳ ଓ

**■ ତାଲିକାରେ ଭାରତର ୬ଟି ପଡୋଶୀ ଦେଶ**
**■ ବିଦେଶୀଙ୍କ ସଂଖ୍ୟା ହ୍ରାସ କରିବାକୁ ଲକ୍ଷ୍ୟ**

ପାକିସ୍ତାନ । ଏହି ତାଲିକାରେ ଏସିଆ, ଆଫ୍ରିକା, ୟୁରୋପ, କ୍ୟାରିବିୟାନ, ଉତ୍ତର ଓ ଦକ୍ଷିଣ ଆମେରିକାର ଏକାଧିକ ଦେଶ ଅନ୍ତର୍ଭୁକ୍ତ ।

ଟ୍ରମ୍ପ ପ୍ରଶାସନ ଆମେରିକୀୟ ପ୍ରବାସ ବ୍ୟବସ୍ଥାର ଅପବ୍ୟବହାର ବନ୍ଦ କରିବାକୁ ଓ ଆମେରିକୀୟ ଜନସାଧାରଣଙ୍କ ପାଣ୍ଠିର ଶୋଷଣକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନେଇଛି । ତେବେ ଏହି ନୂଆ ନିଷ୍ପତ୍ତି ପର୍ଯ୍ୟଟକ, ବ୍ୟବସାୟ କିମ୍ବା ଅନ୍ୟ ଅସ୍ଥାୟୀ ଭିସାକୁ ପ୍ରଭାବିତ କରିବ ନାହିଁ ବୋଲି କୁହାଯାଇଛି । ଏଥିରେ ଚଳିତ ବର୍ଷ ଫୁଟବଲ ବିଶ୍ୱକପ୍ ଦେଖିବାକୁ ଯାତ୍ରା କରିବାକୁ ଥିବା ବ୍ୟକ୍ତିମାନେ ମାନେ ମଧ୍ୟ ଅନ୍ତର୍ଭୁକ୍ତ । ତଥାପି, ସମସ୍ତ ଭିସା ଆବେଦନକାରୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସମୀକ୍ଷା କରାଯିବ ବୋଲି ଟ୍ରମ୍ପ ପ୍ରଶାସନ ସ୍ପଷ୍ଟ କରିଛି । ଟ୍ରମ୍ପ ଅଣ-ୟୁରୋପୀୟ ଦେଶଗୁଡିକର ପ୍ରବାସ ହ୍ରାସ କରିବାକୁ ଚାହୁଁଛନ୍ତି । ଆମେରିକା ପ୍ରବାସ ଉପରେ କ୍ରମାଗତ କଠୋର ନିଷ୍ପତ୍ତି ନେବାରୁ ଏହା ସ୍ପଷ୍ଟ ହେଉଛି ।

## ଗୋଲ୍‌ଡେନ୍ ଡୋମ୍ ପ୍ରକଳ୍ପ ପାଇଁ ଗ୍ରୀନ୍‌ଲାଣ୍ଡ ଆବଶ୍ୟକ: ଆମେରିକା

ୱାସିଂଟନ, ୧୫ ।୧(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଗ୍ରୀନ୍‌ଲାଣ୍ଡକୁ ଆମେରିକାରେ ମିଶାଇବା ନେଇ ତାଙ୍କ ଇଚ୍ଛାକୁ ଦୋହରାଇଛନ୍ତି । ଏ ନେଇ କିଛି ନା କିଛି ସମାଧାନ ମିଳିଯିବ ବୋଲି ସେ କହିଛନ୍ତି । ଟ୍ରମ୍ପ ଗ୍ରୀନଲାଣ୍ଡକୁ ଗୋଲଡେନ୍ ଡୋମ ନାମକ ଏକ ପ୍ରମୁଖ ପ୍ରତିରକ୍ଷା ପ୍ରକଳ୍ପ ପାଇଁ ନିହାତି ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରିଛନ୍ତି । ଗୋଲଡେନ ଡୋମ ହେଉଛି ଇସ୍ରାଏଲର ଆଇରନ୍ ଡୋମ୍ ଦ୍ୱାରା ଅନୁପ୍ରାଣିତ ଏକ ଆମେରିକୀୟ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରକଳ୍ପ । ଚୀନ ଓ ରୁଷ ଭଳି ଦେଶଗୁଡିକରୁ ଆମେରିକାକୁ ରକ୍ଷା କରିବା ପାଇଁ ଗୋଲଡେନ ଡୋମ୍‌ର ଲକ୍ଷ୍ୟ ରହିଛି । ଆମେରିକା, ଡେନମାର୍କ ଓ ଗ୍ରୀନ୍‌ଲାଣ୍ଡର ଅଧିକାରୀମାନଙ୍କ ମଧ୍ୟରେ ହ୍ୱାଇଟ୍ ହାଉସ୍‌ରେ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ପରେ ଟ୍ରମ୍ପଙ୍କ ଏହି ବିବୃତି ଦେଇଛନ୍ତି । ତେବେ ବୈଠକରେ କୌଣସି ପ୍ରମୁଖ ଚୁକ୍ତି ହୋଇନାହିଁ । ବୈଠକରେ ପରେ ଗ୍ରୀନ୍‌ଲାଣ୍ଡ ବୈଦେଶିକ ମନ୍ତ୍ରୀ ଭିଭିଆନ ମୋଟୋଜଫେଲ୍ଡ କହିଛନ୍ତି ଯେ, ସେ ଆମେରିକା ସହିତ ସମ୍ପର୍କ ଦୃଢ଼ କରିବାକୁ ଆଶା କରୁଛନ୍ତି । କିନ୍ତୁ ଗ୍ରୀନଲାଣ୍ଡ ଉପରେ ଆମେରିକାର କୌଣସି ନିୟନ୍ତ୍ରଣକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆମେରିକା ସହିତ ସହଯୋଗ ସୁଦୃଢ କରିବାକୁ ଆମେ ପ୍ରସ୍ତୁତ । କିନ୍ତୁ ଏହାର ଅର୍ଥ ନୁହଁ ଯେ, ଆମେ ଆମେରିକାର ଦାସ ହେବାକୁ ଚାହୁଁ ବୋଲି ସେ କହିଛନ୍ତି । ସେପଟେ ଏହି ମାମଲାରେ ଟ୍ରମ୍ପ କହିଛନ୍ତି ଯେ, ଆମେରିକାକୁ ଗ୍ରୀନଲାଣ୍ଡ ଦେବା ପାଇଁ ନାଟୋ ସାହାଯ୍ୟ କରିବା ଉଚିତ । ତେବେ ଗ୍ରୀନ୍‌ଲାଣ୍ଡକୁ ନେଇ ଚର୍ଚ୍ଚା କରିବାକୁ ଏକ ୱାର୍କିଂ ଗ୍ରୁପ୍ ଗଠନ କରିବାକୁ ସମମତି ପ୍ରକାଶ ପାଇଛି ।



## ଆଜି ପ୍ରଥମ ପର୍ଯ୍ୟାୟର ଭାରତୀୟ ଛାତ୍ର ଇରାନରୁ ଫେରିବେ

ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ଇରାନରେ ସରକାର ବିରୋଧୀ ଆନ୍ଦୋଳନ, ହିଂସାତ୍ମକ ପ୍ରଦର୍ଶନ, ସୁରକ୍ଷା ତଥା ଅରାଜକତା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସେଠାରେ ରହୁଥିବା ଭାରତୀୟ ଛାତ୍ରମାନଙ୍କ ସୁରକ୍ଷା ଓ ପ୍ରତ୍ୟାବର୍ତ୍ତନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ସ୍ଥିତିରେ ଭାରତ ସରକାର ଛାତ୍ରମାନଙ୍କୁ ଫେରାଇ ଆଣିବାକୁ ପ୍ରସ୍ତୁତି ଆରମ୍ଭ କରିଛି । ଏହିକ୍ରମରେ ଇରାନରୁ ପ୍ରଥମ ପର୍ଯ୍ୟାୟର ଭାରତୀୟ ଛାତ୍ରମାନେ ଶୁକ୍ରବାର ଦେଶକୁ ଫେରିବେ ବୋଲି ଜମ୍ମୁ-କଶ୍ମୀର ଛାତ୍ର ସଂଘ (ଜେକେଏସ୍‌ଏ) ତରଫରୁ କୁହାଯାଇଛି । ତେବେ ଏ ନେଇ ଆନୁଷ୍ଠାନିକ ଭାବେ ସରକାରଙ୍କ ତରଫରୁ କୌଣସି ସୂଚନା ଦିଆଯାଇନାହିଁ । ଇରାନରେ ପାଖାପାଖି ୧୦, ୦୦୦ ଭାରତୀୟ ଛାତ୍ର ଫସି ରହିଛନ୍ତି । ଇରାନର ପରିସ୍ଥିତି ଓ ଛାତ୍ରମାନଙ୍କୁ ଆଣିବା ପାଇଁ ଜାମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ କଥା ହୋଇଛନ୍ତି । ଫସି ରହିଥିବା ଛାତ୍ରଙ୍କୁ ଭାରତ ଆଣିବା ପାଇଁ ଆଶ୍ୱାସନା ଦିଆଯାଇଛି । ଇରାନରେ ବର୍ତ୍ତମାନ ଥିବା ଭାରତୀୟ ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ କିମ୍ବା ପର୍ଯ୍ୟଟକମାନଙ୍କୁ ବାଣିଜ୍ୟିକ ବିମାନ ସମେତ ଉପଲବ୍ଧ ଯାତାୟାତ ମାଧ୍ୟମରେ ଇରାନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତଙ୍କୁ ବିକ୍ଷୋଭ ସ୍ଥାନରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ଇରାନରେ ରହୁଥିବା ସବୁ ଭାରତୀୟଙ୍କୁ ଯଦି କରି ନଥିବେ, ତେବେ ଭାରତୀୟ ଦୂତାବାସରେ ନିଜର ପଞ୍ଜୀକରଣ କରାଇବାକୁ କୁହାଯାଇଛି । ଅଧିକାଂଶ ଭାରତୀୟ ଛାତ୍ର ଇରାନ୍‌ର ଗୋଲଷ୍ଟାନ ବିଶ୍ୱବିଦ୍ୟାଳୟ, ସହିଦ ବେହେସ୍ତି ୟୁନିଭର୍ସିଟି ଅଫ୍ ମେଡିକାଲ ସାଇନ୍ସ, ତେହେରାନ ୟୁନିଭର୍ସିଟି ଅଫ୍ ମେଡିକାଲ ସାଇନ୍ସରେ ପଢୁଛନ୍ତି ।

## ଆମେରିକାର ଧମକ ପରେ ନରମିଲା ଇରାନ

ୱାଶିଂଟନ/ ତେହେରାନ, ୧୫ ।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଇରାନ ଆନ୍ଦୋଳନକାରୀଙ୍କୁ ମୃତ୍ୟୁଦଣ୍ଡ ତଥା ଫାଶୀ ଦେବାର ନିଷ୍ପତ୍ତିରୁ ଓହରିଛି । ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାକଚି ବୁଧବାର କହିଛନ୍ତି ଯେ, ଇରାନରେ କୌଣସି ଲୋକଙ୍କୁ ମୃତ୍ୟୁଦଣ୍ଡ ଦେବାର ଯୋଜନା ନାହିଁ । ସେପଟେ ଟ୍ରମ୍ପ କହିଛନ୍ତି ଯେ, ଇରାନରେ ପ୍ରଦର୍ଶନକାରୀଙ୍କ ହତ୍ୟା ବନ୍ଦ ହୋଇଛି । ପୂର୍ବରୁ ଇରାନ ସରକାର ଆନ୍ଦୋଳନକାରୀଙ୍କ ଦ୍ରୁତ ବିଚାର ଓ ଶୀଘ୍ର ମୃତ୍ୟୁଦଣ୍ଡ ଦେବାକୁ ଘୋଷଣା କରିଥିଲା । ବୁଧବାର ଇରାନ ୨୬ ବର୍ଷୀୟ ବିକ୍ଷୋଭକାରୀ ଏରଫାନ ସୋଲତାନିଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ସ୍ଥିର କରିଥିଲା । ଏହାପରେ ଟ୍ରମ୍ପ ଇରାନକୁ କଡ଼ା ଜବାବ ଦେବାକୁ ଧମକ ଦେଇଥିଲେ । ଯଦି ସେମାନେ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରନ୍ତି, ତେବେ ସ୍ଥିତି ଭୟଙ୍କର ହେବ ବୋଲି ଟ୍ରମ୍ପ ଧମକ ଦେଇ କହିଥିଲେ । ପୂର୍ବରୁ ମଧ୍ୟ ଇରାନ ସରକାର ଟ୍ରମ୍ପଙ୍କ ବିରୋଧରେ ସିଧାସଳଖ ହତ୍ୟା ଧମକ ଦେଇଥିଲେ ।

## ମହାରାଷ୍ଟ୍ର ପୌର ନିର୍ବାଚନ: ବିଜେପି ମେଣ୍ଟ ଆଗୁଆ

ମୁମ୍ବଇ, ୧୫ ।୧(ଏଜେନ୍ସି): ମହାରାଷ୍ଟ୍ରର ପୌର ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଛି । ୨୯ଟି ପୌର ପରିଷଦ ପାଇଁ ସକାଳ ୭.୩୦ରୁ ସନ୍ଧ୍ୟା ୫.୩୦ ମଧ୍ୟରେ ମତଦାନ ହୋଇଥିଲା । ମୋଟ୍ ୮୯୩ ୱାର୍ଡର ୨, ୮୬୯ ଆସନ ପାଇଁ ୧୫, ୯୩୧ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ । ପ୍ରାଥମିକ ରିପୋର୍ଟ ଅନୁସାରେ, ମତଦାନ ଶେଷ ହେବା ବେଳକୁ ଭୋଟ ହାର ପାଖାପାଖି ୫୦ ପ୍ରତିଶତ ରହିବା ନେଇ ଅନୁମାନ କରାଯାଉଛି । ମହାରାଷ୍ଟ୍ରର ପ୍ରମୁଖ ସହର ମୁମ୍ବଇ (ବିଏମ୍‌ସି), ପୁଣେ, ନାଶିକ ଓ କୋହ୍ଲାପୁର ଭଳି ପ୍ରମୁଖ ସହର ସମେତ ଛୋଟଛୋଟ ସହରଗୁଡିକରେ ମଧ୍ୟ ମତଦାନ ହୋଇଥିଲା । ୧୬ ତାରିଖ ଅର୍ଥାତ ଶୁକ୍ରବାର ନିର୍ବାଚନ ଫଳାଫଳ ପ୍ରକାଶିତ ହେବ । ଏକ୍ଜିଟ ପୁଲ୍ ଅନୁସାରେ ବିଜେପି ନେତୃତ୍ୱାଧୀନ ମହାୟୁତି (ବିଜେପି- ସିଣ୍ଡେ ଶିବସେନା- ଅଜିତ ପାୱାର ଏନ୍‌ସିପି) ମେଣ୍ଟ ଆଗରେ ରହିଥିବା ଆକଳନ କରାଯାଇଛି । ପ୍ରାୟ ସବୁ ପ୍ରମୁଖ ପୌର ପରିଷଦରେ ମହାୟୁତି ଓ ମହା ବିକାଶ ଅଘାଡି (ଏମ୍‌ଭିଏ) ମଧ୍ୟରେ ସିଧାସଳଖ ମୁକାବିଲା ହୋଇଛି । ଏମ୍‌ଭିଏରେ ଉଦ୍ଧବ ବାଲାସାହେବ ଠାକରେ (ୟୁବିଟି) ଶିବସେନା, ଏମ୍‌ଏନ୍‌ଏସ୍, ଏନ୍‌ସିପି (ଶରତ ପାୱାର) ସାମିଲ ରହିଛନ୍ତି । କଂଗ୍ରେସ ମଧ୍ୟ ତା'ର ପ୍ରାର୍ଥୀ ଛିଡ଼ା କରିଛି । ଶିବସେନାର ବହୁ ଚର୍ଚ୍ଚିତ ନିର୍ବାଚନରେ ମୁମ୍ବାଇ ମ୍ୟୁନିସପାଲ କର୍ପୋରେସନ ପାଇଁ ଏହ ହେଉଛି ପ୍ରଥମ ବଡ଼ ନିର୍ବାଚନ । ଫଳରେ ଏହି ନିର୍ବାଚନର ଗୁରୁତ୍ୱ ବୃଦ୍ଧି ପାଇଛି । ପୁଣି ଏହି ନିର୍ବାଚନରେ ମହାୟୁତି ମେଣ୍ଟ ସମେତ ବିଭିନ୍ନ ରାଜନୈତିକ ଦଳର ଲୋକପ୍ରିୟତାର ପରୀକ୍ଷା ମଧ୍ୟ ହେବ ।

# ନାସା ଇତିହାସରେ ପ୍ରଥମ: ସମୟ ପୂର୍ବରୁ ୪ ମହାକାଶଚାରୀଙ୍କୁ ଫେରାଇଲା

କେପ କାନାଭେରାଲ, ୧୫ ।୧(ଏଜେନ୍ସି): ପ୍ରଥମଥର ପାଇଁ ୨୫ ବର୍ଷର ଇତିହାସରେ ନାସା ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସ୍‌ଏସ୍)ରୁ ୪ ଜଣ ମହାକାଶଚାରୀଙ୍କୁ ସମୟ ପୂର୍ବରୁ ଫେରାଇ ଆଣିବା ସହ ତା'ର ମିସନକୁ ସ୍ଥଗିତ ରଖିଛି । ଜଣେ ମହାକାଶଚାରୀଙ୍କୁ ଚିକିତ୍ସା ଆବଶ୍ୟକତା ଥିଲା । ବୁଧବାର ଦିନ, ୪ ଜଣ ମହାକାଶଚାରୀ ଏକ ସ୍ପେସ୍‌ଏକ୍ସ କ୍ୟାପସୁଲ୍‌ରେ ଆଇଏସ୍‌ଏସ୍ ଛାଡ଼ିଛନ୍ତି । ଏମାନଙ୍କ ମଧ୍ୟରେ ଆମେରିକା, ରୁଷିଆ ଓ ଜାପାନର ମହାକାଶଚାରୀ ଅନ୍ତର୍ଭୁକ୍ତ । ଏମାନେ ଆଜି କାଲିଫର୍ନିଆ ନିକଟସ୍ଥ ପ୍ରଶାନ୍ତ ମହାସାଗରରେ ଅବତରଣ କରିବେ । ମିସନରେ ନାସାର ଜେନା କାର୍ଡମ୍ୟାନ, ମାଇକ ଫିଙ୍କେ, ଜାପାନର କିମିଆ ୟୁଇ ଓ ରୁଷର ଓଲେଗ ପ୍ଲାଟୋନୋଭ ଥିଲେ । ଏହି ୪ ମହାକାଶଚାରୀଙ୍କୁ ୨୦୨୫ ଅଗଷ୍ଟରେ ଆଇଏସ୍‌ଏସ୍‌କୁ ପଠାଯାଇଥିଲା ଓ ଫେବୃଆରୀ ଶେଷ ସୁଦ୍ଧା ଫେରିବାକୁ ସ୍ଥିର କରାଯାଇଥିଲା । କିନ୍ତୁ ଜାନୁଆରୀ ୭ରେ ନାସା ହଠାତ କାର୍ଡମ୍ୟାନ ଓ ପିଙ୍କେଙ୍କ ସ୍ପେଶୱାର୍କ ବାତିଲ କରିଥିଲା ।



**ମେଡିକାଲ ଏମର୍ଜେନ୍ସି**

ଅର୍ଥାତ ଏମାନେ ଏହି ମହକାଶଚାରୀ ଦଳ ଆଇଏସ୍‌ଏସ୍‌ରେ ୧୬୭ ଦିନ ଅବସ୍ଥାନ କରିବା ସହ ମାଇକ୍ରୋଗ୍ରାଭିଟିରେ ଷ୍ଟେମ୍ ସେଲ୍‌ଫ ଗବେଷଣା ସମେତ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷଣ କରିଥିଲେ । ପରେ କ୍ରୁ ମେମ୍ବରଙ୍କ ଶୀଘ୍ର ଫେରିବା ସମ୍ପର୍କରେ ଘୋଷଣା କରିଥିଲା । ତେବେ ଚିକିତ୍ସା ସ୍ପେଶୱାକ ସହିତ ସମ୍ପର୍କିତ ନୁହେଁ ବୋଲି ନାସା ତରଫରୁ କୁହାଯାଇଛି । ଗୋପନୀୟତା ରକ୍ଷା କରି ଏ ନେଇ ଅଧିକ କୌଣସି ବିବରଣୀ ପ୍ରଦାନ କରାଯାଇନାହିଁ । ଉଲ୍ଲେଖଥାଉ କି, ପୂର୍ବରୁ ମଧ୍ୟ ନାସା ମହାକାଶଚାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲା । କିନ୍ତୁ ଏହା କାରଣରୁ ନାସାର ସମଗ୍ର ମିଶନ ପ୍ରଭାବିତ ହୋଇ ନଥିଲା । ୨୦୧୮, ୨୦୨୦ ଓ ୨୦୦୮ରେ ନାସା ମିଶନର ମହାକାଶଚାରୀମାନେ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଥିଲେ ।

# ଜିଆର୍‌ଏସ୍‌ଙ୍କୁ ମିଳିପାରିବନି ପିଇଓ ପଦୋନ୍ନତି: ହାଇକୋର୍ଟ

କଟକ,୧୫ ।୧(ସମିସ): ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ପଦକୁ ପଦୋନ୍ନତି ପ୍ରସଂଗରେ ରୁଜୁ ମାମଲାକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ କାର୍ଯ୍ୟରତ ଜିଆରଏସଙ୍କ ପଦୋନ୍ନତି ବା ନିୟମିତ ପାଇଁ କୌଣସି ସ୍ଥାୟୀ ବା ନ୍ୟସ୍ତ ଅଧିକାର ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ନିଯୁକ୍ତି ନିୟମାବଳୀ-୨୦୨୧କୁ ଚ୍ୟାଲେଞ୍ଜ କରି ପ୍ରକାଶ କୁମାର ଛାଟୋଇ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ହୋଇଥିବା ରିଟ୍ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି।

୨୦୨୧ ନିୟମାବଳୀରେ କୌଣସି ଅସାମ୍ବିଧାନିକ ବା ମନମୁଖୀ ପଦକ୍ଷେପ ରହିନାହିଁ। ଏଥିରେ ଜିଆରଏସ୍‌ଙ୍କୁ ବୟସ କୋହଳ (୪୫ ବର୍ଷ ପର୍ଯ୍ୟନ୍ତ) ଏବଂ ପ୍ରତି ବର୍ଷର ଅଭିଜ୍ଞତା ପାଇଁ ଅତିରିକ୍ତ ମାର୍କ (ସର୍ବାଧିକ ୧୫%) ର ସୁବିଧା ପ୍ରଦାନ କରାଯାଇଛି, ଯାହା ସେମାନଙ୍କ ସ୍ୱାର୍ଥର ସୁରକ୍ଷା କରୁଛି।ସେହିଭଳି ଓଡ଼ିଶା ଆକାଉଣ୍ଟାଣ୍ଟ-କମ୍-ଡାଟା ଏଣ୍ଟ୍ରି ଅପରେଟର୍ ନିୟମାବଳୀ-୨୦୨୪ ମାଧ୍ୟମରେ ଜିଆରଏସ୍‌ଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ଅନ୍ୟ ସୁଯୋଗ ସୃଷ୍ଟି କରିଛନ୍ତି ବୋଲି ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ମାମଲାରୁ ପ୍ରକାଶ ଯେ ଆବେଦନକାରୀ କେତେକ ଗ୍ରାମ ରୋଜଗାର ସେବକ ୨୦୨୧ ମସିହାରେ ପ୍ରଣୟନ ହୋଇଥିବା ନୂତନ ନିଯୁକ୍ତି ନିୟମାବଳୀକୁ ବିରୋଧ କରିଥିଲେ। ସେମାନଙ୍କ ଯୁକ୍ତି ଥିଲା ଯେ ୨୦୦୮ ନିୟମାବଳୀ (୨୦୧୨ ଓ ୨୦୧୩ରେ ସଂଶୋଧିତ) ଅନୁଯାୟୀ ସେମାନଙ୍କ ପଦୋନ୍ନତି ପାଇଁ ନ୍ୟାୟ ସଙ୍ଗତ ଆଶା ରହିଥିଲା, ଯାହାକୁ ୨୦୨୧ ନିୟମାବଳୀ ସଙ୍କୁଚିତ କରିଦେଇଛି। ୨୦୨୧ ନିୟମାବଳୀ ଅନୁଯାୟୀ, ପିଇଓ ପଦ ପାଇଁ ବୟସ ସୀମା ଏବଂ ଲିଖିତ ପରୀକ୍ଷା ଭଳି କଠୋର ଯୋଗ୍ୟତା ମାନଦଣ୍ଡ ଲାଗୁ କରାଯାଇଥିଲା। ତେବେ ଆବେଦନକାରୀମାନେ ୨୦୧୩ ମସିହାର ଏକ ଗ୍ରେଡେସନ ତାଲିକା ଆଧାରରେ ପଦୋନ୍ନତି ପାଇଁ ଦାବି କରିଆସୁଥିଲେ। ସରକାର ନିଜର ନୀତିଗତ ନିଷ୍ପତ୍ତି ଅନୁଯାୟୀ ନିଯୁକ୍ତି ନିୟମାବଳୀରେ ପରିବର୍ତ୍ତନ କରିପାରିବେ ଏବଂ ଶୂନ୍ୟପଦ ପୂରଣ ପାଇଁ ନୂତନ ମାନଦଣ୍ଡ ସ୍ଥିର କରିପାରିବେ ବୋଲି ହାଇକୋର୍ଟ କହିବା ସହ ମାମଲାକୁ ଖାରଜ କରିଛନ୍ତି।

# ଦିନକ ପରେ କମିବ ଶୀତ

ଭୁବନେଶ୍ୱର, ୧୫ ।୧ (ସମିସ): ରାଜ୍ୟରୁ ଧୀରେ ଧୀରେ ଶୀତ କମିବ। ଏବେ ଗୋଟିଏ ପଶ୍ଚିମା ଝଡ଼ ସକ୍ରିୟ ହେଉଛି। ତେଣୁ ଏହା ପ୍ରଭାବରେ ୧୭ ତାରିଖରୁ ରାଜ୍ୟରେ ରାତିର ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ୧୯ ତାରିଖରେ ପୁଣି ଏକ ପଶ୍ଚିମା ଝଡ଼ ସକ୍ରିୟ ହେବା ସହ ଏହା ରାଜ୍ୟରେ ତାପମାତ୍ରାକୁ ଆହୁରି ବଢ଼ାଇବ ବୋଲି କୁହାଯାଉଛି।

ଅନ୍ୟପଟେ ଗତ ୨୪ ଘଣ୍ଟା ରାଜ୍ୟର କିଛି ସ୍ଥାନରେ ପ୍ରବଳ ଶୀତ ଅନୁଭୂତ ହୋଇଛି। ୫.୨ ଡିଗ୍ରୀ ସହ ଜି ଉଦୟଗିରିରେ ସବୁଠୁ ଅଧିକ ଥଣ୍ଡା ଅଞ୍ଚଳର ମାନ୍ୟତା ପାଇଛି। ସେହିପରି ରାଉରକେଲା ୬.୬, ସେମିଳିଗୁଡ଼ା ୭.୭, ଫୁଲବାଣୀ ୭.୩, ଝାରସୁଗୁଡା ୭.୮, କେନ୍ଦୁଝର ୯.୪, ସମ୍ବଲପୁର ୧୧.୬, ଭୁବନେଶ୍ୱର ୧୧.୮ ଓ ହୀରାକୁଦରେ ତାପମାତ୍ରା ୧୨.୮ ଡିଗ୍ରୀ ରେକର୍ଡ ହୋଇଛି। ଏହି ସ୍ଥିତି ଆହୁରି ଗୋଟିଏ ଦିନ ଜାରି ରହିବ। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ଅନୁଗୁଳ, ଝାରସୁଗୁଡ଼ା, ଢେଙ୍କାନାଳ, ସୁନ୍ଦରଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ ପ୍ରବଳ ଶୀତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରିଛି।

## ନବୀନ ନିବାସରେ ସୁପ୍ରିମୋଙ୍କୁ ଭେଟିଲେ ୧୦ ବିଜେଡି ବିଧାୟକ

# ସରକାରଙ୍କ ଜନବିରୋଧୀ କାର୍ଯ୍ୟ ଲୋକଙ୍କୁ ଜଣାଅ: ନବୀନ

ଭୁବନେଶ୍ୱର,୧୫ା୧(ସମିସ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିୟମିତ ଭାବେ ଦଳର ବିଧାୟକଙ୍କୁ ଭେଟି ସେମାନଙ୍କ ସହ ସଂଗଠନ ସୁଦୃଢ଼ୀକରଣ ସମ୍ପର୍କରେ ଆଲୋଚନା କରୁଛନ୍ତି। ଏହାସହ ରାଜ୍ୟସ୍ୱାର୍ଥ ସହ ଜଡ଼ିତ ପ୍ରତିଟି

**ରାଜ୍ୟରେ ଧାନ କିଣା ସ୍ଥିତି ଓ ଚାଷୀଙ୍କ ସମସ୍ୟା ପଚାରି ବୁଝିଲେ**



ପ୍ରସଙ୍ଗକୁ ଦୃଢ଼ ଭାବରେ ଉପସ୍ଥାପନ ପାଇଁ ମଧ୍ୟ ପରାମର୍ଶ ଦେଉଛନ୍ତି। ଏହିକ୍ରମରେ ଗୁରବାର ସନ୍ଧ୍ୟାରେ ନବୀନ ନିବାସରେ ୧୦ ଜଣ ବିଧାୟକ ନବୀନଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ନବୀନ ସେମାନଙ୍କ ନିର୍ବାଚନ ମଣ୍ଡଳୀର ସମସ୍ୟା ଓ ଦଳୀୟ ସଂଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପାଇଁ ପରାମର୍ଶ ଦେଇଛନ୍ତି।

ଦଳୀୟ କାର୍ଯ୍ୟକ୍ରମକୁ ଗାଁ ଗାଁରେ ବ୍ୟାପକ କରିବା ସହ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ କରିବା ଓ ସରକାରଙ୍କ ଲୋକ ବିରୋଧୀ କାର୍ଯ୍ୟକୁ ତୃଣମୂଳସ୍ତରରେ ପହଞ୍ଚାଇବାକୁ ନବୀନ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ଅନୁରୂପ ଭାବରେ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟରେ ବିଶେଷ କରି ଚାଷୀଙ୍କ ସମସ୍ୟା, ଧାନ କିଣା ସ୍ଥିତି ସମ୍ପର୍କରେ ମଧ୍ୟ ପଚାରି ବୁଝିଛନ୍ତି। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ବିଧାୟକମାନଙ୍କୁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ବୈଠକରେ ବିଧାୟିକା ବର୍ଷା ସିଂହ ବରିହା,ବିଧାୟକ ମନୋହର ରନ୍ଧାରୀ, ଧ୍ରୁବଚରଣ ସାହୁ, ରମେଶ ଚନ୍ଦ୍ର ବେହେରା, ଗଣେଶ୍ୱର ବେହେରା, ପ୍ରଶାନ୍ତ କୁମାର ବେହେରା, ନଳିନୀକାନ୍ତ ପ୍ରଧାନ, ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ କୁମାର ଦିଶାରୀ ଓ ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଇଚ୍ଛାମୃତ୍ୟୁ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୫ା୧(ସମିସ): ଇଚ୍ଛାମୃତ୍ୟୁ ପ୍ରସଂଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ଦିଗରେ ରାଜ୍ୟ ସରକାର ଚୂଡାନ୍ତ ନିଷ୍ପତ୍ତି ନେଇଛନ୍ତି କି ନାହିଁ ତାହା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଡକ୍ଟର କହ୍ନେୟାଲାଲ୍ ଶର୍ମାଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫେବୃଆରୀ ୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ।

ମାମଲା ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟରେ ଜବାବ ଦାଖଲ କରାଯାଇ କୁହାଯାଇଥିଲା ଯେ ସୁପ୍ରିମକୋର୍ଟଙ୍କ ୨୦୨୩, ଜାନୁଆରୀ ୨୪ର ନିର୍ଦ୍ଦେଶ ଅନୁସାରେ ଏକ କମିଟି ୨୦୨୩, ସେପ୍ଟେମ୍ବର ୭ରେ ଗଠନ କରାଯାଇଥିଲା। ଏହି କମିଟିର ପୁନର୍ଗଠନ କରାଯିବା ନେଇ ଗତ୨୦୨୫, ଏପ୍ରିଲ ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ କମିଟିର ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କମିଟିର ଚିଠା ପ୍ରସ୍ତାବ ଉପରେ ଆଇନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ସମେତ ବିଭିନ୍ନ ବିଭାଗରୁ ମତାମତ ମିଳିସାରିଛି। ଏହା ଉପରୋକ୍ତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ବିଚାରାଧୀନ ଅଛି।

ମାମଲାରୁ ପ୍ରକାଶ ଯେ ଯଦି କୌଣସି ରୋଗରୁ ବ୍ୟକ୍ତି ଆରୋଗ୍ୟ ହେବାର ସମ୍ଭାବନା ନଥାଏ ତେବେ ସେ ନିଜ ଇଚ୍ଛା ଅନୁସାରେ ଜୀବନ ଯେପରି ତ୍ୟାଗ କରିପାରିବେ ସେଥି ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଇନଗତ ବ୍ୟବସ୍ଥା ହେବା ଉଚିତ। କୌଣସି ଦୁରାରୋଗ୍ୟରେ ପୀଡିତଙ୍କ ଇଚ୍ଛାକୁ ସମ୍ମାନ ଦେଇ ତାଙ୍କୁ ପ୍ରଦାନ କରାଯାଉଥିବା ଚିକିତ୍ସା ବନ୍ଦ ପୂର୍ବକ ମୃତ୍ୟୁ ପାଇଁ ପଥ ପରିଷ୍କାର କରାଯାଇପାରିବ। ସୁପ୍ରିମକୋର୍ଟଙ୍କ ଏ ସମ୍ପର୍କିତ ଏକ ଆଦେଶନାମା ରହିଥିବା ବେଳେ ରାଜ୍ୟରେ ଏହା କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପାର୍ଥ ମୁଖାର୍ଜୀ ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

## ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣର ଯୌକ୍ତିକତାକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି

# ଚାଷୀଙ୍କୁ ୮୦୦ ଟଙ୍କା ବୋନସ୍ ମନା; ୩,୬୨୩ କୋଟି ବ୍ୟୟରେ ନିର୍ମାଣ କାହିଁକି?

ଭୁବନେଶ୍ୱର,୧୫ା୧(ସମିସ): ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣ ପାଇଁ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାର ଆବଶ୍ୟକତାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ରାଜ୍ୟରେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ବିଫଳତା କାରଣରୁ ରାଜ୍ୟବାସୀ ସରକାରଙ୍କ ବିରୋଧରେ ଆକ୍ରୋଶ ଶିଖର ଛୁଇଁଥିବାରୁ ଏଥିରୁ ନଜର ହଟାଇବା ପାଇଁ ସରକାର ଏଭଳି ଭେଳିକି ପ୍ରକଳ୍ପ ସାମ୍ନାକୁ ଆଣିଛନ୍ତି ବୋଲି ବିଜେଡି କହିଛି।

ଗୁରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ବିଧାୟକ ଗୌତମବୁଦ୍ଧ ଦାସ ଓ ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ରାଜ୍ୟ ବିଜେପି ସରକାର ନିଜର ବିଫଳତାକୁ ଲୁଚାଇବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିବା ଅଭିଯୋଗ କରିଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ କୃଷକମାନଙ୍କୁ ୮୦୦ ଟଙ୍କା ବୋନସ୍ ଦେବାକୁ ସରକାର କରୁଛନ୍ତି, ଅନ୍ୟପକ୍ଷରେ ୩,୬୨୩ କୋଟିରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ରାଜ୍ୟ ବଜେଟରେ ପ୍ରାବଧାନ ହୋଇଛି କି ନାହିଁ, ସେନେଇ କୌଣସି ସ୍ପଷ୍ଟତା ନାହିଁ। ବିଭିନ୍ନ କ୍ଷେତ୍ରରେ ବିଫଳତା ଯୋଗୁଁ ରାଜ୍ୟ ସରକାରଙ୍କ ବିରୋଧରେ ଜନ ଆକ୍ରୋଶ ବୃଦ୍ଧି ପାଉଥିବାରୁ ଏଥିରୁ ବର୍ତ୍ତିବା ପାଇଁ ରାଜ୍ୟ ସରକାର ଏଭଳି ଭେଳିକି ସୃଷ୍ଟି କରିଛନ୍ତି। ରାଜ୍ୟ ସରକାର ଯେଉଁ ଡିଲିମିଟେସନ



କଥା ଉଲ୍ଲେଖ କରି ବିଧାନସଭା ସିଟ୍ ସଂଖ୍ୟା ୨୦୦କୁ ବୃଦ୍ଧି ପାଇପାରେ ବୋଲି କହୁଛନ୍ତି, ସେନେଇ କୌଣସି ସ୍ପଷ୍ଟତା ଆସିନାହିଁ। ଗତ ୧୮ ମାସର ବିଜେପି ଶାସନରେ ଓଡ଼ିଶା ଗୋଟିଏ ଋଣଗ୍ରସ୍ତ ରାଜ୍ୟରେ ପରିଣତ ହେବାକୁ ଯାଉଛି।୨୦୨୪ ମସିହାରେ ନବୀନ ସରକାର କ୍ଷମତାରୁ ଯିବା ସମୟରେ ରାଜ୍ୟର ଋଣ ଭାର ୭୮,୦୦୦ କୋଟି ଟଙ୍କା ଥିଲାବେଳେ ବିଜେପି ସରକାର ମାତ୍ର ଗତ ଦେଢ଼ ବର୍ଷରେ ୯୧,୦୦୦ କୋଟି ଟଙ୍କା ଋଣ କରି ସାରିଲେଣି। କେନ୍ଦ୍ରରୁ ଅନୁଦାନ ୧୮.୧୯ ପ୍ରତିଶତ କମିଛି । ନବୀନ ସରକାରଙ୍କ ସମୟରେ ୪,୪୭୪ କୋଟି ଟଙ୍କାରେ ଏମ୍ବ ପ୍ଲସ

- ବିଫଳତାରୁ ନଜର ହଟାଇବା ପାଇଁ ଡିଲିମିଟେସନ ନାଁରେ ସରକାରଙ୍କ ଭେଳିକି
- ଡିଲିମିଟେସନ ପରେ ସିଟ୍ ବଢିବା ନେଇ ଏଯାଏ ଆସିନାହିଁ କୌଣସି ସ୍ପଷ୍ଟ ଚିତ୍ର

ପ୍ରକଳ୍ପର ପ୍ରାୟ ୩୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇ ସାରିଥିଲା। ବିଜେପି କ୍ଷମତାକୁ ଆସିବା ପରେ ଏ ପ୍ରକଳ୍ପ କାମ ଆଗେଇ ପାରୁନାହିଁ। ଏହି ପ୍ରକଳ୍ପକୁ ଆଗେଇବା ପରିବର୍ତ୍ତେ ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କରୁଛନ୍ତି। କେଉଁଟା ପ୍ରାଥମିକତା ହେବା କଥା, ତାହା ଓଡ଼ିଶାବାସୀ ବିଚାର କରିବେ । ପଲ୍ୟୁସନ ସାର୍ଟିଫିକେଟକୁ ନେଇ ଆଜି ସମଗ୍ର ରାଜ୍ୟବାସୀ ହନ୍ତସନ୍ତ ହେଉଛନ୍ତି । ରାଜ୍ୟ ସରକାର ଏହି ସବୁ ବିଫଳତା ଉପରୁ ନଜର ହଟାଇବା ପାଇଁ ଡିଲିମିଟେସନ ନାଁରେ ପ୍ରହସନ କରୁଛନ୍ତି ।

ଡ. ଲେନିନ ମହାନ୍ତି କହିଛନ୍ତି ଯେ ୮ ଲକ୍ଷ ନୂଆ ହିତାଧିକାରୀ ମଧୁବାବୁ ପେନସନ ଅପେକ୍ଷାରେ, ୧୨ ଲକ୍ଷ ନୂଆ ହିତାଧିକାରୀ ନୂଆ ରାସନ କାର୍ଡ ଅପେକ୍ଷାରେ, ୬ ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବାଦ ପଡିଛନ୍ତି। ରାଜ୍ୟ ବ୍ୟାପୀ ଶିକ୍ଷକ, ଡାକ୍ତର ଓ ଅଙ୍ଗନବାଡି କର୍ମୀ ନିଜ ଦରମା ବଢାଇବା ପାଇଁ ବହୁ ଦିନରୁ ଆନ୍ଦୋଳନ କରୁଛନ୍ତି। ରାଜ୍ୟରେ ଠିକ୍ ସମୟରେ ହିତାଧିକାରୀଙ୍କୁ ରାସନ ଏବଂ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ୟୁନିଫର୍ମ ପ୍ରଦାନ କରାଯାଉନାହିଁ । ଅନ୍ୱେଷା ଯୋଜନାରେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଗତ ୫ ମାସ ହେଲା କୌଣସି ଆର୍ଥିକ ସହାୟତା ଦିଆଯାଉନାହିଁ। ମାତ୍ର ଏହାର ସମାଧାନ ପରିବର୍ତ୍ତେ ରାଜ୍ୟ ସରକାର ନୂଆ ବିଧାନସଭା ଓ ଲୋକସେବା ଭବନ ନିର୍ମାଣର ଭେଳିକି ଦେଖାଉଛନ୍ତି। ବିଲ୍ଡିଂ ନିର୍ମାଣ କରି କେବଳ ପିସି ହାତେଇବା ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ପ୍ରକଳ୍ପର ଆବଶ୍ୟକତା ବର୍ତ୍ତମାନ ସମୟରେ ଆଦୌ ନାହିଁ ବୋଲି ସେ କହିଛନ୍ତି।

## ବହୁଚର୍ଚ୍ଚିତ ନାଲକୋନଗର ମଧୁସ୍ମିତା ହତ୍ୟାକାଣ୍ଡର ପର୍ଦ୍ଦାଫାସ୍

# ପ୍ରେମ ନିବେଦନ ପ୍ରତ୍ୟାଖ୍ୟାନ କରିବାରୁ ତଣ୍ଟିଚିପି ହତ୍ୟା

ଅନୁଗୋଳ,୧୫ ।୧(ସମିସ): ନାଲକୋ ନଗର କଲୋନୀ କ୍ୱାର୍ଟର୍ସରେ ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କୁ ତଣ୍ଟିଚିପି ହତ୍ୟା ଘଟଣାର ଦେଢ଼ମାସ ପରେ ପୁଲିସକୁ ସଫଳତା ମିଳିଛି। ଅଭିଯୁକ୍ତକୁ ପୁଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଅନୁଗୋଳ ସଦର ଥାନା ବାରସିଂହା ଗ୍ରାମର ଜୀବନ ସାହୁଙ୍କ ପୁଅ ତପନ ସାହୁ (୨୭)। ପ୍ରେମ ନିବେଦନ ପ୍ରତ୍ୟାଖ୍ୟାନ କରିବାରୁ ତପନ ମହିଳାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲା। ଏପରିକି ତଦନ୍ତକୁ ଦିଗହରା କରିବା ପାଇଁ ତପନ ମହିଳାଙ୍କ କାନ ଓ ବେକରୁ ସୁନାଗହଣା ଖୋଲିନେଇ ଏହାକୁ ଏକ ଚୋରି ମାମଲାର ରୂପ ଦେବାକୁ ଉଦ୍ୟମ କରିଥିଲା ବୋଲି ଅନୁଗୋଳ ଏସ୍‌ପି ରାହୁଲ ଜୈନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୁଲିସ ତପନ ନିକଟରୁ ଏକ ବାଇକ, ଗୋଟିଏ ମୋବାଇଲ, ମୃତକଙ୍କ ସୁନା କାନଫୁଲ ଓ ମଙ୍ଗଳସୂତ୍ର ଜବତ କରିଥିବା ଏସ୍‌ପି ଜୈନ କହିଛନ୍ତି। ନାଲକୋ କଲୋନୀ ପରିସର ତିନିମହଲା ଅଞ୍ଚଳରେ କ୍ୱାର୍ଟର୍ସ ନମ୍ବର ବି-୨୦୦୧ରେ ରହୁଥିବା ନାଲକୋ କର୍ମଚାରୀ କାର୍ତ୍ତିକ ଚନ୍ଦ୍ର ପ୍ରଧାନଙ୍କ ପତ୍ନୀ ମଧୁସ୍ମିତା ପ୍ରଧାନ (୩୭)ଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା।

- ପାଇପ କାମ ବାହାନାରେ ଘରେ ପଶିଥିଲା ମିସ୍ତ୍ରି
- ଏକାକୀ ଥିବା ମହିଳାଙ୍କୁ କରିଥିଲା ପ୍ରେମ ନିବେଦନ
- ତଦନ୍ତ ଦିଗହରା କରିବାକୁ କାନରୁ ନେଇଥିଲା ଗହଣା
- ଦେଢ଼ ମାସ ପରେ ଧରାପଡ଼ିଲା ଅଭିଯୁକ୍ତ ଯୁବକ

ମଧୁସ୍ମିତା କ୍ୱାର୍ଟର୍ସରେ ଏକାକୀ ଥିବାବେଳେ କେହି ତାଙ୍କୁ ହତ୍ୟା କରିଥିବା ଗତ ଡିସେମ୍ବର ୧ ତାରିଖ କାର୍ତ୍ତିକ ନାଲକୋ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଅନୁଗୋଳ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ଆଠ ଜଣିଆ ଇନ୍ସପେକ୍ଟର ଟିମ୍ ବିଭିନ୍ନ ଦିଗରୁ ତଦନ୍ତ କରିଥିଲା। ପୁଲିସର ସ୍ୱତନ୍ତ୍ର ଅଭିଯାନ "ଅପରେସନ୍ ସାଇଲେଣ୍ଟ କୋବ୍ରା' ଜରିଆରେ ପୁଲିସ ଅପରାଧୀ ପାଖରେ ପହଞ୍ଚିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିଲା। ପୁଲିସ



କଲୋନୀ ପରିସରରେ ଥିବା ସମସ୍ତ ସିସିଟିଭି ଫୁଟେଜକୁ ତନ୍ନ ତନ୍ନ କରି ଯାଞ୍ଚ କରିଥିଲା। ଦୀର୍ଘ ଦେଢ଼ମାସ ପରେ ଗୁରୁବାର ପୁଲିସକୁ ଏହି ମାମଲାରେ ସଫଳତା ମିଳିଛି। ସିସିଟିଭି ଫୁଟେଜରୁ ଘଟଣା ଦିନ ତପନ ମଧୁମିତାଙ୍କ ଘରେ ପଶିଥିବା ସ୍ପଷ୍ଟ ହୋଇଥିଲା। ପୁଲିସ ତାଙ୍କୁ ଉଠାଇ ନେଇ ପଚରାଉଚରା ବେଳେ ସେ ସବୁକଥା ମାନିଯାଇଥିଲେ। ଏସ୍‌ପିଙ୍କ ସୂଚନା ଅନୁଯାୟୀ ଅଭିଯୁକ୍ତ ତପନ ପେସାରେ ଜଣେ ପାଇପ୍ ମିସ୍ତ୍ରି ଏବଂ ନାଲକୋର ଠିକାଦାରଙ୍କ କର୍ମଚାରୀ। ତେଣୁ ନାଲକୋ ପରିସରରେ ଥିବା ବିଭିନ୍ନ କ୍ୱାର୍ଟର୍ସକୁ ତାଙ୍କର ନିୟମିତ ଯାତାୟାତ ଥାଏ। ଘଟଣା ଦିନ ପାଇପ୍ କାମ କରିବା ବାହାନାରେ ତପନ ମଧୁମିତାଙ୍କ ଘରେ ପଶି ତାଙ୍କୁ ପ୍ରେମ ନିବେଦନ କରିଥିଲେ। ତେବେ ମଧୁସ୍ମିତା ଏହାକୁ ତୀବ୍ର ବିରୋଧ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ତପନ ମଧୁମିତା ପିନ୍ଧିଥିବା ଚୁନ୍ନି ଦ୍ୱାରା ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ତଦନ୍ତକୁ ବିଭ୍ରାନ୍ତ କରିବା ଏହାକୁ ଡକାୟତି ଓ ହତ୍ୟାର ରୂପ ଦେବା ପାଇଁ ତପନ ମଧୁମିତାଙ୍କ ସୁନାଗହଣା କାଢ଼ି ନେଇ ସେଠାରୁ ଫେରାର ହୋଇଯାଇଥିଲେ ବୋଲି ଏସ୍‌ପି କହିଛନ୍ତି। ନାଲକୋ ଟାଉନସିପ୍ ଥାନା ଆଇଆଇସି ଇନ୍ସପେକ୍ଟର ନମିତା ନାୟକଙ୍କ ନେତୃତ୍ୱରେ ଗଠିତ ତଦନ୍ତ ଟିମ୍‌ରେ ଏଏସଆଇ ଦୀପକ କୁମାର ସିଂହ, ସୁବ୍ରତ ପାଢ଼ୀ, ପବିତ୍ର ନାଗ ପ୍ରମୁଖ ସାମିଲ ଥିଲେ।

# କଣ୍ଠଶିଳ୍ପୀ କୁନି ଛତ୍ରିଆଙ୍କ ପରଲୋକ

ବଲାଙ୍ଗିର,୧୫ା୧(ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରାର ଯୁବ କଣ୍ଠଶିଳ୍ପୀ କୁନି ଛତ୍ରିଆ ଆଉ ନାହାନ୍ତି। ମଞ୍ଚରେ ଘୁଡକା ଗୀତ ଗାଇ ଦର୍ଶକଙ୍କୁ ବାନ୍ଧି ରଖିପାରୁଥିବା କୁନିଙ୍କ ମାତ୍ର ୩୫ ବର୍ଷ ବୟସରେ



ଦେହାନ୍ତ ହୋଇଛି। ଫୁସଫୁସ ଜନିତ ସମସ୍ୟା ଯୋଗୁ କିଛି ଦିନ ହେଲା ସେ ଚିକିତ୍ସାଧୀନ ଥିଲେ। "ଏ ମୋର ଘୁଡକାବାଲା...ହାଏରେ ଘୁଡକାବାଲା...ହାଏରେ ଘୁଡକାବାଲା...ମୋତେ ରସେଇଦେଲା.. ମୋତେ ଫସେଇଦେଲା...ହାଏରେ ରସେଇଦେଲା....' ଗୀତ ଯେତେବେଳେ ବିଭିନ୍ନ ସାଂସ୍କୃତିକ ମଞ୍ଚରେ ଶୁଭୁଥିଲା ଦର୍ଶକଙ୍କ ତାଳିରେ ଅଞ୍ଚଳ କମ୍ପି ଉଠୁଥିଲା। କୁନି ହେଉଛନ୍ତି ତୁଷୁରା ଘୁଡୁକା ସାଂସ୍କୃତିକ ଦଳର ବଡ ଛତ୍ରିଆଙ୍କ ସ୍ତ୍ରୀ। କୁନିଙ୍କ ଘୁଡକା ଗୀତ ଓ ବଡସାନଙ୍କ ଘୁଡକା ନାଚ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। ଘୁଡକାବାଲା ଗୀତ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କୁନି ଆହୁରି ଅନେକ ସମ୍ବଲପୁରୀ ଓ ଭଜନ ମଧ୍ୟ ଗୀତ ଗାଇଛନ୍ତି। କିଛି ଦିନ ପୂର୍ବରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସାରି ଫେରିବା ପରେ କୁନି ହଠାତ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ଓ ପରେ ବୁର୍ଲା ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ତୁଷୁରାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁରେ ସାରା ପଶ୍ଚିମ ଓଡ଼ିଶାର କଳାକାରଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି।

## କାହା ସ୍ୱାର୍ଥରେ ମହାପ୍ରୟାଣ ଯୋଜନା ?

# ବାଇକ୍‌ରେ ବୁହାହେଲା ମୃତଦେହ

ଗୁମ୍ମା,୧୫ ।୧(ସମିସ): ପୁଣି ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁମ୍ମା ବ୍ଲକର ଉପାନ୍ତ ଅଞ୍ଚଳରେ। ମହାପ୍ରୟାଣ ଗାଡ଼ି ନମିଳିବାରୁ ବାଇକ୍‌ରେ ବୋହି ମୃତଦେହ ନେଇଥିଲେ ସମ୍ପର୍କୀୟ। ପୂର୍ବର ବିଜେଡ଼ି ସରକାର ଶବକୁ ସସମ୍ମାନେ ମେଡ଼ିକାଲରୁ ଘରକୁ ନେବାକୁ ମହାପ୍ରୟାଣ ଗାଡ଼ି ପ୍ରଚଳନ କରିଥିଲେ। ୨୦୧୬ ମସିହାରେ ଦାନ ମାଝୀ ଶବ ବୁହା ଘଟଣା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହେବା ପରେ ରାଜ୍ୟ ସରକାର ରାଜ୍ୟରେ ଆରମ୍ଭ କରିଥିଲେ 'ମହାପ୍ରୟାଣ' ଯୋଜନା। ହେଲେ ଏବେ ଏହି ଯୋଜନା ବାଟବଣା ହେବାରେ ଲାଗିଛି।ସରକାର ବଦଳିବା ପରେ ସ୍ଥିତି ବଦଳିଛି। ବିଭିନ୍ନ ସ୍ଥାନରେ ଆଉ ଏହି ସେବା ଆଗପରି ମିଳୁନାହିଁ। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ। ଯାହା ସ୍ୱାସ୍ଥ୍ୟ ବିଭାଗର ପାରିବାପଣିଆକୁ ପଦାରେ ପକାଇଛି।

ସୂଚନା ଅନୁଯାୟୀ, ଗଜପତି



ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗ ଗ୍ରାମର ଚନ୍ଦ୍ରଧ୍ୱଜ ସିଂ(୬୩)ଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହୋଇପଡିଥିଲା। ପରିବାର ଲୋକେ ତାଙ୍କୁ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁବାର ସକାଳ ୮ଟାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ମହାପ୍ରୟାଣ ଗାଡ଼ି ନଥିବାରୁ ମୃତଦେହ କିପରି ଗାଁକୁ ନେବେ ପରିବାର ଲୋକଙ୍କ ଚିନ୍ତା ବଢ଼ିଥିଲା। ଅଟୋରେ ନେବା ପାଇଁ ସୁରକ୍ଷା କର୍ମୀମାନେ କହିଥିଲେ। ବୁଝାବୁଝି କରିବା ପରେ ଅଟୋରେ ନେଲେ ୮ରୁ୯ ହଜାର ଭଡ଼ା ଲାଗିବ ବୋଲି କୁହାଯାଇଥିଲା। ମାତ୍ର ଅର୍ଥ ଅଭାବରୁ ସମ୍ପର୍କୀୟ ମୃତଦେହକୁ ବାଇକରେ ଧରି ନିଜ ଗାଁକୁ ନେଇଥିଲେ। ଜଣେ ବାଇକ୍ ଚଳାଉଥିବାବେଳେ ଅନ୍ୟଜଣେ ମୃତଦେହ ଧରି ପଛରେ ବସିଥିଲେ। ବାଟରେ ଯିଏ ଏହି ଦୃଶ୍ୟ ଦେଖୁଥିଲା ଘଡ଼ିଏ ରହିଯାଉଥିଲା। ଏପରି ଘଟଣା ସାଧାରଣରେ ଅସନ୍ତୋଷ ଓ ପ୍ରତିକ୍ରିୟା ସୃଷ୍ଟି କରିଛି।

## ଯାତ୍ରା ପେଣ୍ଡାଲରେ ଅଶ୍ଳୀଳତା

# ନାଚିଲେ ନିଶା; ବନ୍ଧାହେଲେ ଦୁଇ ଆୟୋଜକ

ବଲାଙ୍ଗିର,୧୫ ।୧(ସମିସ): ଛତିଶଗଡ଼ରେ ଯାତ୍ରା ପେଣ୍ଡାରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ସାହୁ ଭାଉଜ ଓ ଆୟୋଜକଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଏକାଧିକ ଆୟୋଜକ ଗିରଫ ହୋଇଛନ୍ତି। ଏବେ ବଲାଙ୍ଗିରରେ ମଧ୍ୟ ଏହିଭଳି ଏକ ଘଟଣା ଘଟିଛି। ବଲାଙ୍ଗିର ସଦର ଥାନା ଚନ୍ଦନଭାଟି ଗାଁରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିବା ନେଇ ଅଭିଯୋଗ ହେବା ପରେ ୨ ଜଣ ଆୟୋଜକଙ୍କୁ ପୁଲିସ ଗିରଫ କରିଛି। ଏହି ୨ ଜଣ ହେଲେ ସୁରେନ୍ଦ୍ର ନାଗ ଓ ରାଧେଶ୍ୟାମ ମେହେର। ଚନ୍ଦନଭାଟିରେ ଗତ ୮ ତାରିଖରୁ ଅପେରା ଦୁର୍ଗା ମନ୍ଦିର ଯାତ୍ରା ପ୍ରଦର୍ଶନ କରିଥିଲା। ୧୨ ତାରିଖ ଶେଷ ଦିନରେ ଏହି ଯାତ୍ରା ପେଣ୍ଡାଲରେ ବିବାଦୀୟ ନିଶା ମହାରଣା ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହାର ଭିଡିଓ ଦେଖିବା ପରେ ଚନ୍ଦନଭାଟି ଫାଣ୍ଡି ଅଧିକାରୀ ରଞ୍ଜିତ ପଧାନ ସଦର ଥାନାରେ ରିପୋର୍ଟ ପ୍ରଦାନ କରିଥିଲେ। ଏନେଇ ସଦର ଥାନାରେ ୨୯/୨୦୨୬ରେ ଆୟୋଜକ ଓ ନିଶା ମହାରଣାଙ୍କ ନାମରେ ମାମଲା ରୁଜୁ କରି ପୁଲିସ ତଦନ୍ତ କରିଥିଲା। ଏହି ମାମଲାରେ ପୁଲିସ ଗୁରୁବାର ସୁରେନ୍ଦ୍ର ଓ ରାଧେଶ୍ୟାମଙ୍କୁ ଗିରଫ କରିଛି। ତେବେ ନିଶା ମହାରଣା, ଶଙ୍କର ସେନାପତି ଓ ଅନ୍ୟମାନେ ଫେରାର ଥିବା ପୁଲିସ ସୂଚନା ଦେଇଛି। ତେବେ ଆଗକୁ ଏହି ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରିବ ନା ଦୁଇ ଜଣଙ୍କୁ ଗିରଫ କରି ମାମଲା ଚାପିଦେବ ତାକୁ ନେଇ ପ୍ରଶ୍ନ ଉଠିଛି।

## ■ ମିଶନ ଶକ୍ତି ଏବଂ ପର୍ଯ୍ୟଟନ ଓ ଆତିଥ୍ୟେୟତା ଦକ୍ଷତା ପରିଷଦ ମଧ୍ୟରେ ବୁଝାମଣା

# ଟେଣ୍ଟ ଓ କ୍ୟାଟରିଂ ସେବା ଯୋଗାଇବେ ମହିଳା

ଭୁବନେଶ୍ୱର,୧୫ ।୧(ସମିସ): ଏଣିକି ମହିଳାମାନେ ଯୋଗାଇବେ ଟେଣ୍ଟ ଓ କ୍ୟାଟରିଂ ସେବା। ବିବାହ, ବ୍ରତଘର, ଜନ୍ମଦିନ ହେଉ ଅବା କୌଣସି କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବେ ଏସ୍ଏଚ୍‌ଜି ସଦସ୍ୟା।

**୪ ହଜାର ମହିଳା ଏସ୍ଏଚ୍‌ଜି ସଦସ୍ୟା ନେବେ ପ୍ରଶିକ୍ଷଣ: ଖର୍ଚ୍ଚ ହେବ ୯.୩ କୋଟି**

ଆଗକୁ ରାଜ୍ୟରେ ଟେଣ୍ଟ ଓ କ୍ୟାଣ୍ଟରିଂ ଭଡ଼ା ଓ କ୍ୟାଟରିଂ ପରିଚାଳନା ସେବା କ୍ଷେତ୍ରରେ ଉଦ୍ୟୋଗିତା ପାଇଁ ମହିଳା ଏସଏଚଜି ସଦସ୍ୟମାନଙ୍କୁ ଦିଆଯିବ ପ୍ରଶିକ୍ଷଣ। ଏହି ଲକ୍ଷ୍ୟରେ ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଗୁରୁବାର ମିଶନ ଶକ୍ତି ବିଭାଗ ଏବଂ ପର୍ଯ୍ୟଟନ ଓ ଆତିଥ୍ୟେୟତା ଦକ୍ଷତା ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଉପସ୍ଥିତିରେ ମିଶନ ଶକ୍ତି ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ପର୍ଯ୍ୟଟନ ଓ ଆତିଥ୍ୟେୟତା ଦକ୍ଷତା ପରିଷଦର ସିଇଓ ରାଜନ ବାହାଦୁର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ବୁଝାମଣା ଅନୁସାରେ, ବ୍ୟବସାୟ ୟୁନିଟ୍‌ର ସ୍ଥାୟୀ ପରିଚାଳନା, ବୃତ୍ତିଗତ ଦକ୍ଷତା ବୃଦ୍ଧି, ଏଫ୍ଏସ୍ଏସ୍ଏଆଇ ପ୍ରମାଣପତ୍ର ପ୍ରଦାନ, ଡିପିଆର୍ ପ୍ରସ୍ତୁତି, ଉପକରଣ କ୍ରୟ, ବ୍ୟବସାୟରେ ଅଭିବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏକ ହଜାର ସ୍ୱୟଂସହାୟକ ଗୋଷ୍ଠୀର ୪,୦୦୦ ମହିଳା ସଦସ୍ୟା ଖାଦ୍ୟ ଯୋଗାଣ, ଇଭେଣ୍ଟ ପରିଚାଳନା, ଟେଣ୍ଟ ଓ କ୍ୟାଟରିଂ ସେବା ଉପରେ ପ୍ରଶିକ୍ଷିତ ହେବେ। ଏହି ଯୋଜନା ପାଇଁ ୯.୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀତା ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆଶା ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମିଶନ ଶକ୍ତି ଆୟୁକ୍ତ ତଥା ସଚିବ ଗିରିଶ ଏସ୍ଏନ୍ ସ୍ୱାଗତ ଭାଷଣ ଦେବା ସହ ବୁଝାମଣାପତ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିବରଣୀ ପ୍ରଦାନ କରିଥିଲେ।

## ମେଗା ପାନୀୟ ଜଳ ପ୍ରକଳ୍ପରେ ନିର୍ମାଣ ବିଳମ୍ବିତ

# ଅର୍ଥ ଦେଉନି କେନ୍ଦ୍ର; ପ୍ରକଳ୍ପ ଅଗ୍ରଗତି ବାଧାପ୍ରାପ୍ତ

ଭୁବନେଶ୍ୱର,୧୫।୧(ସମିସ): ରାଜ୍ୟରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟନ୍ୱୟନ ତାରିଖ ବାରମ୍ବାରପରିବର୍ତ୍ତନ ହେଉଛି। କେନ୍ଦ୍ର ସରକାର ଏଥିପାଇଁ ପାଣ୍ଠି ସଠିକ୍ ଭାବରେ ପ୍ରଦାନ କରୁ ନ ଥିବାରୁ ପ୍ରକଳ୍ପ ବିଳମ୍ବିତ ହେଉଥିବା ପ୍ରଶାସନିକସ୍ତରରେ ହେଉଥିବା ଚର୍ଚ୍ଚାକୁ ସରକାର ସ୍ୱୀକାର କରୁନାହାନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ଚିରାଚରିତ ଭାବେ ପୂର୍ବ ସରକାରଙ୍କୁ ଦୋଷ ଲଦି ଚାଲିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ କ୍ୟାବିନେଟ ବୈଠକଠାରୁ ଆରମ୍ଭ କରି ଦିଲ୍ଲୀରେ ଅନୁଷ୍ଠିତ ବୈଠକରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ପ୍ରସଙ୍ଗ ଉଠାଇବା ପରେ କେନ୍ଦ୍ର ସରକାରଙ୍କ ଅବହେଳାକୁସ୍ପଷ୍ଟ କରିଛି।ଏହିସମୟରେରାଜ୍ୟରେ ପାନୀୟ ଜଳ ପ୍ରକଳ୍ପକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ନେଇ ନିଜେ ସ୍ୱୀକାର କରିଛନ୍ତି ମୁଖ୍ୟ ସଚିବ ଅନୁ ଗର୍ଗ। ଜିଲ୍ଲାକୁ କ୍ଷେତ୍ରସ୍ତରୀୟ ଗସ୍ତ ବେଳେ ଯେପରି ପ୍ରକଳ୍ପ କାର୍ଯ୍ୟନ୍ୱୟନ ସଠିକ୍ ଭାବେ ହେବ ସେନେଇ ବିଶେଷ ଦୃଷ୍ଟି ଦେବାକୁ ସେ ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି।

ଗୁରୁବାର ସଚିବସ୍ତରୀୟ ବୈଠକ ସମ୍ପର୍କରେ ସୂଚନା ଦେବା ସମୟରେ ମୁଖ୍ୟ ସଚିବଙ୍କ ମନ୍ତବ୍ୟରୁ ଏହା ଆପାତତଃ ସ୍ୱଷଟ ହୋଇଛି । ସେ କହିଛନ୍ତି ଯେ ସଚିବମାନେ କ୍ଷେତ୍ରୀୟ ପରିଦର୍ଶନ ବେଳେ ଅନ୍ୟ ବିଭାଗର ସମୀକ୍ଷା ତ କରିବେ,

**■ ପ୍ରକଳ୍ପ ବିଳମ୍ବତା କାରଣରୁ ରାଜ୍ୟରେ ବଢ଼ୁଚି ଅସନ୍ତୋଷ**
**■ ପରିଦର୍ଶନ ବେଳେ ଦିଆଯିବ ପ୍ରକଳ୍ପ ସମୀକ୍ଷାକୁ ଗୁରୁତ୍ୱ**

ମାତ୍ର ପାନୀୟ ଜଳ ପ୍ରକଳ୍ପକୁ ଗୁରୁତ୍ୱ ଦେବେ। ମେଗା ପାନୀୟ ଜଳ ପ୍ରକଳ୍ପ ବିଳମ୍ବ ହେଉଥିବାରୁ ଜନଅସନ୍ତୋଷ ରହିଛି। ଯେଉଁଠି ଏପରି ପ୍ରକଳ୍ପ ରହିଛି ତାହାକୁ ସଚିବମାନେ ଗୁରୁତ୍ୱ ପ୍ରଦାନ କରିବାକୁ କୁହାଯାଇଥିବା ସେ ସୂଚନା ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ରାଜ୍ୟରେ କାର୍ଯ୍ୟନ୍ୱୟନ ହେଉଥିବା ମେଗା ପ୍ରକଳ୍ପ ସମ୍ପର୍କରେ ତଥ୍ୟ ରଖିଥିଲେ। ରାଜ୍ୟରେ କାର୍ଯ୍ୟାନ୍ୱୟନ ହେଉଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଡିସେମ୍ବର ସୁଦ୍ଧା ମାତ୍ର ୨୨୫ଟି ପ୍ରକଳ୍ପ ଶେଷ ହୋଇଥିବା ଓ ଅବଶିଷ୍ଟ ପ୍ରକଳ୍ପ ୨୦୨୭ ଶେଷ ସୁଦ୍ଧା ଶେଷ ହେବ ବୋଲି କହିଥିଲେ। ମାତ୍ର ଗତ ୧୮ ମାସ ମଧ୍ୟରେ ପ୍ରକଳ୍ପ ଶେଷ କରାଯିବାକୁ ନେଇ ମନ୍ତ୍ରୀ ବାରମ୍ବାର ତାରିଖ ବଦଳାଉଥିବାରୁ ଏହାକୁ ନେଇ ଜନମତରେ ବିଶ୍ୱାସ ସୃଷ୍ଟି ହୋଇପାରୁ ନାହିଁ।

ଅନ୍ୟପକ୍ଷରେ ପ୍ରକଳ୍ପ ବିଳମ୍ବ ପଛରେ କେନ୍ଦ୍ର ସରକାରଙ୍କ ଅନୁଦାନ ବିଳମ୍ବ ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। ଏହି ଯୋଜନା ପାଇଁ ୫୦ ପ୍ରତିଶତ ଅର୍ଥ ରାଜ୍ୟ ସରକାର ଦେଉଥିବା ବେଳେ ୫୦ ପ୍ରତିଶତ ଅର୍ଥ କେନ୍ଦ୍ର ସରକାର ଦେଇଥାନ୍ତି। କେନ୍ଦ୍ର ସରକାର ଏଥିରୁ ବିଳମ୍ବ କରୁଥିବାରୁ ଗତ ୯ ତାରିଖରେ ରାଜ୍ୟ କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଯେପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଅର୍ଥ ଆସିନାହିଁ, ରାଜ୍ୟ ସରକାର ଏହି ଅର୍ଥ ବହନ କରିବେ ଓ କେନ୍ଦ୍ର ଅର୍ଥ ଆସିଲେ ରାଜ୍ୟ ସରକାର ସେହି ଅର୍ଥ ନେବେ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ପ୍ରାକ୍ ବଜେଟ ବୈଠକରେ ଅଂଶଗ୍ରହଣ କରି ଉପ ମୁଖମନ୍ତ୍ରୀ ପ୍ରଭାତୀ ପରିଡ଼ା ଜଳ ଜୀବନ ମିଶନ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରିଥିଲେ। ଜଳ ଜୀବନ ମିଶନ୍ ଅଧୀନରେ ଚାଲୁଥିବା ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ କରିବା ପାଇଁ ପର୍ଯ୍ୟାପ୍ତ ଅନୁଦାନ ଓ ସମୟୋପଯୁକ୍ତ ଅନୁଦାନ ପ୍ରଦାନ କରିବାକୁ ଦାବି କରିଛନ୍ତି। କେନ୍ଦ୍ର ସରକାର ଅର୍ଥ ବିଳମ୍ବତାକୁ ନେଇ ଶ୍ରୀମତୀ ପରିଡ଼ା ଉପରୋକ୍ତ ଦାବି ରଖିଥିବା କୁହାଯାଉଛି। ସେହିପରି ବୁଦ୍ଧୀଜୀବୀମାନେ ମଧ୍ୟ ରାଜ୍ୟରେ ପାନୀୟ ଜଳ ପ୍ରକଳ୍ପକୁ ତୁରନ୍ତ ଶେଷ ଉପରେ ଗୁରୁତ୍ୱ ଦେଇଛନ୍ତି। ମେଗା ପ୍ରକଳ୍ପକୁ ନେଇ ଗାଁ ଗାଁରେ ତୀବ୍ର ଅସନ୍ତୋଷ ଥିବାବେଳେ ସାବଧାନ ନହେଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏଥିପାଇଁ ସରକାରଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ସେମାନେ ଚେତାଇ ଦେଇଛନ୍ତି।

---

**ନିଯୁକ୍ତିମୂଳକ ପରୀକ୍ଷାରେ ଅନିୟମିତତା**

# ଆନ୍ଦୋଳନ ଧମକ ଦେଲା ଏବିଭିପି

ଭୁବନେଶ୍ୱର, ୧୫ ।୧(ସମିସ): ବିଗତ ଦିନରେ ରାଜ୍ୟରେ ନିଯୁକ୍ତି ମୂଳକ ପରୀକ୍ଷା ଗୁଡିକରେ ଅନେକ ଅନିୟମିତତା ଦେଖାଯାଉଛି। କିଛିଦିନ ତଳେ ପୁଲିସ ସବ ଇନ୍ସପେକ୍ଟର ନିଯୁକ୍ତିରେ ପ୍ରଶ୍ନ ପତ୍ର ଲିକ୍ ଓ ନିଯୁକ୍ତି ପାଇଁ ଲାଞ୍ଚ କାରବାର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ସେହିପରି ଏଲ୍‌ଟିଆର ନିଯୁକ୍ତିରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ଲୋକଲୋଚନକୁ ଆସିଥିଲା। ବିଭିନ୍ନ ପରୀକ୍ଷା ଓ ପରୀକ୍ଷାଫଳ ଆସିବା ବିଳମ୍ବିତ ହୋଇଛି। ସେହିପରି ପିସିଏମ୍ ଓ ସିବିଜେଡ୍ ଶିକ୍ଷକମାନଙ୍କୁ ନିଯୁକ୍ତି ମିଳିଥିବାବେଳେ ଅନ୍ୟ ବିଷୟରେ ଶିକ୍ଷକ ନିଯୁକ୍ତି ପାଇଁ ଦସ୍ତାବିଜ୍ ଓ ପ୍ରମାଣ ପତ୍ର ଯାଞ୍ଚ ମଧ୍ୟ ସମ୍ପୂର୍ଣ ହୋଇନାହିଁ। ପରୀକ୍ଷା ଓ ନିଯୁକ୍ତି ସଠିକ୍ ଭାବରେ ପରିଚାଳନା ହେଉ ନଥିବାରୁ ବିଦ୍ୟାର୍ଥୀ ଓ ଅନ୍ୟ ଆଶାୟୀ ମାନେ ବାରମ୍ବାର ନିରାଶ ହେଉଛନ୍ତି ବୋଲି ଅଭିଯୋଗ କରିଛି ଏବିଭିପି।

**ଆଶାୟୀ ମାନଙ୍କ ଜୀବନ ସହ ଖେଳୁଛି ଓଏସ୍‌ଏସ୍‌ସି ଓ ନିଯୁକ୍ତ ସଂସ୍ଥା**

ସଙ୍ଗଠନର ରାଜ୍ୟ ସମ୍ପାଦକ ଦିପ୍ତିମୟୀ ପ୍ରତିହାରୀ କହିଛନ୍ତି ଯେ କେନ୍ଦ୍ର ଓ ରାଜ୍ୟ ସରକାର ସଂସ୍କୃତକୁ ପ୍ରୋତ୍ସାହନ ଦେଉଥିବା ବେଳେ ଆଜି ଓଡିଶାରେ ସଂସ୍କୃତ ଶିକ୍ଷକ ଆଶାୟୀ ରାଜ ରାସ୍ତାରେ ଆନ୍ଦୋଳନ କରିବା ଅତ୍ୟନ୍ତ ଗଭୀର ଚିନ୍ତାର ବିଷୟ। ଓଏସ୍‌ଏସ୍‌ସି ଦ୍ୱାରା ପରିଚାଳିତ ସିଟିଏସ୍‌ଆଇ ପରୀକ୍ଷାର ପ୍ରିଲିମ୍ ଓ ମେନ୍ସ ପରୀକ୍ଷା ଦୀର୍ଘଦିନ ଧରି ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମେରିଟ୍ ଲିଷ୍ଟ ପ୍ରକାଶ ପାଇନାହିଁ। ଦସ୍ତାବିଜ୍ ଯାଞ୍ଚର ପ୍ରକ୍ରିୟା ଆରମ୍ଭ ହୋଇନାହିଁ ଓ ପ୍ରଶାସନିକ ତ୍ରୁଟି କାରଣରୁ ସାଧାରଣ ବିଦ୍ୟାର୍ଥୀ ଓ ଯୁବ ସମାଜ ହଇରାଣ ହେବା ରାଜ୍ୟର ନିଯୁକ୍ତି ପ୍ରକ୍ରିୟା ନିମନ୍ତେ ଶୁଭଙ୍କର ନୁହେଁ । ସରକାର ଓ ଅନ୍ୟ ପରୀକ୍ଷା ପରିଚାଳନା ସଂସ୍ଥା ଏହି ଦିଗରେ ବିଶେଷ ଗୁରୁତ୍ୱ ଦେବା ସହିତ ଏହାର ସଠିକ୍ ବିଚାର ଓ ତଦନ୍ତ କରି ଯଥା ଶୀଘ୍ର ସମାଧାନ ନ କରାଇଲେ ଏବିଭିପି ବିଶାଳ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି ।

---

## ଟାଇମ୍ସ ବିଜନେସ୍ ଆୱାର୍ଡ-ଓଡ଼ିଶା କାର୍ଯ୍ୟକ୍ରମ

# ପ୍ରାକୃତିକ ସମ୍ପଦ, ଯୁବଶକ୍ତି ଓ ବୈଷୟିକ ଜ୍ଞାନକୌଶଳ ସମନ୍ୱୟରେ ନୂଆ ଆର୍ଥିକ ଅଧ୍ୟାୟ ସୃଷ୍ଟି କରିବ ଓଡ଼ିଶା: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୫ ।୧(ସମିସ): ଓଡ଼ିଶାର ଅପାର ସମ୍ଭାବନା ଯଥା ପ୍ରାକୃତିକ ସମ୍ପଦ, ପ୍ରତିଭାବାନ ଯୁବଶକ୍ତି, ସୁଦୀର୍ଘ ବେଳାଭୂମିର ବନ୍ଦର ଏବଂ ନୂତନ ଯୁଗର ବୈଷୟିକ ଜ୍ଞାନକୌଶଳକୁ ପାଥେୟ କରି ଏକ ସମୃଦ୍ଧ ଅର୍ଥନୈତିକ ଅଧ୍ୟାୟ ସୃଷ୍ଟି କରିବା ଆଜି ସମୟର ଆହ୍ୱାନ। ଓଡ଼ିଶାକୁ କେବଳ କଞ୍ଚାମାଲ ଯୋଗାଣକାରୀ ରାଜ୍ୟ ଭାବେ ନୁହେଁ, ବରଂ ଏକ 'ଜ୍ଞାନ-ଆଧାରିତ ଅର୍ଥନୀତି' ଓ 'ମ୍ୟାନୁଫ୍ୟାକ୍‌ଚରିଂ ହବ୍' ଭାବେ ଗଢ଼ି ତୋଳିବା ପାଇଁ ଆଗେଇ ଆସିବାକୁ ଉଦ୍ୟୋଗୀ ସମାଜକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଗୁରୁବାର ଭୁବନେଶ୍ୱର ଠାରେ ଆୟୋଜିତ 'ଟାଇମ୍ସ ବିଜନେସ୍ ଆୱାର୍ଡ-ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟର ଅପାର ସମ୍ଭାବନାର ସଠିକ୍ ଉପଯୋଗ ହିଁ ଓଡ଼ିଶାକୁ ଆଗାମୀ ଦିନରେ ଏକ ସମୃଦ୍ଧଶାଳୀ ଅର୍ଥନୈତିକ ଶକ୍ତି ଭାବେ ଉଭା କରିବ।



ନୂତନ ଯୁଗର ଅର୍ଥନୀତିରେ ଓଡ଼ିଶାର ଅପାର ସମ୍ଭାବନା ରହିଥିବା ଦର୍ଶାଇ ସେ କହିଛନ୍ତି ଯେ ରାଜ୍ୟ ଏବେ କେବଳ ଲୁହାପଥରରୁ ଷ୍ଟିଲ୍ ତିଆରି କରିବାରେ ସୀମିତ ନରହି 'ସ୍ପେଶାଲିଟି ଷ୍ଟିଲ୍' ଓ ଉଚ୍ଚମାନର ମ୍ୟାନୁଫ୍ୟାକ୍‌ଚରିଂ ଦିଗରେ ଆଗେଇବା ଆବଶ୍ୟକ। ବିଶେଷ କରି କ୍ରିଟିକାଲ ମିନେରାଲ୍ସ, ସେମିକଣ୍ଡକ୍ଟର, ଶକ୍ତି, ଏଗ୍ରିଟେକ୍, ଏଡୁଟେକ୍, ପ୍ରତିରକ୍ଷା ବୈଷୟିକ ଜ୍ଞାନକୌଶଳ ଏବଂ ଫିନଟେକ୍ କ୍ଷେତ୍ରରେ ଓଡ଼ିଶା ନୂଆ ଇତିହାସ ରଚିବାକୁ ଯାଉଛି। କୋରାପୁଟରେ ବକ୍ସାଇଟ୍ ବର୍ଜ୍ୟବସ୍ତୁରୁ 'ଗ୍ୟାଲିୟମ' ପ୍ରସ୍ତୁତ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି, ଯାହା ସେମିକଣ୍ଡକ୍ଟର ଦୁନିଆରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅପରପକ୍ଷରେ ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ପରିକଳ୍ପନାରେ ଓଡ଼ିଶା କେନ୍ଦ୍ରବିନ୍ଦୁରେ ରହିଛି। ରାଜ୍ୟର ବନ୍ଦର, ପ୍ରାକୃତିକ ସମ୍ପଦ ଏବଂ ବୈଷୟିକ ଜ୍ଞାନକୌଶଳର ସଠିକ୍ ସମନ୍ୱୟ ରକ୍ଷା କରି ଓଡ଼ିଶାକୁ ଏକ 'ଜ୍ଞାନ ଆଧାରିତ ଅର୍ଥନୀତି' ଏବଂ ବିଶ୍ୱସ୍ତରୀୟ 'ମ୍ୟାନୁଫ୍ୟାକ୍‌ଚରିଂ ହବ୍' ଭାବେ ଗଢ଼ିବାକୁ ସେ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ଓ ସମ୍ବଲପୁର ଭଳି ଶିକ୍ଷାନୁଷ୍ଠାନର ପ୍ରତିଭାମାନଙ୍କୁ ନେଇ ଆମେ ଏକ ବଡ଼ ଇକୋସିଷ୍ଟମ ତିଆରି କରୁଛୁ। ଓଡ଼ିଶା କେବଳ କଞ୍ଚାମାଲ ଯୋଗାଣକାରୀ ନହୋଇ ମୂଲ୍ୟଯୁକ୍ତ ଉତ୍ପାଦନ ଓ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଉଚିତ୍ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଆମର ଯୁବଶକ୍ତି ହେଉଛି ଆମର ବଡ଼ ପୁଞ୍ଜି। ସେମାନଙ୍କ ପାଖରେ ନୂତନ ଚିନ୍ତାଧାରା, ଶକ୍ତି ଏବଂ ଆଗ୍ରହ ରହିଛି। ସେମାନଙ୍କୁ ନୂତନ ଯୁଗର ଦକ୍ଷତା ସହ ଗଢ଼ି ତୋଳିଲେ, ଆମେ ୨୦୩୬ ସୁଦ୍ଧା "ବିକଶିତ ଓଡ଼ିଶା" ର ସ୍ୱପ୍ନ ସାକାର କରିପାରିବା। ସମସ୍ତ ଉଦ୍ୟୋଗୀମାନଙ୍କୁ ଆଗାମୀ ୧୦ ବର୍ଷର ଲକ୍ଷ୍ୟକୁ ଆଖି ଆଗରେ ରଖି କେବଳ ବ୍ୟବସାୟ ନୁହେଁ, ବରଂ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ପ୍ରଧାନ ଆନୁରୋଧ କରିଛନ୍ତି।

---

**ଜମି ଅଧିଗ୍ରହଣ ଆଇନ-୨୦୧୩କୁ ଅଣଦେଖା**

## ଗ୍ରାମସଭାର ବିନା ସହମତିରେ କର୍ପୋରେଟ୍ ସଂସ୍ଥାକୁ ଜଙ୍ଗଲଜମି ହସ୍ତାନ୍ତର

ଭୁବନେଶ୍ୱର, ୧୫ ।୧(ସମିସ): ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଚାଲିଥିବା ଆନ୍ଦୋଳନ ଚାଲିଥିବା ସମୟରେ ସରକାର ଲୋକଙ୍କ ମାନବାଧିକାର ଓ ସାମ୍ବିଧାନିକ ଅଧିକାରକୁ ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଛି ଲୋକଶକ୍ତି ଅଭିଯାନ ଓ ସିଭିଲ୍ ସୋସାଇଟି ଫୋରମ୍ ଫର୍ ହ୍ୟୁମ୍ୟାନ୍ ରାଇଟ୍ସ।

ଲୋହିଆ ଏକାଡ଼େମୀରେ ପ୍ରଫେସର ମନୋରଞ୍ଜନ ମହାନ୍ତି, ପ୍ରଫେସର ସୁମିତ୍ରା ପଟେଲ, ସୁଧୀର ପଟ୍ଟନାୟକ, ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ସାମାଜିକ କର୍ମୀ ଗୌରାଙ୍ଗ ମହାପାତ୍ର ପ୍ରମୁଖ ଏ ସଂକ୍ରାନ୍ତ ଏକ ରିପୋର୍ଟକୁ ଉନ୍ମୋଚନ କରିଛନ୍ତି। ଏହି ରିପୋର୍ଟ ଅନୁସାରେ ଜଙ୍ଗଲ ଅଧିକାର ଆଇନ୨୦୦୬, ପେସା ଆଇନ୧୯୯୬ ଓ ଜମି ଅଧିଗ୍ରହଣ ଆଇନ୨୦୧୩କୁ ଅଣଦେଖା କରି ଗ୍ରାମସଭାର ସହମତି ବିନା ସରକାର ଜମି ଓ ଜଙ୍ଗଲ କର୍ପୋରେଟ୍ ସଂସ୍ଥାକୁ ହସ୍ତାନ୍ତର କରୁଛନ୍ତି। ବିରୋଧ କରୁଥିବା ଲୋକଙ୍କ ବିରୁଦ୍ଧରେ ମିଥ୍ୟା ମାମଲା ରୁଜୁ କରାଯାଇ ସେମାନଙ୍କୁ ଦମନ କରୁଛନ୍ତି। ଏହି ଅବସରରେ ଅନୁଷ୍ଠିତ ଜନଶୁଣାଣିରେ ବିଚାରକମାନେ ଏ ସଂକ୍ରାନ୍ତରେ ନ୍ୟାୟିକ ତଦନ୍ତ ପାଇଁ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟ ନିଯୁକ୍ତ କମିଶନ ଗଠନ, ଇଆଇଏ ଓ ଏସ୍‌ଆଇଏ ଯାଞ୍ଚ ପାଇଁ ସ୍ୱାଧୀନ କମିଟି ଗଠନ ଓ ଗ୍ରାମସଭାର ପ୍ରକୃତ ସହମତି ବିନା ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକୁ ତୁରନ୍ତ ବନ୍ଦ କରିବାକୁ ସୁପାରସ କରିଛନ୍ତି। ଏ ସଂକ୍ରାନ୍ତରେ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ଓ ସୁପାରିସର ନକଲ ରାଜ୍ୟପାଳ, ରାଷ୍ଟ୍ରପତି, ଜାତୀୟମାନବାଧିକାର କମିଶନ ଏବଂ ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କୁ ପ୍ରଦାନ କରାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି ।

---

## ଅବକାରୀ କର୍ମଚାରୀଙ୍କୁ ମଦ ମାଫିଆଙ୍କ ଆକ୍ରମଣ

ନୟାଗଡ଼,୧୫ ।୧(ସମିସ): ନୟାଗଡ଼ ସଦରଥାନା ଅନ୍ତର୍ଗତ ବୋଦାପଡ଼ା ଗ୍ରାମରେ ଗୁରୁବାର ଚଢ଼ଉ ବେଳେ ମଦ ମାଫିଆମାନେ ଅବକାରୀ ସ୍କ୍ୱାର୍ଡ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ୩ଜଣ ଅବକାରୀ କର୍ମଚାରୀ ଆହତ ହୋଇଛନ୍ତି। କର୍ମଚାରୀଙ୍କୁ ଆକ୍ରମଣ ସମୟରେ ସେହି

**୩ ଆହତ, ୫ ଜଣଙ୍କ ନାଁରେ ମାମଲା**

ରାସ୍ତା ଦେଇ ଯାଉଥିବା ପୁଲିସ ଏସ୍କର୍ଟ ଭ୍ୟାନ ନଜରକୁ ଏହା ଆସିବା ପରେ ସେମାନେ ଅବକାରୀ କର୍ମଚାରୀଙ୍କୁ ମଦ ମାଫିଆଙ୍କ କବଳରୁ ରକ୍ଷା କରିଥିଲେ। ଅନ୍ୟମାନେ ସେଠାରୁ ଖସି ଯାଇଥିବା ବେଳେ ମଦ ମାଫିଆ ଜଗବନ୍ଧୁଙ୍କୁ ଧରି ଅବକାରୀ କର୍ମଚାରୀମାନେ ସଦର ଥାନାରେ ପହଞ୍ଚିଥିଲେ। ଜଗବନ୍ଧୁଙ୍କୁ ପୁଲିସ ହେପାଜତରେ ଦେଇ ସମସ୍ତ କର୍ମଚାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ନେଇଛନ୍ତି। ଏହି ଘଟଣାକୁ ନେଇ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ଓ କର୍ମଚାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

---

## ଦଳରୁ ୨ ବିଧାୟକଙ୍କ ନିଲମ୍ବନ ନିଷ୍ପତ୍ତିକୁ ବିଜେଡିର ସ୍ୱାଗତ

ଭୁବନେଶ୍ୱର,୧୫।୧(ସମିସ): ବିଜେଡିରୁ ୨ ଜଣ ବିଧାୟକଙ୍କୁ ସଭାପତି ନବୀନ ପଟ୍ଟନାୟକ ନିଲମ୍ବନ କରିଥିବା ବେଳେ ଏନେଇ ଦଳ ପକ୍ଷରୁ ଏକ ପ୍ରେସ ରିଲିଜ ଜାରି କରାଯାଇଛି। ଦଳର ସମ୍ବିଧାନ ତଥା ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରିଥିବାରୁ ୨ ବିଧାୟକଙ୍କ ବିରୋଧରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି।

ସେ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱରେ ବିଜୁ ଜନତା ଦଳ ଦେଶର

**ଦଳୀୟ ସମ୍ବିଧାନ ଓ ନିର୍ଦ୍ଦେକୁ ଉଲ୍ଲଂଘନ କରିଥିବାରୁ କାର୍ଯ୍ୟାନୁଷ୍ଠାନ**

ଅନ୍ୟତମ ଶ୍ରେଷ୍ଠ ସଫଳ ଆଞ୍ଚଳିକ ଦଳ ଭାବରେ ପ୍ରତିଷ୍ଠା ଲାଭ କରିଛି। ଦଳରେ ଏକ କୋଟିରୁ ଅଧିକ ନିଷ୍ଠାପର ସଦସ୍ୟ ରହିଛନ୍ତି। ଦଳୀୟ ସଦସ୍ୟମାନେ ଦଳର ସମ୍ବିଧାନ ଓ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବରେ ପାଳନ କରିବା ଆବଶ୍ୟକ। ଯେଉଁମାନେ ଏହାର ଉଲ୍ଲଂଘନ କରିଛନ୍ତି, ସେମାନଙ୍କ ବିରୋଧରେ ସର୍ବଦା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି କ୍ରମରେ ବ୍ୟାପକ ଆଲୋଚନା ଓ ଯଥୋଚିତ ପ୍ରକ୍ରିୟା ପରେ ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଏବଂ ସନାତନ ମହାକୁଡ଼ଙ୍କୁ ନିଲମ୍ବିତ କରାଯାଇଛି। ନବୀନ ପଟ୍ଟନାୟକ କେବେବି ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକଙ୍କୁ ସହ୍ୟ କରନ୍ତି ନାହିଁ। ଦଳର ସବୁ କର୍ମୀ ଓ ନେତା ନବୀନ ପଟ୍ଟନାୟକଙ୍କ ଏହି ନିଷ୍ପତ୍ତିକୁ ହୃଦୟରୁ ସ୍ୱାଗତ କରୁଛନ୍ତି ବୋଲି ସେ କହିଛନ୍ତି।

---

**ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ବକ୍ତୃତାମାଳା**

## ଘୃଣା ନୁହେଁ; ଭଲପାଇବା ହେଉଛି ଭାରତୀୟତା: ହର୍ଷ ମନ୍ଦେର

ଭୁବନେଶ୍ୱର, ୧୫ ।୧(ସମିସ): ଭାରତୀୟତାର ମୂଳ ଆଧାର ଘୃଣା, ବିଭେଦ କିମ୍ବା ବିଦ୍‌ୱେଷ ନୁହେଁ; ପରସ୍ପର ପ୍ରତି ଭଲପାଇବା, ସମ୍ମାନ ଓ ସମାବେଶୀ ଚିନ୍ତାଧାରା ହିଁ ଏହାର ପରିଚୟ ବୋଲି କହିଛନ୍ତି ଲେଖକ ଓ ପୂର୍ବତନ ଆଇଏଏସ ଅଧିକାରୀ ଡ. ହର୍ଷ ମନ୍ଦେର।




ଦୁଇଦିନିଆ ଓଡିଶା ଗସ୍ତରେ ଆସିଥିବା ଡ. ହର୍ଷ ମନ୍ଦେର ଗୁରୁବାର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ରୋଟାରୀ ଭବନରେ ଆୟୋଜିତ 'ଆଜିର ସମାଜରେ ଭଲପାଇବାର ଗୁରୁତ୍ୱ' ବକ୍ତୃତାମାଳା ଶୀର୍ଷକରେ ବକ୍ତବ୍ୟ ରଖି ଡ. ମନ୍ଦେର କହିଥିଲେ ଯେ, ଦେଶର ବିଭିନ୍ନ ସ୍ଥାନରେ ବଢ଼ୁଥିବା ଘୃଣା, ସାଂପ୍ରଦାୟିକତା ଓ ଭିଡ଼ ହିଂସା ଭାରତୀୟସମାଜ ପାଇଁ ଗଭୀର ଆହ୍ୱାନ ସୃଷ୍ଟି କରୁଛି। ଭାରତ ବିଭାଜନ ସମୟର ସାଂପ୍ରଦାୟିକ ଦଙ୍ଗାରେ ପ୍ରାୟ ୧୦ ଲକ୍ଷ ଲୋକଙ୍କ ପ୍ରାଣହାନୀ ଏଭଳି ଅନ୍ଧକାର ଅତୀତ ପୁଣିଥରେ ଫେରି ନଆସୁ ଏହା ସମସ୍ତଙ୍କ ଦାୟିତ୍ୱ। ମହାତ୍ମା ଗାନ୍ଧୀଙ୍କ ଅହିଂସା, ସର୍ବଧର୍ମ ସମନ୍ୱୟ ଓ ମାନବିକ ଆଦର୍ଶକୁ ଅନୁସରଣ କରି ଘୃଣା ନୁହେଁ, ଭଲପାଇବାର ପଥକୁ ଆଗେଇ ନେବା ସମୟର ଆବଶ୍ୟକତା ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ବକ୍ତୃତାମାଳାରେ ଶିକ୍ଷାବିତ ତଥା ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଂଜନ ସଭାପତିତ୍ୱ କରିଥିବା ବେଳେ ଗାନ୍ଧୀବାଦୀ ତଥା ଉତ୍କଳ ଗାନ୍ଧୀ ସ୍ମାରକ ନିଧୀର ସଭାନେତ୍ରୀ କୃଷ୍ଣା ମହାନ୍ତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧକ୍ଷ ଜଷ୍ଟିସ ମନୋରଂଜନ ମହାନ୍ତି ଏବଂ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ ପ୍ରମୁଖ ଉଦବୋଧନ ରଖି ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ବିଚାର ସଂପର୍କରେ ଉଲ୍ଲେଖ କରିଥିଲେ ଏବଂ ସର୍ବଧର୍ମ ସମନ୍ୱୟ ଭାବନାରେ ଭାରତ ଆଗକୁ ବଢ଼ିପାରିବ ବୋଲି କହିଥିଲେ। ଏହି ଅବସରରେ ଲେଖିକା ତଥା ସମାଜସେବିକା ପ୍ରୀତିଛନ୍ଦା ଧଳ, ସ୍ତମ୍ଭକାର ଶ୍ରୁତକୀର୍ତ୍ତି ତ୍ରିପାଠୀ, ସମାଜସେବୀ ତଥା ରାଜନେତା ସୁଦର୍ଶନ ଦାସ, ଅବସରପ୍ରାପ୍ତ

**ସର୍ବଧର୍ମ ସମନ୍ୱୟ ଭାବନାରେ ଭାରତ ଆଗକୁ ବଢ଼ିପାରିବ**

ପୋଲିସ ପଦାଧିକାରୀ ନୀଳମୋହନ ତ୍ରିପାଠୀ, ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ପ୍ରମେଶ ମହାନ୍ତି, ଅବସରପ୍ରାପ୍ତ ପ୍ରିନ୍ସିପାଲ ତଥା ଶିକ୍ଷାବିତ ଡ. ଗଗନ ବେଉରା ଓ ବିରୂପାକ୍ଷ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ତାଙ୍କର ଅଭିମତ ରଖିଥିଲେ। ବାଜିରାଉତ ଛାତ୍ରାବାସର ସଭାପତି ଅନ୍ତର୍ଯ୍ୟାମୀ ବରାଳ, ସମାଜର ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତିବିଶେଷ, ବହୁ ଲେଖକ, ଲେଖକା ଓ ଯୁବ ଛାତ୍ର ଯୋଗ ଦେଇଥିଲେ।

---

## ପୀୟୁଷଙ୍କୁ ମଞ୍ଚ ବାରଣ ମାମଲାର ଶୁଣାଣି ଶେଷ; ରାୟ ସଂରକ୍ଷିତ

ଭୁବନେଶ୍ୱର,୧୫ ।୧(ସମିସ): ଯଲିଉଡ ଅଭିନେତା ପୀୟୁଷଙ୍କୁ ମଞ୍ଚ ବାରଣ ମାମଲାର ଶୁଣାଣି ହୋଇଛି। ଗୁରୁବାର ଭୁବନେଶ୍ୱର ସିଭିଲ ଜଜ୍(ଜୁନିଅର ଡିଭିଜନ) ଅଦାଲତରେ ଉଭୟ ପକ୍ଷ ନିଜ ନିଜର ଯୁକ୍ତି ଉପସ୍ଥାପନା କରିଥିବା ବେଳେ ରାୟ ସଂରକ୍ଷିତ ରହିଛି। ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ସକାଳେ ଅଦାଲତରେ ଲିଖିତ ଯୁକ୍ତି ଉପସ୍ଥାପନ କରିବାକୁ ଉଭୟପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପୀୟୂଷଙ୍କ ପାଇଁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ କହିଛନ୍ତି, ପୀୟୂଷ କୌଣସି ଚୁକ୍ତିନାମା ଉଲ୍ଲଙ୍ଘନ କରିନାହାନ୍ତି ଓ ତାଙ୍କୁ ଯାତ୍ରା ପ୍ରେମୀମାନେ ଅପେକ୍ଷା କରିଥିବା ବିଷୟରେ ଅଦାଲତଙ୍କୁ ଅବଗତ କରାଯାଇଛି। ପୀୟୂଷଙ୍କ ଉପରେ ଲାଗିଥିବା କଟକଣାକୁ ନେଇ ଅଦାଲତ ଆଜି ଉଭୟପକ୍ଷର ଯୁକ୍ତି ଶୁଣିଛନ୍ତି। ସବୁ ଦିଗକୁ ହୃଦବୋଧ କରି ଅଦାଲତ ତାଙ୍କର ରାୟ ପ୍ରଦାନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଆସନ୍ତାକାଲି ଉଭୟ ପକ୍ଷ ଲିଖିତ ଯୁକ୍ତି ଉପସ୍ଥାପନା କରିବା ପରେ ଅଦାଲତ ରାୟ ଶୁଣାଇବେ। ରାୟ ଆସିବା ପରେ ପୀୟୂଷ ମଞ୍ଚକୁ ଫେରିବେ କି ନାହିଁ, ତାହା ସ୍ପଷ୍ଟ ହେବ।

---

## ମଉଳି ଯାଉଛି ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ଆଶା

ସମ୍ବଲପୁର, ୧୫।୧ (ସମିସ): ସମ୍ବଲପୁରଠାରେ ରାଜ୍ୟର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା କେବଳ ଘୋଷଣାରେ ସୀମିତ ରହିଛି। ସରକାର ଗତ ନିର୍ବାଚନ ସମୟରେ ଏବଂ ପରେ ସମ୍ବଲପୁରଠାରେ ଏହାକୁ ନେଇ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନୂତନ ସରକାର ଆସିବାର ପ୍ରାୟ ୧୮ ମାସ ପରେ ବି ଏମ୍ସକୁ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ।

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ଉପରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲା ସମେତ ପଡ଼ୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟର ଉପାନ୍ତ ଅଞ୍ଚଳର ରୋଗୀ ନିର୍ଭର କରିଥା'ନ୍ତି। ପଶ୍ଚିମ ଓଡ଼ିଶା ସକାଶେ ଏକ ସୁପର୍ ସ୍ପେଶାଲିଟି ଏବଂ ଜାତୀୟସ୍ତରର ହସପିଟାଲ୍‌ର ଆବଶ୍ୟକତା ରହିଛି। ଗତ ୨୦୨୪ ନିର୍ବାଚନ ସମୟରେ ବିଜେପି ଦଳ ସମ୍ବଲପୁରରେ ରାଜ୍ୟର ଦ୍ୱିତୀୟ ଏମ୍ସ ସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପଶ୍ଚିମ ଓଡ଼ିଶାରେ ସ୍ୱାସ୍ଥ୍ୟ ସମସ୍ୟା ଦୀର୍ଘଦିନ ହେଲା ଲାଗିରହିଛି। ଏକମାତ୍ର ଭରସା ବୁର୍ଲାସ୍ଥିତ ଭିମସାର୍‌ରେ ରୋଗୀମାନେ ନିର୍ଭର କରୁଥିବାବେଳେ ସଙ୍କଟାପନ୍ନ ରୋଗୀ, ଦୁର୍ଘଟଣା ଗ୍ରସ୍ତଙ୍କ ପାଇଁ ଭିମ୍‌ସାର କେବଳ ଏକ ରେଫରାଲ ଡାକ୍ତରଖାନା ପାଲଟିଛି। ଗତବର୍ଷ ସେପ୍ଟେମ୍ବର ୮ ତାରିଖ ନୂଆଁଖାଇ ଅବସରରେ ସମ୍ବଲପୁର ଗସ୍ତ ସମୟରେ ରାଜ୍ୟର ଦ୍ୱିତୀୟ ଏମ୍ସ ସମ୍ବଲପୁରଠାରେ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ଏହାପରେ ଗତବର୍ଷ ନଭେମ୍ବର ୨୪ ତାରିଖ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମ୍ବଲପୁର ଜିଲ୍ଲା ରେଙ୍ଗାଲିଠାରେ ଆୟୋଜିତ ପଶ୍ଚିମ ଓଡ଼ିଶା ୨୦ଘର କେଉଁଟ କୁଟୁମ୍ବ ବନ୍ଧୁମିଳନ ସମାରୋହରେ ଯୋଗଦେବା ଅବସରରେ ସମ୍ବଲପୁରେ ରାଜ୍ୟର ଦ୍ୱିତୀୟ ଏମ୍ସ ହେବାକୁ ଯାଉଛି ବୋଲି କହିଥିଲେ। କିନ୍ତୁ ୧୪ ମାସ ପରେ ବି ଏଥିପାଇଁ ପ୍ରକ୍ରିୟା ଆଗକୁ ବଢ଼ିପାରି ନାହିଁ। ଏହାକୁ ନେଇ ସବୁ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।















# ଭୁବନେଶ୍ୱର ସିଟି



# ମୁକୁଳା ଡ୍ରେନ୍‌ରେ ଗଲା ଯୁବକଙ୍କ ଜୀବନ

ଭୁବନେଶ୍ୱର, ୧୫।୧(ସମିସ): ରାଜଧାନୀ ପାଇଁ ପୁଣି କାଳ ପାଲଟିଲା ମୁକୁଳା ଡ୍ରେନ୍। ସାଲିଆସାହି ଆଦିବାସୀ ଗାଁରେ ଏକ ନିର୍ମାଣାଧୀନ ଡ୍ରେନ୍‌ରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକଙ୍କ ଜଣଙ୍କ ହେଲେ ସିନୁ ଗାଗରାଇ(୪୫)। ସେ ମକର ସଂକ୍ରାନ୍ତି ପାଳିବାକୁ ଆଦିବାସୀ ଗାଁର ତାଙ୍କ ସମ୍ପର୍କୀୟଙ୍କ ପାଖକୁ ଯାଇଥିଲେ। ସମ୍ପର୍କୀୟଙ୍କ ଘରେ ଏକ ଚେୟାର ବସି ଖାଦ୍ୟ ଖାଉଥିଲେ। ଚେୟାର ଭାଙ୍ଗି ଯିବାରୁ ଡ୍ରେନ୍ ଭିତରକୁ ଗଳି ପଡ଼ିଥିଲେ। ଫଳରେ ତାଙ୍କ ମୃତ୍ୟୁ ହୋଇଛି।



## ■ ବିଭାଗୀୟ ଅସାବଧାନତା କେବେ ସୁଧୁରିବ

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଡ୍ରେନ୍‌ଟି ଏକାମ୍ର ପାର୍କରୁ ହାତିଆଶୁଣି ପର୍ଯ୍ୟନ୍ତ ଯାଇଛି। ଗତ ଡିସେମ୍ବର ମାସ ୧୮ ତାରିଖରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବାମ ସମାନ୍ତରାଳ ରାସ୍ତା ଦେଇଥିବା ଏହି ଡ୍ରେନ୍‌କୁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରଯାଉଛି। ହେଲେ ନିର୍ମାଣସ୍ଥଳରୁ ଦୂରେଇ ରହିବାକୁ ଠିକାସଂସ୍ଥା କୌଣସି ପ୍ରକାର ପ୍ରତିକାରାତ୍ମକ ବ୍ୟବସ୍ଥା ଗ୍ରହଣ କରୁନାହିଁ। ବ୍ୟାରିକେଡ୍ ନାହିଁ କିମ୍ବା ଡ୍ରେନ୍ ନିର୍ମାଣାଧୀନ ଅବସ୍ଥାରେ ରହିଛି ବୋଲି କୌଣସି ସୂଚନା ଫଳକ କି ବ୍ୟାନ୍‌ର ବି ଲଗାଯାଇ ନାହିଁ ବୋଲି ଅଭିଯୋଗ ହୋଇଛି। ଏଣୁ ବାରମ୍ବାର ଏଠାରେ ଲୋକେ ଦୁର୍ଘଟଣାର ଶିକାର ହୋଇଛନ୍ତି। ରାତିରେ ବାଇକ୍ ଠାରୁ ଆରମ୍ଭ କରି ବୁଲା ପଶୁ ଡ୍ରେନ୍ ଭିତରେ ପଡ଼ିଯାଉଛନ୍ତି। ଯାହାକୁ ସ୍ଥାନୀୟ ଲୋକେ ଉଦ୍ଧାର କରୁଛନ୍ତି। ଏଭଳି ଅଘଟଣ ବାରମ୍ବାର ହେଉଥିଲେ ମଧ୍ୟ ବିଭାଗ କିମ୍ବା ଠିକା ସଂସ୍ଥାର ଚେତା ପଶୁ ନାହିଁ। ଯାହା ପରିଣାମ ଶେଷରେ ଯୁବକଙ୍କ ଜୀବନ ଚାଲିଗଲା।

ବୁଧବାର ସିନୁ ମକର ଭୋଗ ଖାଇବାକୁ ଘଟଣାସ୍ଥଳରେ ଥିବା ସମ୍ପର୍କୀୟଙ୍କ ପାଖକୁ ଯାଇଥିଲେ। ପର୍ବ ପାଳିବା ପରେ ଅପରାହ୍ଣ ୩ଟା ସମୟରେ ସେ ଘର ସାମ୍ନାରେ ବସି ପିଠା ଖାଉଥିଲେ। ଏହି ସମୟରେ ଚେୟାର ଭାଙ୍ଗି ପଡ଼ିଥିଲା। ଆଉ ସେ ନିକଟସ୍ଥ ଡ୍ରେନ୍ ଭିତରେ ଗଳି ପଡ଼ିଥିଲେ। ୩ଫୁଟ୍‌ର ଗଭୀର ନିର୍ମାଣାଧୀନ ଡ୍ରେନ୍‌ର ତଳେ କଂକ୍ରିଟ୍ ପଡ଼ିଥିଲା। ଏହି କଂକ୍ରିଟ୍‌ରେ ତାଙ୍କ ମୁଣ୍ଡ ମାଡ଼ ହୋଇଥିଲା। ଯାହାଫଳରେ ସେ ଘଟଣାସ୍ଥଳରେ ଅଚେତ ହୋଇଯାଇଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଡ୍ରେନ୍ ପଡ଼ିବା ଘଟଣାକୁ ପୁଲିସ ଚାପିବାକୁ ଚେଷ୍ଟା କରିଥିଲେ ମଧ୍ୟ ଶବ ଶତ୍କାର ବେଳେ ଉକ୍ତ ଘଟଣାଟି ସାମ୍ନାକୁ ଚାଲି ଆସିଥିଲା। ତେବେ ଠିକାସଂସ୍ଥା ଦୋଷ ଲୁଚାଇବାକୁ ଘଟଣାକୁ ଚାପିବାକୁ ପ୍ରଶାସନ ଯଥା ସମ୍ଭବ ଚେଷ୍ଟା କରୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଡ୍ରେନ୍‌ରେ ପଡ଼ି ବାରମ୍ବାର ଲୋକଙ୍କ ମୃତ୍ୟୁ ହେଉଛି। ବିଭାଗୀୟ ଅସାବଧାନତା କେବେ ସୁଧୁରିବ ବୋଲି ପ୍ରଶ୍ନ କରାଯାଇଛି।

ଏସମ୍ପର୍କରେ ଭୁବନେଶ୍ୱର ମେୟର ସୁଲୋଚନା ଦାଶ କହିଛନ୍ତି ଠିକାସଂସ୍ଥା ବ୍ୟାରିକେଡ୍ କିମ୍ବା ଅନ୍ତତ କାମ ଚାଲୁଅଛି ବୋଲି ସତର୍କ ସୂଚନା ଲଗାଇବା କଥା। ହେଲେ ଠିକା ସଂସ୍ଥା ତାହା କରି ନାହିଁ। ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଅନ୍ୟପକ୍ଷରେ ମୃତକଙ୍କ ତାଙ୍କ ପରିବାର ଜଣେ ମାତ୍ର ରୋଜଗାରକ୍ଷମ ସଦସ୍ୟ। ତାଙ୍କର ୨ଟି ପିଲା ଅଛନ୍ତି। ଜଣେ ଭିନ୍ନକ୍ଷମ ଭାଇ ଅଛନ୍ତି। ପରିବାରରେ ବୟସ୍କ ସଦସ୍ୟ ମଧ୍ୟ ଅଛନ୍ତି। ତେଣୁ ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ମେୟର ଦାବି କରିଛନ୍ତି।

## ସ୍ୱାଭାବିକ ହେଲା ଲିଙ୍ଗରାଜଙ୍କ ନୀତିକାନ୍ତି

ଭୁବନେଶ୍ୱର, ୧୫ ।୧(ସମିସ): ଦେଢ଼ ଦିନ ଉପବାସ ରହିବା ପରେ ଲିଙ୍ଗରାଜଙ୍କ ନୀତିକାନ୍ତି ସ୍ୱାଭାବିକ ହୋଇଛି। ଗୁରୁବାର ସକାଳୁ ମନ୍ଦିର ପହୁଡ଼ ଖୋଲା ଦିଅଙ୍କର ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି କରାଯାଇଥିଲା। ବଡ଼ୁ ନିଯୋଗ ଓ ବ୍ରାହ୍ମଣ ନିଯୋଗ ସେବାୟତଙ୍କ କ୍ଷୀର ଆଉଟା ନୀତିକୁ କିଏ କରିବ ନେଇ ବିବାଦ ଯୋଗୁଁ ମଙ୍ଗଳବାର ସନ୍ଧ୍ୟାରୁ ଦିଅଁ ନିତୀକାନ୍ତି ବନ୍ଦ ରହିଥିଲା। ଯେଉଁଥିପାଇଁ ଲିଙ୍ଗରାଜଙ୍କୁ ଦେଢ଼ଦିନ ଉପବାସରେ ରହିଲେ। ବୁଧବାର ମକରସଂକ୍ରାନ୍ତି ଭଳି ଏତେବଡ଼ ଦିନରେ ଶହ ଶହ ଶ୍ରଦ୍ଧାଳୁ ଲିଙ୍ଗରାଜଙ୍କୁ ଦର୍ଶନ କରିବାକୁ ଛୁଟି ଆସିଥିଲେ। ହେଲେ ମନ୍ଦିରରେ ନୀତିକାନ୍ତି ବନ୍ଦ ରହିବା ସହ ଭକ୍ତମାନେ ଟିକେ ପ୍ରସାଦ ବି ପାଇନଥିଲେ। ଯେଉଁଥିପାଇଁ ଭକ୍ତଙ୍କ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଥଲା।

## ବେଆଇନ ଡମ୍ପିଂୟାର୍ଡ ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ସହାୟତା ଦାବି

ଭୁବନେଶ୍ୱର, ୧୫।୧(ସମିସ): ସୈନିକ ସ୍କୁଲ ଗାଡ଼କଣ ଅଳିଆଗଦାକୁ ନେଇ ବିଏମସିକୁ ତାଗିଦ ସହ ତିନୋଟି ପର୍ଯ୍ୟାୟ ରେ ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ଚିଠି କରିଛି। ଗାଡ଼କଣ ଅଳିଆ ପ୍ରୋସେସିଂ ସମ୍ପୂର୍ଣ୍ଣ ସେଟ୍ ଅପ୍ ସ୍ଥାନାନ୍ତର ସହ ପୀଡିତଙ୍କୁ କ୍ଷତିପୂରଣ ପାଇଁ ଦୀର୍ଘ ଦିନ ଧରି ଦାବି କରିଆସୁଛି ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନ ଅଭିଯାନ। ଏହି ପ୍ଲାଣ୍ଟକୁ ସମସ୍ତ ଆଇନ ଉଲ୍ଲଙ୍ଘନ କରି ଅନୁମତି ପ୍ରଦାନ କରାଯାଇଛି। ପ୍ରଦୂଷଣ ବୋର୍ଡ ଅତ୍ୟନ୍ତ ନାକଫଟା ପଚା ଗନ୍ଧ ସହ ପ୍ରଦୂଷିତ ବାୟୁ ଯୋଗୁଁ ସେହି ଅଞ୍ଚଳରେ ଅନେକ ଲୋକ ବିଭିନ୍ନ ମାରାନକ ରୋଗ ରେ ପଡ଼ି ମୃତ୍ୟୁ ବରଣ କରିଛନ୍ତି। ଅନେକ ଲୋକ କିଡ଼ନୀ, ଲିଭାର ଜନିତ ସମସ୍ୟା ଓ ଚର୍ମ ରୋଗରେ ପୀଡିତ। ସେମାନଙ୍କୁ ବିଏମସି କ୍ଷତି ପୂରଣ ଦେଉ ଓ ବିଏମସି ଠାରୁ ଜରିମାନା ଆଦାୟ ପାଇଁ ଭିକ୍ଷାକାରୀ ତ୍ରିପାଠୀ, ଦିଲୀପ ଦାସଶର୍ମା, ବାସୁଦେବ ଭଟ୍ଟ, ପ୍ରସନ୍ନ ବିଷୋୟୀ, ଅଶୋକ ପାଇକରାୟ, ଚିନ୍ତାମଣି ବାରିକ, ନିମାଇଁ ଦାସ, ସନ୍ଦୀପ୍ତ ଦାସ, ସଞ୍ଜୟ ମଲ୍ଲିକ, ଶଙ୍କର୍ଷଣ ବାରିକ, ଲଲାଟ କେଶରୀ ଜେନା, ଶାରଦା ଦାସ ପ୍ରମୁଖ ଦାବି କରିଛନ୍ତି।

## ମୋବାଇଲ୍ ଚୋରକୁ ବର୍ଷେ ଜେଲ୍

ଭୁବନେଶ୍ୱର, ୧୫।୧ (ସମିସ): ନୂଆପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ମୋବାଇଲ ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଗୁରୁବାର ଭୁବନେଶ୍ୱରସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ ର ବିଚାରପତି ସୁଶ୍ରୀ କରୋଣିକା ଘୋଷ ମାମଲାର ବିଚାରକରି ଅଭିଯୁକ୍ତ ସୁକମଣି ଦିଗାଲକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୁଲିସ ସୂଚନା ମୁତାବକ, ଗତବର୍ଷ ଅଗଷ୍ଟ ୨୧ ତାରିଖ ଦିନ ସୁକମଣି ଏକାମ୍ର ପାର୍କ ଗେଟ୍ ନିକଟରେ ଚୋରା ମୋବାଇଲ ଫୋନ ବିକ୍ରି କରୁଥିବା ବେଳେ ନୂଆପଲ୍ଲୀ ଥାନାର ଏଏସ୍‌ଆଇ ପ୍ରଦୀପ୍ତ କୁମାର ରାଉତ ତାକୁ କାବୁ କରିଥିଲେ। ଯାଞ୍ଚ ସମୟରେ ତା' ଠାରୁ ଦୁଇଟି ଆଣ୍ଡ୍ରଏଡ୍ ସ୍ମାର୍ଟ ମୋବାଇଲ୍ ଫୋନ୍ ମିଳିଥିଲେ ମଧ୍ୟ ସେ କୌଣସି ବିଲ୍ ଦେଖାଇ ପାରିନଥିଲା। ଆଇଡି ମାର୍କେଟ ଓ ନିକୋ ପାର୍କ ଛକ ନିକଟରୁ ମୋବାଇଲ୍ ଦୁଇଟିକୁ ଚୋରି କରିଥିବା ସୁକମଣି ପୁଲିସ ଆଗରେ ସ୍ୱୀକାର କରିଥିଲା। ଏନେଇ ନୂଆପଲ୍ଲୀ ଥାନା ପୁଲିସ ନିଜଆଡୁ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ସବ୍ ଇନ୍ସପେକ୍ଟର ଶୁଭ୍ରାଂଶୁ ମହାପାତ୍ର ଅଭିଯୁକ୍ତ ସୁକମଣିକୁ ଗିରଫ କରିବା ସହ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ।

ଉପରୋକ୍ତ ମାମଲାର ବିଚାର କରି, ଅଦାଲତ ଘଟଣା ସହିତ ସମ୍ପୃକ୍ତ ୮ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଅଭିଯୁକ୍ତ ସୁକମଣି ଦିଗାଲକୁ ବିଏନ୍‌ଏସ୍ ଧାରା ୩୦୩(୧) ଆଧାରରେ ୧ ବର୍ଷ କାରାଦଣ୍ଡ ସହିତ ଏକ ହଜାର ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୧୦ ଦିନର କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ବିଜୟ କୁମାର ବାରିକ, ସୟଦ ମହମ୍ମଦ ଅନୱର ଓ ଅକ୍ଷୟ ପ୍ରସାଦ ବେହେରା ପ୍ରମୁଖ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

## ରିଲାଏନ୍ସ ଷ୍ଟୋରରୁ ଚୋରି; କର୍ମଚାରୀ ଗିରଫ

ଭୁବନେଶ୍ୱର, ୧୫।୧(ସମିସ): ରିଲାଏନ୍ସ ଷ୍ଟୋରରୁ ଚୋରିରେ ସହଯୋଗ କରିଥିବା ଅଭିଯୋଗରେ କର୍ମଚାରୀକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ପ୍ରଣୟ ମହାନ୍ତି (୪୮)।

ପୁଲିସ ସୂଚନାନୁଯାୟୀ, ପଟିଆସ୍ଥିତ ରିଲାଏନ୍ସ ରିଟେଲ ମଲରେ ପ୍ରଣୟ ଲସ୍ ପ୍ରିଭେନ୍ସନ୍ ଆସୋସିଏଟ୍ ଭାବେ କାମ କରିବା ସହ ଗେଟ୍ ନିକଟରେ ବିଲ୍ ଓ ଜିନିଷ ଯାଞ୍ଚ କରିବା ଦାୟିତ୍ୱରେ ଥିଲେ। ସିସିଟିଭି ନଜରରେ ଥିବା କିଛି ଘିଅ ପ୍ୟାକେଟ ମିଳୁ ନ ଥିବା ଓ ସେଗୁଡ଼ିକର ବିଲ୍ ମଧ୍ୟ କରାଯାଇ ନ ଥିବା ଜଣାପଡ଼ିବା ପରେ ଯାଞ୍ଚ ଆରମ୍ଭ ହୋଇଥିଲା। ଜଣେ ଗ୍ରାହକ କୌଣସି ବିଲିଂ ନ କରି ଗୁଡ଼ାଏ ଜିନିଷ ନେଇ ଯାଉଥିବା ବେଳେ ପ୍ରସ୍ଥାନ ଗେଟ୍‌ରେ ଡ୍ୟୁଟିରେ ଥିବା ପ୍ରଣୟ ମଧ୍ୟ ସଠିକ୍ ଭାବରେ ଯାଞ୍ଚ କରି ନ ଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଥିଲା। ସେହି ସମୟରେ ପ୍ରଣୟ ଫୋନରେ କଥାବାର୍ତ୍ତା ହେଉଥିବା ଭଳି ଆଚରଣ କରୁଥିବା ବେଳେ କଲ୍ ଡିଟେଲ୍ ରେକର୍ଡ ଯାଞ୍ଚରୁ, ସେ କୌଣସି କଲ୍ କରି ନ ଥିବା ଜଣାପଡ଼ିଥିଲା। ଏନେଇ ସନ୍ଦେହ ହେବାରୁ ଅଧିକ ଯାଞ୍ଚ କରିଥିଲା ପୁଲିସ। ପ୍ରଣୟ ସମ୍ପୃକ୍ତ ଗ୍ରାହକଙ୍କ ସହ ସମ୍ପର୍କରେ ଥିବା ମୋବାଇଲ୍ ଯାଞ୍ଚରୁ ପୁଲିସ ଜାଣିବାକୁ ପାଇଥିଲା। ପୂର୍ବରୁ ପ୍ରଣୟ ଡ୍ୟୁଟିରେ ଥିବାବେଳେ ସେହି ଗ୍ରାହକ ଜଣକ ଅନେକଥର ବିଲ୍ ନ କରି ଷ୍ଟୋରରୁ ଖୁବ ସହଜରେ ବାହାରି ଯାଉଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର ଦେବାନନ୍ଦ ବେହେରାଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରିବା ସହ ପ୍ରଣୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମୋଟରସାଇକଲ ଚୋର ଗିରଫ

ଯାଁଳା, ୧୫ ।୧(ସମିସ): ଇନଫୋଭ୍ୟାଲି ଥାନା ପୁଲିସ ଜଣେ ମୋଟରସାଇକଲ ଚୋରକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଧଳପୁରର ପ୍ରଦିପ ଗିରି। ଅଭିଯୁକ୍ତ ନିକଟରୁ ଚୋରି ମୋଟରସାଇକଲ ଜବତ କରିବା ସହ ଆଜି ଅଦାଲତ ଚାଲାଣ କରିଛି ପୁଲିସ। ମିଳିଥିବା ସୂଚନା ଅନୁସାରେ ରାଜା ବେହେରା ଗଙ୍ଗପଡ଼ା ଗ୍ରାମରେ ଭଡାରେ ରୁହନ୍ତି। ଗତ ଅକ୍ଟୋବର ୧୬ ତାରିଖ ରାତିରେ ରାଜା ତାଙ୍କ ମୋଟରସାଇକଲକୁ ଦାଣ୍ଡ ଦୁଆରେ ତାଲା ପକାଇ ରଖିଥିଲେ। ସକାଳୁ ଉଠି ଦେଖିବା ବେଳକୁ ତାଙ୍କ ମୋଟରସାଇକଲ ସେଠାରେ ନାହିଁ।ପାଖ ଆଖ ଲୋକଙ୍କୁ ପଚରାଉଚରା କରିବା ପରେ ଚୋରି ହୋଇଥିବା ଜାଣି ଇନଫୋଭ୍ୟାଲି ଥାନା ଏକ ଅଭିଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ଚିତ୍ର ଉତ୍ତୋଳନ ଯନ୍ତ୍ର ଯାଞ୍ଚ କରିବା ବେଳେ ସେହି ଗଙ୍ଗପଡ଼ାରେ ଭଡାରେ ରହୁଥିବା ପ୍ରଦିପ ମୋଟରସାଇକଲଟି ଚୋରି କରିଥିବା ଜଣାପଡ଼ିଥିଲା। ପୁଲିସ ପ୍ରଦିପ ନିକଟରୁ ଚୋରି ମୋଟରସାଇକଲ ଜବତ କରିଛି।

## ପୂର୍ବଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ

## ଆଖି ହରାଇଲେ ଯୁବକ; ଜଣେ ଗିରଫ

ଯାଁଳା ୧୫ ।୧(ସମିସ): ଗତ ୧୦ ତାରିଖରେ ଇନଫୋଭ୍ୟାଲି ଥାନା ଓଗାଳପଡ଼ା ଖେଳ ପଡ଼ିଆରେ ପୂର୍ବ ଶତ୍ରୁତାରୁ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଆକ୍ରମଣ ଫଳରେ ଯୁବକ ଜଣକ ଗୁରୁତର ଆହତ ହେବା ସହ ଆଖି ମଧ୍ୟ ହରାଇଥିବା ଜଣାପଡ଼ିଛି। ଯୁବକ ଜଣକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପୁଲିସ କହିଛି। ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଇନଫୋଭ୍ୟାଲି ଥାନା ଓଗାଳପଡ଼ା ଗ୍ରାମର ବିଜୟ କୁମାର ବେହେରା। ଅଭିଯୁକ୍ତ ନିକଟରୁ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିବା ସହ କୋର୍ଟ ଚାଲାଣ କରିଛି ପୁଲିସ।

ପୁଲିସ ସୂଚନା ଅନୁସାରେ ଓଗାଳପଡ଼ାରେ ରହୁଥିବା ଅଭିରାମ ଲେଙ୍କା ଗତ ୧୦ ତାରିଖ ରାତିରେ ଓଗାଳପଡ଼ା ହାଇସ୍କୁଲ ଖେଳ ପଡ଼ିଆରେ ଏକ ନୂତନ ବର୍ଷ ପିକନିକ୍ ଭୋଜି ଏବଂ ମିଟିଂ ଚାଲିଥିଲା।ସେହି ପିକନିକ ଭୋଜିରେ ଅଭିଯୋଗକାରୀ ଅଭିରାମଙ୍କ ପୁଅ କୁମାର ଅଭିଷେକ ଲେଙ୍କା ମଧ୍ୟ ଥିଲେ। ଅଭିଯୁକ୍ତ ବିଜୟ ଏବଂ ଅଭିଷେକଙ୍କ ମଧ୍ୟରେ ପୂର୍ବରୁ ବିବାଦ ଥିଲା।ସେହି ମିଟିଂ ଚାଲିଥିବା ବେଳେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା।ଅଭିଯୁକ୍ତ ବିଜୟ ଓ ତାଙ୍କ ସହଯୋଗୀମାନେ ଅଭିଷେକଙ୍କୁ ଅସ୍ତ୍ରଶସ୍ତ୍ରରେ ନୃଶଂସ ଭାବରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅଭିଷେକଙ୍କ ଶରୀରରେ ଗଭୀର ଆଘାତ ସୃଷ୍ଟି ହୋଇଥିଲା। ଅଭିଯୁକ୍ତମାନେ ଲାଠି, ଛୁରି ଓ ଲୁହା ଛଡ଼ ଭଳି ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଅଭିଷେକଙ୍କ ମୁଣ୍ଡ ଓ ଆଖି ସହିତ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡ଼ିକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ। ଫଳରେ ଅଭିଷେକ ସ୍ଥାୟୀ ଦୃଷ୍ଟିଶକ୍ତି ହରାଇଥିବା ଜଣାପଡ଼ିଛି। ସ୍ଥାନୀୟ କିଛି ଲୋକ ଅଭିଷେକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ଆକ୍ରମଣ ପରେ ଅଭିଯୁକ୍ତମାନେ ଅଭିଯୋଗକାରୀ ଅଭିରାମ ଏବଂ ଅନ୍ୟମାନଙ୍କୁ ଥାନାକୁ ଗଲେ ଜୀବନରେ ମାରିଦେବାର ଧମକ ଦେଇ ଅପରାଧିକ ଭାବରେ ଭୟଭୀତ କରିଥିଲେ। ତେଣୁ ଭୟଭୀତ ହୋଇ ଅଭିଯୋଗକାରୀ ଅଭିରାମ ପ୍ରଥମେ ଏହି ଘଟଣାକୁ ଏକ ଦୁର୍ଘଟଣା ବୋଲି ଭୁଲ ଭାବରେ ଉପସ୍ଥାପନ କରିବାକୁ ବାଧ୍ୟ କରିଥିଲେ। କିନ୍ତୁ ପରେ ଗୁରୁତର ଆହତ ହୋଇଥିବା ଅଭିଷେକଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ହେବାକୁ ଲାଗିଲା।ଅଭିଷେକ ବର୍ତ୍ତମାନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ଏବଂ ସେ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ଏନେଇ ଅଭିରାମ ଇନଫୋଭ୍ୟାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ପୂର୍ବଶତ୍ରୁତା ଏବଂ ହତ୍ୟା ଉଦ୍ଦେଶ୍ୟରେ ଯୋଜନାବଦ୍ଧ ଭାବେ ଏହି ଆକ୍ରମଣ ହୋଇଥିଲା। ଆଜି ଅଭିଯୁକ୍ତ ବିଜୟ କୁମାର ବେହେରାଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ ସେ ନିଜ ଅପରାଧରେ ସମ୍ପୃକ୍ତି ସ୍ୱୀକାର କରିଥିଲେ ଏବଂ ତାଙ୍କ ଘରୁ ଅପରାଧରେ ବ୍ୟବହୃତ ଗୋଟିଏ ଷ୍ଟେନଲେସ୍ ଷ୍ଟିଲ୍ ଆତ୍ମରକ୍ଷା ବାଡ଼ି ଜବତ କରାଯାଇଥିଲା। ତାଙ୍କ ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ, ସେ ପୂର୍ବରୁ ଜଟଣୀ ଥାନାରେ ଏକ ଅପରାଧିକ ମାମଲାରେ ସମ୍ପୃକ୍ତ ଥିଲେ।

## ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି କଲେ ବ୍ୟବସାୟୀ

ଧଉଳି, ୧୫।୧(ସମିସ): ବାଲକାଟି ବଜାରରେ ଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି କରିଛନ୍ତି ସ୍ଥାନୀୟ ବ୍ୟବସାୟୀ। ସେମାନଙ୍କ ଗୁଜୁରାଣ ମେଣ୍ଟିବା ସହ ବେକାରୀ ସମସ୍ୟା ଦୂର ହେବା ନିମନ୍ତେ ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଅନ୍ୟତ୍ର ଥଇଥାନ କରିବାପାଇଁ ପ୍ରଭାବିତ ବ୍ୟବସାୟୀ ବିଧାୟକ ଏବଂ ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି।

ସରଦେଇପୁର-ନିମାପଡ଼ା ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ବ୍ୟବସାୟିକ ପ୍ରତିଷ୍ଠାନ ରହିଥିବା ବେଳେ ଏହା ଉପରେ ବାଲକାଟି ବଜାର ଉପରେ ଆଖପାଖ ଏବଂ ପଡୋଶୀ ୨୦ ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ପୂର୍ତ୍ତବିଭାଗ ଏହି ରାସ୍ତାକୁ ଚଉଡା କରିବା ପାଇଁ ସ୍ଥିର କରିଛନ୍ତି। ଏନେଇ ବିଭାଗ ମହଜୁଦ ଥିବା ନିଜ ଜାଗାକୁ ଜବରଦଖଲ ମୁକ୍ତ କରିବାପାଇଁ ତହସିଲ ପ୍ରଶାସନ ସାହାଯ୍ୟ ଲୋଡ଼ିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ତହସିଲ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ବ୍ୟବସାୟୀଙ୍କୁ ନୋଟିସ ଦିଆଯାଇଥିଲା। ନୋଟିସ ଅନୁସାରେ ବ୍ୟବସାୟୀ ମାନେ ୩ ଟି ପର୍ଯ୍ୟାୟରେ ତହସିଲ ପ୍ରଶାସନ ନିକଟରେ ହାଜିରା ହୋଇଥିଲେ। ତହସିଲ ପ୍ରଶାସନ ଗୋଟେ ମାସ ମଧ୍ୟରେ ଦୋକାନ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ କିଛି ବ୍ୟବସାୟୀ ତହସିଲଦାରଙ୍କ ନିର୍ଦ୍ଦେଶ ଅନୁପାଳନ କରି ମୂଳ ଦୋକାନ ଆଗରେ ଟିଣ ଚଦର କାଢି ଦେଇଥିବା ବେଳେ କିଛି ବ୍ୟବସାୟୀ ନିଜ ଦୋକାନକୁ ପଛକୁ ନେଇଛନ୍ତି। ମାତ୍ର ଭାର୍ଗବୀ ସେତୁ ଠାରୁ ଆରମ୍ଭ କରି ବାଲକାଟି ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଏବଂ କଲେଜ ରୋଡ଼ରେ ଥିବା ବ୍ୟବସାୟୀ ମାନଙ୍କ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ସେମାନଙ୍କ ଦୋକାନ ଉଚ୍ଛେଦ କରାଗଲେ ଅନ୍ୟ କେଉଁଠିକୁ ଯିବାପାଇଁ କୌଣସି ସୁବିଧା ମଧ୍ୟ ନାହିଁ। ଫଳରେ ଉଚ୍ଛେଦ ହେଲେ ହାତଗୋଡ଼ ବାନ୍ଧି ଘରେ ବସିବା ଛାର ହେବ। ଏପରିକି ଜୀବିକା ନିର୍ବାହ କରିବା ସେମାନଙ୍କ ପାଇଁ କାଠିକାର ପାଠ ହୋଇଯିବ। ଏନେଇ ସମ୍ପୃକ୍ତ ବ୍ୟବସାୟୀ ମାନେ ତହସିଲଦାର ଏବଂ ସ୍ଥାନୀୟ ବିଧାୟକ ନବ କିଶୋର ମଲ୍ଲିକଙ୍କ ନିକଟରେ ନିଜର ଅସୁବିଧା ଜଣାଇଥିଲେ। ଉଚ୍ଛେଦ ପୂର୍ବରୁ ମହଜୁଦ ଥିବା ସରକାରୀ ଜମିରେ ସେମାନଙ୍କୁ ଥଇଥାନ କରିବାପାଇଁ ବ୍ୟବସାୟୀମାନେ ଦାବି କରିଛନ୍ତି।




# ଗାଡ଼ି ଚଢ଼ାଇ ଗୋଡ଼ ଭାଙ୍ଗିବା ପରେ ଅପହରଣ

## ଡ୍ରାଇଭରଙ୍କୁ ପୁଲିସ ଛାଡ଼ିଦେଲା


ଭୁବନେଶ୍ୱର, ୧୫।୧(ସମିସ): ଡ୍ରାଇଭର ଯାତ୍ରୀଙ୍କ ସହ ପାଟିତୁଣ୍ଡ କଲେ। ଗାଳିଗୁଲଜ କଲେ। ରାଗ ତମ ତମ ହୋଇ ଗାଡି ଚଢାଇ ଗୋଡ ଭାଙ୍ଗିଦେଲେ। ଶେଷରେ କିଛି ଯାତ୍ରୀମାନଙ୍କୁ ଅପହରଣ କରି ନେଇ ବସଷ୍ଟାଣ୍ଡ ଭିତରେ ସଂଘବଧ ଆକ୍ରମଣ କଲେ। ଦୀର୍ଘ ସମୟ ଧରି ଅଟକ ରଖିଲେ। ପୁଲିସ ଅପହୃତ ଯାତ୍ରୀମାନଙ୍କୁ ମୁକାଳିଲା। ଏନେଇ ଭରତପୁର ଥାନାରେ ଅଭିଯୋଗ ହେଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଛାଡି ଦେଲା। ଏଭଳି ଏକ ସମ୍ବେଦନାଶୀଳ ଘଟଣାରେ ଅଭିଯୁକ୍ତଙ୍କୁ ଛାଡିଦେବା ଯୋଗୁଁ ଭରତପୁର ଥାନା ପୁଲିସ ପୁଣି ଥରେ ଚର୍ଚ୍ଚାକୁ ଆସିଛି।



ଅପହୃତା ବିଶ୍ୱଜିତ୍‌ଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୧ତାରିଖ ଦିନ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର କିଛି କର୍ମଚାରୀ ପିକ୍‌ନିକ୍ ବନାଇବାକୁ ସପ୍ତଶଯ୍ୟା ଯାଇଥିଲେ। ପ୍ରାରମ୍ଭରୁ ଗାଡି ଚାଳକ ଯାତ୍ରୀଙ୍କ କୌଣସି ଅସୁବିଧା ବୁଝୁ ନଥିଲେ। ପିକ୍‌ନିକ୍ ଶେଷ କରି ସପ୍ତସଯ୍ୟାରୁ ଫେରିଲା ବେଳେ ଡ୍ରାଇଭର ଯାତ୍ରୀମାନଙ୍କୁ ବିଡ଼ିଏ କାର୍ଯ୍ୟାଳୟ ସମ୍ମୁଖରେ ଛାଡିବା କଥା। ହେଲେ ଡ୍ରାଇଭର ଏହା ନକରି ଯାତ୍ରୀମାନଙ୍କୁ ହାଉସିଂବୋର୍ଡ ନିକଟରେ ଓହ୍ଲାଇଥିଲେ। ଏହାକୁ ନେଇ ଯାତ୍ରୀ ଏବଂ ଡ୍ରାଇଭରଙ୍କ ମଧ୍ୟରେ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷୀପ୍ତ ହୋଇ ଡ୍ରାଇଭର ସୌମ୍ୟ ବର୍ଦ୍ଧନ ଦାସ ନାମକ ଯାତ୍ରୀଙ୍କ ଉପରେ ବସ୍ ଚଢାଇ ଦେଲେ। ତାଙ୍କ ଦୁଇ ଗୋଡ ଭାଙ୍ଗିଯାଇ ସେ ବର୍ତ୍ତମାନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ଗାଡି ଭିତରେ ୩ଜଣ ଯାତ୍ରୀ ଓହ୍ଲାଇବାକୁ କହୁଥିଲା ବେଳେ ସେମାନଙ୍କୁ ଅପହରଣ କରି ବରମୁଣ୍ଡା ସ୍ଥିତ ବସ୍‌ଆଡ୍ଡା ନେଇ ଯାଇଥିଲେ। ଡ୍ରାଇଭର ଏବଂ ତାଙ୍କର ସହଯୋଗୀମାନେ ମିଶି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ମୁକାଳିଥିଲା। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ହେଲେ ପୁଲିସ ଅଭିଯୁକ୍ତମାନଙ୍କୁ ଧାରା ୪୧ରେ ନୋଟିସ୍ ଦେଇ ଛାଡି ଦେଇଥିବା କହିଥିଲା। ଯାହାକୁ ନେଇ ଅଭିଯୋଗକାରୀ ବିଶ୍ୱଜିତ୍ ସାମଲ ସ୍ତବ୍ଧ ହୋଇଥିବା କହିଛନ୍ତି। ଏସମ୍ପର୍କରେ ଥାନା ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ କହିଛନ୍ତି, ଅଭିଯୋଗ ହେବା ପରେ ଆମେ ଜଣକୁ ଡାକି ଥାନାରେ ପଚରାଉଚରା କରିଛୁ। ଏ ନେଇ ତଦନ୍ତ ଜାରି ରହିଛି।

# ସମ୍ପାଦକୀୟ



ଆଣବିକ ଶକ୍ତିର ପରିପ୍ରକାଶ କେବଳ ଆମ ଚିନ୍ତାଧାରାକୁ ଛାଡ଼ି ଆଉ ସବୁକିଛି ପରିବର୍ତ୍ତନ କରିଦେଇଛି।

- ଆଲବର୍ଟ ଆଇନଷ୍ଟାଇନ୍

ସକାଳ THE SAKALA

## ତୈଳକୂଟ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରୁ ସଦ୍ୟତମ ଭେନେଜୁଏଲା ଉପରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଯେତେ ଯୁଦ୍ଧ ଓ ସାମରିକ ଅଭିଯାନ ହୋଇଛି ସେ ସବୁର ମୂଳରେ ରହିଛି ଜୀବାଶ୍ମ ଇନ୍ଧନ ବା ତୈଳ କୂଟନୀତି। ବିଶେଷକରି ବିଶ୍ୱର ସମୃଦ୍ଧ ତୈଳ ଭଣ୍ଡାର ଉପରେ ଆଧିପତ୍ୟ ବିସ୍ତାର କରିବା ପାଇଁ ଆମେରିକାର ଦୁର୍ବାର ଲୋଭ ହିଁ ଅଧିକାଂଶ ଯୁଦ୍ଧକୁ ଜନ୍ମ ଦେଇଛି ଏବଂ ସ୍ୱାଭାବିକ ଭାବରେ ଯୁଦ୍ଧର କେନ୍ଦ୍ରରେ ବିଶ୍ୱର ସେହି ସର୍ବଶକ୍ତିମାନ ରାଷ୍ଟ୍ର ହିଁ ରହିଛି। ତେଣୁ ଆମେରିକାର ସମ୍ଭାବ୍ୟ ଇରାନ୍ ଆକ୍ରମଣର ଲକ୍ଷ୍ୟ ଓ ଫଳାଫଳ ମଧ୍ୟ ସେହି ତୈଳକୂଟରୁ ଆରମ୍ଭ ହୋଇ ତୈଳକୂପ ଅକ୍ତିଆରରେ ଶେଷ ହେବ ବୋଲି ଅନୁମାନ କରିବାରେ କିଛି ଭୁଲ୍ ହେବ ନାହିଁ। ଅଧୁନା ଜଗତିକରଣକୁ ଜୀବାଶ୍ମ ଇନ୍ଧନ ଗତିଶୀଳ କରୁଥିବାରୁ ବିଶ୍ୱ ଭୂରାଜନୀତିରେ ତୈଳକୂଟନୀତି ସ୍ୱତନ୍ତ୍ରତା ହାସଲ କରିଛି ଏବଂ ସ୍ୱାଭାବିକ ଭାବେ ବିଶ୍ୱର ସର୍ବବୃହତ୍ ତୈଳଭଣ୍ଡାର ମଧ୍ୟପ୍ରାଚ୍ୟ ହିଁ ଏହାର ପ୍ରମୁଖ ପ୍ରୟୋଗଶାଳା ହୋଇଛି। ଏହାଛଡ଼ା ଭାରତ ଉପରେ ଆମେରିକାର ଆକ୍ରୋଶ, ଚୀନ୍ ସହିତ ବାଣିଜ୍ୟ ଯୁଦ୍ଧ, ରୁଷ ଓ ଇରାନ୍ ଉପରେ କଟକଣା ଆଦି ପଛରେ ମଧ୍ୟ ଏହି ତୈଳକୂଟ ହିଁ ନିର୍ଣ୍ଣାୟକ ହୋଇଛି।

ଭେନେଜୁଏଲା ସହିତ ଆମେରିକାର ତିକ୍ତ ସମ୍ପର୍କ ଆଜିର ନୁହେଁ। କିନ୍ତୁ ସମସ୍ତ ଅନ୍ତଃରାଷ୍ଟ୍ରୀୟ ନୀତିନିୟମକୁ ଉଲ୍ଲଙ୍ଘନ କରି ଏବେ ହଠାତ୍ ସାମରିକ କାର୍ଯ୍ୟାନୁଷ୍ଠାନ ଜରିଆରେ ସେହି ସାର୍ବଭୌମ ରାଷ୍ଟ୍ରର ରାଷ୍ଟ୍ରପତିଙ୍କୁ ହରଣଚାଳ କରି ନିଆଯିବା ପଛରେ ସାମ୍ନାକୁ ଆସିଥିବା ପ୍ରଥମ କାରଣଟି ଭେନେଜୁଏଲା-ଚୀନ୍ ତୈଳବାଣିଜ୍ୟ ଚୁକ୍ତି ପ୍ରତି ଇଙ୍ଗିତ କରୁଛି। ଆଗାମୀ ଦଶନ୍ଧି କିମ୍ବା ଦୁଇଦଶନ୍ଧି ପର୍ଯ୍ୟନ୍ତ ତୈଳ-ଇନ୍ଧନ ଚାହିଦା ପୂରଣ ପାଇଁ ଚୀନ୍ ବିଶାଳ ତୈଳଭଣ୍ଡାରମାନ ନିର୍ମାଣ କରୁଛି ଏବଂ ବିପୁଳ ପରିମାଣରେ ଜୀବାଶ୍ମ ଇନ୍ଧନ ଆମଦାନୀ କରୁଛି। ଚୀନ୍‌ର ଏହି ଯୋଜନାରେ ମୁଖ୍ୟ ସହାୟକ ହୋଇଛି ଭେନେଜୁଏଲା। ଭେନେଜୁଏଲାରେ ବିଶ୍ୱର ସର୍ବାଧିକ ୧୭% ଜୀବାଶ୍ମ ଇନ୍ଧନ ଗଚ୍ଛିତ ରହିଛି ଏବଂ ସେହି ଦେଶ ଉତ୍ପାଦନ କରୁଥିବା ଦୈନିକ ୧୦ ଲକ୍ଷ ବ୍ୟାରେଲ୍ ପଟ୍ରୋଲିୟମ୍‌ର ୯୦ ପ୍ରତିଶତ ଚୀନ୍ ଆମଦାନୀ କରୁଛି। ତେଣୁ ଚୀନ୍‌ର ସ୍ୱତନ୍ତ୍ର ପ୍ରତିନିଧି ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଭେଟିବାର ୨୪ ଘଣ୍ଟା ନ ପୁରୁଣୁ ଆମେରିକାର ଅତିକ୍ରିୟା ଦେଖିବାକୁ ମିଳିଛି।

ଭେନେଜୁଏଲାର ଶାସନ କ୍ଷମତା ନିଜ ଅକ୍ତିଆରକୁ ଆଣିବା ପରେ ସେଠାକାର ତୈଳକୂପମାନଙ୍କରୁ ପର୍ଯ୍ୟାପ୍ତ ତୈଳ ଉତ୍ତୋଳନ କରିବାକୁ ଟ୍ରମ୍ପ ତାଙ୍କ ଦେଶର ଶିଳ୍ପସଂସ୍ଥାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିସହିତ ଭାରତକୁ ମଧ୍ୟ ଭେନେଜୁଏଲାରୁ ପେଟ୍ରୋଲିୟମ୍ କିଣିବା ପାଇଁ ପ୍ରସ୍ତାବ ଦେଇଛନ୍ତି, ଯାହା ଭାରତକୁ ଏକପ୍ରକାର ଦୋଛକିରେ ଛାଡ଼ିଦେଇଛି। ଭାରତ ଯଦି ଟ୍ରମ୍ପଙ୍କ ପ୍ରସ୍ତାବରେ ରାଜି ନ ହୁଏ ତେବେ ଆଗାମୀ ଦିନରେ ଭାରତୀୟ ଉତ୍ପାଦ ଉପରେ ଆମେରିକାରେ ଆମଦାନୀ ଶୁଳ୍କ ୫୦୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ। ଯଦି ଟ୍ରମ୍ପଙ୍କ ପ୍ରସ୍ତାବକୁ ଭାରତ ଗ୍ରହଣ କରେ ତେବେ ଭାରତକୁ ଚାରିପଟୁ ଘେରିବାକୁ ଯୋଜନା କରୁଥିବା ଚୀନ୍ ଆହୁରି ଆକ୍ରମଣାତ୍ମକ ହେବ। ସେହିପରି ଆମେରିକା କଥାରେ ଭାରତ ଭେନେଜୁଏଲାମୁଖୀ ହେଲେ ପୁରୁଣା ଓ ବିଶ୍ୱସ୍ତ ବନ୍ଧୁ ରୁଷ୍ ଅସୁଖୀ ହୋଇପାରେ। ତେଣୁ ଆଗାମୀ ଦିନରେ ତୈଳ କୂଟନୀତିର ଆହ୍ୱାନକୁ ଭାରତ କିଭଳି ମୁକାବିଲା କରୁଛି ତା'ଉପରେ ବିଶ୍ୱର ଦୃଷ୍ଟି ରହିବ।

ଅପରପକ୍ଷରେ ଭେନେଜୁଏଲାର ଶାସନ କ୍ଷମତାକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ନିଜ ଅକ୍ତିଆରରେ ରଖିବା ଏବଂ ତୈଳଭଣ୍ଡାର ଉପରେ ଆଧିପତ୍ୟ ଘୋଷଣା ପଛରେ ଆମେରିକାର ଏକମାତ୍ର ଲକ୍ଷ୍ୟ ହେଉଛି ବିଶ୍ୱର ସର୍ବବୃହତ୍ ଇନ୍ଧନଭଣ୍ଡାରଣର ମାନ୍ୟତା। ଏହାଦ୍ୱାରା ଆମେରିକା ଏକପକ୍ଷରେ ଚୀନ୍ ଓ ରୁଷ୍‌କୁ ଟକ୍କର ଦେଇପାରିବ ଏବଂ ଅପରପକ୍ଷରେ ସାମାନ୍ୟ ଦୁର୍ବଳ ହୋଇପଡ଼ିଥିବା 'ପେଟ୍ରୋଡଲାର'ର ଭବିଷ୍ୟତକୁ ଆହୁରି ସୁଦୃଢ଼ କରିପାରିବ। ୧୯୭୦ ମସିହାରେ ସାଉଦୀ ଆରବ ନେତୃତ୍ୱରେ ଗଠିତ ତୈଳ ରପ୍ତାନୀକାରୀ ରାଷ୍ଟ୍ର ସଂଘ(ଓପେକ୍) ଓ ଆମେରିକା ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ଓପେକ୍ ତୈଳ ବାଣିଜ୍ୟରେ ବିନିମୟର ଏକମାତ୍ର ମାଧ୍ୟମ ରୂପେ ଆମେରିକୀୟ ଡଲାରକୁ ଗ୍ରହଣ କରିବ ଏବଂ ପ୍ରତିବଦଳରେ ଆମେରିକା ଓପେକ୍ ସଦସ୍ୟ ରାଷ୍ଟ୍ରଙ୍କୁ ସାମରିକ ସୁରକ୍ଷା ଓ ପ୍ରତିରକ୍ଷା ସହାୟତା ଯୋଗାଇଦେବ। ଏହି ଚୁକ୍ତି ଫଳରେ ବିଶ୍ୱସ୍ତରରେ ତୈଳ କାରବାର କେବଳ ଆମେରିକୀୟ ଡଲାରରେ ହୋଇଆସୁଛି ଏବଂ ପେଟ୍ରୋଡଲାରର ସ୍ଥିତି ଅଧିକରୁ ଅଧିକ ସୁଦୃଢ଼ ହୋଇଛି। ବିଶ୍ୱର ସର୍ବଶକ୍ତିମାନ ଅର୍ଥନୀତିର ମାନ୍ୟତା ଆମେରିକା ପାଇଛି। ଅପରପକ୍ଷରେ ଚୁକ୍ତିର ସର୍ତ୍ତ ଅନୁଯାୟୀ ଇରାକ୍ ଉପରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଏବେ ଇରାନ୍ ଉପରେ ସମାନ କାର୍ଯ୍ୟାନୁଷ୍ଠାନ ନେବାକୁ ମସୁଧା କରୁଛି।

ପ୍ରାୟ ତିନି ଦଶନ୍ଧି ଧରି ବିଶ୍ୱ ବାଣିଜ୍ୟରେ ପେଟ୍ରୋଡଲାର ଜରିଆରେ ଆଧିପତ୍ୟ ଜାରି ରଖିଥିବା ଆମେରିକୀୟ ଡଲାରର ସ୍ଥିତିରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇଛି। ଆମେରିକା ବିଶ୍ୱର ସବୁଠାରୁ ଅଧିକ ତୈଳ ଆମଦାନୀ କରୁଥିବାରୁ ଡଲାରର ବହିଃଗମନ ବଢ଼ିବାରେ ଲାଗିଛି। ଏହାଦ୍ୱାରା ଓପେକ୍ ସହିତ ଆମେରିକାର ବାଣିଜ୍ୟ ନିଅଣ୍ଟ ବଢ଼ିଛି ଏବଂ ଆମେରିକାର ଟ୍ରେଜେରି ବଣ୍ଡର ମୂଲ୍ୟ ବିଶ୍ୱବଜାରରେ ହ୍ରାସ ପାଇବାରେ ଲାଗିଛି। ଅପରପକ୍ଷରେ ଓପେକ୍ ରାଷ୍ଟ୍ରଗୁଡ଼ିକ ଆମେରିକାର ପ୍ରତିଭୂତି ବଜାରରୁ ବିପୁଳ ଲାଭାଂଶ ସଂଗ୍ରହ କରିଆସୁଛନ୍ତି। ଏହି ସ୍ଥିତିର ମୁକାବିଲା ପାଇଁ ଆମେରିକା ଘରୋଇ ସେଲ୍‌ଫ କମ୍ପାନୀମାନ ପ୍ରତିଷ୍ଠା କରି ଜୀବାଶ୍ମ ଇନ୍ଧନ ଉତ୍ତୋଳନକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିପାରିଥିଲେ ମଧ୍ୟ ଡଲାରର ଅନ୍ତଃଆଗମନ ସେଭଳି ଆଶାନୁରୂପ ହୋଇପାରିନାହିଁ। ସେହିପରି ଚୀନ୍‌ର ଆବିର୍ଭାବ ପରେ ଆମେରିକାକୁ ବଡ଼ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଛି। ବିଗତ ଦଶନ୍ଧିରେ ଦକ୍ଷିଣ-ବିଶ୍ୱ ସହିତ ଆମେରିକାର ସମ୍ପର୍କରେ ଅବନତି ଏବଂ ରୁଷ୍, ଇରାନ୍ ପରି କେତେକ ତୈଳ ଉତ୍ପାଦନକାରୀ ରାଷ୍ଟ୍ରମାନଙ୍କ ଉପରେ କଟକଣା ପରେ ଡଲାରକୁ ବାଦ୍ ଦେଇ ସ୍ୱଦେଶୀ ମୁଦ୍ରାକୁ ତୈଳ କାରବାରର ବିନିମୟ ମାଧ୍ୟମ କରିବାର ଉଦ୍ୟମ ଆରମ୍ଭ ହୋଇଛି। ବିଶେଷକରି 'ବ୍ରିକ୍ସ' ଦେଶମାନେ ନିଜସ୍ୱ ମୁଦ୍ରାରେ ଅଧିକରୁ ଅଧିକ ବାଣିଜ୍ୟ କାରବାରକୁ ଅଗ୍ରାଧିକାର ଦେବା ପରେ ପେଟ୍ରୋଡଲାରର ଆଧିପତ୍ୟ ହ୍ରାସ ପାଇଛି। ଏଥିରେ ବିଚଳିତ ଟ୍ରମ୍ପ ଏବେ ଭେନେଜୁଏଲାର ତୈଳକୂପଗୁଡ଼ିକୁ ନିଜ ଅକ୍ତିଆରକୁ ନେଇ ସେଠାରୁ ତୈଳ ରପ୍ତାନି କରି ଡଲାର ସଂଗ୍ରହ କରିବାର ଯୋଜନା କରିଛନ୍ତି।

ଇତିମଧ୍ୟରେ ଇରାନ୍ ଉପରେ ଆକ୍ରମଣ ପାଇଁ ଆମେରିକା ଚୂଡ଼ାନ୍ତ ପ୍ରସ୍ତୁତି ଆରମ୍ଭ କରିଛି ଏବଂ ମୁକାବିଲା ପାଇଁ ଯେକୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ ବୋଲି ଇରାନ୍ ଧମକ ଦେଇଛି। ତେଣୁ ନିକଟ ଭବିଷ୍ୟତରେ ଏହି ତୈଳକୂଟ ବିଶ୍ୱକୁ ଅଧିକ ଅଶାନ୍ତ କରିବାକୁ ଯାଉଛି। ଯୁଦ୍ଧରେ କିଏ ଜିତିବ ବା ହାରିବ - ତା'ଠାରୁ ବଡ଼ ପ୍ରଶ୍ନ ହେଉଛି ତୈଳକୂଟର ପ୍ରକୋପରୁ ତୈଳକୂପଗୁଡ଼ିକ କେତେ ସୁରକ୍ଷିତ ରହିପାରିବ? ଏବଂ ଗୋଷ୍ଠୀନିରପେକ୍ଷ ନୀତିରେ ବିଶ୍ୱାସ ରଖୁଥିବା ଭାରତ ଏହି ତୈଳକୂଟରୁ କିଭଳି ନିଜକୁ ସୁରକ୍ଷା ଦେଇ ସମଦୂରତ୍ୱ ବଜାୟ ରଖିବ।

## ଶିକ୍ଷିତ ବନାମ ଅଶିକ୍ଷିତ

**ବୈକୁଣ୍ଠନାଥ ମିଶ୍ର**



ନିକଟରେ ଏକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜନୈକ କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଶିକ୍ଷିତ ଲୋକେ ବହୁସଂଖ୍ୟାରେ ସମାଜ ବିରୋଧୀ କାର୍ଯ୍ୟରେ ଲିପ୍ତ ରହି ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ଘୋର ବିପତ୍ତିର କାରଣ ସାଜୁଛନ୍ତି। ସେ ଏକଥା ମଧ୍ୟ କହିଥିଲେ ଯେ ଶିକ୍ଷିତ ଲୋକଙ୍କ ଯୋଗୁଁ ଦେଶରେ ଆତଙ୍କବାଦ ମୁଣ୍ଡଟେକିଛି।

ମନ୍ତ୍ରୀ ମହୋଦୟଙ୍କ କଥା କେତେକାଂଶରେ ଠିକ୍ ମନେହୁଏ। କାରଣ ଆଜିର ଡିଜିଟାଲ ଯୁଗରେ ଅପରାଧ କୌଶଳ (କ୍ରାଇମ୍ ଟେକ୍‌ନିକ୍) ଏତେ ବୃଦ୍ଧି ପାଇଛି ଯେ ପୁଲିସ୍ ସାଇବର ଏକ୍ସପର୍ଟ ବା ଅପରାଧ ନିୟନ୍ତ୍ରଣର ସମସ୍ତ କୌଶଳ ବେଳେବେଳେ ଅସଫଳ ହେଉଛି। କିଛିଲୋକଙ୍କର ଅବିଚାରିତ କର୍ମ ଦେଶଦ୍ରୋହ ପାଇଁ ଉଦ୍ଦିଷ୍ଟ। ଦେଶଦ୍ରୋହ ଭଳି ଷଡ଼ଯନ୍ତ୍ରରେ ଲିପ୍ତ ସମସ୍ତ ତତ୍ତ୍ୱମାନଙ୍କୁ ଅବିଳମ୍ବେ ଧରି କଠୋରରୁ ଅତି କଠୋର ଶାସ୍ତି ବିଧାନ କରିବାର ଆବଶ୍ୟକତା ଅଛି। କିନ୍ତୁ କେବଳ ଶିକ୍ଷିତ ସମାଜକୁ ସାମଗ୍ରିକ ଭାବେ ଦେଶବିରୋଧୀ ଆଖ୍ୟା ଦେବା ଠିକ୍ ନୁହେଁ। କିଛିଦିନ ତଳେ ଶିକ୍ଷିତ ସହରବାସୀଙ୍କ ପ୍ରତି 'ଅର୍ବାନ ନକ୍ସଲ' ଭଳି ଅଭିଯୋଗ ମଧ୍ୟ ଉଠିଛି। ଏଭଳି ଅଭିଯୋଗ ପଛରେ ଯେଉଁ ବିଷମ କଥାଟି ଲୁକ୍କାୟିତ ଅଛି, ତାହା ହେଲା ସରକାରଙ୍କର ଦୋଷତ୍ରୁଟିକୁ ଶିକ୍ଷିତ ଲୋକମାନେ ବରଦାସ୍ତ ନ କରି ପଦାରେ ପକାଇବାର ଯେଉଁ ପ୍ରୟାସ କରନ୍ତି ତଦ୍ଦ୍ୱାରା ସରକାର ଅନେକ କ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି।

କୁହାଯାଏ, ସମାଲୋଚନା ହିଁ ଉଚିତ ସିଦ୍ଧାନ୍ତ ନେବାର ପଥ ସୁଗମ କରେ। ସମାଲୋଚନାକୁ ଭୟକରି ଶିକ୍ଷିତମାନଙ୍କୁ ଦୋଷାରୋପ କରିବା କେତେଦୂର ଠିକ୍ ତାହା ଚିନ୍ତା କରିବା ଆବଶ୍ୟକ। ତେବେ କ'ଣ ଦେଶବାସୀ ଅଶିକ୍ଷିତ ରହିବା ଏବଂ ସମାଲୋଚନାରୁ କ୍ଷାନ୍ତ ରହିବା ବର୍ତ୍ତମାନର ଆବଶ୍ୟକତା? ବ୍ୟବସ୍ଥାର ଦୋଷତ୍ରୁଟିକୁ ସାର୍ବଜନୀନ କରିବା ଜଣେ ସଚେତନ ନାଗରିକର କର୍ତ୍ତବ୍ୟ। ଏଥିରେ ବ୍ୟଥିତ ନହୋଇ ବରଂ ନିଜ ତ୍ରୁଟି ସୁଧାରିବାର ପ୍ରୟାସ କରିବା ଉଚିତ।

ଗୋଟିଏ ଦେଶର ବିକାଶ ମୂଳରେ ଶିକ୍ଷିତ-ଅଶିକ୍ଷିତ ସମସ୍ତଙ୍କର ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗ୍ରାମୀଣ ଅନ୍ନଦାତାଙ୍କର ଅକ୍ଳାନ୍ତ ପରିଶ୍ରମରେ ଦେଶର ଖାଦ୍ୟ ସମସ୍ୟା ଦୂର ହୋଇପାରୁଛି। କଳକାରଖାନାରେ କାର୍ଯ୍ୟରତ ଅସଂଖ୍ୟ ଅପାଠୁଆ ଶ୍ରମିକମାନଙ୍କର ଅବଦାନକୁ ଅସ୍ୱୀକାର କରାଯାଇ ନ ପାରେ। ସେହିମାନଙ୍କର ପରିଶ୍ରମର ଫଳ ଦେଶର ଆର୍ଥିକ ବିକାଶର ମୂଳପିଣ୍ଡ। ଶିକ୍ଷିତମାନେ ଯୋଜନା କରନ୍ତି। କିନ୍ତୁ ଅପାଠୁଆମାନେ ତା'ର ରୂପାୟନରେ ସହାୟତା କରନ୍ତି। ଏଠାରେ ଏକ ଗଳ୍ପର ପ୍ରାସଙ୍ଗିକତା ପ୍ରଣିଧାନଯୋଗ୍ୟ।

ଗୋଟିଏ ଗାଁରେ ଚାରିଜଣ ବାଳକଙ୍କ ମଧ୍ୟରେ ଥିଲା ନିବିଡ଼ ବନ୍ଧୁତା। ସେମାନଙ୍କ ଭିତରୁ ତିନିଜଣ ମେଧାବୀ ଓ ଜଣେ ଥିଲା ଅପାଠୁଆ। ସମୟକ୍ରମେ ତିନି ମେଧାବୀ ବନ୍ଧୁ ବିଦେଶ ଯାଇ ଉଚ୍ଚଶିକ୍ଷା ଲାଭ କଲେ। କିନ୍ତୁ ଅପାଠୁଆ କୃଷିକର୍ମରେ ଲିପ୍ତ ରହିଲା। କିଛିବର୍ଷ ପରେ ଉଚ୍ଚଶିକ୍ଷିତ ତିନିବନ୍ଧୁ ଗ୍ରାମକୁ ଫେରିଲେ ଏବଂ ଅପାଠୁଆ ସହ ଚାରି ବନ୍ଧୁ ହସଖୁସିରେ କିଛିଦିନ ମାତିଗଲେ। ଥରେ ଚାରି ସାଙ୍ଗ ଭୋଜି କରିବାକୁ ଜଙ୍ଗଲକୁ ଗଲେ। ଜଙ୍ଗଲରେ ଏକ ସିଂହର ବିକ୍ଷିପ୍ତ କଙ୍କାଳ ପଡ଼ିଥିବାର ଦେଖିଲେ। ଆୟତ୍ତ କରିଥିବା ବିଦ୍ୟା ପ୍ରୟୋଗର ଏହାଏକ ପ୍ରକୃଷ୍ଟ କ୍ଷେତ୍ର ଭାବି ପରୀକ୍ଷାରେ ଲାଗିପଡ଼ିଲେ। ପ୍ରଥମ ବନ୍ଧୁ ନିଜ ବିଦ୍ୟାବଳରେ ହାଡ଼ଗୁଡ଼ିକୁ ଏକାଠିକରି ସଜେଇ ଦେଲା, ଦ୍ୱିତୀୟ ବନ୍ଧୁଟି ନିଜ ବିଦ୍ୟାବଳରେ ସେଥିରେ ରକ୍ତମାଂସ ଭରିଦେଲା ଏବଂ ତୃତୀୟ ବନ୍ଧୁଟି ତାକୁ ଜୀବନ୍ୟାସ ଦେବାକୁ ଉଦ୍ୟତ ହେବା ବେଳେ ଅପାଠୁଆ ବନ୍ଧୁଟି ତା'କୁ ସେଥିରୁ ବିରତ ହେବାକୁ ଅନୁରୋଧ କଲା। ଅପାଠୁଆ ବନ୍ଧୁର କହିବା କଥା ସିଂହଟି ଜୀବନ୍ୟାସ ପାଇଲେ ପ୍ରଥମେ ଆମକୁ ହିଁ ଭକ୍ଷଣ କରିବ। କାରଣ ସେ ଅନେକ ଦିନ ହେଲା ଭୋକିଲା ଅଛି। ତା' କଥାକୁ ଅନ୍ୟ ତିନିବନ୍ଧୁ ଉପହାସ କରି ନିଜ କାମରେ ଲାଗିଗଲେ। ବିଚରା ଅପାଠୁଆ ବନ୍ଧୁଟି ସେଠାରୁ ନିରାପଦ ଦୂରତାକୁ ଯାଇ ଏକ ବୃକ୍ଷ ଉପରେ ବସିଲା। ସତକୁ ସତ ସିଂହଟି ଜୀବନ୍ୟାସ ପାଇ ତିନିବନ୍ଧୁଙ୍କୁ ମାରିଦେଲା। ଏକଥା ଦେଖି ଅପାଠୁଆ ବନ୍ଧୁଟି କାନ୍ଦିକାନ୍ଦି ଘରକୁ ଫେରିଲା।

ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଶିକ୍ଷିତମାନେ ସବୁବେଳେ ବୁଦ୍ଧିମାନ ନୁହନ୍ତି କିମ୍ବା ଅପାଠୁଆ ବୁଦ୍ଧିହୀନ ନୁହନ୍ତି। ବେଳେବେଳେ ଅପାଠୁଆଙ୍କର ବିଚକ୍ଷଣ ବୁଦ୍ଧିମତ୍ତା ସମସ୍ୟା ସମାଧାନର ପଥ ଉନ୍ମୁକ୍ତ କରିଥାଏ। ବିଶିଷ୍ଟ ପ୍ରାବନ୍ଧିକ ସି.ଇ.ଏମ୍. ଜୋଡ୍ ତାଙ୍କ ପ୍ରବନ୍ଧ 'ଏ ଡାଇଲଗ୍ ଅନ ସିଭିଲାଇଜେସନ'ରେ କହନ୍ତି ଯେ କୌଣସି ଦ୍ରବ୍ୟର ବ୍ୟବହାରକାରୀ ବାସ୍ତବରେ ସଭ୍ୟ ନୁହନ୍ତି। ସେ ହିଁ ସଭ୍ୟପଦବାଚ୍ୟ ଯେ ଦ୍ରବ୍ୟ ତିଆରି କରେ। ଉଦାହରଣ ସ୍ୱରୂପ ଜୋତା ପିନ୍ଧିବା ଲୋକ ସଭ୍ୟ ନୁହେଁ ; ମାତ୍ର ଜୋତା ତିଆରି କରିବା ହିଁ ବାସ୍ତବ ସଭ୍ୟତା। ତାଜମହଲ ନିର୍ମାଣରେ ଶାହାଜାହାନଙ୍କ ଅପେକ୍ଷା ଶିଳ୍ପୀକୁଳର ଗରିମାକୁ ଶ୍ରେୟ ଦିଆଯିବା ଆବଶ୍ୟକ। କୌଣସି ସ୍ଥାପତ୍ୟର କଳାକୁଶଳତାର ଶ୍ରେୟ ଶିଳ୍ପୀକୁଳର ପ୍ରାପ୍ୟ। ଶିଳ୍ପୀକୁଳ ଅପାଠୁଆ ହୋଇପାରନ୍ତି; ମାତ୍ର ବୁଦ୍ଧିହୀନ ନୁହନ୍ତି।

ସରକାରଙ୍କ ଅନେକ ଯୋଜନା ବିଫଳ ହୁଏ। ସେହି ବିଫଳତାକୁ ସମାଲୋଚନା କରୁଥିବା ବ୍ୟକ୍ତିଙ୍କୁ ଆକ୍ଷେପ କରିବା ଠିକ୍ ନୁହେଁ। ପୂର୍ବରୁ ଅନେକ ସରକାର ତାଙ୍କ ସମାଲୋଚକମାନଙ୍କୁ ନାନା ଭାବରେ ଦଣ୍ଡିତ କରିଥିବାର ଦୃଷ୍ଟାନ୍ତ ରହିଛି। ଶିକ୍ଷିତମାନେ ଦେଶଦ୍ରୋହୀ - ଏହା କହିବା ମୂଳରେ ଭୟ ରହୁଛି ଯେ ଶିକ୍ଷିତମାନେ ସବୁକଥାରେ ସରକାରଙ୍କୁ ସମର୍ଥନ କରୁନାହାନ୍ତି। ଅବଶ୍ୟ ଯେଉଁମାନେ ଦେଶର ନାଗରିକ ହୋଇ ଦେଶର ଅନିଷ୍ଟ କରିବାକୁ ଚିନ୍ତା କରୁଛନ୍ତି, ସେହି ତତ୍ତ୍ୱମାନଙ୍କୁ ଗୁଇନ୍ଦାବିଭାଗ ଦ୍ୱାରା ଧରାଯାଇ ଦଣ୍ଡିତ କରିବାର ଆବଶ୍ୟକତା ଅଛି। ତା' ନ କରି ଶିକ୍ଷିତମାନଙ୍କୁ ସାମଗ୍ରିକ ଭାବେ ଦେଶଦ୍ରୋହୀ କହିବା ଅଶୋଭନୀୟ।

ସରକାର ସବୁବେଳେ ସ୍ୱଚ୍ଛ ହେବା ଦରକାର। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ କହିଥିଲେ ଯେ ଲୋକଙ୍କୁ ମାଗଣାରେ ଅର୍ଥ, ଖାଦ୍ୟଶସ୍ୟ କିମ୍ବା ଅନ୍ୟ କୌଣସି ଦ୍ରବ୍ୟ ଯୋଗାଣ ଦେଶର ବିକାଶ ପରିପନ୍ଥୀ। ଏବେ ଆମେ ଦେଖୁଛେ ସରକାରମାନେ ମାଗଣାରେ ସବୁକିଛି ଦାନ କରୁଛନ୍ତି। ମାଗଣା ଖାଦ୍ୟ ଶସ୍ୟ, ବାର୍ଦ୍ଧକ୍ୟ ଭତ୍ତା, ମହିଳାଙ୍କୁ ନଗଦ ଅର୍ଥ ଯୋଜନା ଦେଶ ପ୍ରଗତିର ବାଧକ। ଅବଶ୍ୟ ଅତିବୃଦ୍ଧ, ଅସହାୟ, ଭୂମିହୀନମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ଗୋଟିଏ କଲ୍ୟାଣକାରୀ ରାଷ୍ଟ୍ରର ପ୍ରାଥମିକତା ହେବା ଉଚିତ। କିନ୍ତୁ ନିର୍ବାଚନକୁ ଦୃଷ୍ଟିରେ ରଖି ଅର୍ଥ ଓ ଉପହାର ପ୍ରଦାନ ନିନ୍ଦନୀୟ। ବିହାର ନିର୍ବାଚନ ପୂର୍ବରୁ ୨୦୨୫ ସେପ୍ଟେମ୍ବର ୨୬ ତାରିଖରେ ସେ ରାଜ୍ୟର ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଦଶହଜାର ଟଙ୍କାର ସହାୟତା ରାଶି ଦିଆଗଲା। ଏହା କ'ଣ ଦେଶହିତକର କାର୍ଯ୍ୟର ନମୁନା? ବାସହୀନକୁ ବାସଗୃହ, ବୁଭୁକ୍ଷୁକୁ ଅନ୍ନଦାନ, ଏସବୁ ଯେକୌଣସି ସରକାରର ଉତ୍ତମ କାର୍ଯ୍ୟାବଳୀର ଅଂଶବିଶେଷ। ଏହାକୁ ସମାଲୋଚନା କରିବାର କ୍ଷମତା କାହାର ନାହିଁ। କିନ୍ତୁ ଭୋଟବେଳେ ଅର୍ଥଦାନର ଦୁରଭିସନ୍ଧି ଥାଏ ଯେ ବିପୁଳ ଭୋଟ ପାଇ ଜୟଯୁକ୍ତ ହେବା। ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ଭୁଲ ଯେ କେହି କରିପାରେ। ଏହା ବୁଝିବା ଦରକାର।

ସିଦ୍ଧଳ(ଜଗତସିଂହପୁର),
ମୋ: ୯୯୩୭୪୫୦୫୪୦

## ସୃଜନଶୀଳତାର ଯୁଗଳବନ୍ଦୀ

**ବିଜୟାନନ୍ଦ ଶତପଥୀ**

ହିନ୍ଦୀ ସାହିତ୍ୟରେ ଏମିତି ଏକ ଦୋହା ରହିଛି, ଯାହା ଦୁଇ ମହାକବିଙ୍କ ମଧ୍ୟରେ ମାନସିକ ସହ-ସୃଜନଶୀଳତାର ଯୁଗଳବନ୍ଦୀ ସର୍ଜନା କରିଥିଲା। ଏହାର ପ୍ରାମାଣିକତା କେତେଦୂର ସତ୍ୟ ତାହା ନିଶ୍ଚିତ ନୁହେଁ, କିନ୍ତୁ ସେହି ମାର୍ମିକ ରଚନାର ପୁନଃ ମନନ ନିମନ୍ତେ ଏହି ସନ୍ଦର୍ଭଟି ଉପସ୍ଥାପିତ ହୋଇଛି। ଏହି ଦୋହାର ସୃଷ୍ଟି ପଛରେ ଏକ ଅତ୍ୟନ୍ତ ସୁନ୍ଦର ଓ ଅଦ୍ଭୁତ ପ୍ରସଙ୍ଗ ଲୁଚିରହିଛି, ଯାହା ଆକବରଙ୍କ ଭଳି ଜଣେ ମୋଗଲ ବାଦଶାହାଙ୍କ ହିନ୍ଦୁ ସନ୍ଥଙ୍କ ପ୍ରତି ରହିଥିବା ଶ୍ରଦ୍ଧା, ଉଦାରତା, ଅନ୍ୟ ଧର୍ମ ପ୍ରତି ସମ୍ମାନର ପ୍ରମାଣ ଦିଏ। ଏହି ପ୍ରସଙ୍ଗ ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ମାନସିକ, ବୌଦ୍ଧିକ ଓ ଆତ୍ମିକ ସହସମ୍ବନ୍ଧକୁ ଦୃଢ଼କରେ। ତତସହିତ ସାହିତ୍ୟପ୍ରେମୀଙ୍କ ରୋମାବଳିରେ ଅପୂର୍ବ ପୁଳକ ସୃଷ୍ଟି କରେ। ଏହି ପ୍ରସଙ୍ଗ ଏହା ମଧ୍ୟ ସାବ୍ୟସ୍ତ କରେ ଯେ, ସାହିତ୍ୟ ହେଉଛି ମଣିଷ ସହ ମଣିଷକୁ ଯୋଡ଼ିବାର ଏକ ମାଧ୍ୟମ ଏବଂ ପୂର୍ବକାଳରେ କିପରି ଜାତି-ଧର୍ମ-ବର୍ଣ୍ଣ ନିର୍ବିଚାରରେ ସାହିତ୍ୟ ମେଧାବୀମାନଙ୍କ ମଧ୍ୟରେ ମାଧୁର୍ଯ୍ୟପୂର୍ଣ ସମ୍ବନ୍ଧ ସ୍ଥାପନ ହୋଇପାରିଥିଲା।

ପଞ୍ଚଦଶ ଶତକର ଉତ୍ତରାର୍ଦ୍ଧ ଓ ଷୋଡ଼ଶ ଶତକର ପ୍ରଥମାର୍ଦ୍ଧରେ ଜନବସତିରୁ ଦୂରରେ ଚିତ୍ରକୂଟରେ ନିସଙ୍ଗବାସରେ ଥିଲେ ଗୋସ୍ୱାମୀ ତୁଳସୀ ଦାସ। ଇଷ୍ଟ ଶ୍ରୀରାମଙ୍କ ଗାଥା ବର୍ଣ୍ଣନା କରି ସେ ସମୟରେ ସେ 'ଶ୍ରୀରାମଚରିତ ମାନସ' ରଚନା କରୁଥା'ନ୍ତି। ଗ୍ରନ୍ଥର ନିର୍ବିଘ୍ନ ପରିସମାପ୍ତି ନିମନ୍ତେ ସେ ନିଜର ଅବସ୍ଥାନ ଅତ୍ୟନ୍ତ ଗୋପନ ରଖିଥିଲେ। କିନ୍ତୁ ସତ୍‌କର୍ମର ସୁଗନ୍ଧ କେବେ ଲୁଚି ରହିପାରେ ନାହିଁ। 'ଶ୍ରୀରାମଚରିତ ମାନସ' ଗ୍ରନ୍ଥର ପ୍ରଶସ୍ତି ଶୁଣି ପ୍ରତିଭା ଓ ଯୋଗ୍ୟତାର ମୂଲ୍ୟ ବୁଝୁଥିବା ଆକବର ଗୋସ୍ୱାମୀ ତୁଳସୀ ଦାସଙ୍କୁ ଭେଟିବାକୁ ଅତ୍ୟନ୍ତ ବ୍ୟଗ୍ର ହୋଇ ଉଠିଲେ। କିନ୍ତୁ ତୁଳସୀ ଦାସଙ୍କୁ ବାଦ୍‌ଶାହାଙ୍କ ଗୁପ୍ତଚରମାନେ ମଧ୍ୟ ସନ୍ଧାନ କରିପାରୁ ନଥିଲେ।

ଆକବରଙ୍କ ମନ୍ତ୍ରୀ ବୈରାମ ଖାଁଙ୍କର ପୁତ୍ର ରହିମ୍ ସେ ସମୟର ଜଣେ ଉଚ୍ଚକୋଟୀର ହିନ୍ଦୀ ସାହିତ୍ୟିକ ଥିଲେ। ରହିମ୍‌ଙ୍କ ରଚିତ ଦୋହା ଏବଂ ତାଙ୍କ କାବ୍ୟପ୍ରତିଭା ସମ୍ପର୍କରେ ଆକବର ସଚେତନ ଥିଲେ। ବାଦ୍‌ଶାହାଙ୍କର ମନକୁ ଆସିଲା, ଗୋସ୍ୱାମୀ ତୁଳସୀ ଦାସଙ୍କୁ ରହିମ୍ ହିଁ ଠାବ କରିବାରେ ସମର୍ଥ ହେବେ। ତେଣୁ ଆକବର ଏହି ଦାୟିତ୍ୱ ରହିମଙ୍କୁ ଦେଲେ। ସଂଯୋଗବଶତଃ ସେ ସମୟରେ ବାଦଶାହ ହାତୀପିଠିରେ ବସି ଭ୍ରମଣ କରୁଥିଲେ। ମଝିରେ ମଝିରେ ହାତୀଟି ଥୋରପାହାରରେ ଭୂମିରୁ ଧୂଳି ନେଇ ନିଜ ମଥା ଉପରେ ଢାଳୁଥିଲା। ତାହାକୁ ଲକ୍ଷ୍ୟକରି ରହିମଙ୍କ ମନରେ ଏକ ପ୍ରଶ୍ନମୂଳକ ପଂକ୍ତି ଉଦ୍ରେକ ହେଲା। ସେହି ଆଧାରରେ ସେ ଏକଧାଡ଼ି ବିଶିଷ୍ଟ ଏକ ଦୋହା ରଚନା କରି ଘୋଷଣା କଲେ ଯେ 'ଦୋହାର ଅପର ଧାଡ଼ି ଯେଉଁ ବିଦ୍ୱାନ ପୂରଣ କରିବେ ତାଙ୍କୁ ଏକଶତ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ମିଳିବ। ରହିମ୍ ରଚନା କରିଥିବା ଦୋହାର ପ୍ରଥମ ଧାଡ଼ିଟି ଥିଲା - 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ?' ରହିମଙ୍କ ପୂର୍ଣ୍ଣ ବିଶ୍ୱାସ ଥିଲା ଯେ କେବଳ ସନ୍ଥ ତୁଳସୀ ହିଁ ତାଙ୍କ ମନବୋଧ ହେବା ଭଳି ଦ୍ୱିତୀୟ ଧାଡ଼ିଟି ରଚନା କରିପାରିବେ।

ଏହି ପ୍ରତିଯୋଗିତାର ଖବର ସାରା ଦେଶରେ ପ୍ରଚାରିତ ହୋଇଗଲା। ଅନେକ ବିଦ୍ୱାନ ଆସି ଏହି ପ୍ରଶ୍ନୋତ୍ତର ସମ୍ବଳିତ ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ, ମାତ୍ର କେହି ରହିମଙ୍କୁ ସନ୍ତୋଷ କରିପାରିଲେ ନାହିଁ। ଚିତ୍ରକୂଟରେ ଏକ ଗରିବ ବ୍ରାହ୍ମଣ ପରିବାର ବାସ କରୁଥିଲେ। ସେ କାଠ ହାଣି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଦୁଇଟି କନ୍ୟା ବିବାହଯୋଗ୍ୟା ହୋଇଥିଲେ ମଧ୍ୟ ଅର୍ଥାଭାବରୁ ବିବାହ ସମ୍ପନ୍ନ କରି ପାରୁ ନଥିଲେ। ଦିନେ ବ୍ରାହ୍ମଣ ଜଣକ ମହାତ୍ମା ତୁଳସୀ ଦାସଙ୍କୁ ଆଶ୍ରମରେ ଭେଟି ରହିମ୍‌ଙ୍କ ଦୋହା ଓ ପୁରସ୍କାର ବିଷୟରେ ଜଣାଇ ତାଙ୍କର ସାହାଯ୍ୟ ଭିକ୍ଷା କଲେ। ଦ୍ୱିତୀୟ ଧାଡ଼ିଟି ଲେଖିଦେଲେ ତାହାକୁ ରାଜ ଦରବାରରେ ଉପସ୍ଥାପନ କରି ଏକଶତ ସ୍ୱର୍ଣ୍ଣମୁଦ୍ରା ପାଇପାରିବେ ଏବଂ ସେଥିରେ ତାଙ୍କର କନ୍ୟମାନଙ୍କର ବିବାହ ସମ୍ପନ୍ନ ହୋଇପାରିବ ବୋଲି ବ୍ରାହ୍ମଣ ମହାତ୍ମା ତୁଳସୀ ଦାସଙ୍କୁ ଅନୁରୋଧ କଲେ। କିନ୍ତୁ ଏହି ପ୍ରତିଯୋଗିତା ପଛରେ କିଛି ଚାଲ ରହିଥିବା ଅନୁମାନ କରି ସନ୍ଥ ତୁଳସୀ ଦାସ କହିଲେ, 'ହେ ବ୍ରାହ୍ମଣ ଦେବତା! ତୁମେ ଯଦି ନିଜେ ଏହି ସମାଧାନ ସୂଚକ ଦୋହାଟି ଲେଖିଛ ବୋଲି କହିବ ତେବେ ଏହା ମୁଁ ତୁମ ପାଇଁ ରଚନା କରିଦେବି।' ବ୍ରାହ୍ମଣ ଏହି କଥାରେ ରାଜି ହେଲେ ଏବଂ ସନ୍ଥ ବ୍ରାହ୍ମଣଙ୍କ ପାଇଁ ପର ପଦ ଦୋହା ଲେଖିଦେଲେ। ପର ପଦ ଦୋହାଟି ଏମିତି ଥିଲା - 'ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ।' ଏବେ ସଂପୂର୍ଣ ଦୋହାଟି ଏମିତି ହେଲା - 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ? ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ।'

ବହୁକଷ୍ଟରେ ସେ ଗରିବ ବ୍ରାହ୍ମଣ ବାଦଶାହ ଆକବରଙ୍କ ରାଜସଭାରେ ଦୋହାଟି ସ୍ପଷ୍ଟ ଉପସ୍ଥାପନ କଲେ। ଏହି ପଦଟି ଶୁଣିବା ପରେ ରହିମ ଆନନ୍ଦରେ ଅଧୀର ହୋଇ ଉଠିଲେ। କିନ୍ତୁ ତାଙ୍କ ମନରେ ସନ୍ଦେହ ହେଲା। ରହିମ୍ ଯେତେବେଳେ ବ୍ରାହ୍ମଣଙ୍କୁ ଦଣ୍ଡ ଦେବାର ଭୟ ଦେଖାଇଲେ ସେ ଏହା ସନ୍ଥ ତୁଳସୀ ଦାସଙ୍କ ରଚନା ବୋଲି କହିଲେ। ବ୍ରାହ୍ମଣଙ୍କୁ ଯଥେଷ୍ଟ ଧନ ସମ୍ପଦ ପୁରସ୍କାର ଦିଆଯିବା ପରେ ସେ ବାଦଶାହ ଆକବରଙ୍କ ସହ ସନ୍ଥ ତୁଳସୀ ଦାସଙ୍କର ସାକ୍ଷାତ କରାଇଦେଲେ। ଉଭୟ ରହିମ ଓ ଆକବର ସନ୍ଥ ତୁଳସୀଙ୍କ ଦର୍ଶନ କରି ଖୁସି ହେଲେ, ସେ ତୁଳସୀଙ୍କ ଗ୍ରନ୍ଥ ରଚନାରେ କେହି ପ୍ରତିବନ୍ଧକ ସୃଷ୍ଟି କରିବେ ନାହିଁ ବୋଲି ଆଶ୍ୱାସନା ଦେଲେ।

ଏବେ ଏହି ଦୋହାର ଅର୍ଥ ଜାଣିବା। 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ?' ଏହି ଦୋହାରେ ରହିମ କହୁଛନ୍ତି, 'କେଉଁ କାରଣରୁ ଏ ହାତୀ ନିଜ ମସ୍ତକରେ ଧୂଳି ଢାଳୁଛି?' ଦ୍ୱିତୀୟ ଧାଡ଼ି - 'ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ' ରେ ସନ୍ଥ ତୁଳସୀ ଉତ୍ତର ଦେଉଛନ୍ତି, 'ଯେଉଁ ଧୂଳି ସ୍ପର୍ଶରେ ଗୌତମ ମୁନିଙ୍କ ନାରୀ ପଥର ରୂପରୁ ସ୍ୱରୂପ ପ୍ରାପ୍ତ ହୋଇଥିଲେ ସେହି ଧୂଳି ଏହି ଧୂଳି କି ନୁହେଁ ସେ କଥା ପରୀକ୍ଷା କରିବା ପାଇଁ ଗଜ ନିଜ ମଥାରେ ଏ ଧୂଳି ଢାଳୁଛି।' ଗୋଟିଏ ପଦରେ ରହିମଙ୍କ ପ୍ରଶ୍ନ ଓ ଅପର ପଦରେ ସନ୍ଥ ତୁଳସୀଙ୍କ ସମାଧାନ ଏକ ପାରସ୍ପରିକ ସାରସ୍ୱତ ଯୁଗଳବନ୍ଦୀ ସୃଜନ ଥିଲା, ଯାହା ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା ଓ ସମ୍ମାନକୁ ପ୍ରଦର୍ଶିତ କରୁଥିଲା।

(ଦର୍ଶନାଧ୍ୟାପକ,
ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ, କୁରାଳ)

## ବେଙ୍ଗ ମନ୍ଦିର

### ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ବେଦ ଉପନିଷଦରୁ ଆରମ୍ଭ କରି ବିଭିନ୍ନ ସଭ୍ୟତା ପର୍ଯ୍ୟନ୍ତ ମଣ୍ଡୁକ ବା ବେଙ୍ଗ ସମ୍ପର୍କିତ ଅନେକ ବର୍ଣ୍ଣନା ରହିଛି। ଅନେକ ଦେଶର ସଂସ୍କୃତି ଓ ପରମ୍ପରାରେ ମଧ୍ୟ ବେଙ୍ଗ ପୂଜନର ବିଧି ପ୍ରଚଳିତ। ଫେଙ୍ଗସୁଇ ତତ୍ତ୍ୱରେ ଆର୍ଥିକ ଉନ୍ନତି ପାଇଁ ବେଙ୍ଗକୁ ବହୁତ ପ୍ରାଧାନ୍ୟ ଦିଆଯାଇଛି। ଭାରତରେ ମଧ୍ୟ ବିଭିନ୍ନ କାର୍ଯ୍ୟର ସିଦ୍ଧି ପାଇଁ ବେଙ୍ଗକୁ ପୂଜାର୍ଚ୍ଚନା କରାଯିବା ସହ ବେଙ୍ଗ ପାଇଁ ସମର୍ପିତ ଗୋଟିଏ ମନ୍ଦିର ମଧ୍ୟ ଅଛି।

ଉତ୍ତର ପ୍ରଦେଶର ଲଖିମ୍‌ପୁର ଖିରି ଜିଲ୍ଲାସ୍ଥିତ ଓୟଲ୍ ଅଞ୍ଚଳରେ ବେଙ୍ଗ ପାଇଁ ସମର୍ପିତ ଏହି ବିଶେଷ ମନ୍ଦିର ଅଛି। ପ୍ରାୟ ୨୦୦ ବର୍ଷ ପୁରୁଣା ଏହି ମନ୍ଦିରର ବିଶେଷତ୍ୱ ହେଉଛି ଏହା ଗୋଟିଏ ବିଶାଳ ପଥର ବେଙ୍ଗର ପିଠି ଉପରେ ଅବସ୍ଥିତ। ବେଙ୍ଗର ମୁଖ ଉତ୍ତର ଦିଗକୁ ରହିଥିବା ବେଳେ ପଛଭାଗ ଦକ୍ଷିଣ ଦିଗକୁ ଅଛି। ଦୁଇଟି ଗୋଡ଼ ପୂର୍ବଦିଗକୁ ଏବଂ ଅନ୍ୟ ଦୁଇଟି ଗୋଡ଼ ପଶ୍ଚିମ ଦିଗକୁ ରହିଛି। ବେଙ୍ଗର ପିଠି ଉପରେ ସୁଉଚ୍ଚ ଅଷ୍ଟକୋଣୀୟ ପିଣ୍ଡି ନିର୍ମାଣ କରାଯାଇଛି, ଯାହାକି ଦେଖିବାକୁ ଶ୍ରୀଯନ୍ତ୍ର ଭଳି। ଗର୍ଭ ଗୃହକୁ ଯିବା ପାଇଁ ସିଡ଼ି ନିର୍ମାଣ ହୋଇଛି। ଗର୍ଭଗୃହରେ ଧଳା ମାର୍ବଲ୍ ପଥରରେ ପ୍ରାୟ ୩ଫୁଟ ଉଚ୍ଚ ଶକ୍ତିସ୍ଥଳ ନିର୍ମାଣ କରାଯାଇଛି, ଯାହା ଉପରେ ଶିବଲିଙ୍ଗ ବିରାଜମାନ ଅଛନ୍ତି। ଉକ୍ତ ଶକ୍ତିସ୍ଥଳରେ ସହସ୍ରଦଳ ପଦ୍ମଫୁଲର ଆକୃତି ଦେଖିବାକୁ ମିଳିଥାଏ। ଗର୍ଭଗୃହର ଦ୍ୱାର ପୂର୍ବ ଦିଗକୁ ରହିଥିବା ବେଳେ ଗର୍ଭଗୃହ ବାହାରେ ପରିକ୍ରମା ମାର୍ଗ ଅଛି। ଶିବଲିଙ୍ଗ ଉପରେ ଅର୍ପିତ ଦୁଗ୍ଧ ଓ ଜଳ ଭୂତଳ ନାଳ ପଟେ ଆସି ବେଙ୍ଗର ମୁହଁରୁ ବାହାରିଥାଏ, ଯାହାକୁ ଭକ୍ତମାନେ ଶିବ ପାଦୁକା ଭାବେ ଗ୍ରହଣ କରିଥା'ନ୍ତି।

ଏହା ବିଶ୍ୱର ଏକମାତ୍ର ମନ୍ଦିର, ଯେଉଁଠି ମହାଦେବ ବେଙ୍ଗପୃଷ୍ଠରେ ବିରାଜମାନ କରିଛନ୍ତି। ଏହି ମନ୍ଦିରକୁ ଓୟଲ୍‌ର ରାଜା ବଖ୍‌ସ ସିଂ ପ୍ରାକୃତିକ ବିପର୍ଯ୍ୟୟରୁ ରାଜ୍ୟ ଓ ପ୍ରଜାଙ୍କ ସୁରକ୍ଷା ପାଇଁ ନିର୍ମାଣ କରିଥିଲେ। ବିଶ୍ୱାସ ରହିଛି ଯେ, ଏହି ମନ୍ଦିରରେ ପୂଜାର୍ଚ୍ଚନା କଲେ ପ୍ରାକୃତିକ ବିପର୍ଯ୍ୟୟର ବିପଦ ରହେ ନାହିଁ। ଓୟଲ୍ ରାଜବଂଶ ଶୈବ ଉପାସକ ଥିବାରୁ ମନ୍ଦିର ଭିତରେ ପୂଜା ପାଉଥିବା ଶିବଲିଙ୍ଗ ମଣ୍ଡୁକଯନ୍ତ୍ର ଉପରେ ଉପବିଷ୍ଟ ଅଛନ୍ତି। କୁହାଯାଏ ଯେ, ଏହି ମନ୍ଦିରର ବାସ୍ତୁ ପରିକଳ୍ପନା କପିଳା ନାମକ ଜଣେ ମହାନ ତାନ୍ତ୍ରିକଙ୍କ ଦ୍ୱାରା କରାଯାଇଥିଲା। ତେଣୁ ମାଣ୍ଡୁକ୍ୟ ତନ୍ତ୍ର ଦ୍ୱାରା ମନ୍ଦିରର ନିର୍ମାଣ ଶୈଳୀ ଯୋଗୁଁ ଭକ୍ତ ଆକର୍ଷିତ ହୋଇ ଆସିଥା'ନ୍ତି। ସାଧାରଣ ଦିନ ଅପେକ୍ଷା ଦୀପାବଳି ଏବଂ ଶିବରାତ୍ରି ଦିନ ଏହି ମନ୍ଦିରରେ ଅଧିକ ଜନଗହଳି ଦେଖାଯାଏ। ଏହି ମନ୍ଦିରର ବିଶେଷତ୍ୱ ହେଉଛି, ଏହି ଶିବଲିଙ୍ଗର ରଙ୍ଗ ଗୋଟିଏ ଦିନରେ ଦୁଇଥର ପରିବର୍ତ୍ତନ ହୋଇଥାଏ। ଏହି ମନ୍ଦିରର ଆଉ ଏକ ବିଶେଷତ୍ୱ ହେଉଛି ଅନ୍ୟ ଶୈବପୀଠରେ ନନ୍ଦୀ ବସିଥିବା ଅବସ୍ଥାରେ ଦେଖିବାକୁ ମିଳୁଥିବା ବେଳେ ଏଠାରେ ଥିବା ନନ୍ଦୀଙ୍କ ମୂର୍ତ୍ତି ଦଣ୍ଡାୟମାନ ସ୍ୱରୂପରେ ନିର୍ମାଣ କରାଯାଇଛି। ତନ୍ତ୍ର ଅନୁସାରେ ବେଙ୍ଗ ହେଉଛି ସମୃଦ୍ଧି, ସୌଭାଗ୍ୟ, ପ୍ରଜନନ ଓ କ୍ଷମତାର ପ୍ରତୀକ। ତେଣୁ ଏହି ବେଙ୍ଗ ମନ୍ଦିର ଓୟଲ୍ ରାଜବଂଶର ପୂଜାର୍ଚ୍ଚନାର କେନ୍ଦ୍ରସ୍ଥଳୀ ଥିଲା। ବର୍ତ୍ତମାନ ଏହି ମନ୍ଦିରକୁ ଉତ୍ତର ପ୍ରଦେଶର ନର୍ମଦେଶ୍ୱର ମନ୍ଦିର ବୋଲି କୁହାଯାଉଛି।

ବର୍ତ୍ତମାନ ସମୟରେ ଭକ୍ତମାନେ ଆର୍ଥିକ କଷ୍ଟ ଦୂର, ଋଣମୁକ୍ତ ହେବା ଓ ନୂତନ ବ୍ୟବସାୟରେ ଆର୍ଥିକ ଉନ୍ନତି କାମନା କରି ଏହି ମନ୍ଦିରକୁ ଆସି ମହାଦେବ ଏବଂ ବେଙ୍ଗକୁ ବିଶେଷ ପୂଜାର୍ଚ୍ଚନା କରିଥା'ନ୍ତି। ବିଶ୍ୱାସ ରହିଛି ଯେ, ନିଷ୍ଠାର ସହିତ ପୂଜାର୍ଚ୍ଚନା ପରେ ଖୁବ୍ ଅଳ୍ପଦିନରେ ସମସ୍ତ ଆର୍ଥିକ ସମସ୍ୟା ଦୂର ହୋଇଯାଏ। ମହାଦେବଙ୍କ ସହିତ ବେଙ୍ଗ ପୂଜା କଲେ ଅନ୍ୟାନ୍ୟ ମନସ୍କାମନା ମଧ୍ୟ ଅବିଳମ୍ବେ ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକମାନଙ୍କ ଅନୁଭବରୁ ଜାଣିବାକୁ ମିଳେ।(କ୍ରମଶଃ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ପରଲୋକ

ଡେରାବିଶ/ପଞ୍ଚୁପାଣ୍ଡବ, ୧୫।୧(ସମିସ): ବରୀ-ଡେରାବିଶର ପୂର୍ବତନ ବିଧାୟକ କୁଳମଣି ରାଉତ (୭୮)ଙ୍କ ଆଜି ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଚିକିତ୍ସିତ ହୋଇଆସୁଥିଲେ। ତାଙ୍କ ପରଲୋକରେ ଡେରାବିଶ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ବ୍ଲକ ଅଧୀନସ୍ଥ ଚାନ୍ଦୋଳ ପାଣ୍ଡି ଛକରେ ଅପେକ୍ଷାରତ ଜନସାଧାରଣ ତାଙ୍କୁ ଶେଷ ଦର୍ଶନ କରିବା ପାଇଁ ଭିଡ଼ ଜମାଇଥିଲେ। ପରେ ଏକ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତକୁ ନିଆଯାଇ ରାତିରେ ବ୍ଲକ୍ ଅନ୍ତର୍ଗତ କୁରୁଙ୍ଗା ପଞ୍ଚାୟତର ଶଙ୍କରପୁରସ୍ଥ ତାଙ୍କ ବାସ ଭବନରେ ପହଞ୍ଚିଥିଲା ଓ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



ସ୍ୱର୍ଗତ ରାଉତ କେବଳ ବ୍ଲକ ଅଞ୍ଚଳ ନୁହେଁ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଜଣେ ବନ୍ଧୁ ବତ୍ସଳ, ପରୋପକାରୀ, ଅମାୟିକ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ତତ୍କାଳୀନ ବରୀ-ଡେରାବିଶ ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇ ବହୁ ଲୋକାଭିମୁଖୀ କାର୍ଯ୍ୟ କରିଥିଲେ। ଆଜି ତାଙ୍କ ବିୟୋଗ ଖବର ପାଇ ବରିଷ୍ଠ ବିଜେଡି ନେତା ରବି ସାମଲ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ଦେବାଶିଷ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, କଂଗ୍ରେସ ନେତା ଜୟନ୍ତ ମହାନ୍ତି, ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ଉମେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶୋର ସିଂହ, ବରିଷ୍ଠ ବିଜେଡି ନେତା ହଳଧର ଦାଶ, ମହେନ୍ଦ୍ର ସିଂହ, ରାଜେଶ ପଣ୍ଡା, ଡେରାବିଶ କଲେଜ ପରିଚାଳନା କମିଟିର ପୂର୍ବତନ ସଭାପତି ଶରତ କର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ସୁନା ବ୍ୟବସାୟୀଙ୍କୁ ଆୟକର ବିଭାଗର ଜେରା

କଟକ,୧୫।୧(ସମିସ): କଟକ ସୁନା ବଜାରରେ ଆୟକର ବିଭାଗର ବଡ଼ଧରଣର ଚଢ଼ଉ କରିଛି। ଗତକାଲି ପୁରୀଘାଟ ଥାନା ସମ୍ମୁଖସ୍ଥ ଚେକିଂରେ ୪୦ ଲକ୍ଷ ଟଙ୍କା ଜବତ ମାମଲାରେ ସୁନା ବ୍ୟବସାୟୀଙ୍କୁ ଅଟକ ରଖାଯାଇଛି। ପୁରୀଘାଟ ଥାନା ପରିସରରେ ଆୟକର ବିଭାଗର ଏକ ୩ ଜଣିଆ ଉଚ୍ଚସ୍ତରୀୟ ଟିମ୍ କୋଲକାତାର ବ୍ୟବସାୟୀ ମିଲନ ଆଦିକଙ୍କୁ ଦୀର୍ଘ ସମୟ ଧରି ଜେରା କରିଛନ୍ତି। ଏହି ଘଟଣାରେ କଟକର ବିଭାଗକୁ ଖବର ଦେଇଥିଲା। ଏହି ମାମଲାରେ ସବୁଠାରୁ ରହସ୍ୟଜନକ ଦିଗ ହେଉଛି ବ୍ୟବସାୟୀ ତାରକନାଥ ସାହାଙ୍କ ଆଭିମୁଖ୍ୟ। ଆୟକର ବିଭାଗ ପକ୍ଷରୁ ତାଙ୍କୁ ହାଜର ହେବା ପାଇଁ ବାରମ୍ବାର ନୋଟିସ ଜାରି କରାଯାଇଥିଲେ ହେଁ, ସେ ଏପର୍ଯ୍ୟନ୍ତ ତଦନ୍ତରେ ସହଯୋଗ କରିନାହାନ୍ତି କିମ୍ବା କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଦେଖା ଦେଇନାହାନ୍ତି। ଏହି ନିରବତା ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସେ କ'ଣ ନିଜର ବେଆଇନ କାରବାର ଧରାପଡ଼ିବା ଭୟରେ

## ୪୦ ଲକ୍ଷ ଜବତ ମାମଲା: ଅଭିଯୁକ୍ତଙ୍କୁ ହସ୍ତାନ୍ତର କଲା ପୁରୀଘାଟ ଥାନା ପୁଲିସ




ତାରକନାଥ ସାହାଙ୍କୁ ପୁଲିସ କିମ୍ବା ଆୟକର ବିଭାଗ ଧରି ପାରିନାହିଁ।

ସୂଚନା ମୁତାବକ, ମିଲନ ଆଦିକ କୋଲକାତାରୁ ସୁନା ଆଣି କଟକର ପ୍ରତିଷ୍ଠିତ ବ୍ୟବସାୟୀ ତାରକନାଥ ସାହାଙ୍କୁ ହସ୍ତାନ୍ତର କରିଥିଲେ। ଏହାର ପ୍ରତିବଦଳରେ ସେ ୪୦ ଲକ୍ଷ ଟଙ୍କାର ନଗଦ ଅର୍ଥ ନେଇ ଫେରୁଥିବା ବେଳେ ପୁରୀଘାଟ ପୁଲିସର ନିୟମିତ ଯାଞ୍ଚ ସମୟରେ ଧରାପଡ଼ିଥିଲେ। ପୁଲିସ ଯେତେବେଳେ ଏତେ ପରିମାଣର ଅର୍ଥ ପାଇଁ ବୈଧ କାଗଜପତ୍ର ମାଗିଥିଲା, ମିଲନ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଫଳରେ ପୁଲିସ ଟଙ୍କା ଜବତ କରିବା ସହ ତାଙ୍କୁ ଅଟକ ରଖି ଆୟକର ଲୁଚିଛନ୍ତି କି? କୋଲକାତାରୁ କଟକକୁ ହେଉଥିବା ଏହି ସୁନା ପରିବହନ କ'ଣ ବେଆଇନ ଉପାୟରେ ହେଉଛି? ଆୟକର ବିଭାଗ ଏବେ କେବଳ ଏହି ୪୦ ଲକ୍ଷ ଟଙ୍କା ଉପରେ ନୁହେଁ, ବରଂ ତାରକନାଥଙ୍କ ପୁରା ବ୍ୟବସାୟିକ ସାମ୍ରାଜ୍ୟ ଉପରେ ନଜର ରଖିଛି। ଟିକସ ନିୟମର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମିଲନ ଆଦିକଙ୍କ ବୟାନରେ ଥିବା ଅସଙ୍ଗତି ବିଭାଗର ସନ୍ଦେହକୁ ଆହୁରି ଦୃଢ଼ କରିଛି। ଯଦି ସୁନା ବ୍ୟବସାୟୀ ଶୀଘ୍ର ହାଜର ନହୁଅନ୍ତି, ତେବେ ଆଗାମୀ ଦିନରେ ତାଙ୍କ ବାସଭବନ ଓ ପ୍ରତିଷ୍ଠାନ ଉପରେ ଚଢ଼ଉ ହେବାର ସମ୍ଭାବନା ରହିଛି।

■ ସୁବର୍ଣ୍ଣପୁର ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତିରେ ଅନିୟମିତତା

# ରାଜ୍ୟ ଗୃହ ବିଭାଗକୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୫।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଦାୟର ମାମଲାର ଆଜି ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ପ୍ରତିପକ୍ଷ ରାଜ୍ୟ ଗୃହ ବିଭାଗ, କେନ୍ଦ୍ରାଞ୍ଚଳ ଆଇଜି, ସୁବର୍ଣ୍ଣପୁର ଏସପିଙ୍କ ସମେତ ଚୟନ ତାଲିକାରେ ସ୍ଥାନିତ ୧୩ ପ୍ରାର୍ଥୀଙ୍କୁ ହାଇକୋର୍ଟ ନୋଟିସ ଜାରି କରି ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆକାଶ ସ' ଓ ଅନ୍ୟ ୭ ଜଣଙ୍କ ତରଫରୁ ଦାୟର ଦୁଇ ମାମଲାର ଏକତ୍ର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି ଏହି ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ମାମଲାର ଚୂଡାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ କହିଛନ୍ତି। ଫେବୃଆରୀ ୨୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ସୁବର୍ଣ୍ଣପୁର ଜିଲ୍ଲାରେ ୯୨ଟି ଗୃହରକ୍ଷୀ ପଦ ପୂରଣ ପାଇଁ ୨୦୨୫, ମେ ୧୯ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜଣେ ପ୍ରାର୍ଥୀ କେବଳ ଗୋଟିଏ ଥାନାରେ ଖାଲିଥିବା ପଦରେ ନିଯୁକ୍ତି ପାଇଁ ଆବେଦନ କରିପାରିବେ ବୋଲି କୁହାଯାଇଥିଲା। ଆବେଦନକାରୀ ସୋନପୁର ଥାନାରେ ଖାଲିଥିବା ୩୦ ପଦ ପାଇଁ ଦରଖାସ୍ତ କରି ଲିଖିତ ପରୀକ୍ଷାରେ ଆବେଦନକାରୀ ଯୋଗ୍ୟତା ଅର୍ଜନ କରିଥିବା ନେଇ ଡିସେମ୍ବର ୩ରେ କର୍ତ୍ତୃପକ୍ଷ ଅବଗତ କରିଥିଲେ। ଆବେଦନକାରୀ ଶାରୀରିକ ପରୀକ୍ଷା ଓ ସାକ୍ଷାତକାର ଦେଇଥିଲେ। ୨୦୨୬, ଜାନୁଆରୀ ୫ରେ ଚୂଡାନ୍ତ ଚୟନ ତାଲିକାରେ ଆବେଦନକାରୀ ସ୍ଥାନ ପାଇ ନଥିଲେ। ସୋନପୁର ଥାନାଞ୍ଚଳ ବାହାରର ୧୩ଜଣ ପ୍ରାର୍ଥୀଙ୍କୁ ଏହି ଥାନାରେ ଖାଲି ଥିବା ପଦ ପାଇଁ ଚୟନ କରାଯାଇଥିବା ଆବେଦନକାରୀ ଅଭିଯୋଗ କରିବା ସହ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସହସ୍ରାଂଶୁ ସୌରଭ ଓ ନିରଞ୍ଜନ ହୋତା ମାମଲା ପରିଚାଳନା କରୁଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIIIBBS2025031, ତା.14.08.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ.01)- ତା.27.01.2026 ରିଖ 1200 ଘଟିକା, ପଢ଼ାଯିବା ଆବଶ୍ୟକ - ତା.16.02.2026 ରିଖ 1200 ଘଟିକା।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-232/CI/25-26


# ଗଛରେ ପିଟିହେଲା ବାଇକ୍; ୨ ଯୁବକ ମୃତ

ଖଲ୍ଲିକୋଟ,୧୫।୧(ସମିସ): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ମୁକୁନ୍ଦପୁର ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜୀବନ ଯାଉଛି। ଭାରସାମ୍ୟ ହରାଇ ଏକ ବାଇକ୍ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହେବାରୁ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଲ୍ଲିକୋଟ ଥାନା କେଶପୁର ପାଟଣା ସାହିର ଶୁଭମ୍ ସାହୁ ଓ ଅମିତ୍ ସାହୁ।

ଗୁରୁବାର ସନ୍ଧ୍ୟାରେ ଶୁଭମ୍ ଓ ଅମିତ୍ ଏକ ବାଇକ୍‌ରେ ସାନଘାଟି ପଟୁ ଖଲ୍ଲିକୋଟ ଅଭିମୁଖେ ଆସୁଥିବା ବେଳେ ମୁକୁନ୍ଦପୁର ଛକରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ବାଇକ୍‌ଟି ପିଟି ହୋଇଥିଲା। ଦୁହେଁ ଗଛରେ ପିଟି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଅଟୋରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ପୁଲିସ ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇରାନ ମୁହାଁ...

ଏହାପୂର୍ବରୁ ୟୁଏସ୍‌ଏସ୍ ଆବ୍ରାହାମ ଲିଙ୍କନ ଦକ୍ଷିଣ ଚୀନ ସାଗରରେ ରୁଟିନ ଅପରେସନ କରୁଥିଲା। ଏହି ଗ୍ରୁପ୍‌ରେ ଏକ ସୁପରକ୍ୟାରିୟର, ୩-୬ ବିଧ୍ୱଂସକ, ୧-୨ ବୁଡ଼ାଜାହାଜ, ୭ରୁ ୮ ହଜାର ସୈନ୍ୟ, ୬୫-୭୦ ବିମାନ (ଏଫ୍-୩୫ଏସ୍, ଏଫ/ଏ-୧୮ ଏସ୍) ସାମିଲ ଥିଲା।

ଇତିମଧ୍ୟରେ ତେହରାନରୁ ମିଳିଥିବା ରିପୋର୍ଟ ଅନୁଯାୟୀ ସେଠାରେ ସରକାର ବିରୋଧୀ ବିକ୍ଷୋଭ ଜାରି ରହିଛି। ତେବେ ବିକ୍ଷୋଭକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିକ୍ଷୋଭକାରୀମାନଙ୍କୁ ଦମନ ପାଇଁ ହୋଇଥିବା କାର୍ଯ୍ୟାନୁଷ୍ଠାନରେ ୫ ହଜାରରୁ ଅଧିକ ଲୋକ ନିହତ ହୋଇଥିବା ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସମେତ ଅନେକ ଦେଶ ସେମାନଙ୍କ ନାଗରିକମାନଙ୍କୁ ଇରାନରୁ ଫେରାଇ ଆଣିବାରେ ଲାଗିଛନ୍ତି।

### ସୁପ୍ରିମ କୋର୍ଟରେ ବି...

ଦରକାର। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୩ରେ ହେବ ବୋଲି ତାରିଖ ଧାର୍ଯ୍ୟ କରାଯାଇଛି। ଇଡି ଚଢ଼ଉ ବେଳର ସିସିଟିଭି ଫୁଟେଜ ସୁରକ୍ଷିତ ରଖିବା ଲାଗି ସୁପ୍ରିମ କୋର୍ଟ ମମତା ବାନାର୍ଜୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ବେଙ୍ଗଲ ପୁଲିସ ଡିଜି ରାଜୀବ କୁମାର, କୋଲକାତା ପୁଲିସ କମିସନର ମନୋଜ ବର୍ମା ଏବଂ ଅନ୍ୟ ଅଧିକାରୀଙ୍କୁ ସସପେଣ୍ଡ କରିବା ସହିତ ଏହି ମାମଲାର ସିବିଆଇ ଦ୍ୱାରା ତଦନ୍ତ ପାଇଁ ଇଡି ପକ୍ଷରୁ ଯେଉଁ ପିଟିସନ ଦାଖଲ କରାଯାଇଛି, ସେସଂପର୍କରେ କେନ୍ଦ୍ର ସରକାର ଓ ପଶ୍ଚିମ ବଙ୍ଗ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ସୂଚନାଯୋଗ୍ୟ ଯେ ଜାନୁଆରୀ ୮ରେ ଇଡି ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଆଇଟି ମୁଖ୍ୟ ଓ ରାଜନୈତିକ ପରାମର୍ଶଦାତା ସଂସ୍ଥା (ଆଇ- ପ୍ୟାକ୍)ର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ଘର ଓ କମ୍ପାନୀ ପରିସରରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟ ପୁଲିସ ଅଧିକାରୀମାନଙ୍କ ସହ ସେଠାରେ ପହଞ୍ଚିଥିଲେ ଓ ପ୍ରମାଣ ସମ୍ପର୍କିତ ଫାଇଲଗୁଡିକୁ ସେଠାରୁ ନେଇଯାଇଥିଲେ। ଅନ୍ୟପକ୍ଷରେ ମମତା ଅଭିଯୋଗ କରିଥିଲେ ଯେ ଆଇପାକ୍ ଅଫିସରୁ ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତି ଫାଇଲ ଚୋରି କରିବା ଉଦ୍ଦେଶ୍ୟରେ ଇଡି ଚଢ଼ଉ କରିଥିଲା। କୋଇଲା ଦୁର୍ନୀତି ମାମଲାରେ ଦୁଇ ବର୍ଷ ତଳେ ଚଢ଼ଉ ନକରି ଇଡି ଏବେ କାହିଁକି ଚଢ଼ଉ କରିଥିଲା ବୋଲି ସେ ପ୍ରଶ୍ନ କରିଥିଲେ।

କୋର୍ଟରେ ସଲିସିଟର ଜେନେରାଲ ତୁଷାର ମେହେଟା ଓ ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁ ଇଡି ତରଫରୁ ଆଜି ପକ୍ଷ ରଖିଥିଲେ। ସେହିପରି ବରିଷ୍ଠ ଓକିଲ କପିଲ ସିବଲ ପଶ୍ଚିମବଙ୍ଗ ସରକାର ତରଫରୁ ଦଲିଲ ଉପସ୍ଥାପନ କରିଥିଲେ। ପୂର୍ବରୁ ଏହି ମାମଲାରେ ପଶ୍ଚିମବଙ୍ଗ ସରକାର ଦାଏର କରିଥିବା ଆବେଦନକୁ କୋଲକାତା ହାଇକୋର୍ଟ ଖାରଜ କରିଥିଲେ। ଏହି ଚଢ଼ାଉରେ କିଛି ଜବତ କରାଯାଇ ନଥିଲା ବୋଲି ଇଡି କୋର୍ଟରେ ସ୍ପଷ୍ଟ କରିଥିଲା।

### ବିଧାୟକ ସନା ମହାକୁଡ଼...

ମିଶ୍ର କହିଛନ୍ତି ଯେ ଦଳର ନେତା ତଥା ବିଧାୟକଙ୍କ ଗତିବିଧି ନେଇ ସମସ୍ତ ରିପୋର୍ଟ ନବୀନ ପଟ୍ଟନାୟକଙ୍କ ନିକଟରେ ରହିଛି। ଯିଏ ବି ଦଳ ବିରୋଧରେ ଷଡ଼ଯନ୍ତ୍ର କରିବ, ଦଳକୁ ଦୁର୍ବଳ କରିବା ପାଇଁ ପ୍ରୟାସ କରିବ ସେମାନଙ୍କ ବିରୋଧରେ କଠୋରରୁ କଠୋରତମ ନିଷ୍ପତ୍ତି ନେବାରେ କ୍ଷମତା ମଧ୍ୟ ନବୀନଙ୍କ ନିକଟରେ ରହିଛି। ସେ ସବୁକିଛି ଦୃଷ୍ଟିରେ ରଖି ଓ ଭାବିଚିନ୍ତି ନିଷ୍ପତ୍ତି ନେଇଥାନ୍ତି। ଉଭୟ ବିଧାୟକ ଦଳକୁ ଦୁର୍ବଳ କରିବାକୁ ପ୍ରୟାସ କରିଥିବା ଦଳର ସଭାପତିଙ୍କ ନିଷ୍ପତ୍ତିରୁ ସ୍ପଷ୍ଟ ବୋଲି ସେ କହିଛନ୍ତି। ବିଜେଡିର ଅନ୍ୟତମ ବିଧାୟକ ଗଣେଶ୍ୱର ବେହେରା ମଧ୍ୟ ସମାନ କଥା ଦୋହରାଇଛନ୍ତି। ଆମେ ଏନେଇ ସଭାପତିଙ୍କ ନିକଟରୁ ଅବଗତ ହୋଇଛୁ। ଉଭୟ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ସଭାପତି ସେମାନଙ୍କୁ ସୂଚନା ଦେଇଛନ୍ତି ବୋଲି ଶ୍ରୀ ବେହେରା କହିଛନ୍ତି।

### ଲୋକଙ୍କୁ ଭୁଆଁ...

ଟୋଲ୍‌ଗେଟ୍ ଗୁଡ଼ିକରେ ଏସ୍‌ଟିଏ ପକ୍ଷରୁ ଇ-ଡିଟେକ୍ସନ ବ୍ୟବସ୍ଥା ଲଗାଯାଇଛି। ଏହି ବ୍ୟବସ୍ଥାରେ ଲୋକଙ୍କ ଫାସଟ୍ୟାଗକୁ ରିଡିଂ କରି ଯାହାର କୌଣସି ବୈଧ କାଗଜପତ୍ର ନ ଥିବ ସେମାନଙ୍କୁ ଚାଲାଣ କରାଯାଉଛି। ତେବେ ଏହି ବ୍ୟବସ୍ଥାକୁ ନେଇ ତୀବ୍ର ଜନ ଅସନ୍ତୋଷ ଦେଖାଯିବା ପରେ ଇ-ଡିଟେକ୍ସନ ବ୍ୟବସ୍ଥାକୁ ଆସନ୍ତା ଏପ୍ରିଲ୍ ମାସ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ବିଭାଗୀୟ ମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶ ସତ୍ତ୍ୱେ ଏବେ ବି ରାଜ୍ୟରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ଟୋଲ୍‌ଗେଟ୍‌ଠାରେ ଲୋକଙ୍କୁ ମୋଟା ଅଙ୍କର ଜରିମାନା କରାଯାଉଛି। ଅନ୍ୟପଟେ ନିୟମ ଉଲ୍ଲଂଘନକାରୀଙ୍କ ସହ ଏଠାରେ ଗାଡ଼ିର ସମସ୍ତ କାଗଜ ପତ୍ର ବୈଧ ଥିବା ସତ୍ତ୍ୱେ ମଧ୍ୟ ଜରିମାନା କରାଯାଉଛି।

ସତ୍ୟଜିତ ମଲ୍ଲିକ ନାମକ ଜଣେ ବ୍ୟକ୍ତି ତାଙ୍କ କାର ନଂ ଓଡି୩୩ଏଏଲ୍୬୧୫୩ର ଇନ୍‌ସ୍ୟୁରାନ୍ସ ଅବଧି ଗତ ୧୦ ତାରିଖରେ ଶେଷ ହେବାର ଥିଲା। ଏହା ପୂର୍ବରୁ ସେ ଗତ ୮ ତାରିଖରେ ନିଜ ଗାଡ଼ି ଇନ୍‌ସ୍ୟୁରାନ୍ସ ନବୀକରଣ କରାଇଥିଲେ। ଏହାସତ୍ତ୍ୱେ ଗତ ୧୦ ତାରିଖରେ ଗୁରାପଲ୍ଲୀ ଟୋଲଗେଟ୍, ୧୧ ଓ ୧୨ ତାରିଖରେ ଗୁଡ଼ିପଡ଼ା ଟୋଲ୍‌ଗେଟରୁ ମୋଟ୍ ୩ ଟା ଚାଲାଣ କରାଯାଇଛି। ଇନ୍‌ସ୍ୟୁରାନ୍ସ ନ ଥିବା ଦର୍ଶାଇ ୪ ହଜାର ଲେଖାଏ ୩ ଟି ଚାଲଣରେ ମାଲିକଙ୍କ ପାଖକୁ ୧୨ ହଜାର ଟଙ୍କାର ଚାଲାଣ ଆସିଛି। ଏହାକୁ ନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ବୈଧ ଇନ୍ସୁ୍ୟରାନ୍ସ ଥିବା ସତ୍ତ୍ୱେ କିପରି ଚାଲାଣ କରାଗଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ଅନ୍ୟ ଏକ ଘଟଣାରେ ସୁରେଶ ସାହୁ ନାମକ ଜଣେ ବ୍ୟକ୍ତି ନିଜ ଟ୍ରକ୍‌ର ଇନସ୍ୟୁରାନ୍ସ ଅବଧି ଗତ ୯ ତାରିଖରେ ଶେଷ ହେବା ପୂର୍ବରୁ ନବୀକରଣ କରାଇଥିଲେ। ଏମ୍-ପରିବହନରେ ମଧ୍ୟ ଇନସ୍ୟୁରାନ୍ସ ନବୀକରଣ ନେଇ ତଥ୍ୟ ଅପଡେଟ୍ ହୋଇସାରିଥିଲା। ଏହା ସତ୍ତ୍ୱେ ୧୦-୧୨ ତାରିଖ ମଧ୍ୟରେ ୩ ଟି ଚାଲାଣ ତାଙ୍କୁ ପଠାଯାଇଛି। ଯାହାକୁ ନେଇ ଶ୍ରୀ ସାହୁ ଅସନ୍ତୋଷ ପ୍ରକାଶ କରିବା ସହ ସରକାରଙ୍କୁ ବଦନାମ କରିବା ପାଇଁ ପରିବହନ ବିଭାଗ ଏମିତି କାମ କରୁଥିବା ଅଭିଯୋଗ ଆଣିଛନ୍ତି। ନିକଟରେ ପ୍ରାଣ ହରାଇଥିବା ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କ ମୃତ୍ୟୁ ପାଇଁ ଟୋଲଗେଟରୁ ଏଭଳି ଅତର୍କିତ ଚାଲାଣ ବ୍ୟବସ୍ଥାକୁ ଦାୟୀ କରାଯାଉଛି। କାରଣ ତାଙ୍କର କାର୍ ଥିବା ସତ୍ତ୍ୱେ ପିୟୁସିସି ନ କରିପାରି ଥିବା ଯୋଗୁଁ ସେ ପୁରୀକୁ ସ୍କୁଟି ଧରି ଯିବାକୁ ବାଧ୍ୟ ହୋଇଥିଲେ। ରାସ୍ତାରେ ଗଦା ହୋଇଥିବା ବାଲିରେ ପଡ଼ି ତାଙ୍କ ସମେତ ଦୁଇ ଜଣଙ୍କ ଜୀବନ ଯାଇଥିଲା। ଏତେ ସବୁ ଘଟଣା ପରେ ଏହି ବ୍ୟବସ୍ଥାକୁ ଏପ୍ରିଲ୍ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ମନ୍ତ୍ରୀ ବିଭୂତି ଭୂଷଣ ବେହେରା ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର କାହିଁକି ଏହାକୁ ଏସ୍‌ଟିଏ ବନ୍ଦ କରୁନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


**ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆମ ହସ୍‌ପିଟାଲ୍ କର ଭିଜନ୍ ଚକ୍ଷୁ ଚିକିତ୍ସାଳୟ, ୧୦, ଜନପଥ, ସତ୍ୟନଗର, ଭୁବନେଶ୍ୱର ର ରୋଗୀମାନଙ୍କର ଚିକିତ୍ସା ଜନିତ ନଥିପତ୍ର, ୦୧/୦୪/୨୦୧୯ ଠାରୁ ୩୧/୦୩/୨୦୨୦ ପର୍ଯ୍ୟନ୍ତ ନଷ୍ଟ କରି ଦିଆଯିବ। ଯେଉଁ ରୋଗୀମାନେ ଏହି ସମୟସୀମା ମଧ୍ୟରେ ହସ୍‌ପିଟାଲ୍‌କୁ ଚିକିତ୍ସା ପାଇଁ ଆସିଥିବେ, ସେମାନଙ୍କର ଯଦି କୌଣସି ଅଭିଯୋଗ ଥାଏ, ଏହି ବିଜ୍ଞାପନ ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ।

ପରବର୍ତ୍ତୀ ସମୟରେ ଉପରୋକ୍ତ ସମୟସୀମା ମଧ୍ୟରେ ନଥିପତ୍ର ପାଇଁ ହସ୍‌ପିଟାଲ୍ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିର୍ଦ୍ଦେଶକ
କର ଭିଜନ୍ ଚକ୍ଷୁ ଚିକିତ୍ସାଳୟ
୧୦, ଜନପଥ, ସତ୍ୟନଗର, ଭୁବନେଶ୍ୱର

C-2905

**OFFICE OF THE MUNICIPAL COUNCIL, TALCHER**

**'e' – Procurement Notice**

Tender Reference No.TCRM-10/2025-26
Bid Identification No. 2026_ORULB_124488
No. 152/Dt. 12.01.2026

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in

| | | | |
|---|---|---|---|
| 1) | Name of the Work | :- | Civil work as mentioned in the website. |
| 2) | No. of works | :- | 1 No. |
| 3) | Estimated Cost | :- | Rs.60.39 lakhs |
| 4) | Period of Completion | :- | As per DTCN |
| 5) | Date & time of availability of Bid document in the portal | :- | dt.13.01.2026 at 4.00 PM |
| 6) | Last date & time for receipt of Bid in the portal | :- | dt.27.01.2026 at 5.00 PM |
| 7) | Date of Opening (technical bid) Bid | :- | dt.28.01.2026 at 11.00 AM |
| 8) | Name & Address of the Officer inviting the bid | :- | Executive Officer, Talcher Municipality |
| 9) | The bidders have to participate in ONLINE bidding only. | | |

Further details can be seen from the procurement portal i.e. www.tendersorissa.gov.in

Executive Officer
Talcher Municipality

OIPR-

ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର H-51

**OFFICE OF THE REGULATED MARKET COMMITTEE: NABARANGPUR**
AT/ GANDHINAGAR, PO/DIST-NABARANGPUR-764059. (Odisha)
FAX/ Tel.No.06858-222105 E.Mail-ID- awmornab@gmail.com

No. 400/RMC Dated 12.01.2026

**E-Procurement (Invitation for BIDS)**

Tender Call Notice No.394/RMC Dated. 12.01.2026
Bid Identification No. 01 e-Procurement Notice No. 01 of 2025-26

The Regulated Market Committee, Nabarangpur invites tender from the approved contractors of appropriate Class for Development Works of different Markets. Detailed Tender Call Notice along with conditions of contract and notice inviting tender may be seen and download from the website. www.tenderorissa.gov.in and www.nabaranagpur.odisha.gov.in the date availing of tender online is form 11.00 A.M. of 13.01.2026 to 31.01.2026, up to 5 P.M. the tender will be opened on 03.02.2026 at 11.00 A.M.

Sub Collector cum Chairman
RMC, Nabarangpur

OIPR-

C-1948

**GOVERNMENT OF ODISHA**
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
Phone – 06811 263909- FAX – 06811 263950 - E-mail – eephchpr@gmail.com
NATIONAL COMPETITIVE BIDDING THROUGH e-Procurement

**1st Corrigendum dated.13.01.2026**
To Bid Identification No. 65/ 03 / SPH(C) / 2025-26 dt. 31.12.2025
Tender Id. 2026_PHEO_124210_1

Name of work- Procurement , installation, testing and commissioning of Multijet water meter at consumer end of Chatrapur NAC under AAP- 2025-26 -SUJAL

| Sl.No | As uploaded in the tender | Revised as per Corrigendum |
|---|---|---|
| 1 | Availability of Bid Documents for online bidding Dt.14.01.2026 at 17.30 Hrs | Availability of Bid Documents for online bidding Dt.21.01.2026 at 17.30 Hrs |
| 2 | Last date of seeking clarification on dt.13.01.26 at 17.30 Hrs | Last date of seeking clarification on dt.20.01.26 at 17.30 Hrs |
| 3 | Opening of Technical Bid on Dt.15.01.2026 at 01.00 PM | Opening of Technical Bid on Dt.22.01.2026 at 01.00 PM |

All other terms and conditions in the DTCN remains unaltered.

Additional Chief Engineer (PH)
P.H. Division, Bhanjanagar
at Chatrapur

OIPR-



**SALE**

(1) JCB 3 DX Backhoe Loader, Model - 2022, Registration No-OD-33-AF-4895, in as is where is condition (2) TATA Hitachi Ex-70, Model 2022, Machine Sl No-P070-20168 , in as is where is condition, Contact: M/S Sundaram Finance Limited, BHUBANESWAR BRANCH, Ph:0674-2544772 within 7 days.

**AFFIDAVIT**

By virtue of an affidavit before Notary Public Bhubaneswar, on 24.12.2025. I Dhananjaya Panda resident of At- Aliha, Po- Singiri, Ps- Aul, Dist- Kendrapara, Odisha, PIN-754215, declare that I have change my name from Dhanarjay Panda to Dhananjaya Panda. Henceforth I shall be known as **DHANANJAYA PANDA** for all purposes.

**AFFIDAVIT**

I, Anita Panigrahi, aged about 61 years, W/o- Bichitrananda Panigrahi, resident of Plot No-963, Lewis Road, Samantrapur, Ps- Lingaraj, Bhubaneswar, Dist- Khurda, Pin-751002, Odisha do hereby declare by this affidavit No.111, dtd-15/01/2026, that now onwards I shall be known as **RUBY PANIGRAHI** for all future purposes.

**AFFIDAVIT**

I, Jagmohan Angarai, resident of Village Mirigichara, PO Gobarghati, PS Kalinganagar, Dist. Jajpur, Odisha – 755026, do hereby declare that the name of my minor son has been changed from "Kosher Kumar Angarai" to "Kishor Kumar Angarai" as per affidavit no.3184 sworn before the Executive Magistrate, Sukinda, Jajpur on dtd.29.12.2025. Henceforth, my minor son shall be known and identified as **Kishor Kumar Angarai** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Kanas, No-4706, dated-23/12/2025. I, **Sri Balaram Baliyarsingh,** resident At- Dhuanla, PO- Kesharpur, Block- Kanas, PS- Kanas, Dist- Puri, Odisha, Pin- 752019 declare that I have changed the name of my son's from **Biswajit Baliyarsingh to Abhiram Baliyarsingh.** Henceforth, he shall be known as **Abhiram Baliyarsingh** for all purposes.

**Balaram Baliyarsingh**

**LOST**

I, **Bauribandhu Tad**, S/o Sadasiba Tad, resident of Village/P.O- Ratapat, P.S- Badamba, Dist- Cuttack Odisha do hereby declare that, on **12/01/2026** while I am going from my residence to sub-register office my original documents bearing sale deed **RSD ID No. 1245, dtd- 24/05/1993** has been lost in somewhere. If anyone finds it kindly Contact to **9937875541.**

जसमीत कौर उर्फ बिन्नी पुत्री दलजीत सिंह छाबड़ा निवासी डेलीमार्केट नियर नागपुर होटल जयभवन निवासी राउरकेला पिन-769001
H-C-J-Part III 2 (नमूना काबिल फरोख्त)
**सम्मन वास्ते करारबाद तनकोह तलब** (आर्डर कायदा 1 व 5) नम्बर मुकदमा 291/2020 न्यायालय प्रधान न्यायाधीश परिवार न्यायालय संत कबीर नगर 1 मुद्दई मनप्रीत सिंह उर्फ शानू बनाम जसमीत कौर उर्फ बिन्नी मुद्दाअलेह साकिन ने आपके नाम नालिश बाबत हरगाह के दायर की है लिहाजा आपको हुक्म होता है बतारीख 05/02/2026 माह सन् ई0 बावत बजे दिन के अदालत या मारफत वकील के जो मुकदमा के हालात से करार वाकई वाकिफ किया गया हो और कुछ उपूर अहम मतअल्लिका का जबाव दे सके या जिसके साथ कोई और शक्श हो कि जबाव सवालात दे सके हाजिर हो दावा करे और आपको लाजिम है कि उसी राज जुमला के दस्तदाला करना चाहता हो। आपको इत्तला दी जाती है अगर बरोज मजकूर आप हाजिर न होंगे तो मुकदमा बगैर हाजिर आपको मसमुआ और फैसला होगा। शक्त मेरे दस्तखत और मुहर अदालत आज ब 22 तारीख माह 12 ई0 2025 जारी किया। नाम अदालत-नम्बर मुकदमा-नाम फरीकैन-**इत्तिला** (1) अगर आपको यह अन्देशा हो कि आपके प्रवाह अपनी मर्जी से हाजिर न होगे तो आप अदालत हाजा से सम्मन नमुराद जारी करा सकते है कि गवाह हाजिर हो। वह जबरन हाजिर कराया जाय और जिन दस्तावेज को किसी से पेश कराने का आप इस्पेकाल रखते है वह उससे पेश कराई बशर्ते कि आप खर्चा जरूरी अदालत में दाखिल करके इस अस्त्र को दरख्वास्त गुजरावें। (2)अगर आप मुतालवा मुद्दई की तस्लीम करते तो आपका लाजिम है कि खाना खर्चा नालिश अदालत में दाखिल करें ताकि कार्यवाही इजेराय डिग्री के आपका जान व माल दोनो पर हो न करना पड़े। न्यायालय प्रधान न्यायाधीश परिवार न्यायालय संत कबीर नगर।

**AFFIDAVIT**

By virtue of an affidavit sworn before **Executive Magistrate Padampur** on Dated **25th September 2025**, I, **Mr. Rabindra Kumar Bhoi,** Address **S/o- Pruthwiraj Bhoi, At- Gyan, Po- Gyan, Dist- Bargarh, PIN- 768049, Odisha,** declare that I have changed the name of my **Son** from "**Ariyan Bhoi**" to "**Premraj Bhoi**". Henceforth, He shall be known as "**Premraj Bhoi**" for all purposes.

**Rabindra Kumar Bhoi**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 12/01/2026, C.F No. 46/12 Jan 2026. I, Sibu Mistri, S/O Nimain Mistri, At- Ram Nagar, Ram Nagar, Kendrapara, Odisha, Pin- 754224, declare that I have changed my owned name Madan Mohan Besra to Sibu Mistri. Henceforth, I shall be known as new name Sibu Mistri for all purposes.

**Sibu Mistri**

**AFFIDAVIT**

By virtue of an affidavit no. 3689/2026 sworn before In The Court Of The Executive Magistrate, Pallahara, Dtd 09-01-20261, KHAGESWAR SAHU S/O- PANCHANANA SAHU At- Hatighincha, Po-Phapand P.S- Pallahara, Dist.- Angul declare that I have changed my name from KASTU SAHU to KHAGESWAR SAHU. Henceforth, I Shall be known as KHAGESWAR SAHU for all purposes.

**KHAGESWAR SAHU**

**AFFIDAVIT**

By virtue of an affidavit no.59 before the Executive Magistrate, Nabarangpur, dtd.15.01.2026, I, Lakshi Bhatra, Vill- Bamuni, PO Mokiya, PS- Papadahandi, Dist- Nabarangpur do hereby declare that my name has been incorrectly mentioned as "Lakhi Bhatra" instead of "Lakshi Bhatra" in my State Bank of India records. That both the names "Lakhi Bhatra" & "Lakshi Bhatra" is one and the same person i.e. myself. Henceforth, I shall be known as **Lakshi Bhatra** for all purposes.

**AFFIDAVIT**

Monalisa Martha, W/o: Army No- 10535798L, Rank: HAV, Name: Dinabandhu Martha residing of Village Hatasahi, Dalaisahi, Po-Manikagoda, Ps- Bolagarh, Dist- Khordha. I want to change my name from Manolisa Matha to Monalisa Martha wrongly written in my husband's service records vide affidavit No.1383, Dt.- 06.12.2025.

**AFFIDAVIT**

By virtue of an affidavit sworn before Executive Magistrate, Odagaon on dt. 15/01/2026 I Laxmidhar Jena @ Iswar Jena, S/o-Baikuntha Jena @ Gnjeya Jena At- Bilamanpur, Po/Ps- Odagaon, Dist-Nayagarh, declare that my name has been mentaioned as Laxmidhara Jena, S/o- Baikuntha Jena in My Adhar Card. Where as in the ROR vide Khata no- 69/88 Under JayamangalaPrasada My name has been mentioned as Iswar jena, S/o- Ganjeya jena. Now I will be known as Laxmidhar Jena, S/o-Baikuntha Jena for all future purposes.

**AFFIDAVIT**

By Virtue of an affidavit Before the Executive Magistrate, Jagatsinghpur. I **Laxmipriya Samantasinghar**, aged about 57 years, W/o: Niranjan Samantasinghar, of Vill: Orissagarh (Purunagarh), P.O.: Ashrampatana, P.S./Dist.: Jagatsinghpur, Odisha have changed my name from Renubala Samantasinghar to **Laxmipriya Samantasinghar.** Henceforth, I shall be known as **Laxmipriya Samantasinghar** for all purposes. Laxmipriya Samantasinghar and Renubala Samantasinghar is one and same person and there in no other person residing in the said name in the above said address/ village except me.

**AFFIDAVIT**

By an affidavit CF No.35/ Dtd.12.01.2026 sworn before Executive Magistrate, Bhubaneswar. I, Muna Nayak, S/o- Syam Nayak, R/o Qr No.-140, Kedarpalli Basti, Near Mangala Temple, Bapuji Nagar, Bhubaneswar, Dist.- Khordha, Pincode- 751009 declare that in Aadhaar my name is mentioned as Muna Nayak but in LIC Policy No.598324072 my name is wrongly mentioned as Sunil Nayak instead of Muna Nayak. Hence, I have changed from my wrong name Sunil Nayak to correct name Muna Nayak, for all future purposes. I declare that Muna Nayak and Sunil Nayak is one and same person.



# ଭୁବନେଶ୍ୱର ସିଟି

# ନୂଆରୂପ ନେବ ପଠାଣିସାମନ୍ତ ପ୍ଲାନେଟାରିୟମ

■ ନବୀକରଣ ପାଇଁ ହେଲା ବୁଝାମଣା
■ ଖୁବ୍‌ଶୀଘ୍ର ପ୍ରସ୍ତୁତ ହେବ ପ୍ରକଳ୍ପ ରିପୋର୍ଟ



ଭୁବନେଶ୍ୱର, ୧୫ ।୧(ସମିସ):ରାଜ୍ୟର ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ ଏବଂ ମହାକାଶ ବିଜ୍ଞାନକୁ ଲୋକପ୍ରିୟ କରାଇବାରେ ପ୍ରମୁଖ ଭୂମିକା ନିଭାଉଥିବା ପଠାଣି ସାମନ୍ତ ପ୍ଲାନେଟାରିୟମର ହେବ ନବୀକରଣ। ଏନେଇ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ କୋଲକାତାସ୍ଥିତ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ବିର୍ଲା ଇଣ୍ଡଷ୍ଟ୍ରିଆଲ୍ ଆଣ୍ଡ ଟେକ୍ନୋଲୋଜି ମ୍ୟୁଜିୟମ (ବିଆଇଟିଏମ) ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଗୁରୁବାର ଲୋକସେବା ଭବନସ୍ଥିତ ଉନ୍ନୟନ କମିଶନରଙ୍କ ସମ୍ମିଳନୀ କକ୍ଷରେ ପ୍ଲାନେଟାରିୟମ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଏବଂ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅନ୍ତର୍ଗତ ନ୍ୟାସନାଲ କାଉନସିଲ ଅଫ ସାଇନ୍ସ ମ୍ୟୁଜିୟମସ୍ ଅଧିନସ୍ଥ ବିର୍ଲା ଇଣ୍ଡଷ୍ଟ୍ରିଆଲ ଏଣ୍ଡ ଟେକ୍ନୋଲୋଜିକାଲ ମ୍ୟୁଜିୟମ୍ (ବିଆଇଟିଏମ୍)ର ନିର୍ଦ୍ଦେଶକ ଅର୍ଣ୍ଣବ ଚାଟାର୍ଜୀଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିପାଇଁ ଖୁବ୍‌ଶିଘ୍ର ଏକ ବୈଷୟିକ ଟିମ୍ ଦ୍ୱାରା ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହେବ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିସନର ଦେଓରଞ୍ଜନ କୁମାର ସିଂହ ଯୋଗଦେଇ ବିଜ୍ଞାନ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରି ପ୍ଲାନେଟୋରିୟମ୍‌ର ନବୀକରଣ ପାଇଁ ସମସ୍ତ ସହଯୋଗ ପ୍ରଦାନ କରାଯିବ ଓ ଏହି ଅନୁଷ୍ଠାନ ଆଗାମୀ ଦିନରେ ରାଜ୍ୟରେ ପଠାଣି ସାମନ୍ତ ସୃଷ୍ଟି କରିବାରେ ସହାୟକ ହେବ ବୋଲି କହିଥିଲେ। ଏଥିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ନବୀକରଣ ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ। ଏହି ନବୀକରଣ କାର୍ଯ୍ୟ ଦ୍ୱାରା ରାଜ୍ୟର ଛାତ୍ରଛାତ୍ରୀ ଏବଂ ସାଧାରଣ ବ୍ୟକ୍ତି ବିଶେଷ ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ ଏବଂ ମହାକାଶ ବିଜ୍ଞାନ ବିଷୟରେ ଅଧିକ ଉନ୍ନତ ତଥା ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ବିଭିନ୍ନ ତଥ୍ୟ ଜାଣିପାରିବାର ସୁଯୋଗ ପାଇବେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ଇଡକୋ ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ଯୋଜନା ଓ ସଂଯୋଜନ ସ୍ୱତନ୍ତ୍ର ଶାସନ ସଚିବ ଦେବେନ୍ଦ୍ର କୁମାର ଜେନାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ସ୍ତରରେ ଓଡ଼ିଆ ଝିଅଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର, ୧୫ ।୧(ସମିସ): ଜୁନିୟର ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଓଡ଼ିଶାରୁ ନିର୍ବାଚିତ ହୋଇ ଲୟଲା ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀ ଦୀକ୍ଷା ମହାପାତ୍ର 'ବେଷ୍ଟ ପାର୍‌ସନାଲିଟି' ଶୀର୍ଷ ସମ୍ମାନ ଲାଭ କରିଛନ୍ତି। ଏହି ପ୍ରତିଯୋଗିତା ଚଳିତ ମାସ ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନ ଜୟପୁର ଠାରେ ଅନୁଷ୍ଠିତ ହୋଇଥିଲା। ଦୀକ୍ଷା ସମସ୍ତ ରାଉଣ୍ଡରେ ନିଜ ବୁଦ୍ଧିମତା ଓ ପାରଦର୍ଶିତା ପ୍ରଦର୍ଶନ କରି ସାଂସ୍କୃତିକ ରାଉଣ୍ଡରେ ଓଡ଼ିଶାର ଗୌରବ ବର୍ଦ୍ଧନ କରିବା ସହ ବେଷ୍ଟ ପର୍ସନାଲିଟି ଉପାଧି ଲାଭ କରିଛନ୍ତି। ସେ ତାଙ୍କ ଜେଜେମାଙ୍କର ପୁରୁଣା ୨୫ ବର୍ଷର ସମ୍ବଲପୁରୀ ପାଟଶାଢ଼ି ପରିଧାନ କରିଥିଲେ। ଏହା ହିଁ ତାଙ୍କୁ ଗୌରବ ଆଣି ଦେଇଛି ବୋଲି ଦୀକ୍ଷା କହିଛନ୍ତି। ସମଗ୍ର ଭାରତବର୍ଷର ବିଭିନ୍ନ ରାଜ୍ୟରୁ ଆଞ୍ଚଳିକ ଅଡିସନ୍ ମାଧ୍ୟମରେ ମନୋନୀତ ହୋଇଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ଦୀକ୍ଷାଙ୍କର ଏହି ସଫଳତା ହାସଲ କରିଛନ୍ତି। ଦୀକ୍ଷା ଆଚାର୍ଯ୍ୟବିହାରର ପ୍ରଶାସନିକ ସେବାନିବୃତ ବାସବ କୁମାର ମହାପାତ୍ର ଏବଂ କବି ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କର ପୌତ୍ରୀ।

## ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ପକ୍ଷରୁ ସଫଳ ଜେନ-ଏଆଇ ହ୍ୟାକାଥନ୍




ଭୁବନେଶ୍ୱର, ୧୫।୧(ସମିସ): ବିର୍ଲା ଗ୍ରୁପ୍‌ର ଏକ ପ୍ରମୁଖ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି (ବିଜିୟୁ) ତାହାର କ୍ୟାମ୍ପସରେ ଗୁଗୁଲ୍ ଡେଭେଲପର୍ ଗ୍ରୁପ୍ (ଜିଡିଜି) ସହଯୋଗରେ 'ନେକ୍ସଟ୍ ମାଇଣ୍ଡ ୧୨' ଜେନଏଆଇ ହ୍ୟାକାଥନ୍ ସଫଳତାର ସହ ଆୟୋଜନ କରିଛି। ଏହି ୧୨ ଘଣ୍ଟିଆ ନବୋନ୍ମେଷମୂଳକ ହ୍ୟାକାଥନ୍‌ରେ ଓଡ଼ିଶାର ବିଭିନ୍ନ ୟୁନିଭର୍ସିଟି ଓ ଶିକ୍ଷା ପ୍ରତିଷ୍ଠାନର ପ୍ରତିଭାଶାଳୀ ଛାତ୍ର ଡେଭେଲପର୍ମାନେ ଅଂଶଗ୍ରହଣ କରିଥିଲେ। ସମୁଦାୟ ୨୦ଟି ଟିମ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ପ୍ରଯୁକ୍ତିବିଦ୍ୟା ଦକ୍ଷତା ଓ ସୃଜନଶୀଳତାର ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମର ବିଚାରକ ମଣ୍ଡଳୀରେ ବାଇଟ୍‌ଆଇକ୍ୟୁ ଆନାଲିଟିକ୍ସର ସିଇଓ ଆର୍ଯ୍ୟ ୱେଦବ୍ରତ, ଏଫ୍‌ଏକ୍ସୟୁଏଭି ର ନିର୍ଦ୍ଦେଶକ ସୁଭମ୍ ଆଚାର୍ଯ୍ୟ, ଉବଲ୍ ର ସିଇଓ ଆକାଶ ଜୟସ୍ୱାଲ୍ ଏବଂ ଟାଟା କନସଲଟେନ୍ସି ସର୍ଭିସେସ୍‌ର ସିନିୟର କନସଲଟାଣ୍ଟ ସ୍ମୃତି ରଞ୍ଜନ ଧଳ ରହିଥିଲେ। ୟୁନିଭର୍ସିଟିର କୁଳପତି ପ୍ରଫେସର କୁଳଭୂଷଣ ବଲୁନୀ କହିଥିଲେ, 'ନେକ୍ସଟ୍ ମାଇଣ୍ଡ ୧୨' ଭଳି ମଞ୍ଚ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରଯୁକ୍ତିବିଦ୍ୟା ଓ ଉଦ୍ୟୋଗପତି ସୃଷ୍ଟି କରିବାରେ ସାହାଯ୍ୟ କରିବ। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଡିନ୍ ପ୍ରଫେସର ସଞ୍ଜୟ କୁଅଁର ଏପରି ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କୁ ସହଯୋଗ, ସୃଜନଶୀଳତା ଓ ନବୋନ୍ମେଷ ପାଇଁ ପ୍ରେରଣା ଦେଇଥାଏ ବୋଲି କହିଥିଲେ। ଏହି ପ୍ରତିଯୋଗିତାରେ ଆଇଆଇଆଇଟି ଭୁବନେଶ୍ୱରର ଟିମ୍ ପ୍ରଥମ ସ୍ଥାନ ଅଧିକାର କରି ଟ୍ରଫି ସହିତ ୨୫, ୦୦୦ ଟଙ୍କା ନଗଦ ପୁରସ୍କାର ପାଇଥିଲେ। ସିଭି ରମଣ ଗ୍ଲୋବାଲ୍ ୟୁନିଭର୍ସିଟି ପ୍ରଥମ ରନ-ର୍ଅପ୍ ଏବଂ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ଦ୍ୱିତୀୟ ରନ-ର୍ଅପ୍ ହୋଇ ୧୫, ୦୦୦ ଓ ୧୦, ୦୦୦ ଟଙ୍କା ପୁରସ୍କାର ହାସଲ କରିଥିଲେ।

## ଗାଈ ପଶିଯିବାରୁ ଦୁର୍ଘଟଣା; ଛାତ୍ର ଗୁରୁତର

ନନ୍ଦନକାନନ, ୧୫।୧(ସମିସ): ଜୟଦେବ ବିହାର ନନ୍ଦନକାନନ ରାସ୍ତାରେ ବୁଲା ଗାଈଗୋରୁଙ୍କ ପାଇଁ ଦୁର୍ଘଟଣାର ଶିକାର ହୋଇ କିଛି ଜନସାଧାରଣ ଗୁରୁତର ହୋଇଛନ୍ତି। ସନ୍ଧ୍ୟା ୬ଟା ପାଖାପାଖି ଏକ ବୁଲା ଗାଈ ପଶିଯିବାରୁ ଜଣେ ଛାତ୍ର ଗୁରୁତର ହୋଇ ହସ୍ପିଟାଲ ଭର୍ତ୍ତି ହୋଇଛନ୍ତି। ସନ୍ଧ୍ୟା ୬ଟା ସୁଦ୍ଧା ନିକଟରେ ଥିବା ଏକ ବିଶ୍ୱବିଦ୍ୟାଳୟରୁ ଛାତ୍ର ଜଣକ ସ୍କୁଟିରେ କିଟ ଛକପଟୁ ଝାରପଡ଼ା ଘରକୁ ଫେରୁଥିବା ବେଳେ ନନ୍ଦନକାନନ ଜୟଦେବ ବିହାର ରାସ୍ତା ବଜରଙ୍ଗୀ ବିହାର ନିକଟରେ ହଠାତ ଏକ ଗାଈ ପଶି ଯାଇ ତାଙ୍କ ସ୍କୁଟି ସହ ମାଡ଼ ହୋଇଯାଇଥିଲା। ଫଳରେ ଛାତ୍ର ଜଣକ ସ୍କୁଟି ସହ ରାସ୍ତାରେ ଛିଟିକି ପଡ଼ିଥିଲେ। ଏଥିରେ ଛାତ୍ର ଜଣକର ମୁଣ୍ଡ ମୁହଁ ରାସ୍ତାରେ ଜୋର ପିଟି ହୋଇଥିଲା। ହେଲମେଟ ପିନ୍ଧିଥିବା ବେଳେ ବି ତାଙ୍କର ମୁହଁ ଗୁରୁତର ଆଘାତ ପାଇ ଫାଟି ଯାଇଥିଲା। ଦାନ୍ତ ମାଢି ଦୋହଲି ଯାଇଥିଲା। ଡାହାଣପଟ କାନରୁ ଓ ମୁହଁରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ପ୍ରାଥମିକ ସେବା ଶୁଶ୍ରୂଷା କରିଲା ପରେ ଚିକିତ୍ସା ପାଇଁ ନିକଟସ୍ଥ ଏକ ହସ୍ପିଟାଲକୁ ନେଇଥିଲେ। ସେହିଭଳି ଆଜି ଦିନରେ ବି ସେଠାରେ ଏକ କାଳିଆ ଷଣ୍ଢ ପଶି ଯିବାରୁ କିଛି ଲୋକ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ଆକ୍ରମଣ କରି ଲୁଟିନେଲେ ସୁନା ଚେନ୍, ଟଙ୍କା

ଭୁବନେଶ୍ୱର, ୧୫ ।୧(ସମିସ): ବାଟରେ ଅଟକାଇ ବାଇକ ଆରୋହୀଙ୍କ ଠାରୁ ୬ ଜଣ ଦୁର୍ବୃତ୍ତ ସୁନା ଚେନ୍ ସମେତ ୪୨ ହଜାର ଟଙ୍କା ଲୁଟି ନେଇଥିବା ନୂଆପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ପୁଲିସ କହିବା ଅନୁଯାୟୀ ସଂଧ୍ୟା ୬ଟାରେ ଆଇଆର୍‌ସି ଭିଲେଜ ସବ୍‌ଷ୍ଟେସନ ନିକଟରେ ଦେଇ ନୂଆସାହିର ଜ୍ଞାନରଞ୍ଜନ ରାଉତ ବାଇକ୍‌ରେ ଯାଉଥିବାବେଳେ ୬ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ ଓ ଲୁହାରଡ଼ରେ ଆକ୍ରମଣ କରି ତାଙ୍କ ବେକରୁ ସୁନା ଚେନ୍ ଲୁଟି ନେଇଥିଲେ। ପରେ ତାଙ୍କ ମୋବାଇଲ ଛଡାଇନେଇ ଅନଲାଇନ୍ ମାଧ୍ୟମରେ ୪୨ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି।

## ସରକାରୀ କ୍ୱାର୍ଟର୍ସରୁ ଯୁବକ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧୫।୧(ସମିସ): ୟୁନିଟ୍-୧ ସ୍ଥିତ କଲେଜ ନିକଟରେ ଥିବା ଏକ ସରକାରୀ କ୍ୱାର୍ଟର୍ସରୁ ଠିକାଦାରଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର ହୋଇଛି। ତାଙ୍କ ନାମ ଗଙ୍ଗାଧର ପଟ୍ଟନାୟକ। ରାଜଧାନୀରେ ଠିକାଦାର କାମ କରନ୍ତି। ତେବେ କାରଣରୁ ସେ ଫାଶୀ ଲଗାଇଛନ୍ତି ତାହା ସ୍ପଷ୍ଟ ହୋଇ ପାରିନାହିଁ। ସନ୍ଧ୍ୟା ସମୟରେ ପୁଲିସ ଖବର ପାଇଁ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି।

## ପ୍ରଣବ ଦାସଙ୍କୁ ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ



ଭୁବନେଶ୍ୱର, ୧୫।୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସୌଜନ୍ୟରୁ ପ୍ରମୋଦ ପତି ଟ୍ରଷ୍ଟ ଦ୍ୱାରା ପ୍ରମୋଦ ପତିଙ୍କ ୯୪ ତମ ଜୟନ୍ତୀ ଭୁବନେଶ୍ୱରର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମଶ୍ରୀ ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତ ଚରଣ ଗଡ଼ନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଜୁ ପଟ୍ଟନାୟକ ଚଳଚ୍ଚିତ୍ର ଓ ଟିଭି ପ୍ରତିଷ୍ଠାନର ଅଧ୍ୟକ୍ଷ ହିମାଂଶୁ ଖଟୁଆ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଇଣ୍ଟାକ, ଓଡ଼ିଶାର ସଂଯୋଜକ ଅନିଲ କୁମାର ଧୀର, ବରିଷ୍ଠ ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଚଳଚ୍ଚିତ୍ର ସେନସର ବୋର୍ଡର ପୂର୍ବତନ ନିର୍ଦ୍ଦେଶକ ଗୋପାଳ କୃଷ୍ଣ ମହାପାତ୍ର ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଜୟନ୍ତୀ ଅବସରରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ସଂଳାପ ଲେଖକ ପ୍ରଣବ ଦାସଙ୍କୁ ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷ ଶ୍ୟାମସୁନ୍ଦର ମହାପାତ୍ର ଓ ସମ୍ପାଦକ ଗୋଲକ ବିହାରୀ ସିଂହ ଅନୁଷ୍ଠାନ ସମ୍ପର୍କରେ ଆଲୋକପାତ କରିବା ସହ ଉପାଧ୍ୟକ୍ଷ ସୁବାସ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ ବରିଷ୍ଠ ସଦସ୍ୟ ଡ. ପଞ୍ଚାନନ ସାମଲ ଆନୁଷ୍ଠାନିକ ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ ଅଭିଷେକ ମହାପାତ୍ର ପ୍ରମୋଦ ପତିଙ୍କ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ଲଳିତ କୁମାର ସାହୁ, ସୁନିଲ କୁମାର ଡାକୁଆ ଏବଂ ଅନ୍ୟତମ ଉପାଧ୍ୟକ୍ଷ ବଦ୍ରି ପ୍ରସାଦ ଷଡ଼ଙ୍ଗୀ ମଞ୍ଚ ସଞ୍ଚାଳନ କରିଥିଲେ।

## ଆର୍ଟ ଚାଟଶାଳୀ ତରଫରୁ ବିଶାଳ ଚିତ୍ରାଙ୍କନ ପ୍ରତିଯୋଗିତା



ଭୁବନେଶ୍ୱର, ୧୫ ।୧(ସମିସ): ବରମୁଣ୍ଡା ନୀଳକଣ୍ଠେଶ୍ୱର ମନ୍ଦିରରେ ଆର୍ଟ ଚାଟଶାଳୀ ପକ୍ଷରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୫ଟି ସ୍କୁଲର ପ୍ରାୟ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଥମ ଶ୍ରେଣୀ ପିଲାଙ୍କ ନିମନ୍ତେ ସେଭ୍ ଟ୍ରୀ, ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ନିମନ୍ତେ ସେଭ୍ ୱାଟର, ତୃତୀୟ ଶ୍ରେଣୀ ପିଲାଙ୍କ ନିମନ୍ତେ ଚଢ଼େଇ ବସା ଚିତ୍ର, ଚତୁର୍ଥ ଶ୍ରେଣୀ ପିଲାଙ୍କ ନିମନ୍ତେ ଗୁଡ଼ିଉଡା ଚିତ୍ର, ପଞ୍ଚମ ଶ୍ରେଣୀ ପିଲାଙ୍କ ନିମନ୍ତେ ଶୀତ ସକାଳ, ଷଷ୍ଠ ଶ୍ରେଣୀ ପିଲାଙ୍କ ନିମନ୍ତେ ଗ୍ରାମୀଣ ଦୃଶ୍ୟ, ସପ୍ତମ ଶ୍ରେଣୀ ପିଲାଙ୍କ ନିମନ୍ତେ ଦୁର୍ଗା ମୁଖ, ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ନିମନ୍ତେ ହୋଲି ଉତ୍ସବ ଉପରେ ବିଷୟ ରହିଥିଲା। ଏହି କାର୍ଯ୍ୟରେ ଆର୍ଟ ଚାଟଶାଳୀ ପରିବାରର କର୍ମକର୍ତ୍ତା ଅଭୟ ନାଥ, ଚନ୍ଦନ କୁମାର ସାହୁ, ରଶ୍ମିତା ଓ ଇତିଶ୍ରୀ ସାମନ୍ତସିଂହାର ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରତି ଶ୍ରେଣୀରୁ ୧୦ ଜଣ ହିସାବରେ ୧୦୦ ଜଣଙ୍କୁ ଏପ୍ରିଲ ୨ ତାରିଖ ଦିନ ଜୟଦେବ ଭବନଠାରେ ଟ୍ରଫି ଓ ପ୍ରମାଣପତ୍ର ସହ ପୁରସ୍କୃତ କରାଯିବ।

## ବିଜେଇଏମ୍ ସ୍କୁଲର 'ଇନ୍‌ସେପ୍‌ସନ୍'




ଭୁବନେଶ୍ୱର, ୧୫ ।୧(ସମିସ): ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୫୩ତମ ପ୍ରତିଷ୍ଠା ଦିବସ 'ଇନ୍‌ସେପ୍‌ସନ୍- ୨୦ ୨୬' ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଜେ ଏଜୁକେସନ୍ ସୋସାଇଟିର ସଭାପତି ରଘୁନାଥ ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ପରିଚାଳକ ପ୍ରତାପ କୁମାର ଜେନା ବିଦ୍ୟାଳୟର ୫୨ ବର୍ଷର ଇତିହାସ କହି ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ରାଧାମୋହନ ମହାନ୍ତି ଏବଂ ସ୍ୱର୍ଗତ କେକେ ନାୟକ ପ୍ରମୁଖଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ଡ. କାର୍ତ୍ତିକ ଚନ୍ଦ୍ର ଦାଶ, ଉପପରିଚାଳକ ଅନୁପ ପଟ୍ଟନାୟକ, ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଶ୍ରୀପତି ନାରାୟଣ ମିଶ୍ର, ପରିଚାଳନା କମିଟିର ଅନ୍ୟତମ ସଦସ୍ୟ କେଦାରନାଥ ଦାସ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ କଠୋର ପରିଶ୍ରମ ଓ ଅଧ୍ୟବସାୟ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ ସହ ସମ୍ମାନିତ ବ୍ୟକ୍ତି ବିଶେଷଙ୍କୁ କୃତଜ୍ଞତା ଜଣାଇଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ବିଦ୍ୟାଳୟର ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ମଲ୍ଲିକ ବିଜେଇଏମ୍ ଶିକ୍ଷାରୂପକ ଆଲୋକବର୍ତ୍ତିକା ଯାହା ଭବିଷ୍ୟତ ପିଢ଼ିଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ଆଣିଦେବ ବୋଲି ପ୍ରାରମ୍ଭିକ ସୂଚନାରେ ପ୍ରକାଶ କରିଥିଲେ। ପର୍ଯ୍ୟବେକ୍ଷକ ନରେଶ କୁମାର ରଥ ଧନ୍ୟବାଦ ଅର୍ପଣ କରି ବିଦ୍ୟାଳୟର ସମୃଦ୍ଧି କାମନା କରିଥିଲେ। ଏଥିରେ ବିଜେ ଏଜୁକେସନ୍ ସୋସାଇଟିର ସଦସ୍ୟଗଣ, ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନ୍ୱେଷଣରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

**ବ୍ୟାସକବିଙ୍କ ଜୟନ୍ତୀ ପାଳିଲା ଉସାକା**


## ସ୍କୁଲରେ ପଢ଼ାହେଉ ଫକୀରମୋହନ ସାହିତ୍ୟ




**ମୋବାଇଲ ଛାଡ଼ି ସାହିତ୍ୟମନସ୍କ ହୁଅନ୍ତୁ ଯୁବପିଢ଼ି**

ଭୁବନେଶ୍ୱର, ୧୫ ।୧(ସମିସ): ଉତ୍କଳ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ(ଉସାକା) ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ଉତ୍ସବରେ ପ୍ରଫେସର ମାନସ ରଞ୍ଜନ ବେହେରା ଯୋଗଦେଇ ସମସ୍ତ ବିଦ୍ୟାଳୟରେ ଫକୀରମୋହନ ସାହିତ୍ୟ ପଠନର ବ୍ୟବସ୍ଥା ହେଉ ବୋଲି ମତବ୍ୟକ୍ତ କରିବା ସହ ଯୁବପିଢ଼ି ମୋବାଇଲ୍‌ରେ ବ୍ୟସ୍ତ ନ ହୋଇ ସାହିତ୍ୟମନସ୍କ ହେବାକୁ ପରାମର୍ଶ ଦେଇଛନ୍ତି। ଉସାକାର ସଭାପତି ସରୋଜ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉସାକା ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଫକୀରମୋହନଙ୍କ ଜୟନ୍ତୀ ଭିନ୍ନ ଭିନ୍ନ ସ୍ଥାନରେ ପାଳନ ନ କରି ଗୋଟିଏ ସ୍ଥାନରେ ଦିବସବ୍ୟାପୀ ପାଳନ କରନ୍ତୁ ଏବଂ ଏକତା ଦିବସରେ ଗଣଦୌଡ଼ କରିବା ଭଳି ଫକୀରମୋହନଙ୍କ ଉଦ୍ଦେଶ୍ୟରେ ଗଣ ଦୌଡ଼, ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରସଂସଦ ସଭାପତି ଲେନିନ ମହାନ୍ତି, ଉସାକାର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ପ୍ରକାଶ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ମିହିର ରାୟ, ରାମଜୀବନ ଗୋଛାୟତ, ଅଧ୍ୟାପିକା ଅମୀୟବାଳା ପରିଡ଼ା, ଡ. ରୋଜା ଘୋଷ, ପ୍ରଫେସର ଅଦୈତ୍ୱ ପାତ୍ର, ରାଜ୍ୟ ସମାଜସେବୀ ସଂଘର ଟ୍ରଷ୍ଟି ସାଗର ସୁନ୍ଦରଦାଶ ପ୍ରମୁଖ ଯୋଗଦେଇ ବ୍ୟାସକବିଙ୍କ ସ୍ମୃତିଚାରଣ କରିଥିଲେ।

## ବ୍ୟାସକବି ଫକୀରମୋହନ ଜାତୀୟ ଆଲୋଚନାଚକ୍ର ଆୟୋଜିତ




ଭୁବନେଶ୍ୱର, ୧୫ ।୧(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଫକୀର ମୋହନ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ନେଇ ଏକ ଦିବସୀୟ ଜାତୀୟ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ଜ୍ଞାନପୀଠ ପୁରସ୍କାର ବିଜେତା ପଦ୍ମଭୂଷଣ ଡ଼. ପ୍ରତିଭା ରାୟ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ 'ଫକୀରମୋହନ ସେନାପତିଙ୍କ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା', 'ଓଡ଼ିଆ ଆତ୍ମଜୀବନୀ ଇତିହାସରେ ଫକୀରମୋହନଙ୍କ ଆତ୍ମଚରିତ' ଶୀର୍ଷକକୁ ନେଇ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧକମାନେ ଆଜିର ଆଲୋଚନା ଚକ୍ରରେ ଭାଗନେଇ ବ୍ୟାସକବିଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ରଚିତ କବିତା, ଗଳ୍ପ ଓ ଉପନ୍ୟାସ ଆଦିର ବିଶ୍ଳେଷଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସର୍ବଭାରତୀୟ ବେସାମରିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଲାଗି ଚୟନ

ଭୁବନେଶ୍ୱର, ୧୫ ।୧(ସମିସ): ସର୍ବଭାରତୀୟ ବେସାମରିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା, ୨୦୨୫-୨୬ ଆସନ୍ତା ମାସ ୧୫ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ 'ଗୋଆ'ରେ ଅନୁଷ୍ଠିତ ହେବ। ସେଥିପାଇଁ, ଖେଳାଳି ଚୟନ ପ୍ରକ୍ରିୟା ଚଳିତ ମାସ ୧୮ ତାରିଖ ସକାଳ ୮ ଘଟିକା ସମୟରେ ୟୁନିଟ୍-୮ ସ୍ଥିତ ପୁରାତନ କ୍ରିଡାବିଭାଗ ଇନ୍‌ଡ଼ୋର ହଲ୍ ଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ କେବଳ ନିୟମିତ ଚାକିରିରେ (ଅନ୍ୟୁନ ୬ ମାସ ବିତେଇଥିବା) ସରକାରୀ କର୍ମଚାରୀମାନେ ଭାଗ ନେଇପାରିବେ। ଭାଗନେବାକୁ ଇଚ୍ଛୁକ ସରକାରୀ କର୍ମଚାରୀ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠାର ନକଲ, ବିଭାଗ / ଅଫିସ ପରିଚୟ ପତ୍ର ଉଚ୍ଚ ଅଧିକାରୀଙ୍କ ଠାରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ୍ ସହ ଏକ ପାସ୍ ଫଟୋ ସାଙ୍ଗରେ ଆଣି ଉକ୍ତ ସ୍ଥାନ ଏବଂ ନିର୍ଦ୍ଧାରିତ ସମୟରେ ପଞ୍ଜୀକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ଓଡ଼ିଶା ରାଜ୍ୟ ସଚିବାଳୟ ବ୍ୟାଡମିଣ୍ଟନ ପରିଷଦର ସାଧାରଣ ସମ୍ପାଦକ ଶ୍ୱେତାମ୍ବର ନାୟକ ଜଣାଇଛନ୍ତି। ଅଧିକ ବିବରଣୀ ପାଇଁ ଏହି ନମ୍ବରରେ ୭୦୦୮୧୭୦୪୪୩) ଯୋଗାଯୋଗ କରିପାରିବେ ବୋଲି ଶ୍ରୀ ନାୟକ କହିଛନ୍ତି।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ସଂସ୍କୃତି ବିଚିତ୍ରା'

ଭୁବନେଶ୍ୱର, ୧୫ ।୧(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସଙ୍ଗୀତ ଓ ନୃତ୍ୟଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା' ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ କବି ସହଦେବ ଜୟସିଂହ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ପ୍ରସ୍ତୁତି ଥିଲା ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦିଶ୍‌ରେ 'ପାର୍ ଲଗା ଦେରେ ମେରେ ନୈୟାଁ' ଓ ଭଜନ ପରିବେଷଣ। ଏହାର ସ୍ୱର ସଂଯୋଜନା କରିଥିଲେ ଗୁରୁ ଡ. ଇତିଶ୍ରୀ ସାହୁ। ପରେ ଭାରତର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ତାଳକୁ ନେଇ 'ତାଳଯାତ୍ରା' ବୃନ୍ଦବାଦ୍ୟ ଗୁରୁ ଡ. ସନ୍ଦୀପ କୁମାର ରାଉତଙ୍କ ନିର୍ଦ୍ଦେଶନା ଓ ସ୍ୱର ସଂଯୋଜନାରେ ପରିବେଷିତ ହୋଇଥିଲା। ଶେଷରେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ସଙ୍ଗୀତ ଓ ପଦ୍ମଶ୍ରୀ ଗୁରୁ ପଙ୍କଜ ଚରଣ ଦାସଙ୍କ ନୃତ୍ୟ ସଂଯୋଜନାରେ ପ୍ରସ୍ତୁତ ନୃତ୍ୟନାଟିକା 'ଗ୍ଲାନି ସଂହାର' ପରିବେଷିତ ହୋଇଥିଲା। ଏଥିରେ କୁଳସଚିବ ଅନାମିକା ଅଧିକାରୀ, ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଓ ଡ. ଜ୍ଞାନରଞ୍ଜନ ପଣ୍ଡା।

**ପିୟୁସିସି ଜରିମାନାକୁ ବିରୋଧ**


## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ନବନିର୍ମାଣ ଯୁବଛାତ୍ର ସଂଗଠନ



ଭୁବନେଶ୍ୱର,୧୫ ।୧(ସମିସ): ପ୍ରଦୂଷଣ ଜୋରିମାନା ନାମରେ ଲୋକଙ୍କୁ ନିର୍ଯାତନା ଓ ଲୁଟ୍ ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଛି ନବନିର୍ମାଣ ଯୁବଛାତ୍ର ସଂଗଠନ। ସଂଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀଙ୍କ ନେତୃତ୍ୱରେ ଶହ ଶହ ଯୁବଛାତ୍ର ଫରେଷ୍ଟ ପାର୍କଠାରୁ ଏକ ସୁସଜ୍ଜିତ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ଦେଶ୍ୟରେ ମାଡ଼ି ଆସିଥିଲେ। ଭୁବନେଶ୍ୱର ପୁଲିସ୍ ବ୍ୟାପକ ବନ୍ଦୋବସ୍ତ କରିଥିଲେ ହେଁ ଯୁବଛାତ୍ର ନେତାମାନଙ୍କୁ ଅଟକାଇ ପାରିନଥିଲା। ପ୍ରଥମଥର ପାଇଁ ଏକ ବିଶାଳ ଷ୍ଟିଲ୍ ପ୍ରାଚୀର ମାଧ୍ୟମରେ ପୁଲିସ୍ ଏହି ଆନ୍ଦୋଳନକାରୀମାନଙ୍କୁ ଅଟକାଇଥିଲା। ଆନ୍ଦୋଳନକାରୀମାନେ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ରୁଣ୍ଡ ହୋଇଥିଲେ।

ଏହି କାର୍ଯ୍ୟକ୍ରମରେ ନବନିର୍ମାଣ କୃଷକ ସଂଗଠନର ଅଧ୍ୟକ୍ଷ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସଂଗଠନର ରାଜ୍ୟ ସଭାପତି ମନୱର ଅଲ୍ଲୀ, ଭୁବନେଶ୍ୱର ସଭାପତି ଅମିତ ଜେନା, ପୁରୀଜିଲ୍ଲା ସଭାପତି ସ୍ମୃତିରଞ୍ଜନ ସାମଲ, ଭଦ୍ରକ ଜିଲ୍ଲା ସଭାପତି ଜାହିର ଖାନ, ବାଲେଶ୍ୱର ଜିଲ୍ଲା ସଭାପତି ରଣଜିତ ପଟ୍ଟନାୟକ, ଏମ୍‌ଡି ମୁନୱାର, ଏସ୍‌କେ ହେଦାୟୀ, ଆୟୁଷ ଦାଶ, ରାକେଶ ସେନାପତିଙ୍କ ସମେତ ବହୁ ଯୁବ କର୍ମକର୍ତ୍ତା ଯୋଗ ଦେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୩୦ ● ପାଉଣ୍ଡ ୧୨୧.୧୬
- ୟୁରୋ ୧୦୫.୫୬ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୧,୬୫୦ (ନୂଆଦିଲ୍ଲୀ)
- ରୁପା : ୨,୯୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୩,୩୮୨.୦୦
- ନିଫ୍ଟି ୨୫,୬୬୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଏଚ୍-୧ ବି ଭିସା କଠୋର କଲେ ଟ୍ରମ୍ପ୍

# ଭାରତୀୟ ବଂଶୋଦ୍ଭବଙ୍କୁ ବିରୋଧ ବଢୁଛି




### 'ନିଜ ଦେଶକୁ ଫେରିଯାଅ'
### ଭାରତୀୟଙ୍କୁ ଚାକିରି ଚୋରର ଆକ୍ଷେପ
### ଉଗ୍ର ହେଲାଣି ଜାତିଆଣ ମନୋଭାବ

**ୱାଶିଂଟନ୍, ୧୫।୧(ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଭାବେ ଟ୍ରମ୍ପ୍ ଦ୍ୱିତୀୟ ଥର କାର୍ଯ୍ୟଭାର ଗ୍ରହଣ କରିବା ପରେ ଦେଶର ପରିସ୍ଥିତି ଦ୍ରୁତ ଗତିରେ ବଦଳିବାରେ ଲାଗିଛି। ବିଶେଷକରି ଟ୍ରମ୍ପ ପ୍ରଶାସନର କଠୋର ଆପ୍ରବାସନ ନୀତି ବର୍ତ୍ତମାନ ସେଠାରେ ଭାରତୀୟ ବଂଶୋଦ୍ଭବ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଆମେରିକାର ପ୍ରମୁଖ କମ୍ପାନୀଗୁଡିକରେ ଭାରତୀୟ ବଂଶୋଦ୍ଭବ କର୍ମଚାରୀମାନେ ଜାତିଆଣ ବିରୋଧର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଟ୍ରମ୍ପ୍ ଏଚ୍-୧ ବି ଭିସା କ୍ଷେତ୍ରରେ କଠୋର ମଠୋର ମନୋଭାବ ଗ୍ରହଣ କରିବା ପରେ ସେଠାରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଆମେରିକାରେ ଭାରତୀୟ ବଂଶୋଦ୍ଭବଙ୍କୁ ବିରୋଧ କରି 'ନିଜ ଦେଶକୁ ଫେରିଯାଅ' ଭଳି କୁହାଯାଉଛି। ସେଠାରେ ଭାରତୀୟଙ୍କୁ ଭାରତୀୟଙ୍କୁ 'ଚାକିରୀ ଚୋର' ଏବଂ 'ଭିସା ସ୍କାମର' ଆକ୍ଷେପ କରି ଟାର୍ଗେଟ କରାଯାଉଛି। ଫେଡେକ୍ସ ,ୱାଲମାର୍ଟ ଏବଂ ଭେରିଜନ୍ ଭଳି ଆମେରିକୀୟ କମ୍ପାନୀଗୁଡିକରେ ଭାରତୀୟ ବଂଶୋଦ୍ଭବ କର୍ମଚାରୀଙ୍କ ବିରୁଦ୍ଧରେ ଏଭଳି ଜାତିବିଭେଦ ଘଟଣା ବଢ଼ିବାରେ ଲାଗିଛି।

ଏହି ବିରୋଧ ମଧ୍ୟରେ ରେ ଫେଡେକ୍ସ ସିଇଓ ରାଜ ସୁବ୍ରମଣ୍ୟମଙ୍କ ଉପରେ ଆମେରିକୀୟ କର୍ମଚାରୀଙ୍କୁ ବହିଷ୍କାର କରି ସେମାନଙ୍କ ସ୍ଥାନରେ ଭାରତୀୟଙ୍କୁ ନିଯୁକ୍ତି ଦେଉଥିବାର ଅଭିଯୋଗ ଆସିଛି। ଏହି ଅଭିଯୋଗଗୁଡ଼ିକ ଗାବ୍ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାଇରାଲ୍ କରାଯାଉଛି। ଏମିତିକି ଜଣେ ୟୁଜର 'ଆମର ମହାନ ଆମେରିକୀୟ କମ୍ପାନୀଗୁଡ଼ିକ ଏହି ଘୃଣ୍ୟ ଭାରତୀୟ ଅଧିଗ୍ରହଣ ବନ୍ଦ କରନ୍ତୁ' ବୋଲି ପୋଷ୍ଟ କରିଛନ୍ତି। ଗତ ସେପ୍ଟେମ୍ବରରେ ଟ୍ରମ୍ପ୍ ପ୍ରଶାସନ ବ୍ୟାପକ ଏଚ୍-୧ବି ଭିସା ଠକେଇର ଅଭିଯୋଗର ତଦନ୍ତ କରିବା ପାଇଁ 'ପ୍ରୋଜେକ୍ଟ ଫାୟାରୱାଲ୍' ଆରମ୍ଭ କରିଥିଲେ। ଫଳସ୍ୱରୂପ, ବେନାମୀ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକ ୱାଲମାର୍ଟ, ଭେରିଜନ୍ ଏବଂ ଡିସ୍ ନେଟୱର୍କ ଏବଂ ଅନ୍ୟାନ୍ୟ କମ୍ପାନୀଗୁଡ଼ିକର ବର୍ତ୍ତମାନ ଏବଂ ପୂର୍ବତନ କର୍ମଚାରୀମାନଙ୍କ ବିଷୟରେ ସୂଚନା ଲିକ୍ କରିଥିଲେ। ଏହି ଆକାଉଣ୍ଟଗୁଡ଼ିକ ଦାବି କରିଥିଲେ ଯେ ଏହି କର୍ମଚାରୀମାନେ ବେଆଇନ ଭାବରେ ଭାରତୀୟମାନଙ୍କୁ ଚାକିରି ବିକ୍ରି ଏବଂ ଲାଞ୍ଚ ଗ୍ରହଣ କରୁଥିଲେ। ଗୋଟିଏ ପୋଷ୍ଟରେ ୱାଲ୍‌ମାର୍ଟ ଯୁକ୍ତିଦାତାଙ୍କ ଲିଙ୍କଡ୍‌ଇନ୍ ପୃଷ୍ଠାର ସ୍କ୍ରିନସଟ୍ ଦିଆଯାଇଥିଲା। ସେଥିରେ ଲେଖାଥିଲା ଭାରତୀୟ ଗ୍ରୀନ୍ କାର୍ଡ ପରିଚାଳକମାନଙ୍କୁ ଦେଶାନ୍ତର କରାଯିବା ଉଚିତ। ଓହିଓ ଗଭର୍ଣ୍ଣର ପ୍ରାର୍ଥୀ ବିବେକ ରାମାସ୍ୱାମୀ ଏହି ଘଟଣାରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ରାମାସ୍ୱାମୀଙ୍କୁ ମଧ୍ୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହଯୋଗୀ ବୋଲି ବିବେଚନା କରାଯାଏ। ଖୋଦ୍ ରାମାସ୍ୱାମୀ ମଧ୍ୟ ଟ୍ରମ୍ପଙ୍କ ସମର୍ଥକମାନଙ୍କ ଆଡୁ ବିଦେଶୀ ବିରୋଧୀ ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ସୋସିଆଲ ମିଡିଆ ବ୍ୟବହାରକାରୀମାନେ ତାଙ୍କ ହାଲୋୱିନ୍ ପୋଷ୍ଟରେ "ଆପଣଙ୍କ ଦେଶକୁ ଫେରିଯାଆନ୍ତୁ" ଏବଂ "ଆପଣଙ୍କ ଘର ସଜାଡ଼ନ୍ତୁ' ଭଳି ମନ୍ତବ୍ୟ ଦେଉଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ନଭେମ୍ବର ପରଠାରୁ ଆମେରିକାରେ ଦକ୍ଷିଣ ଏସୀୟମାନଙ୍କ ବିରୁଦ୍ଧରେ ହିଂସାର ଧମକ ୧୨ ପ୍ରତିଶତ ବୃଦ୍ଧି ପାଇଛି। ଏହାଛଡା ଦକ୍ଷିଣ ଏସୀୟଙ୍କ ବିରୁଦ୍ଧରେ ଅନଲାଇନ୍‌ରେ ଅପମାନଜନକ ଶବ୍ଦ ପ୍ରୟୋଗ ୬୯ ପ୍ରତିଶତ ବୃଦ୍ଧି ଘଟିଛି। ଟ୍ରମ୍ପ ପ୍ରଶାସନ ଏଚ୍-୧ ବି ଭିସା ବ୍ୟବସ୍ଥାରେ ପରିବର୍ତ୍ତନ ସମେତ ଆପ୍ରବାସନ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଆମେରିକାରେ ଭାରତୀୟଙ୍କ ପ୍ରତି ଘୃଣା ବୃଦ୍ଧି ପାଇଛି। ଏଚ୍-୧ ବି ଭିସା ଧାରକଙ୍କ ମଧ୍ୟରୁ ୭୧ ପ୍ରତିଶତ ହେଉଛନ୍ତି ଭାରତୀୟ ନାଗରିକ। ଟ୍ରମ୍ପଙ୍କ ସମର୍ଥକମାନେ ଏଚ୍-୧ ବି ଭିସା ବ୍ୟବସ୍ଥାକୁ 'ଆମେରିକା ଫାଷ୍ଟ' ସହିତ ଖାପ ଖାଉ ନ ଥିବାରୁ ସମାଲୋଚନା କରିଛନ୍ତି।

## ବାଣିଜ୍ୟ ସଚିବଙ୍କ ସୂଚନା

# ଭାରତ-ଆମେରିକା ଚୁକ୍ତିର ନିକଟତର

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି):** ଭାରତ ଏବଂ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଆସିଛି। ସରକାର କହିଛନ୍ତି ଯେ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ପ୍ରାୟ ଚୂଡ଼ାନ୍ତ ହୋଇସାରିଛି। ତଥାପି, ଏ ପର୍ଯ୍ୟନ୍ତ କୌଣସି ଦୃଢ଼ ସମୟସୀମା ଦିଆଯାଇପାରିବ ନାହିଁ। ଆଜି ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଚୁକ୍ତି ବିଶେଷ ଭାବରେ ଭାରତୀୟ ରପ୍ତାନି ଉପରେ ଲାଗୁ ହୋଇଥିବା ପାରସ୍ପରିକ ଶୁଳ୍କ ହ୍ରାସ କରିବାରେ ସାହାଯ୍ୟ କରିପାରିବ।

ଅଗ୍ରୱାଲ କହିଛନ୍ତି ଯେ ଡିସେମ୍ବର ଶେଷ ସପ୍ତାହରେ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ଆମେରିକା ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର୍) ମଧ୍ୟରେ ଏକ ଭର୍ଚୁଆଲ୍ ବୈଠକ ହୋଇଥିଲା। ସେବେଠାରୁ ଉଭୟ ଦେଶର ଆଲୋଚନାକାରୀ ଦଳ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ଏକ ସହମତିରେ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି। ବର୍ତ୍ତମାନ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରୁ ଆମଦାନି ହେଉଥିବା ଅଧିକାଂଶ ସାମଗ୍ରୀ ଉପରେ ୫୦% ପ୍ରତିଶତ ପର୍ଯ୍ୟନ୍ତ ପାରସ୍ପରିକ ଶୁଳ୍କ ଲାଗୁ କରିଛନ୍ତି, ଯାହାକୁ ବିଶ୍ୱରେ ସର୍ବୋଚ୍ଚ ବିବେଚନା କରାଯାଉଛି। ଏହା ଅନେକ କ୍ଷେତ୍ରରୁ ରପ୍ତାନିକୁ ପ୍ରଭାବିତ କରିଛି। ସରକାର ଆଶା କରୁଛନ୍ତି ଯେ ଆମେରିକାକୁ ଭାରତର ରପ୍ତାନି ସକାରାତ୍ମକ ରହିବ। ଏହାର ଏକ ପ୍ରମୁଖ କାରଣ ହେଉଛି ଇଲେକ୍ଟ୍ରୋନିକ୍ସ ରପ୍ତାନି, ଯାହା ଉପରେ ବର୍ତ୍ତମାନ କୌଣସି ଶୁଳ୍କ ନାହିଁ। ତଥାପି, ଅନ୍ୟ କ୍ଷେତ୍ରଗୁଡ଼ିକ ଉଚ୍ଚ ଶୁଳ୍କ ଯୋଗୁଁ ଚାପର ସମ୍ମୁଖୀନ ହେଉଛନ୍ତି।

ଅପରପକ୍ଷେ ବାଣିଜ୍ୟ ସଚିବ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଆଲୋଚନା ବିଫଳ ହୋଇପାରେ ବୋଲି ଅନୁମାନକୁ ଖାରଜ କରିଛନ୍ତି। ସେ କହିଛନ୍ତି ଯେ ଉଭୟ ଦେଶ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ପ୍ରତିବଦ୍ଧ ଏବଂ ଆଲୋଚନା ସଠିକ୍ ଦିଗରେ ଅଗ୍ରଗତି କରୁଛି। ସରକାରୀ ତଥ୍ୟ ଅନୁଯାୟୀ, ଆର୍ଥିକବର୍ଷ ୨୬ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଆମେରିକାକୁ ଭାରତର ରପ୍ତାନି ବାର୍ଷିକ ଭିତ୍ତିରେ ୯.୮ ପ୍ରତିଶତ ବୃଦ୍ଧି ପାଇଛି। ଏହା ଦର୍ଶାଉଛି ଯେ ଶୁଳ୍କ ଚାପ ସତ୍ତ୍ୱେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଦୃଢ଼ ରହିଛି।

# ଇରାନରେ ଶାସନ ପରିବର୍ତ୍ତନ ଭାରତ ପାଇଁ କ୍ଷତି

## ଲାଭ ଉଠାଇବେ ପାକିସ୍ତାନ ଏବଂ ଚୀନ୍

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି):** ଇରାନର ପରିସ୍ଥିତି ବର୍ତ୍ତମାନ ଅନିଶ୍ଚିତ। ବର୍ଦ୍ଧିତ ମୁଦ୍ରାସ୍ଫୀତି ଏବଂ ଜନସାଧାରଣଙ୍କ ବିଦ୍ରୋହ ଯୋଗୁ ସୃଷ୍ଟ ପରିସ୍ଥିତିକୁ ପରିଚାଳନା କରିବା ପାଇଁ ସେଠାକାର ଧାର୍ମିକ ନେତାମାନେ ସଂଘର୍ଷ କରୁଛନ୍ତି। ଭାରତ ଏହି ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛି। ଭାରତ ଏବଂ ଇରାନ ମଧ୍ୟରେ ଏକ ଦୀର୍ଘସ୍ଥାୟୀ ଏବଂ ଦୃଢ଼ ସମ୍ପର୍କ ରହିଛି, ଯାହା ଭୌଗୋଳିକ , ପାରସ୍ପରିକ ଆବଶ୍ୟକତା ଏବଂ ଆଞ୍ଚଳିକ ସନ୍ତୁଳନ ଉପରେ ଆଧାରିତ। ପାକିସ୍ତାନ ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆକୁ ଭାରତର ପ୍ରବେଶ ପଥକୁ ଅବରୋଧ କରିଛି। ଫଳସ୍ୱରୂପ, ଇରାନର ପଶ୍ଚିମ ଭାଗ ଭାରତ ପାଇଁ ଏକମାତ୍ର ପ୍ରବେଶ ପଥ ହୋଇଛି। ଇରାନର ସିଆ ସରକାର ମଧ୍ୟ ପାକିସ୍ତାନର ପ୍ରଭାବକୁ ସନ୍ତୁଳିତ କରିଛି। ତେଣୁ, ଇରାନ ଭାରତର ପଶ୍ଚିମ ଏସିଆ ନୀତିର ଏକ ପ୍ରମୁଖ ଅଂଶ ହୋଇଛି। ଯଦି ଇରାନ ଦୁର୍ବଳ ହୁଏ କିମ୍ବା ଏହାର ସରକାର ପତନ ହୁଏ, ତେବେ ଏହା ଭାରତର ଆଞ୍ଚଳିକ ରଣନୀତିକୁ ପ୍ରଭାବିତ କରିବ। ଭାରତ ପୂର୍ବରୁ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି, ଯେପରିକି ବାଂଲାଦେଶରେ ଶାସନ ପରିବର୍ତ୍ତନ, ପାକିସ୍ତାନରୁ ଆତଙ୍କବାଦ, ଚୀନ୍‌ର ବର୍ଦ୍ଧିତ ପ୍ରଭାବ ଏବଂ ଆମେରିକାର ନୀତି। ଇରାନରେ ଅସ୍ଥିରତା ଭାରତର କୂଟନୈତିକ, ବାଣିଜ୍ୟ ଏବଂ ନିରାପତ୍ତା ଯୋଜନାକୁ ବାଧା ଦେଇପାରେ, ଯାହା ଉପରେ ଭାରତ ବହୁ ବର୍ଷ ଧରି କାମ କରିଆସୁଛି। ତେଣୁ ଇରାନରେ ଶାସନ ପରିବର୍ତ୍ତନ ଭାରତ ପାଇଁ ବଡ଼ କ୍ଷତି ପହଞ୍ଚାଇବ। ତେବେ ଏଥିରୁ ଲାଭ ଉଠାଇବେ ପାକିସ୍ତାନ ଏବଂ ଚୀନ୍।

ଚାବାହାର ବନ୍ଦର ଭାରତକୁ ସିଧାସଳଖ ଇରାନ ଉପକୂଳ ସହିତ ସଂଯୋଗ କରେ। ଯଦି ଇରାନରେ ସରକାର ପରିବର୍ତ୍ତନ ହୁଏ କିମ୍ବା ପରିସ୍ଥିତି ଖରାପ ହୁଏ, ତେବେ ସେଠାରେ ଭାରତ ସମର୍ଥିତ ଚାବାହାର ବନ୍ଦର ପ୍ରକଳ୍ପ ବିପଦରେ ପଡ଼ିପାରେ। କ୍ଷମତା ସଂଘର୍ଷରେ ଚାବାହାର ଭାରତ ପାଇଁ ଲାଭ ବଦଳରେ ସମସ୍ୟା ଆଣିପାରେ। ଅପରପକ୍ଷେ ଇରାନ, ଏକ ମୁସଲିମ ଦେଶ ହେବା ସତ୍ତ୍ୱେ, ଦୀର୍ଘ ସମୟ ଧରି ପାକିସ୍ତାନର ପ୍ରଭାବକୁ ସନ୍ତୁଳିତ କରିଆସିଛି। ଇରାନର ସିଆ ସରକାର ପାକିସ୍ତାନରେ ସୁନ୍ନି ଉଗ୍ରବାଦୀ ସଂଗଠନଗୁଡ଼ିକୁ ସମାଲୋଚନା କରିଆସିଛି, ଯେଉଁମାନେ ଭାରତ ବିରୋଧୀ କାର୍ଯ୍ୟକଳାପରେ ସାମିଲ। ୧୯୯୦ ଏବଂ ୨୦୦୦ ଦଶକରେ, ଯେତେବେଳେ ପାକିସ୍ତାନ ସମର୍ଥିତ ତାଲିବାନ ଆଫଗାନିସ୍ତାନରେ ପ୍ରାଧାନ୍ୟ ସ୍ଥାପନ କରିବାକୁ ଚେଷ୍ଟା କରିଥିଲେ, ଭାରତ ଏବଂ ଇରାନ ମିଳିତ ଭାବରେ ତାଲିବାନ ବିରୋଧୀ ଶକ୍ତିକୁ ସମର୍ଥନ କରିଥିଲେ। ଏହା ପାକିସ୍ତାନର ପ୍ରଭାବକୁ ସୀମିତ କରିଥିଲା। ୧୯୯୦ ଦଶକରେ ଇରାନ ମଧ୍ୟ କାଶ୍ମୀର ପ୍ରସଙ୍ଗରେ ଭାରତକୁ ସମର୍ଥନ କରିଥିଲା। ଯଦି ଇରାନ ଆଭ୍ୟନ୍ତରୀଣ ଭାବରେ ଦୁର୍ବଳ ହୁଏ, ତେବେ ଏହା ପାକିସ୍ତାନକୁ ଲାଭ ଦେଇପାରେ ଏବଂ ଏହି ଅଞ୍ଚଳରେ ଭାରତର ସନ୍ତୁଳନ ବିଗିଡିଯାଇପାରେ। ଇରାନର ୮ମ ବୃହତ ବାଣିଜ୍ୟିକ ଅଂଶୀଦାର ଭାବେ ସେଠାରେ ଶାସନ ପରିବର୍ତ୍ତନ ଭାରତର ନିବେଶକୁ ବିପଦରେ ପକାଇପାରେ।

ଇରାନ ପାକିସ୍ତାନ ପ୍ରସଙ୍ଗରେ ଭାରତର ନିକଟତର ରହିଥିବାବେଳେ ଚୀନ୍ ସହିତ ଏହାର ସମ୍ପର୍କ ମଧ୍ୟ ବେଶ ଦୃଢ଼। ୨୦୧ରେ ଇରାନ ଏବଂ ଚୀନ୍ ମଧ୍ୟରେ ୨୫ବର୍ଷର ଏକ ରଣନୈତିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ୨୦୨୫ରେ ଚୀନ୍ ଇରାନର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର ଥିଲା। ପାଶ୍ଚାତ୍ୟ କଟକଣା ଇରାନର ଅର୍ଥନୀତିକୁ ଦୁର୍ବଳ କରିଛି, ଯାହା ଏହାକୁ ଶସ୍ତା ତେଲ ଏବଂ ଭିତ୍ତିଭୂମି ପାଇଁ ଚୀନ୍ ଉପରେ ନିର୍ଭରଶୀଳ କରିଛି। ଯଦି ଇରାନରେ ଦୀର୍ଘକାଳୀନ ଅଶାନ୍ତି ଜାରି ରୁହେ, ତେବେ ନୂତନ ସରକାର ସୁରକ୍ଷା ଏବଂ ନିବେଶ ପାଇଁ ଚୀନ୍ ଉପରେ ଅଧିକ ନିର୍ଭରଶୀଳ ହୋଇପାରେ। ରିପୋର୍ଟ ଅନୁସାରେ, ଚୀନ୍ ସହାୟତାରେ ଇରାନରେ ବିଦ୍ୟୁତ୍ ଏବଂ ବନ୍ଦର ପ୍ରକଳ୍ପ ଉପରେ ଆଲୋଚନା ଚାଲିଛି।

# ମସ୍କଟ୍‌ରେ ପହଞ୍ଚିଲା ଆଇଏନ୍‌ଏସ୍‌ଭି କୌଣ୍ଡିନ୍ୟ



**ମସ୍କଟ୍,୧୫।୧:** ଭାରତୀୟ ନୌସେନା ଜାହାଜ, ଆଇଏନ୍‌ଏସ୍‌ଭି କୌଣ୍ଡିନ୍ୟ ଗୁଜୁରାଟର ପୋରବନ୍ଦରରୁ ପ୍ରଥମ ବିଦେଶ ଯାତ୍ରା ସମାପ୍ତ କରିବା ପରେ ବୁଧବାର ଦିନ ଓମାନ୍ ରାଜଧାନୀ ମସ୍କଟରେ ପହଞ୍ଚିଛି। ଏହି ଐତିହାସିକ ଯାତ୍ରାକୁ ଭାରତ ଏବଂ ଓମାନ ମଧ୍ୟରେ ପ୍ରାଚୀନ ସାମୁଦ୍ରିକ ସଂଯୋଗର ପ୍ରତୀକାତ୍ମକ ପୁନରୁଦ୍ଧାର ଭାବରେ ଦେଖାଯାଉଛି। ଉଲ୍ଲେଖଯୋଗ୍ୟ, ଜାହାଜରେ ନା କୌଣସି ଇଞ୍ଜିନ ଅଛି ନା କୌଣସି ଧାତୁ ଉପାଦାନ ଅଛି। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ପୋର୍ଟ ଅଫ୍ ସୁଲତାଡ଼୍‌କ୍ୱାସ୍‌ଠାରେ ଆଇଏନ୍‌ଏସ୍‌ଭି କୌଣ୍ଡିନ୍ୟକୁ ସ୍ୱାଗତ କରିଥିଲେ। ସମ୍ପୂର୍ଣ୍ଣ ଭାବରେ ପାରମ୍ପରିକ ସିଲେଇ କୌଶଳ ବ୍ୟବହାର କରି ନିର୍ମିତ ଏହି ଜାହାଜ ଭାରତ ଏବଂ ଓମାନ ମଧ୍ୟରେ ୫୦୦୦ ବର୍ଷରୁ ଅଧିକ ପୁରୁଣା ସାମୁଦ୍ରିକ, ସାଂସ୍କୃତିକ ଏବଂ ସଭ୍ୟତାଗତ ସମ୍ପର୍କର ଏକ ଶକ୍ତିଶାଳୀ ପ୍ରତୀକକୁ ଦର୍ଶାଉଛି। ଏହି ଅବସରରେ ଶ୍ରୀ ସୋନୋୱାଲ କହିଥିଲେ ଯେ ଏହି ଯାତ୍ରା ଭାରତର ସାମୁଦ୍ରିକ ଐତିହ୍ୟ, ଇତିହାସ ଏବଂ ଶକ୍ତିର ସ୍ମରଣ କରାଉଛି। ଏହି ଅଭିଯାନ ଭାରତ ପାଇଁ ଗର୍ବ ଆଣିଛି ଏବଂ ଓମାନ ସହିତ ଶତାବ୍ଦୀ ପୁରୁଣା ସମ୍ପର୍କକୁ ଆହୁରି ମଜବୁତ କରିଛି।

## ଆମାଜନ୍ ଇଣ୍ଡିଆର ଗ୍ରେଟ୍ ରିପବ୍ଲିକ୍ ଡେ ସେଲ୍ ୨୦୨୬

**ନୂଆଦିଲ୍ଲୀ,୧୫।୧(ସମିସ):** ଆମାଜନ୍ ଇଣ୍ଡିଆ ପକ୍ଷରୁ ବହୁ-ପ୍ରତୀକ୍ଷିତ ଗ୍ରେଟ୍ ରିପବ୍ଲିକ୍ ଡେ ସେଲ୍ ୧୬ ଜାନୁଆରୀ ରାତି ୧୨ଟାରୁ ଲାଇଭ୍ ହେବାକୁ ଯାଉଛି। ଏହି ସଫି ଇଭେଣ୍ଟ ସ୍ମାର୍ଟଫୋନ୍, ଫ୍ୟାଶନ୍, ସୌନ୍ଦର୍ଯ୍ୟ, ଘର ଏବଂ ରୋଷେଇ ଘର, କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ, ବଡ଼ ଉପକରଣ, କିରାଣା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ବର୍ଗରେ ଆକର୍ଷଣୀୟ ନୂତନ ଶୁଭାରମ୍ଭ ଏବଂ ଆକର୍ଷଣୀୟ ଡିଲ୍ ପ୍ରଦାନ କରୁଛି। ଗ୍ରାହକମାନେ ଆପଲ୍, ସାମସଙ୍ଗ, ୱାନପ୍ଲସ୍, ସୋନି, ଏଲଜି, ସ୍କେଚର୍ସ, ଲୋରିଆଲ ପ୍ୟାରିସ୍, ଆଇକ୍ୟୁଓଓ, ସାଓମି, କ୍ୟୁବୋ, ଟିସିଏଲ୍, ଏଚପି ଏବଂ ବୋଟ୍ ଭଳି ଶ୍ରେଷ୍ଠ ବ୍ରାଣ୍ଡର ଉତ୍ପାଦଗୁଡ଼ିକୁ ପାଇପାରିବେ। ଗ୍ରାହକମାନେ ଟ୍ରେଣ୍ଡିଂ ଡିଲ୍, ୮ ପିଏମ୍ ଡିଲ୍, ଶ୍ରେଷ୍ଠ ୭୭ ରିପବ୍ଲିକ୍ ଡିଲ୍ ଏବଂ ଶ୍ରେଷ୍ଠ ୧୦୦ ଡିଲ୍ ଭଳି କ୍ୟୁରେଟେଡ୍ ଡିଲ୍ ଫର୍ମାଟ୍‌ରୁ ମଧ୍ୟ କ୍ରୟ କରିପାରିବେ। ପୋଙ୍ଗଲ, ମକର ସଂକ୍ରାନ୍ତି, ମାଘ ବିହୁ ଏବଂ ଉତରାୟଣ ଭଳି ଉତ୍ସବ ପାଇଁ ସଂଗୃହିତ ଚୟନ, ଉତ୍ସବକାଳୀନ ଆବଶ୍ୟକୀୟ ଜିନିଷ ଏବଂ ଶ୍ରେଷ୍ଠ ବ୍ରାଣ୍ଡଗୁଡିକରେ ପସନ୍ଦିତ ଜିନିଷଗୁଡ଼ିକୁ ଉପହାର ଦେବା ଗଣତନ୍ତ୍ର ଦିବସ ସେଲ୍‌କୁ ସହଜ କରିଥାଏ।

## ବଜାଜ୍ ଜେନେରାଲ୍ ଇନସ୍ୟୁରାନ୍ସ ଦ୍ୱାରା ଫେଟାଲ୍ ଫ୍ଲୋରିଶର ଶୁଭାରମ୍ଭ

**ମୁମ୍ବଇ, ୧୫।୧:** ଭାରତର ଅନ୍ୟତମ ଅଗ୍ରଣୀ ପ୍ରାଇଭେଟ୍ ଜେନେରାଲ୍ ଇନସ୍ୟୁରାନ୍ସ କମ୍ପାନୀ ବଜାଜ୍ ଜେନେରାଲ୍ ଇନସ୍ୟୁରାନ୍ସ ଲିମିଟେଡ୍ ଆଜି ଫେଟାଲ୍ ଫ୍ଲୋରିଶ୍ ଆରମ୍ଭ କରିଛି। ଏହା ଫେଟାଲ୍ ହେଲ୍‌ଥ ପାଇଁ ବିଶେଷ ଭାବରେ ପ୍ରସ୍ତୁତ କରାଯାଇଥିବା ଏକ ଅଗ୍ରଣୀ ଇନସ୍ୟୁରାନ୍ସ ରାଇଡର୍। ଏହି ଅନନ୍ୟ ସମାଧାନ ଉନ୍ନତ ଇନ୍-ୟୁଟେରୋ ପ୍ରକ୍ରିୟା ଏବଂ ଉଚ୍ଚ-ବିପଦପୂର୍ଣ୍ଣ ଗର୍ଭାବସ୍ଥା ପାଇଁ ଆର୍ଥିକ ସହାୟତା ପ୍ରଦାନ କରେ, ଯାହା ଏପର୍ଯ୍ୟନ୍ତ ପାରମ୍ପରିକ ମାଟର୍ନିଟି ଇନସ୍ୟୁରାନ୍ସର ପରିସର ବାହାରେ ରହିଥିଲା। ଏହି ରାଇଡରଟି କମ୍ପାନୀର ଫ୍ଲାଗଶିପ୍ ପ୍ରୋଡକ୍ଟ,ମାଇଁ ହେଲ୍ଥ କେୟାର ପ୍ଲାନ୍ ଏବଂ ହେଲ୍ଥ ଗାର୍ଡ ସହିତ ପ୍ରଦାନ କରାଯାଏ। ଫେଟାଲ୍ ଫ୍ଲୋରିଶ୍ ପ୍ରିନାଟାଲ୍ କେୟାର୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ଚିକିତ୍ସା ବିଶେଷଜ୍ଞତା ଏବଂ ଇନସ୍ୟୁରାନ୍ସ ଡିଜାଇନକୁ ଏକା ସହିତ ଆଣିଥାଏ।

## ସାଓମି ରେଡ୍‌ମି ନୋଟ ୧୫ ୫ଜି ଓ ରେଡ୍‌ମି ପ୍ୟାଡ ୨ ପ୍ରୋ ଉନ୍ମୋଚିତ

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି):** ଟେକ୍ନୋଲୋଜି ବ୍ରାଣ୍ଡ ସାଓମି ଇଣ୍ଡିଆ ପକ୍ଷରୁ ରେଡ୍‌ମି ନୋଟ ୧୫ ୫ଜି ଓ ରେଡ୍‌ମି ପ୍ୟାଡ୍ ୨ ପ୍ରୋର ଶୁଭାରମ୍ଭ ଘୋଷଣା କରାଯାଇଛି। ଭାରତୀୟ ଉପଭୋକ୍ତାଙ୍କ ଆବଶ୍ୟକତା ଦେଖି ନୂଆ ରେଡ୍‌ମି ଡିଭାଇସଗୁଡିକ ଏକ ଶକ୍ତିଶାଳୀ ବଡ-ସ୍କ୍ରିନ ଅନୁଭୂତି ବଜାରକୁ ଆସିଛି। ରେଡ୍‌ମି ନୋଟ ୧୫ ୫ଜି ଏକ ୧୦୮ଏମପି ମାଷ୍ଟରପିକ୍ସେଲ ଡୁଆଲ ଏଆଇ କ୍ୟାମେରା ଏବଂ ବିଶ୍ୱସ୍ତରରେ ଡେବ୍ୟୁ କରିଥିବା ସାମ୍‌ସଙ୍ଗ ଆଇସୋସେଲ ଏଚଏମ୯ ସେନ୍ସର ସହ ସୁସଜ୍ଜିତ। ଏହାର ୫୫୨୦ଏମଏଏଚ ସିଲିକନ-କାର୍ବନ ବ୍ୟାଟେରୀ ସହିତ ୪୫ୱାଟ ଫାଷ୍ଟ ଚାର୍ଜିଙ୍ଗ ଓ ୧୮ୱାଟ ୱାୟାରଡ ରିଭର୍ସ ଚାର୍ଜିଙ୍ଗ ସହ ପେୟାର ହୋଇଛି। ଏହା ସ୍ନାପଡ୍ରାଗନ ୬ଏସ ଜେନ ୪ ମୋବାଇଲ ପ୍ଲାଟଫର୍ମ ଦ୍ୱାରା ପରିଚାଳିତ। ଏହା ସହିତ ରେଡ୍‌ମି ସ୍ମାର୍ଟ ପେନ୍ ଏବଂ ରେଡ୍‌ମି ପ୍ୟାଡ୍ ୨ ପ୍ରୋ କି-ବୋର୍ଡ ରହିଛି। ରେଡ୍‌ମି ନୋଟ ୧୫ ୫ଜି ବ୍ଲାକ, ଗ୍ଲାସିୟର ବ୍ଲୁ ଓ ମିଷ୍ଟ ପର୍ପଲ କଲରରେ ଏବଂ ୮ଜିବି+୧୨୮ଜିବି ଓ ୮ଜିବି+୨୫୬ଜିବି ଭଳି ଦୁଇଟି ଷ୍ଟୋରେଜ ଭାରିଆଣ୍ଟରେ ଉପଲବ୍ଧ। ଏହାର ପ୍ରାରମ୍ଭିକ ମୂଲ୍ୟ ୨୨,୯୯୯ଟଙ୍କା।

# ତନେଇରାର ସିଜନ୍ ସେଲ୍

## ବଛା ବଛା ବୟନ ଓ ପୋଷାକ ଉପରେ ଫ୍ଲାଟ୍ ୪୦% ରିହାତି

**ଭୁବନେଶ୍ୱର,୧୫।୧:** ଟାଟା ପ୍ରଡକ୍ଟ ତନେଇରା ଏହାର ଭୁବନେଶ୍ୱରସ୍ଥିତ ନୂଆ ଷ୍ଟୋରରେ ଆରମ୍ଭ କରିଛି ସିଜନ୍ ସେଲ। ଏହି ଅବସରରେ ଗ୍ରାହକ ସ୍ୱତନ୍ତ୍ର ମୂଲ୍ୟରେ ସର୍ବୋତ୍ତମ ହସ୍ତତନ୍ତ ଶାଢ଼ି ଏବଂ ପୋଷାକ ମଧ୍ୟରୁ ନିଜ ମନ ପସନ୍ଦର ପ୍ରଡକ୍ଟ ପାଇପାରିବେ। ଏହି ସିଜନ୍ ସେଲର ଅଂଶବିଶେଷ ବ୍ୟାପକ ତଥା ବଛା ବଛା ରେଞ୍ଜ ଶାଢ଼ି, କୁର୍ତ୍ତା ଓ କୁର୍ତ୍ତା ସେଟ୍ ଉପରେ ଫ୍ଲାଟ୍ ୪୦% ରିହାତି ଉପଲବ୍ଧ।



ରାଜଧାନୀରେ ଉପସ୍ଥିତି ବୃଦ୍ଧି ସହିତ ତନେଇରାର ଚନ୍ଦ୍ରଶେଖରପୁର ଷ୍ଟୋର ସହରରେ ବ୍ରାଣ୍ଡର ନୂତନ ସମ୍ପ୍ରସାରଣ । ଏହା ମାଧ୍ୟମରେ କମ୍ପାନୀ ଗୋଟିଏ ଛାତ ତଳେ ସର୍ବୋତ୍ତମ ଭାରତୀୟ ଏଥେନିକ୍ ୱିୟରର ବ୍ୟାପକ ସମ୍ଭାର ଆଣିଛି। ବହୁବିଧ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଷ୍ଟୋର ବିବାହ, ଉତ୍ସବ ଏବଂ ପୂଜା ଏବଂ ଦୈନନ୍ଦିନ ବ୍ୟବହାର ପାଇଁ ଆକର୍ଷଣୀୟ ସମ୍ଭାର ଉପଲବ୍ଧ କରାଇଛି। ଷ୍ଟୋରରେ ମଧ୍ୟ ଏକ ସମନ୍ୱିତ ୱେବ୍ ଜୋନ୍ ରହିଛି, ଯେଉଁଠି ବ୍ରାଇଡାଲ ଏବଂ ୱେଡି ସେଲିବ୍ରେଶନ୍ ପାଇଁ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଶାଢ଼ି ଏବଂ ପୋଷାକ ଉପଲବ୍ଧ। ଶାଢ଼ି ବ୍ୟତୀତ ଷ୍ଟୋରରେ ମଧ୍ୟ ରହିଛି ବ୍ୟାପକ ରେଞ୍ଜ ରେଡି-ଟୁ-ୱିୟର ଆଉଟ୍‌ଫିଟ୍ ଯେପରି ବ୍ଲାଉଜ୍ , କୁର୍ତ୍ତା ଏବଂ ଅନ୍-ଷ୍ଟିଚଡ କୁର୍ତ୍ତା ସେଟ୍। ସମସ୍ତ ପୋଷାକ ଶୁଦ୍ଧ ଏବଂ ପ୍ରାକୃତିକ ଫେବ୍ରିକ୍ସରେ ପ୍ରସ୍ତୁତ। ସିଜନ୍ ସେଲ୍‌ର ଅଂଶବିଶେଷ ଗ୍ରାହକ ବିଭିନ୍ନ ବର୍ଗରେ ବଛା ବଛା ଷ୍ଟାଇଲ୍‌କୁ ସ୍ୱତନ୍ତ୍ର ମୂଲ୍ୟରେ ପାଇପାରିବେ । ନିଜ ୱାଡ୍ରୋବ୍‌ରେ କାଳଜୟୀ ଶାଢ଼ି ଏବଂ ଅନ୍ୟାନ୍ୟ ପୋଷାକ ଯୋଡ଼ିବାର ଏହା ସୁବର୍ଣ୍ଣ ସୁଯୋଗ ବୋଲି ତନେଇଗାର ବିଜ୍‌ନେସ୍ ମ୍ୟାନେଜର ସୁମିତ ଘୋଷ କହିଛନ୍ତି।

## ବୈଶ୍ୱିକ ଅନିଶ୍ଚିତାର ପ୍ରଭାବ

# ବେଜୋସ୍‌ଙ୍କଠାରୁ ଜୁକରବର୍ଗ ଯାଏ, ସମସ୍ତଙ୍କ ସମ୍ପତ୍ତିରେ ବଡ଼ ହ୍ରାସ

**ନୂଆଦିଲ୍ଲୀ ୧୫ ।୧(ଏଜେନ୍ସି):** ଟ୍ରମ୍ପ୍ ଟାରିଫ୍ ସହ ସାରା ଦୁନିଆରେ ଦେଖାଦେଇଥିବା ଯୁଦ୍ଧ ଘନଘଟା ଯୋଗୁ ବିଶ୍ୱର ସେୟାର ବଜାର ବର୍ତ୍ତମାନ ଏକ ଘଡିସନ୍ଧୀ ମୁହୂର୍ତ୍ତ ଦେଇ ଗତି କରୁଛି। ଏଥିଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ବିଶ୍ୱର ସବୁଠୁ ଧନୀକଙ୍କ ସମ୍ପତ୍ତିରେ ବଡ଼ ହଲଚଲ ଦେଖିବାକୁ ମିଳିଛି। ପରିଣଶମ ସ୍ୱରୂପ ବିଶ୍ୱର ଶ୍ରେଷ୍ଠ -୧୦ ବିଲେନିୟରଙ୍କ ସମ୍ପତ୍ତିରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ଏଥିରେ ବିଶ୍ୱର ଟପ୍-୧୦ ଧନୀ ତାଲିକାରେ ଥିବା ଜେଫ୍ ବେଜୋସ୍‌ଙ୍କଠାରୁ ଆରମ୍ଭ କରି ଜୁକରବର୍ଗ ଯାଏ ବିଲିୟନେୟାରଙ୍କ ସମ୍ପତ୍ତିରେ ବଡ଼ ହ୍ରାସ ଘଟିଛି। ତେବେ ଠିକ୍ ଏହି ସମୟରେ ଆମେରିକୀୟ ବିଲିୟନେୟାର ଏଲନ୍ ମସ୍କଙ୍କ ସମ୍ପତ୍ତିରେ ବଡ଼ ଧରଣର ବୃଦ୍ଧି ହୋଇଛି। ଅପରପକ୍ଷେ ଏହି ସମୟରେ ଭାରତର ଦୁଇ ଶ୍ରେଷ୍ଠ ଧନୀ ମୁକେଶ ଅମ୍ବାନୀ ସ୍ୱଳ୍ପ ଲାଭ କରିଥିବାବେଳେ ଗୌତମ ଆଦାନୀ ସମ୍ପତ୍ତିରେ ହରାଇଛନ୍ତି।



### ବଢ଼ିଲା ଏଲନ୍ ମସ୍କଙ୍କ ସମ୍ପତ୍ତି
### ଅମ୍ବାନୀ କମାଇଲେ, ଆଦାନୀ ହରାଇଲେ

ବିଷଶ୍ୱ ଧନୀଙ୍କ ସମ୍ପତ୍ତିରେ ଏପରି ହ୍ରାସ ବିଶ୍ୱର ବ୍ୟବସାୟିକ ଓ ସେୟାର ବଜାରରେ ଉପୁଜିଥିବା ଅସ୍ଥିରତାକୁ ସ୍ପଷ୍ଟ କରୁଛି। ବ୍ଲୁମବର୍ଗ ବିଲେନିୟର୍ସ ଇଣ୍ଡେକ୍ସ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଏଲନ୍ ମସ୍କଙ୍କ ମୋଟ ସମ୍ପତ୍ତିରେ ୪୨ ବିଲିୟନ ଡଲାରରୁ ଅଧିକ ବୃଦ୍ଧି ହୋଇଛି। ଏହି ବୃଦ୍ଧି ସହିତ ମସ୍କଙ୍କ ମୋଟ ସମ୍ପତ୍ତି ପରିମାଣ ୬୮୩ ବିଲିୟନ ଡଲାରରେ ପହଞ୍ଚିଛି। ତେବେ ଏହି ସମୟରେ ମସ୍କଙ୍କ ସମ୍ପତ୍ତିରେ ବୃଦ୍ଧି ହୋଇଥିବାବେଳେ କେତେକ ଉଦ୍ୟୋଗପତିଙ୍କ ସମ୍ପତ୍ତି ହ୍ରାସ ହୋଇଛି। ଓରାକଲ୍‌ର ସହ ସଂସ୍ଥାପକ ଲ୍ୟାରୀ ଏଲିସନ୍‌ଙ୍କର ସବୁଠୁ ଅଧିକ କ୍ଷତି ହୋଇଛି। ଗୋଟିଏ ଦିନରେ ତାଙ୍କ ସମ୍ପତ୍ତି ୮.୮ ବିଲିୟନ ଡଲାର ହ୍ରାସ ପାଇଛି। ଫଳରେ ତାଙ୍କ ମୋଟ ନେଟୱର୍ଥ ହ୍ରାସ ହୋଇ ୨୪୬ ବିଲିୟନ ଡଲାର ହୋଇଯାଇଛି। ଆମାଜନ ସଂସ୍ଥାପକ ଜେଫ୍ ବେଜୋସଙ୍କ ସମ୍ପତ୍ତିରେ ମଧ୍ୟ ହ୍ରାସ ଦେଖାଯାଇଛି। ତାଙ୍କ ମୋଟ ସମ୍ପତ୍ତି ୫.୨ ବିଲିୟନ ଡଲାର ହ୍ରାସ ହୋଇ ୨୫୯ ବିଲିୟନ ଡଲାର ହୋଇଯାଇଛି।

ସେହିପରି ମେଟା ସିଇଓ ମାର୍କ ଜୁକରବର୍ଗଙ୍କ ସମ୍ପତ୍ତିରେ ଗୋଟିଏ ଦିନରେ ୫.୩ ବିଲିୟନ ଡଲାର ହ୍ରାସ ହୋଇଛି ଓ ତାଙ୍କର ମୋଟ ସମ୍ପତ୍ତି ୨୧୮ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ମାଇକ୍ରୋସଫ୍ଟର ପୂର୍ବତନ ସିଇଓ ଷ୍ଟିଭ ବାଲ୍‌ମରରଙ୍କ ସମ୍ପତ୍ତିରେ ୩.୫ ବିଲିୟନ ଡଲାର ହ୍ରାସ ଘଟିଛି। ଏବେ ତାଙ୍କର ମୋଟ ସମ୍ପତ୍ତିର ପରିମାଣ ୧୬୧ ବିଲିୟନ ଡଲାରକୁ ଖସିଆସିଛି। ବ୍ୟବସାୟୀ ବର୍ନାର୍ଡ ଆର୍ଣୌଲ୍ଟଙ୍କ ସମ୍ପତ୍ତିରେ ମଧ୍ୟ ୨.୪ ବିଲିୟନ ଡଲାର ହ୍ରାସ ଘଟିଥିବାବେଳେ ଏନ୍‌ଭିଡିଆ ମୁଖ୍ୟ ଜେନସନ ହୁଆଙ୍ଗଙ୍କ ସମ୍ପତ୍ତିରେ ମଧ୍ୟ ୨ ବିଲିୟନ ଡଲାର ପର୍ଯ୍ୟନ୍ତ ହ୍ରାସ ହୋଇଛି। ୱାରେନ ବଫେଙ୍କ ସମ୍ପତ୍ତିରେ ହ୍ରାସ ହୋଇ ତାଙ୍କ ମୋଟ ସମ୍ପତ୍ତି ୧୪୯ ବିଲିୟନ ଡଲାର ହୋଇଯାଇଛି। ଗୁଗଲ୍ ସହସଂସ୍ଥାପକ ସର୍ଗେଇ ବ୍ରିନ୍ ଓ ଲ୍ୟାରୀ ପେଜଙ୍କ ସମ୍ପତ୍ତିରେ ମଧ୍ୟ ଗତ ୨୪ ଘଣ୍ଟା ମଧ୍ୟରେ ହ୍ରାସ ଦେଖାଯାଇଛି। ତେବେ ଏମାନଙ୍କ ସମ୍ପତ୍ତିରେ ହ୍ରାସ ଅନ୍ୟ ବିଲେନିୟରଙ୍କ ହ୍ରାସ ତୁଳନାରେ କମ୍। ଏହି ସମୟରେ ଭାରତୀୟ ବିଲେନିୟରଙ୍କ ମଧ୍ୟରେ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତିରେ ସ୍ୱଳ୍ପ ବୃଦ୍ଧି ହୋଇଥିବାବେଳେ ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ମୋଟ ସମ୍ପତ୍ତିରେ ହ୍ରାସ ହୋଇଛି। ତାଙ୍କ ମୋଟ ସମ୍ପତ୍ତିର ପରିମାଣ ୮୦ ବିଲିୟନ ଡଲାରକୁ ଖସିଯାଇଛି।

# ଶ୍ରୀମନ୍ଦିର ଭିତରେ ମୋବାଇଲ୍; ଭିଡିଓ ଭାଇରାଲ

- ମାମଲା ପଞ୍ଜୀକରଣର ଘଣ୍ଟାକ ଭିତରେ ଧରାପଡ଼ିଲା ଅଭିଯୁକ୍ତ
- ୬ ମାସରେ ୨୬ ମାମଲା ରୁଜୁ କରିଛି ପୁଲିସ
- ୧୬ ଗୁପ୍ତ କ୍ୟାମେରା ଯୁକ୍ତ ଚଷମା ଓ ୧୧ ମୋବାଇଲ୍ ଜବତ

ପୁରୀ,୧୫।୧(ସମିସ): ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଡ଼ା କଟକଣା ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଥିଲେ ମଧ୍ୟ ଏହି କଟକଣାକୁ ଅନେକ ବେଖାତିର କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହେଉଛି। ଏହା ଉପରେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୋକ୍ ଲାଗିପାରି ନାହିଁ। ଏବେ ଆନନ୍ଦ ବଜାରରେ ଜଣେ ବ୍ୟକ୍ତି ଖୁଲମ୍‌ଖୁଲା ମୋବାଇଲରେ କଥା ହେଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହି ଘଟଣାକୁ ବେଶ୍ ଗମ୍ଭୀରତାର ସହ ନେଇଛି ମନ୍ଦିର ପ୍ରଶାସନ। ଏ ନେଇ ସିଂହଦ୍ୱାର ଥାନାରେ ମନ୍ଦିର ସୁରକ୍ଷା ଅଧିକାରୀ ଅଭିଯୋଗ କରିବା ପରେ ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାବୁ କରିଛି। ସେ ହେଉଛନ୍ତି ଦୋଳମଣ୍ଡପ ସାହିର ରମେଶ ଚନ୍ଦ୍ର ସାହୁ। ବଡ଼ କଥା ହେଉଛି, ମନ୍ଦିର ସେବାୟତ ଓ କର୍ମଚାରୀଙ୍କ ପାଇଁ ମଧ୍ୟ ମୋବାଇଲ୍ ଫୋନ୍ ବ୍ୟବହାର ଉପରେ କଟକଣା ଥିବାବେଳେ ଅବଢ଼ା ଦୋକାନରେ କାମ କରୁଥିବା ବ୍ୟକ୍ତି କିପରି ମୋବାଇଲ୍ ନେଇ ଭିତରକୁ ଯାଉଛନ୍ତି?

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ବିଭିନ୍ନ ସମୟରେ ଗୋଇନ୍ଦା ବିଭାଗ ରିପୋର୍ଟ ଦେଉଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରତି ଦ୍ୱାରରେ ସୁରକ୍ଷା କର୍ମଚାରୀ ମୁତୟନ ରହୁଛନ୍ତି। ପ୍ରବେଶ ପଥରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। କୌଣସି ଅଘଟଣକୁ ଆଶଙ୍କା କରି କିଛିବର୍ଷ ହେବ ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସ୍‌ଜି) ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ହେଲେ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଯେ ଧର୍ମକୁ ଆଖିଠାର ତାହା ମୋବାଇଲ୍ କଟକଣାକୁ ଦେଖିଲେ ଜଣାପଡୁଛି। ଶ୍ରୀମନ୍ଦିର ଆଇନ ଅନୁଯାୟୀ, ମନ୍ଦିର ଭିତରକୁ କେବଳ ୪ ଜଣ ବରିଷ୍ଠ ଅଧିକାରୀ ଯଥା ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସ୍‌ପି ଏବଂ ଶ୍ରୀମନ୍ଦିର ସୂଚନା ଅଧିକାରୀ ମୋବାଇଲ୍ ଫୋନ୍ ନେଇପାରିବେ। ଏମାନଙ୍କ ବ୍ୟତୀତ ଅନ୍ୟ କେହି ମୋବାଇଲ୍ ଫୋନ୍ ନେଲେ ଆଇନ ଅନୁଯାୟୀ ଜରିମାନା ଆଦାୟର ବ୍ୟବସ୍ଥା ରହିଛି। ଯେହେତୁ ଏହା ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗ ସହ ଜଡ଼ିତ ତେଣୁ ଏହାକୁ କଡ଼ାକଡ଼ି ପାଳନ କରିବା ଲାଗି ଚାରିଦ୍ୱାରରେ ଯାଞ୍ଚ ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ ଶ୍ରୀମନ୍ଦିର ଭିତରକୁ ଯାଉଛି ମୋବାଇଲ୍ ଫୋନ୍। ଫଳରେ ବିଭିନ୍ନ ସମୟରେ ମନ୍ଦିରର ଭିତର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏପରିକି ଗର୍ଭଗୃହ ଫଟୋ, ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କ ଫଟୋ ବି ବାହାରକୁ ଆସିଛି। ଏହା ପରଠାରୁ ମୋବାଇଲ ଫୋନ କଟକଣା ଆହୁରି କଡ଼ାକଡ଼ି କରାଯାଇଥିବା ବେଳେ ମଝିରେ ମଝିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି।

ଅନ୍ୟପକ୍ଷରେ ଆନନ୍ଦବଜାରରେ ଜଣେ ବ୍ୟକ୍ତି ମୋବାଇଲ ଫୋନରେ ଖୁଲମ୍‌ଖୁଲା କଥା ହେଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହାକୁ ବେଶ୍ ଗମ୍ଭୀରତାର ସହ ନେଇଥିଲା ମନ୍ଦିର ପ୍ରଶାସନ। ଏ ସଂକ୍ରାନ୍ତରେ ଏସ୍‌ପି ପ୍ରତୀକ୍ ସିଂ କହିଚନ୍ତି, ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ ପାଢ଼ୀ ଏ ନେଇ ସିଂହଦ୍ୱାର ଥାନାରେ ଗୁରୁବାର ଅଭିଯୋଗ କରିଥିଲେ। ପୁଲିସ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୪ରେ ଏକ ମାମଲା (ନଂ.୧୩/୨୬) ରୁଜୁ କରି ତ୍ୱରିତ ଭାବେ ଅନୁସନ୍ଧାନ କରିଥିଲା। ମାମଲା ପଞ୍ଜୀକରଣ ହେବାର ଘଣ୍ଟାଏ ମଧ୍ୟରେ ସମ୍ପୃକ୍ତ ବ୍ୟକ୍ତି ରମେଶ ଚନ୍ଦ୍ର ସାହୁଙ୍କୁ ଧରିବାରେ ସଫଳ ହୋଇଛି। ସେ ଆନନ୍ଦ ବଜାରରେ ଥିବା ନରସିଂହ ମହାପାତ୍ରଙ୍କ ଅବଢ଼ା ଦୋକାନରେ କାମ କରୁଥିଲେ ବୋଲି ଏସ୍‌ପି କହିଛନ୍ତି। ସେହିପରି ଏସ୍‌ପି ଶ୍ରୀ ସିଂ କହିଛନ୍ତି, ପୁଲିସ ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗକୁ ବେଶ୍ ଗମ୍ଭୀରତାର ସହ ଗ୍ରହଣ କରିଆସୁଛି। ଗତ ୬ ମାସ ମଧ୍ୟରେ ପୁଲିସ ୨୬ଟି ମାମଲା ରୁଜୁ କରିଥିବାବେଳେ ୧୬ଟି ଗୁପ୍ତ କ୍ୟାମେରା ସଂଯୁକ୍ତ ଚଷମା ଏବଂ ୧୧ଟି ମୋବାଇଲ ଫୋନ୍ ଜବତ କରିଛି। ଶ୍ରୀମନ୍ଦିର ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଯେକୌଣସି ବ୍ୟକ୍ତି ଏହାକୁ ଉଲ୍ଲଂଘନ କରିବେ ତାଙ୍କ ବିରୋଧରେ ଶ୍ରୀମନ୍ଦିର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଗକୁ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇ ମୋବାଇଲ ଫୋନ୍ କଟକଣାକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଶିଳ୍ପା ସେଟ୍ଟୀ



ପୁରୀ,୧୫।୧(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ। ଗୁରୁବାର ପୂର୍ବାହ୍ଣରେ ଶିଳ୍ପା ତାଙ୍କ ମାଆ ସୁନନ୍ଦା, ଭଉଣୀ ସମିତା, ସମ୍ପର୍କୀୟ ଆକାଂକ୍ଷା ଅଗ୍ରୱାଲ, ରବି କୁମାର ପ୍ରମୁଖଙ୍କ ସହ କଡ଼ା ସୁରକ୍ଷା ମଧ୍ୟରେ ଆସି ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ତାଙ୍କୁ କୌଳିକ ପଣ୍ଡାଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସମସ୍ତେ ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିଥିଲେ। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏଥିସହ ମା' ବିମଳା, ମା' ମହାଲକ୍ଷ୍ମୀ ଓ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ଦର୍ଶନ କରିଥିଲେ। ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ଶ୍ରୀମନ୍ଦିର ଭିତରେ ବିତାଇଥିଲେ ଶିଳ୍ପା ଓ ତାଙ୍କ ପରିବାର ସଦସ୍ୟ। ତାଙ୍କ କୌଳିକ ପଣ୍ଡା ଇପ୍ସିତ ପ୍ରତିହାରୀ ସକାଳ ଧୂପରେ ବାହାରିଥିବା ମହାପ୍ରଭୁଙ୍କ ଖେଚୁଡ଼ି ଭୋଗ ଦେଇଥିଲେ। ଶିଳ୍ପାଙ୍କ ମାଆ ପୂର୍ବରୁ ପୁରୀ ଆସି ରତ୍ନସିଂହାସନ ପାଖକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଡୋରି ଲାଗିବାରୁ ସେ ପୁଣି ପୁରୀ ଆସି ଦର୍ଶନ କରିବାର ସୌଭାଗ୍ୟ ପାଇଥିଲେ ବୋଲି କହିଛନ୍ତି ଶିଳ୍ପାଙ୍କ ମାଆ ସୁନନ୍ଦା। ଅନ୍ୟପକ୍ଷରେ ସିଂହଦ୍ୱାରଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶିଳ୍ପା କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ସେ ଆଜି ବେଶ୍ ଖୁସି ଓ ଆନନ୍ଦିତ। ଜୟ ଜଗନ୍ନାଥ ଧ୍ୱନି ଦେଇ ସେ କହିଥିଲେ, ଚାରିଧାମ ଯାତ୍ରା ମଧ୍ୟରୁ ଏହା ଶ୍ରେଷ୍ଠ ଧାମ। ଏଠାକାର ପ୍ରଶାସନ ମଧ୍ୟ ବେଶ୍ ସହଯୋଗ କରିଛି। ତେବେ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଦି ଡେଭିଲ୍' ନେଇ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ତେବେ ବଲିଉଡ୍ ସୁନ୍ଦରୀ ଶିଳ୍ପାଙ୍କୁ ଦେଖିବା ପାଇଁ ସିଂହଦ୍ୱାର ନିକଟରେ ଲୋକଙ୍କ ବେଶ୍ ଭିଡ଼ ଲାଗିଥିଲା।

# ସୁନ୍ଦରଗଡ଼ରେ ବୃଦ୍ଧାଙ୍କୁ ନିର୍ମମ ହତ୍ୟା; ଜଣେ ଅଟକ

ରାଉରକେଲା,୧୫।୧(ସମିସ): ସୁନ୍ଦରଗଡ଼ ଜିଲ୍ଲାର ଟାଉନ ଥାନା ଅଧୀନ ଶଙ୍କରା ଗୌଡ଼ପଡ଼ା ଅମଲିପାଲି ଅଞ୍ଚଳରେ ଜଣେ ବୃଦ୍ଧାଙ୍କୁ ପଥରରେ ଛେଚି ହତ୍ୟା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତା ବୃଦ୍ଧା ହେଉଛନ୍ତି ଗୁରୁବାରୀ ମାଝୀ (୫୯)। ତାଙ୍କ ମୁଣ୍ଡକୁ କେହି ଦୁର୍ବୃତ୍ତ ପଥରରେ ଛେଚି ହତ୍ୟା କରିବା ପରେ ଅମଲିପାଲି ମଝି ପୋଖରୀ ନିକଟସ୍ଥ ଏକ ବିଲରେ ଫିଙ୍ଗି ଦେଇଥିବା ସୂଚନା ମିଳିଛି। ଏହି ଘଟଣାରେ ଜଣେ ଯୁବକକୁ ହତ୍ୟା ଅଭିଯୋଗରେ ଟାଉନଥାନାରେ ଅଟକରଖି ପୁଲିସ ପଚରାଉଚରା କରୁଥିବା ଜଣାପଡ଼ିଛି। ଗୁରୁବାର ଖବରପାଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ସମେତ ଟାଉନ ଥାନା ପୁଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସୂଚନା ମୁତାବକ ଗୁରୁବାରୀ ମାଝୀ ଅମଲିପାଲି ନିକଟ ବାଇପାସ୍ ନିକଟରେ ଗୋପାଳ ଲାକ୍ରାଙ୍କ ସହ ଏକ ଭଡ଼ା ଘରେ ରହୁଥିଲେ। ବୁଧବାର ଅପରାହ୍ଣରେ ସେ ଶଙ୍କରାରେ ବାସ କରୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଟଙ୍କା ମାଗିବାକୁ ଯାଉଛି ବୋଲି ଗୋପାଳଙ୍କୁ କହି ଘରୁ ବାହାରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରି ନ ଥିଲେ। ତେଣୁ ଗୁରୁବାର ସକାଳେ ଗୋପାଳ ବିଭିନ୍ନ ଆଡେ ଖୋଜାଖୋଜି କରି ଆଉ ଗୁରୁବାରିଙ୍କର କୌଣସି ପତ୍ତା ପାଇ ନ ଥିଲେ। ଆଜି ସ୍ଥାନୀୟଲୋକେ ଶୌଚ ପାଇଁ ପୋଖରୀକୁ ଯାଇଥିବା ବେଳେ ବୃଦ୍ଧାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ପୁଲିସକୁ ସୂଚନା ଦେଇଥିଲେ। ଟାଉନଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ। ପୁଲିସ ସାଇଣ୍ଟିଫିକ୍ ଟିମ ସହ ପୁଲିସ ସନ୍ଧାନୀକୁକୁର ପହଞ୍ଚି ହତ୍ୟାକାଣ୍ଡର ତଦନ୍ତ କରିଥିଲେ। ପରେ ଏସ୍‌ପି ଅମ୍ରିତପାଲ କୌର, ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦ ଏବଂ ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ବୃଦ୍ଧାଙ୍କ ମୁହଁକୁ ପଥରରେ ଛେଚି ହତ୍ୟା କରାଯାଇଥିବାରୁ ପ୍ରଥମେ ଗ୍ରାମବାସୀ ଚିହ୍ନି ପାରି ନ ଥିଲେ। ହେଲେ ଗୋପାଳ ଘଟଣାସ୍ଥଳରେ ପହଞ୍ଚି ତାହା ଗୁରୁବାରୀ ମାଝୀଙ୍କର ଶବ ବୋଲି ଚିହ୍ନଟ କରିଥିଲେ। ପୁଲିସ ଏହି ଘଟଣାରେ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ୫୨ ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି, ୧୫।୧(ସମିସ): ମାଓ ସଙ୍ଗଠନ ଦିନକୁ ଦିନ ଭାଙ୍ଗିବା ସହ ଦୁର୍ବଳ ହେବାକୁ ଲାଗିଥିବା ବେଳେ ଆଜି ପୁଣି ଶକ୍ତ ଧକ୍କା ଲାଗିଛି। ୧କୋଟି ୪୧ ଲକ୍ଷ ଇନାମି ୫୨ ଜଣ ମାଓବାଦୀ ମାଓ ସଙ୍ଗଠନ ଛାଡି ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁରରେ ଆତ୍ମସମର୍ପଣ କରିଥିବା ଏହି ସମସ୍ତ ମାଓବାଦୀଙ୍କ ନାମରେ ମୋଟ ୧କୋଟି ୪୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଆତ୍ମ ସମର୍ପଣକାରୀଙ୍କ ମଧ୍ୟରେ ଅନେକ କୁଖ୍ୟାତ ମାଓବାଦୀ, ଦକ୍ଷିଣ ଉପ-ଜୋନାଲ ବ୍ୟୁରୋ ଏବଂ ମାଓ ସଂଗଠନର ଡିଭିସିଏମ୍, ପିପିସିଏମ, ଏସିଏମ୍ ଭଳି କ୍ୟାଡର ଓ ମାଓ ସଦସ୍ୟ ରହିଛନ୍ତି। ଆଜି ଆତ୍ମସମର୍ପଣ କରିଥିବା ଏହି ସମସ୍ତ ମାଓବାଦୀଙ୍କୁ ସରକାରୀ ନୀତି ନିୟମ ଅନୁଯାୟୀ ସହାୟତା ରାଶି ପ୍ରଦାନ ସହ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଦୁର୍ଘଟଣାରେ ଗଲା ୪ ଜୀବନ

## ବାଇକ୍-ସ୍କୁଟି ମୁହାଁମୁହିଁ; ୨ ମୃତ, ଦୁଇ ଗୁରୁତର

ତୁରୁମୁଙ୍ଗା, ୧୫।୧ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ତଥା ତୁରୁମୁଙ୍ଗା ଥାନା କେନ୍ଦେଇପଶି ରାସ୍ତାର କେନ୍ଦୁଆପଡ଼ା ହନୁମାନ ଛକ ନିକଟରେ ଗୁରୁବାର ଅପରାହ୍ଣରେ ବାଇକ ଓ ସ୍କୁଟି ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତ ବାଇକ ଚାଳକ ଜଣକ ହେଉଛନ୍ତି ତୁରୁମୁଙ୍ଗା ଥାନା ଡଲଙ୍ଗ ଗ୍ରାମର ବିଦ୍ୟାଧର ମହାନ୍ତଙ୍କ ପୁଅ ସରୋଜ (୧୯)। ସେହିପରି ମୃତ ସ୍କୁଟି ଚାଳକ ହେଉଛନ୍ତି ରାଇସୁଆଁ ଥାନା ଡିମ୍ବ ଗ୍ରାମର ବିଶ୍ୱନାଥ ମୁଣ୍ଡାଙ୍କ ପୁଅ ଦୀପକ (୨୫)। ଗୁରୁତର ପଟୁଳିଆ ଗ୍ରାମର ସରୋଜ ମୁଣ୍ଡା (୧୮) ଓ ମଙ୍ଗଳପୁର ଗ୍ରାମର ଲିଟୁନ ମହାନ୍ତ (୨୧)ଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ବାଇକ୍‌ରେ ସରୋଜ ମହାନ୍ତ ଓ ଲିଟୁନ ଡଲଙ୍ଗରୁ ମାମୁଘର ମଙ୍ଗଳପୁରକୁ ଆସୁଥିବା ବେଳେ ପାଟଣା (ପୁଟୁଳିଆ)ରୁ ସରୋଜ ଓ ଦୀପକ ମୁଣ୍ଡା ସ୍କୁଟିରେ ଡିମ୍ବକୁ ଯାଉଥିଲେ। ତୁରୁମୁଙ୍ଗା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ବାଇକକୁ ଧକ୍କାଦେଲା ଦ୍ରୁତଗାମୀ ଟ୍ରକ୍ — ଶାଶୂ, ବୋହୂଙ୍କ ମୃତ୍ୟୁ

ବିଶୋଇ, ୧୫।୧ (ସମିସ): ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥସ୍ଥିତ ବନେଇକଳା ଛକ ନିକଟରେ ଗୁରୁବାର ଏକ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ କରଞ୍ଜିଆ ଥାନା ଅନ୍ତର୍ଗତ ସର୍ଫ୍ଧି ଗ୍ରାମର ଗୁରୁଚରଣ ଲୋହାର (୫୦) ଓ ବିଶୋଇ ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ତ୍ରିଲୋଚନ ବିନ୍ଧାଣିଙ୍କ ସ୍ତ୍ରୀ ପାର୍ବତୀ ବିନ୍ଧାଣି(୬୫)। ଦୁଇ ମୃତକ ସମ୍ପର୍କରେ ଶାଶୂ ବୋହୂ ଅଟନ୍ତି। ଅପରାହ୍ଣ ପ୍ରାୟ ୫ଟା ସମୟରେ ଗୁରୁଚରଣ ନିଜ ଶାଶୂ ସହିତ ଏକ ବାଇକ (ଓଡି୦୯ବି ୭୮୮୭) ଯୋଗେ ନିଜ ସମ୍ପର୍କୀୟ ଘର ବରାଜିଆଣି ଗ୍ରାମରୁ ୪୯ ନଂ ଜାତୀୟ ରାଜପଥ ଦେଇ ନୂଆଗାଁକୁ ଫେରୁଥିଲେ। ଏହି ସମୟରେ ଯଶିପୁର ଆଡ଼କୁ ଖୁବ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ (ଓଡି ୩୫ଡି ୩୦୭୭) ଉକ୍ତ ବାଇକକୁ ପଛପଟୁ ଧକ୍କା ଦେଇଥିଲା। ଘଟଣାଟି ଏତେ ଭୟଙ୍କର ଥିଲା ଯେ ଟ୍ରକଟି ବାଇକକୁ ଧକ୍କା ଦେଇ କିଛି ଦୂରତା ଘୋଷାଡ଼ି ନେଇଥିଲା। ଫଳରେ ଦୁଇ ବାଇକ ଆରହୀ ବାଇକ ସହ ଟ୍ରକ ଚକ ତଳେ ଚାପି ହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଖବରପାଇ ମଣଦା ଫାଣ୍ଡି ଅଧିକାରୀ ଶରତ ଚନ୍ଦ୍ର ଧଳଙ୍କ ନେତୃତ୍ୱରେ ପୁଲିସ୍ ଟିମ ପହଞ୍ଚି ତଦନ୍ତ କରିବା ସହ ବିଶୋଇ ଥାନାରେ ଏକ ଅପମୃତ୍ୟୁ ମାମଲା ଜରିଆରେ ବ୍ୟବଚ୍ଛେଦ ପାଇଁ ଶବକୁ ରାଇରଙ୍ଗପୁରକୁ ପଠାଇଛନ୍ତି। ମୃତକ ପରିବାରଙ୍କୁ ଯଥାଶୀଘ୍ର କ୍ଷତିପୂରଣ ଦାବି ନେଇ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

# ରବିବାରଠୁ ମୟୂରଭଞ୍ଜ ଜିଲ୍ଲାରେ ପକ୍ଷୀ ଗଣନା

- ତାଲିମ ଶିବିର ଓ ମକଡ୍ରିଲ ସମ୍ପନ୍ନ
- ବିଦେଶୀ ପକ୍ଷୀଙ୍କ ଗତିବିଧି ଓ ସଂଖ୍ୟା କରାଯିବ ରେକର୍ଡ

ବାରିପଦା, ୧୫।୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ପକ୍ଷୀ ଗଣନା ୧୮ ତାରିଖ ରବିବାରଠାରୁ ଆରମ୍ଭ ହେବ। ଜିଲ୍ଲାର ଶିମିଳିପାଳ ଓ ସମସ୍ତ ବନଖଣ୍ଡରେ ଏହି ଗଣନା କାର୍ଯ୍ୟ ଆରମ୍ଭ ହେବ। ଆର୍ଦ୍ରଭୂମିରେ ପ୍ରତିବର୍ଷ ଶୀତଋତୁ ପ୍ରାରମ୍ଭରେ ଜଳାଶୟମାନଙ୍କୁ ଆସୁଥିବା ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଥାଏ। ଜିଲ୍ଲାରେ ଥିବା ଶିମିଳିପାଳ ଅଭୟାରଣ୍ୟ ତଥା ବାରିପଦା, କରଞ୍ଜିଆ ଓ ରାଇରଙ୍ଗପୁର ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଜଳଭଣ୍ଡାର, ଆର୍ଦ୍ରଭୂମିରେ ପାଖାପାଖି ୧୦୦ରୁ ଅଧିକ ସ୍ଥାନରେ ଏହି ପକ୍ଷୀ ଗଣନା କାର୍ଯ୍ୟ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ବାରିପଦା ବନଖଣ୍ଡ ଅନ୍ତର୍ଗତ ୭ଟି ବନାଞ୍ଚଳର ୪୪ଟି ଆର୍ଦ୍ରଭୂମିରେ ଏହି ଗଣନା କରାଯିବାକୁ ନେଇ ସ୍ଥିର ହୋଇଛି। ୨୦୦ରୁ ଅଧିକ ବନ କର୍ମଚାରୀ ବେତନଟୀ, ଉଦଳା, ଦେଉଳି, ବାଙ୍ଗିରିପୋଷି ଆଦି ଅଞ୍ଚଳର ଜଳାଶୟରେ ଗଣନା କରିବେ। ବନ କର୍ମଚାରୀଙ୍କ ସମେତ ଓୟୁଏଟି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବନ୍ୟପ୍ରାଣୀ ବିଭାଗ ଛାତ୍ରଛାତ୍ରୀ ଓ ଏନଜିଓ ସଦସ୍ୟ



ସଦସ୍ୟା ଗଣନା ପ୍ରକ୍ରିୟାରେ ସାମିଲ ହେବେ। ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ଚାଲିଛି। ଶୀତଋତୁରେ ବିଦେଶୀ ପକ୍ଷୀଙ୍କ ଗତିବିଧିକୁ ଲକ୍ଷ୍ୟ ରଖାଯାଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ବିଦେଶୀ ପକ୍ଷୀ ଆସିବାର ସମ୍ଭାବନା ରହିଛି ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

# ପୁଲିସର ରାଜ୍ୟବ୍ୟାପୀ ଅପରେସନ ଷ୍ଟ୍ରାଇକ୍

- ଜାମିନବିହୀନ ଅପରାଧରେ ୧୮୯ ଗିରଫ
- ମଦ୍ୟପ ଚାଳକଙ୍କଠାରୁ ୧୧.୮୯ ଲକ୍ଷ ଜରିମାନା ଆଦାୟ

କଟକ,୧୫।୧(ସମିସ): ମକର ସଂକ୍ରାନ୍ତି ପର୍ବକୁ ଶାନ୍ତିଶୃଙ୍ଖଳା, ସୁରକ୍ଷା ଓ ସୁସ୍ଥ ପରିବେଶରେ ପାଳନ ସୁନିଶ୍ଚିତ କରିବା ସହ ଅପରାଧ ଓ ଅପରାଧୀଙ୍କ ଉପରେ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ 'ଅପରେସନ୍ ଷ୍ଟ୍ରାଇକ' ଅଭିଯାନ କରାଯାଇଥିଲା। ଏହି ସମୟରେ ସାରାରାଜ୍ୟରେ ୩୬୭ଟି ଅବକାରୀ ମାମଲା ରୁଜୁ କରାଯାଇ ୩୫,୫୯୯ ଲିଟର ଦେଶୀମଦ, ୫୭୧.୨୬୧ ଲିଟର ବିଦେଶୀ ମଦ ଏବଂ ୩୮ ବୋତଲ କଫ୍ ସିରପ୍ ଜବତ ସହ ୨୨ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ବିଭିନ୍ନ ଜୁଆ ଆଡ୍ଡାରେ ପୁଲିସ ଚଢ଼ଉ କରି ୧୨ଟି ମାମଲା ରୁଜୁ କରିବା ସହ ୪ ଜଣଙ୍କୁ ଗିରଫ କରି ୧ ଲକ୍ଷ ୮ ହଜାର ଟଙ୍କା ନଗଦ ଜବତ କରିଛି। ମଦ୍ୟପାନ କରି ଗାଡ଼ି ଚାଳନା ଅଭିଯୋଗରେ ୨୭୨ଟି ମାମଲା ରୁଜୁ କରାଯାଇ ୧୧ ଲକ୍ଷ ୮୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ନିଶାଦ୍ରବ୍ୟ ଚୋରାଚାଲାଣ ଅଭିଯୋଗରେ ୧୩ ଜଣଙ୍କୁ ଗିରଫ କରାଯିବା ସହ ୧୫୯ କେଜି ଗଞ୍ଜେଇ, ୮୯.୦୧ ଗ୍ରାମ ବ୍ରାଉନ ସୁଗାର, ବନ୍ଧୁକ, ମାରଣାସ୍ତ୍ର ଓ ଚାରିଚକିଆ ଯାନ ଜବତ କରାଯାଇଛି। ଏହି ସମୟ ମଧ୍ୟରେ ବେଆଇନ ବନ୍ଧୁକ ଚୋରାଚାଲାଣ ମାମଲାରେ ୪ଟି ମାମଲା ରୁଜୁ କରାଯାଇ ୨ଟି ଦେଶୀ ବନ୍ଧୁକ ଓ ୧ଟି ପିସ୍ତଲ ଜବତ କରାଯିବା ସହ ୧୧ ଜଣ ଅପରାଧୀଙ୍କୁ ଗିରଫ କରିଥିଲା ପୁଲିସ। ସେହିପରି ଜାମିନବିହୀନ ଅପରାଧରେ ସାରା ରାଜ୍ୟରେ ୧୮୯ ଜଣଙ୍କୁ ଗିରଫ କରାଯାଇଛି। ଲଘୁ ଖଣିଜ ଦ୍ରବ୍ୟ ଓ ଗୋ-ଚାଲାଣ ରୋକିବା ଅଭିଯାନରେ ୨୩ଟି ମାମଲା ରୁଜୁ କରାଯାଇ ୭ ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ୨୪ଟି ବାଲି ବୋଝେଇ ଗାଡ଼ି ଏବଂ ୨ଟି ଗୋ-ଚାଲାଣ ଗାଡ଼ି ଜବତ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଅନୁଯାୟୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଜିଲ୍ଲାର ଏସପିମାନେ 'ଅପରେସନ୍ ଷ୍ଟ୍ରାଇକ୍' ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇଥିଲେ।

# ଅନ୍ତର୍ଜାତୀୟ ନିର୍ବାଚନ ମୈଦାନରେ ଲିଟିଲ ମିସ୍ ପଦ୍ମାଳୟା ନନ୍ଦ

- ଆଇୱାଇଆର୍ ପଦବୀ ପାଇଁ ବିଶ୍ୱର ୪ ଜଣଙ୍କ ମଧ୍ୟରେ ପଦ୍ମାଳୟା
- ଆସନ୍ତାକାଲି ଜେନେଭାରୁ ଘୋଷଣା ହେବ ଫଳାଫଳ



ଭୁବନେଶ୍ୱର,୧୫।୧(ସମିସ): ୨୦୧୭ ମସିହାରେ ପ୍ରଥମ ଭାରତୀୟ ଭାବେ ଦେଶ ପାଇଁ ମୁକୁଟ ଜିତି ଆଣିଥିବା ଲିଟିଲ ମିସ୍ ୟୁନିଭର୍ସ ଇଣ୍ଟରନେଟ ପଦ୍ମାଳୟା ନନ୍ଦ ଆଉ ଏକ ଅନ୍ତର୍ଜାତୀୟ ସଫଳତା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏଥିପାଇଁ ସେ ଆଉ ଏକ ଅନ୍ତର୍ଜାତୀୟ ନିର୍ବାଚନ ମୈଦାନରେ ଲଢ଼େଇ କରୁଛନ୍ତି। ଜାତିସଂଘ ସହବନ୍ଧିତ ଅନୁଷ୍ଠାନ ୱାଇଜମ୍ୟାନ ଇଣ୍ଟରନେସନାଲର ଅନ୍ତର୍ଜାତୀୟ ଯୁବ ପ୍ରତିନିଧି (ଆଇ.ୱାଇ.ଆର)୨୦୨୬-୨୮ ପଦବୀ ପାଇଁ ସେ ପୃଥିବୀର ୪ଜଣଙ୍କ ମଧ୍ୟରେ ମନୋନୀତ ହେବାର ଗୌରବ ଅର୍ଜନ କରି ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହେଉଛନ୍ତି। ବିଶ୍ୱାବ୍ୟାପୀ ଅନ୍‌ଲାଇନ ଭୋଟିଂ ଶେଷ ହୋଇଥିବା ବେଳେ ୪ ପ୍ରତିଯୋଗୀଙ୍କ ଭାଗ୍ୟ ସିଲ୍ ହୋଇଛି। ଆସନ୍ତାକାଲି ୧୬ ଜାନୁଆରୀରେ ୱାଇଜମ୍ୟାନ ଇଣ୍ଟରନେସନାଲର ଜେନେଭାସ୍ଥିତ ଅନ୍ତର୍ଜାତୀୟ ମୁଖ୍ୟାଳୟରେ ଅନୁଷ୍ଠାନିକ ଭାବେ ଫଳାଫଳ ଘୋଷଣା କରାଯିବ। ପୃଥିବୀର ଏହି ୪ଜଣ ମନୋନୀତ ଯୁବ ପ୍ରତିନିଧିଙ୍କ ମଧ୍ୟରେ ପଦ୍ମାଳୟାଙ୍କ ବ୍ୟତୀତ ତାଇୱାନର ଜୁନଲୁନ ୱୁ, ଜମିୟାର କ୍ରିଷ୍ଟାବେଲ୍ଲେ ବ୍ରାଉନ, ଭାରତ ବାଙ୍ଗାଲୁରୁର ରାୟନ ଜେମ୍‌ସ ମନୋନୀତ ହୋଇ ନିର୍ବାଚନ ଲଢୁଛନ୍ତି।

ଏହି ବିଶ୍ୱ ସ୍ତରୀୟ ମାର୍ଯ୍ୟାଦାପୂର୍ଣ୍ଣ ନିର୍ବାଚନରେ ସମଗ୍ର ବିଶ୍ୱର ବିଭିନ୍ନ ପ୍ରାନ୍ତ ୮ଟି ଭାଗରେ ବିଭକ୍ତ ହୋଇ ସମୁଦାୟ ୪୮ଟି ନେତୃସ୍ତରୀୟ ପ୍ରତିନିଧି ଭାବରେ ଭୋଟ୍ ରହିଛି। ଏହି ପଦବୀ ପାଇଁ ମନୋନୀତ ହେବାରେ ପଦ୍ମାଳୟା ନନ୍ଦ ପ୍ରଥମ ଓଡ଼ିଆ। ନିର୍ବାଚିତ ହେଲେ ସେ ୨୦୨୬-୨୮ ମସିହା ପର୍ଯ୍ୟନ୍ତ ଦୁଇବର୍ଷ ପାଇଁ ଆନ୍ତର୍ଜାତୀୟ ଯୁବ ପ୍ରତିନିଧି ଭାବେ କାର୍ଯ୍ୟକରି ବିଶ୍ୱ ବ୍ୟାପି ଯୁବ ସମୁଦାୟର ନେତୃତ୍ୱ ନେବେ। ଓଡିଶା ହାଇକୋର୍ଟ ଓ ସୁପ୍ରିମ କୋର୍ଟର ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଓ ଡାକ୍ତର ଶୁଭସୁଧା ପ୍ରିୟଦର୍ଶିନୀଙ୍କ କନ୍ୟା ପଦ୍ମାଳୟା ଏବେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ମନୋବିଜ୍ଞାନ ବିଭାଗର ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ।

# ପ୍ରଥମେ ନାମ ବଦଳିଲା, ଏବେ ସେବା ବନ୍ଦ

# ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିରରେ ଯୋଗ ଓ ଫିଜିଓଥେରାପି ବନ୍ଦ

ଭୁବନେଶ୍ୱର,୧୫।୧(ସମିସ): ସାଧାରଣ ଲୋକଙ୍କୁ ସହଜ, ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇଦେଉଥିବାର ଡିଣ୍ଡିମ ପିଟୁଥିବା ରାଜ୍ୟ ବିଜେପି ସରକାର ଧୀରେ ଧୀରେ ଜନତାଙ୍କ ସମାଲୋଚନାର ଶିକାର ହେବାରେ ଲାଗିଛି। ନୂଆ ସରକାରଠାରୁ ଲୋକମାନେ କିଛି ନୂଆ ପାଇବାର ଆଶା ରଖିଥିବାବେଳେ ଗତ ଦେଢ଼ବର୍ଷ ଭିତରେ କେବଳ ପୁରୁଣା ଯୋଜନା ବା ଅନୁଷ୍ଠାନର ରଙ୍ଗ ଓ ନାମ ପରିବର୍ତ୍ତନ ଛଡ଼ା ଏ ସରକାରରୁ ଅନ୍ୟ କିଛି ମିଳି ନ ଥିବା ଆଲୋଚନା ହେଉଛି। ଏମିତି ଅନେକ ଉଦାହରଣ ମଧ୍ୟରେ ସାମିଲ ହୋଇଛି ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର। ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ବିଭିନ୍ନ ଅଞ୍ଚଳରେ ରହିଥିବା ୧୮ଟି ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆରୋଗ୍ୟ ମନ୍ଦିରରେ ନିତିଦିନିଆ ଯୋଗ ଓ ଫିଜିଓଥେରାପି ସେବା ଗତ ୧୧ ତାରିଖରୁ ବନ୍ଦ ହୋଇଯାଇଛି। ସରକାର ପରିବର୍ତ୍ତନ ପରେ ପ୍ରଥମେ 'ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର'ର ନାମ ବଦଳାଯାଇ 'ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର' କରାଗଲା। ଏହାପରେ ଆରୋଗ୍ୟ ମନ୍ଦିରରେ ପ୍ରଥମେ ଲାବ୍ରୋଟୋରୀ ବନ୍ଦ କରିଦିଆଯାଇ ଏଠାରୁ ଲାବ୍ରୋଟୋରୀ ଟେକନିସିଆନ୍ ଓ ଜଣେ ସହାୟିକାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଗଲା। ଏହାର କିଛି ଦିନ ବ୍ୟବଧାନ ପରେ ଗତ ୧୧ ତାରିଖରୁ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିରରେ ଆଉ ଯୋଗ ଓ ଫିଜିଓଥିରାପି କେନ୍ଦ୍ର ଚାଲିବ ନାହିଁ ବୋଲି ନିର୍ଦ୍ଦେଶ ଆସିଛି। ଏନ୍‌ଏଚ୍‌ଏମ୍ ଅଧୀନରେ ରହିଥିବା ଏହି ଆରୋଗ୍ୟ ମନ୍ଦିରଗୁଡ଼ିକ ସ୍ଥାନୀୟ ଲୋକଙ୍କ ପାଇଁ ବେଶ୍ ସହାୟକ ହେଉଥିବା ବେଳେ ବିନା କୌଣସି ନୋଟିସ୍‌ରେ ଏହି ଚିକିତ୍ସା ବନ୍ଦ କରାଯାଇଥିବାରୁ ଏଠାରେ ନିୟୋଜିତ କର୍ମୀ ଓ କର୍ମଚାରୀଙ୍କ ସମେତ ଯୋଗ ଓ ଫିଜିଓଥେରାପି ଚିକିତ୍ସା ସେବା ପାଉଥିବା ରୋଗୀମାନେ ନିରାଶ ହୋଇଛନ୍ତି।

ସୂଚନା ଅନୁସାରେ, ବିଏମ୍‌ସି ଅଧୀନରେ ରହିଥିବା



ବିଭିନ୍ନ ୱାର୍ଡରେ ୧୮ଟି 'ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର' (ହେଲଥ୍ ଆଣ୍ଡ ୱେଲନେସ୍ ସେଣ୍ଟର) ରହିଛି। ବରମୁଣ୍ଡା ରେଣ୍ଟାଲ କଲୋନୀ, ସାମନ୍ତରାପୁର, ଆଚାର୍ଯ୍ୟବିହାର, ଲକ୍ଷ୍ମୀସାଗର, ଆଇଗିଣିଆ, ବଡ଼ଗଡ ଶବରସାହି, ଚକେଇସିଆଣି, ପଲାସପଲ୍ଲୀ, ସୁନ୍ଦରପଦା, କଳିଙ୍ଗ ବିହାର, ନିଳାଦ୍ରୀବିହାର ସେକ୍ଟର-୫, ପାତ୍ରପଡ଼ା, ଶ୍ରୀବିହାର, ହଂସପାଳ, ପଳାଶୁଣି, କଳାରାହାଙ୍ଗ ଆଦି ଆଦି ଅଞ୍ଚଳରେ ଏହା ଆରମ୍ଭ ହୋଇଥିଲା। ଏନ୍‌ଏଚ୍‌ଏମ୍ (ନ୍ୟାସନାଲ ହେଲଥ୍ ମିଶନ) ଦ୍ୱାରା ପରିଚାଳିତ ଏହି କେନ୍ଦ୍ରରେ ଜଣେ ଡାକ୍ତର, ଫାର୍ମାସିଷ୍ଟଙ୍କ ସମେତ ଲାବୋରେଟୋରୀ ଟେକ୍ନିସିଆନ୍‌ଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ବିଭିନ୍ନ ଔଷଧ ଉପଲବ୍ଧ ହେଉଥିଲା। ସେହିପରି ଲାବୋରେଟୋରୀ ନିର୍ମାଣ କରାଯାଇ ଜଣେ ଟେକ୍ନିସିଆନ୍ ଓ ସହାୟିକାଙ୍କୁ ମଧ୍ୟ ନିଯୁକ୍ତ କରାଯାଇ ବିଭିନ୍ନ ପରୀକ୍ଷା କରାଯାଉଥିଲା। ପରବର୍ତ୍ତୀ ସମୟରେ ଯୋଗ ଗୁରୁ, ଜଣେ ଫିଜିଓଥିରାପିଷ୍ଟଙ୍କୁ ନିଯୁକ୍ତ କରାଯାଇଥିଲା। ଏବେ ଏହିସବୁ କେନ୍ଦ୍ରରେ ଯୋଗ ଓ ଫିଜିଓଥେରାପି ଚିକିତ୍ସା ବନ୍ଦ ହୋଇଯାଇଛି।

ଅନ୍ୟପକ୍ଷରେ ସହରରେ ମୋଟ୍ ୧୮ଟି କେନ୍ଦ୍ରରୁ

## କର୍ମଚାରୀଙ୍କ ସମେତ ରୋଗୀ ନିରାଶ

ଭିଏସଏସନଗର, ବରମୁଣ୍ଡା ରେଣ୍ଟାଲ କଲୋନୀ, ସାମନ୍ତରାପୁର, ଆଚାର୍ଯ୍ୟବିହାରର ନିଜସ୍ୱ ଗୃହ ରହିଥିବା ବେଳେ ବାକି ୧୪ଟି ଭଡ଼ାରେ ଚାଲିଥିବା ସୂଚନା ରହିଛି। ତେବେ ଆସନ୍ତା ମାର୍ଚ୍ଚ ମାସରୁ ଏବାବଦକୁ ଦିଆଯାଉଥିବା ଭଡ଼ା ବନ୍ଦ କରାଯିବାକୁ ମଧ୍ୟ ସୂଚନା ରହିଛି। ତେବେ ଏଠାରେ ରହିଥିବା ବିଭିନ୍ନ ଯନ୍ତ୍ରପାତି ଓ କାର୍ଯ୍ୟ କରୁଥିବା କର୍ମଚାରୀମାନେ କ'ଣ କରିବେ ବୋଲି ପ୍ରଶ୍ନ କରିଛନ୍ତି। ସବୁଠାରୁ ବଡ଼କଥା ହେଉଛି, ପ୍ରତିଦିନ ଚାଲୁଥିବା ଯୋଗ ଏବଂ ଫିଜିଓଥେରାପି ସେବାକୁ ୧୫ ଦିନିଆ କରାଯାଇ କର୍ମଚାରୀଙ୍କୁ ମଧ୍ୟ ୧୫ ଦିନ ଦରମା ଦେଉଥିଲା ଏନ୍‌ଏଚ୍‌ଏମ୍। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରି ବିଏମ୍‌ସି ମେୟରଙ୍କ ଓ କମିଶନରଙ୍କ ସହ ଆଲୋଚନା ପରେ ବାକି ୧୫ ଦିନର ଦରମା ଦିଆଯାଉଥିବା ଜଣାପଡ଼ିଛି। ତେବେ ମାସିକ ଦରମା ଯୋଗ ଗୁରୁ ଓ ଫିଜିଓଥେରାପିଷ୍ଟ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରୁ ଦରମା ପାଉଥିବା ବେଳେ ଏହି ସେବା ବନ୍ଦ କରାଯିବା ନେଇ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବର୍ତ୍ତମାନ ଯେଉଁଭଳି ଭାବେ ଜୀବନଶୈଳୀରେ ପରିବର୍ତ୍ତନ ଦେଖାଦେଇଛି, ତାହାର ଫଳସ୍ୱରୂପ ଅତି କମ୍ ବୟସରେ ବିଭିନ୍ନ ରୋଗର ଶିକାର ହେଉଛନ୍ତି ଛୋଟ ପିଲାଙ୍କ ଠାରୁ ବୟସ୍କ ବ୍ୟକ୍ତି। ଏଥିରୁ ବର୍ତ୍ତିବା ପାଇଁ ଯୋଗ ହେଉଛି ପ୍ରମୁଖ ଚିକିତ୍ସା ବୋଲି ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ଫଳରେ ସକାଳୁ ସକାଳୁ ଯୋଗ କରିବାକୁ ଲୋକମାନେ ବେଶ୍ ଆଗ୍ରହ ପ୍ରକାଶ କରୁଛନ୍ତି। ସେହିପରି ବୟସ୍କମାନେ ଆଣ୍ଠୁଗଣ୍ଠି ବ୍ୟଥାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଅସ୍ଥିଶଲ୍ୟ ରୋଗରେ ଆକ୍ରାନ୍ତ ହୋଇ ଫିଜିଓଥେରାପି ଚିକିତ୍ସାକୁ ଭରସା କରୁଛନ୍ତି। କୌଣସି ଘରୋଇ ହସ୍ପିଟାଲ ବା ଫିଜିଓଥେରାପି କ୍ଲିନିକ୍‌ରେ ଏଥିପାଇଁ ମୋଟା ଅଙ୍କର ଅର୍ଥ ଦେବାକୁ ପଡୁଥିବା ବେଳେ ନିକଟସ୍ଥ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର ଗରୀବ ଓ ମଧ୍ୟବିତ୍ତଙ୍କ ଭରସା ପାଲଟିଥିଲା। ସରକାରଙ୍କ ତରଫରୁ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଥିବା ଏହି ଚିକିତ୍ସା ଦ୍ୱାରା ବହୁ ସଂଖ୍ୟାରେ ଲୋକେ ଉପକୃତ ହେଉଥିଲେ। ଏବେ ଏହି କେନ୍ଦ୍ରଗୁଡ଼ିକ ବନ୍ଦ ଯୋଗୁଁ ଅନେକ ଚିକିତ୍ସାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଫଳରେ ସ୍ଥାନୀୟ ଅଞ୍ଚଳରେ ନିୟମିତ ଫିଜିଓଥେରାପି ଓ ଯୋଗ କରିବାକୁ ସେମାନେ ନିବେଦନ କରିଛନ୍ତି। ଏନେଇ ଆରୋଗ୍ୟ ମନ୍ଦିରର ଜଣେ କର୍ମଚାରୀ କହିଛନ୍ତି ୩ବର୍ଷ ପାଇଁ ହୋଇଥିବା ଚୁକ୍ତି ଶେଷ ହୋଇଥିବା ବେଳେ ଏହାକୁ ନବୀକରଣ(ରିନ୍ୟୁ) କରାଯାଇ ନ ଥିବାରୁ ଏଭଳି ସମସ୍ୟା ହୋଇଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ୍ୟ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି। ବନ୍ଧୁମିଳନ ଯୋଗ ରହିଛି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୬୮୧- ମହାରାଷ୍ଟ୍ରର ରାୟଗଡ଼ କିଲ୍ଲାରେ ଛତ୍ରପତି ଶିବାଜୀଙ୍କ ପୁତ୍ର ଶମ୍ଭାଜୀଙ୍କର ରାଜ୍ୟାଭିଷେକ ହୋଇଥିଲା।
- ୧୭୬୧- ଇଂରେଜମାନେ ଫ୍ରାନ୍ସ କବ୍‌ଜାରୁ ପଣ୍ଡିଚେରୀକୁ ଛଡ଼ାଇ ନେଲେ।
- ୧୯୩୮- ପ୍ରଖ୍ୟାତ ବଙ୍ଗଳା ସାହିତ୍ୟିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ପରଲୋକ।
- ୧୯୮୫- ଥାଇଲାଣ୍ଡରେ ଶିକ୍ଷକ ଦିବସ ପାଳନ ଆରମ୍ଭ।
- ୨୦୦୩- ଦ୍ୱିତୀୟଥର ମହାକାଶକୁ ଯାତ୍ରା କଲେ କଳ୍ପନା ଚାୱଲା।

## ଅଲ୍ଲୁଙ୍କ ଫିଲ୍ମରେ କାଜଲଙ୍କ ଏଣ୍ଟ୍ରି





ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍ 'ପୁଷ୍ପା' ସିରିଜ୍‌ର ସଫଳତା ପରେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ହୋଇ ଯାଇଛନ୍ତି। ଏବେ ସେ ଏଟ୍‌ଲିଙ୍କ ଫିଲ୍ମ 'AA22xA6'କୁ ନେଇ ବ୍ୟସ୍ତ ଅଛନ୍ତି। ସାଇନ୍ସ ଫିକ୍ସନ୍ ଉପରେ ଆଧାରିତ ଏହି ଫିଲ୍ମରେ ଅଲ୍ଲୁଙ୍କ ବିପକ୍ଷରେ ଦୀପିକା ପାଦୁକୋନ୍ ଦେଖାଯିବେ। ଇତିମଧ୍ୟରେ ଅଲ୍ଲୁଙ୍କ ହାତକୁ ଆହୁରି ଦୁଇଟି ବଡ଼ ପ୍ରୋଜେକ୍ଟ ଆସିଛି। ଲୋକେଶ କନଗରାଜଙ୍କ ଏକ ଫିଲ୍ମ ପାଇଁ ତାଙ୍କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି। ଏହାବାଦ୍ ତ୍ରିବିକ୍ରମ ମଧ୍ୟ ତାଙ୍କୁ ଏକ ଫିଲ୍ମ ପାଇଁ ଅଫର୍ ଦେଇଛନ୍ତି। ତେବେ ଅଲ୍ଲୁ ଏଟ୍‌ଲିଙ୍କ ସହ ଯେଉଁ ଫିଲ୍ମ କରୁଛନ୍ତି ତାହାର ବଜେଟ୍ ୮୦୦ କୋଟିରୁ ଊର୍ଦ୍ଧ୍ୱ ରହିଛି। ଏହି ଫିଲ୍ମ ଦୁଇଟି ପାର୍ଟରେ ଆସିବ। ଏହାର ପ୍ରଥମ ପାର୍ଟ ୨୦୨୭ ଆରମ୍ଭରେ ରିଲିଜ୍ କରାଯିବା ପାଇଁ ଯୋଜନା କରାଯାଇଛି। ଏଥିରେ ଏକାଧିକ କଳାକାର ନଜର ଆସିବେ। ଦୀପିକାଙ୍କ ବାଦ୍ ଏଥିରେ ରଶ୍ମିକା ମନ୍ଦାନା, ମୃଣାଳ ଠାକୁରଙ୍କୁ ବି ନେବା ପାଇଁ ଯୋଜନା କରାଯାଉଛି। ଏବେ ଏହି ଫିଲ୍ମରେ କାଜଲଙ୍କୁ ଏଣ୍ଟ୍ରି କରାଇବା ପାଇଁ ଫିଲ୍ମ ନିର୍ମାତା ଯୋଜନା କରିଛନ୍ତି। କାଜଲ ଏଥିରେ ଜଣେ ପୁଲିସ ଅଫିସର ଭୂମିକାରେ ନଜର ଆସିବେ। ଅବଶ୍ୟ ଏନେଇ 'AA22xA6' ଟିମ୍ ପକ୍ଷରୁ ବିଧିବଦ୍ଧ ଭାବେ କିଛି ସୂଚନା ଆସିନାହିଁ। ଏହାର ପ୍ରଯୋଜନା ଦାୟିତ୍ୱରେ ସନ୍ ପିକଚର୍ସ ରହିଛି।

## କିମ୍‌ଙ୍କ ରହସ୍ୟମୟ ଜୀବନ



ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍‌ଙ୍କ ବ୍ୟକ୍ତିଗତ ଜୀବନ ସହିତ ଜଡ଼ିତ ଅନେକ କଥା କୌଣସି ରହସ୍ୟଠାରୁ କମ୍ ନୁହେଁ। ତାଙ୍କ ବିଷୟରେ ସବୁଠାରୁ ଚର୍ଚ୍ଚିତ ଗୁପ୍ତ କଥା ହେଉଛି ତାଙ୍କର ସ୍ୱିସ୍ ଶିକ୍ଷା। କିଶୋରାବସ୍ଥାରେ ସେ ସ୍ୱିଜରଲ୍ୟାଣ୍ଡରେ ରହି ବର୍ନର ଏକ ପ୍ରତିଷ୍ଠିତ ଘରୋଇ ସ୍କୁଲରେ ପାଠ ପଢୁଥିଲେ ବୋଲି କୁହାଯାଏ। ଏଠାରେ ସେ ଛଦ୍ମ ନାଁରେ ପାଠ ପଢୁଥିଲେ। ସହପାଠୀମାନେ ତାଙ୍କୁ ପାକ୍ ଉନ୍ ନାଁରେ ଜାଣିଥିଲେ। ସେ ପାଠପଢ଼ାରେ ସେତେ ବେଶି ଉନ୍ନତ ନ ଥିଲେ, କିନ୍ତୁ ସଙ୍ଗୀତ ଏବଂ ବାସ୍କେଟବଲ୍ ପ୍ରତି ତାଙ୍କର ଆଗ୍ରହ ଅଧିକ ଥିଲା। ପାଠପଢ଼ାରେ ତାଙ୍କୁ ଭଲ ଗ୍ରେଡ୍ ନ ମିଳିବାରୁ ସେ ଅନ୍ୟ ସ୍କୁଲକୁ ସ୍ଥାନାନ୍ତରିତ ହୋଇ ଯାଇଥିଲେ। ସେଠାରେ ସେ ଅନ୍ୟ ସାଧାରଣ ଛାତ୍ରଙ୍କ ଭଳି ଜୀବନ ଅତିବାହିତ କଲେ। ସେହିପରି ଅନେକ ରିପୋର୍ଟରେ ଏକଥା ବି ଦାବି କରାଯାଇଛି ଯେ, ପ୍ରକୃତ ପରିଚୟକୁ ଲୁଚାଇବା ଲାଗି ସେ ଛଦ୍ମ ନାମ ବ୍ୟବହାର କରୁଥିଲେ। ଅନ୍ୟପଟେ ୨୦୧୧ ମସିହାରେ ତାଙ୍କ ପିତା କିମ୍ ଜଙ୍ଗ୍ ଇଲ୍‌ଙ୍କ ମୃତ୍ୟୁ ପରେ, ସେ କୌଣସି ଆନୁଷ୍ଠାନିକ ସାମରିକ ତାଲିମ ବିନା ସର୍ବୋଚ୍ଚ କ୍ଷମତା ଗ୍ରହଣ କରିଥିଲେ। ସେ ଉତ୍ତର କୋରିଆର ତୃତୀୟ ଶାସକ ଭାବେ ଶାସନଭାର ଗ୍ରହଣ କରିଥିଲେ। ତାଙ୍କ ଜେଜେ ବାପା ଦ୍ୱିତୀୟ କିମ୍ ସୁଙ୍ଗ୍ ଉତ୍ତର କୋରିଆର ପ୍ରଥମ ଏକଛତ୍ରବାଦୀ ଶାସକ ଥିଲେ। ଏହାପରେ କିମ୍‌ଙ୍କ ବାପା ଉତ୍ତର କୋରିଆର ଶାସକ ହୋଇଥିଲେ। ତାଙ୍କର ମୃତ୍ୟୁପରେ କିମ୍ ଜୋଙ୍ଗ ଉନ୍ ଶାସନ ଭାର ସମ୍ଭାଳୁଛନ୍ତି। ଏକଥା ବି ଦାବି କରାଯାଏ ଯେ, କିମ୍ ତାଙ୍କ ଜେଜେବାପା ଦ୍ୱିତୀୟ କିମ୍ ସୁଙ୍ଗଙ୍କ ଭଳି ଦେଖାଯିବା ପାଇଁ ପ୍ଲାଷ୍ଟିକ୍ ସର୍ଜରୀ କରିଥିଲେ। ଜେଜେବାପାଙ୍କ ଲୋକପ୍ରିୟତା ହାସଲ କରିବା ଉଦ୍ଦେଶ୍ୟରେ ସେ ଏପରି କରିଥିବା କୁହାଯାଏ। କିମ୍ ଜୋଙ୍ଗ ଉନ୍ କେଉଁ ମସିହାରେ ଜନ୍ମଗ୍ରହଣ କରିଛନ୍ତି ତାଙ୍କୁ ନେଇ ମଧ୍ୟ ଆଜି ପର୍ଯ୍ୟନ୍ତ କେହି ବି ସଠିକ୍ ଉତ୍ତର ଦେଇପାରିନାହାନ୍ତି। ଅନେକ ଗଣମାଧ୍ୟମ ରିପୋର୍ଟରେ ସେ ୧୯୮୩ ମସିହାରେ ଜନ୍ମଗ୍ରହଣ କରିଥିବା ଦାବି କରାଯାଉଥିବାବେଳେ ଆଉ କେତେକରେ ସେ ୧୯୮୪ରେ କରିଛନ୍ତି ବୋଲି କୁହାଯାଏ। ଏଭଳି ପରିସ୍ଥିତିରେ ତାଙ୍କର ବୟସ ନିର୍ଣ୍ଣୟ କରିବା କଷ୍ଟକର ହୋଇଯାଏ। ଆଜି ମଧ୍ୟ ତାଙ୍କ ବ୍ୟକ୍ତିଗତ ଜୀବନ ରହସ୍ୟଘେରରେ ରହିଛି।

## ପରିବାକୁ ପାଣିରେ ନା ବାମ୍ପରେ ସିଝାଇବା ଭଲ

ସୁସ୍ଥ ରହିବା ଲାଗି ସିଝା ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଏ। ସେହିପରି ପନିପରିବାରେ ଭିଟାମିନ୍, ମିନେରାଲ, ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ଶରୀର ପାଇଁ ଖୁବ୍ ଉପଯୋଗୀ। ତେବେ ପନିପରିବାକୁ ବାମ୍ପରେ ନା ଗରମପାଣିରେ ସିଝାଇବା ଉଚିତ ସେନେଇ ଅନେକ ଦ୍ୱନ୍ଦ୍ୱରେ ରହନ୍ତି। ତେବେ ବାମ୍ପରେ ସିଝାଯାଉଥିବା ପନିପରିବାଗୁଡ଼ିକରେ ଏହାକୁ ପାଣିରେ ବୁଡ଼ାଯାଏ ନାହିଁ। ଫଳରେ ଏଥିରେ ଭିଟାମିନ୍ ସି, ଫୋଲେଟ ଏବଂ ଭିଟାମିନ ବି କମ୍ପ୍ଲେକ୍ସ ଭଳି ପୋଷକ ତତ୍ତ୍ୱ ସୁରକ୍ଷିତ ରହେ। ସେହିଭଳି ପାଳଙ୍ଗ, ଗାଜର, ବ୍ରୋକୋଲି ଭଳି ପରିବାକୁ ବାମ୍ପରେ ସିଝାଇବା ଦ୍ୱାରା ଏହାର ରଙ୍ଗ ଏବଂ ସ୍ୱାଦରେ କୌଣସି ପ୍ରଭାବ ପଡ଼ି ନ ଥାଏ। ଏଣୁ ଏହା ଖାଇବା ସହଜ ହୋଇଥାଏ। ଏହାବାଦ୍ ବାମ୍ପରେ ସିଝାଯାଉଥିବା ପରିବାଗୁଡ଼ିକ ଶୀଘ୍ର ହଜମ ହୋଇ ପାଚନତନ୍ତ୍ରକୁ ମଜବୁତ କରିଥାଏ। ସେହିପରି ପରିବାକୁ ପାଣିରେ ସିଝାଇବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱଗୁଡ଼ିକ ପାଣିରେ ମିଶିଯାଏ। ଅନେକ ଲୋକ ପରିବାକୁ ସିଝାଇବା ପରେ ତା'ର ପାଣିକୁ ଫିଙ୍ଗି ଦିଅନ୍ତି। ଏହାଦ୍ୱାରା ପରିବାର ସବୁ ପୋଷକତତ୍ତ୍ୱ ପାଣି ଦ୍ୱାରା ବାହାରକୁ ଚାଲିଯାଏ। ଅନେକ ସମୟରେ ଲୋକେ ନ ଘୋଡ଼ାଇ ବି ପରିବା ସିଝାନ୍ତି। ଏହାଦ୍ୱାରା ପରିବାର ସବୁ ପୋଷକ ତତ୍ତ୍ୱ ବାମ୍ପ ମାଧ୍ୟମରେ ଉଡ଼ିଯାଏ। ତେବେ ଷ୍ଟିମର ନ ଥିଲେ, କୌଣସି ଛଣାରେ ବି ପରିବାକୁ ବାମ୍ପ ଦେଇ ସିଝାଯାଇ ପାରିବ। ଅନ୍ୟପଟେ ପରିବାକୁ ବେଶି ସମୟ ରାନ୍ଧିବା ମଧ୍ୟ ଅନୁଚିତ। ପାଣିରେ ପରିବାକୁ ସିଝାଉଥିଲେ ଏହି ପାଣିକୁ ନ ଫୋପାଡ଼ି ଏହାକୁ ସୁପ୍, ଡାଲି ଏବଂ ଗ୍ରେଭିରେ ବ୍ୟବହାର କରାଯାଇ ହେବ। ଧିମା ଆଞ୍ଚରେ ପରିବା ରାନ୍ଧିବା ଦ୍ୱାରା ପୋଷକତତ୍ତ୍ୱ ସୁରକ୍ଷିତ ରହେ।






## ଶୀତକାଳୀନ ବିଷର୍ଣ୍ଣତା

**ଶୀତଋତୁରେ ଦିନ ଛୋଟ ହୋଇଥାଏ। ସୂର୍ଯ୍ୟାଲୋକର ଅବଧି ହ୍ରାସପାଉଥିବାରୁ ମସ୍ତିଷ୍କରେ କେତେକ ସ୍ୱତନ୍ତ୍ର ପରିବର୍ତ୍ତନ ସଂଘଟିତ ହୋଇଥାଏ। ଏହି ସମୟରେ ମାନସିକ ଅବସାଦ ପ୍ରକାଶ ପାଇଥାଏ। ଏହି ଶୀତକାଳୀନ ବିଷର୍ଣ୍ଣତାକୁ କୁହାଯାଏ 'ଉଇଣ୍ଟର ବ୍ଲୁ'। ଡାକ୍ତରୀ ଭାଷାରେ ଏହା 'ସିଜ୍‌ନାଲ ଆଫେକ୍ଟିଭ୍ ଡିସ୍‌ଅର୍ଡର'। ପୁରୁଷଙ୍କ ତୁଳନାରେ ମହିଳା ବେଶୀ ଆକ୍ରାନ୍ତ ହୋଇଥାନ୍ତି। ବସନ୍ତଋତୁର ଶେଷ କିମ୍ବା ଗ୍ରୀଷ୍ମଋତୁର ଆରମ୍ଭରେ ଏହି ଅସୁସ୍ଥତା ଆପେଆପେ ଅପସରିଯାଏ।**

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ



ଶୀତଋତୁରେ ମାନସିକ ଅବସାଦଗ୍ରସ୍ତ ଅଧିକ ବିଷର୍ଣ୍ଣ ହୋଇ ଆତ୍ମହତ୍ୟାପ୍ରବଣ ହୋଇ ପଡ଼ନ୍ତି। ଭାରତର ସର୍ବତ୍ର ଏହି ରୋଗୀଙ୍କୁ ଦେଖିବା ପାଇଁ ମିଳିଥାଏ। ଶୀତଦିନେ ଲୋକେ କିଣାକିଣିରେ ବେଶୀ କ୍ରେଡିଟ୍‌କାର୍ଡ ବ୍ୟବହାର କରିଥାନ୍ତି, ଅଧିକ ମଦ୍ୟପାନ କରିଥାନ୍ତି, ଚକୋଲେଟ ଖାଇଥାନ୍ତି। ଆତ୍ମହତ୍ୟା ସହ ଶିଶୁ ନିର୍ଯ୍ୟାତନାର ହାର ବଢ଼ିଯାଏ। ଏହି ଲକ୍ଷଣମାନ ମାନସିକ ଅବସାଦକୁ ସୂଚାଇଥାଏ।

### ଶୀତକାଳୀନ ବିଷର୍ଣ୍ଣତାର ଲକ୍ଷଣ

କ୍ଳାନ୍ତି, ଶାରୀରିକ ସାମର୍ଥ୍ୟରେ ହାନି, କ୍ରୋଧୀ ସ୍ୱଭାବ, ସାମାନ୍ୟ ଯନ୍ତ୍ରଣାରେ ବେଶୀ ଯନ୍ତ୍ରଣାର ଅନୁଭବ, କ୍ଷୁଧାବୃଦ୍ଧି, ମିଠା ପ୍ରତି ଆସକ୍ତି, ଓଜନ ବୃଦ୍ଧି, ସାଧାରଣ ଭାବେ କମ୍ ନିଦ, କିନ୍ତୁ ନିଦ୍ରାର ଅବଧିବୃଦ୍ଧି, ହାତ, ପାଦ ଉଜନିଆ, କାମପ୍ରତି ଅନାଗ୍ରହ, କୋଷ୍ଠକାଠିନ୍ୟ, ଚିଡ଼ିଚିଡ଼ା, ସ୍ମୃତିଶକ୍ତି ହ୍ରାସ ଆଦି ଲକ୍ଷଣ ପ୍ରକାଶ ପାଏ।

### ପ୍ରତିକାର ବ୍ୟବସ୍ଥା

ପ୍ରତ୍ୟହ ୪୫ରୁ ୯୦ ମିନିଟ୍ ଧରି ଖରାରେ ବିତେଇବା, ଶାରୀରିକ ପରିଶ୍ରମ କରିବା, ବେଶୀ ପରିମାଣରେ ତଟକା ପରିବା ଓ ଫଳ ଖାଇବା ଜରୁରି। ହୃଦୟଖୋଲି ସମସ୍ତଙ୍କ ସହ ମିଶିବା, ଗୀତ ଗାଇବା ଓ ଶୁଣିବା, ଖେଳିବା, ଦୈନିକ ଠିକ୍ ସମୟରେ ଖାଦ୍ୟ ଗ୍ରହଣ କଲେ ଏହା ଜୈବଘଡ଼ିକୁ ନିୟନ୍ତ୍ରଣ କରିବାରେ ସହାୟକ ହୁଏ। ଏଥିସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ବ୍ୟବହାର କରିବା ଦ୍ୱାରା ମାନସିକ ବିଷାଦରୁ ମୁକ୍ତି ମିଳିପାରେ।

'ଅଭୀପ୍ସା'
ସେକ୍ଟର-୬, ପ୍ଲଟ୍ ନଂ-୧୯୩୧,
ଅଭିନବ ବିଡ଼ାନାସୀ, କଟକ

## କର୍କଟ ନିୟନ୍ତ୍ରଣରେ ଆଧୁନିକ ଚିକିତ୍ସା



କର୍କଟ ସହ ଲଢ଼ିବା ପାଇଁ ବିଭିନ୍ନ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ରହିଛି। ଏହିକ୍ରମରେ ଏବେ କୋରିଆ ଆଡଭାନ୍ସଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (କେଏଆଇଏସ୍‌ଟି)ର ଗବେଷକମାନେ ଏକ ନୂତନ ଚିକିତ୍ସା ପଦ୍ଧତି ବିକଶିତ କରିଛନ୍ତି। ଏହି ନୂତନ ଚିକିତ୍ସା ପଦ୍ଧତି ଦ୍ୱାରା ଲିକ୍ୟୁଇଡ୍ କ୍ୟାନ୍ସର ଯଥା ରକ୍ତ କର୍କଟ ଏବଂ ଲିମ୍ଫୋମାରେ ବିଶେଷ ଫଳ ମିଳୁଛି। ଏଥିରେ ଟ୍ୟୁମରକୁ ସିଧାସଳଖ ଏକ ଔଷଧ (ଲିପିଡ କ୍ଷୁଦ୍ରତମ କଣିକା) ଦିଆଯାଏ। ଏହାଦ୍ୱାରା ଟ୍ୟୁମର ପାର୍ଶ୍ୱରେ ଥିବା ମାକ୍ରୋଫେଜ୍ ଗ୍ରହଣ କରି ନିଜର ରୋଗ ପ୍ରତିରୋଧକ ଶକ୍ତି ଦ୍ୱାରା ଟ୍ୟୁମର କୋଷକୁ ନିୟନ୍ତ୍ରଣ ରଖିଥାଏ। ମାକ୍ରୋଫେଜ୍‌ରେ ହେଉଥିବା ପରିବର୍ତ୍ତନକୁ କାର୍-ମାକ୍ରୋଫେଜ୍ କୁହାଯାଏ। ଏହାଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ କର୍କଟ କୋଷକୁ ନିୟନ୍ତ୍ରଣ କରି କର୍କଟକୁ ବଢ଼ିବାକୁ ଦେଇ ନ ଥାଏ। ଏହା ପାରମ୍ପରିକ ଚିକିତ୍ସା ପଦ୍ଧତିଠାରୁ ଅଧିକ ପ୍ରଭାବୀ। ଏଥିରେ ନିଜସ୍ୱ ରୋଗପ୍ରତିରୋଧକ ଶକ୍ତି ଦ୍ୱାରା କର୍କଟ ନିୟନ୍ତ୍ରଣ ହେଉଥିବାରୁ କମ୍ ପାର୍ଶ୍ୱପ୍ରତିକ୍ରିୟା ହୋଇଥାଏ। ଅନ୍ୟପଟେ ସଲିଡ୍ ଟ୍ୟୁମର ଯଥା ଗ୍ୟାଷ୍ଟ୍ରିକ, ଫୁସ୍‌ଫୁସ୍ ଏବଂ ଯକୃତ କର୍କଟରେ ଏହି ଚିକିତ୍ସା ଅପେକ୍ଷାକୃତ କମ୍ ପ୍ରଭାବଶାଳୀ। କାରଣ ଏହି ସବୁ କୋଷର ବାହ୍ୟ ଆବରଣ ଅପେକ୍ଷାକୃତ କଠିନ। ମାକ୍ରୋଫେଜ୍ ଏହି କଠିନ ଆବରଣକୁ ଭେଦ କରି କ୍ୟାନ୍ସର କୋଷକୁ ନଷ୍ଟ କରିବା ଚ୍ୟାଲେଞ୍ଜ ହୋଇଥାଏ। ତେବେ ଆଗାମୀ ଦିନରେ ଏହି ଚିକିତ୍ସା ପଦ୍ଧତି କିପରି ଅଧିକ ଫଳପ୍ରଦ ହେବ ତାହା ଉପରେ ଗବେଷକମାନେ ବିଶେଷ ଧ୍ୟାନ ଦେଉଛନ୍ତି।

## ହୃଦ୍‌ଘାତ ପାଇଁ ସ୍ମାର୍ଟ ମେସିନ୍




ହୃଦ୍‌ଘାତ ପରେ ରୋଗୀଙ୍କ ଯତ୍ନ ନେବାକୁ ଜାପାନ, ଆମେରିକା ଏବଂ ଭାଲେନ୍‌ସିଆର ବୈଜ୍ଞାନିକମାନେ ଏକ ସ୍ୱୟଂଚାଳିତ ସ୍ମାର୍ଟ ମେସିନ୍ ତିଆରି କରିଛନ୍ତି। ଏହାର ନାଁ ଏସିଆଇଏସ୍। ଏହି ମେସିନ୍‌ଟି ଡାକ୍ତରଙ୍କ ତତ୍ତ୍ୱାବଧାନରେ କାମ କରିବ। ରୋଗୀଙ୍କୁ ଔଷଧ ଦେବା ସହ ସ୍ୱାସ୍ଥ୍ୟସ୍ଥିତିକୁ ନଜର ରଖିବ। ଡାକ୍ତର ରୋଗୀର ରକ୍ତ ଚାପ କେତେ ରହିବ, ହୃଦ୍‌ଗତି, ଅମ୍ଳଜାନ କେତେ ଆବଶ୍ୟକ ଏହା ଧାର୍ଯ୍ୟ କରନ୍ତି। ମେସିନ୍‌ଟି ପୀଡ଼ିତଙ୍କ ସ୍ୱାସ୍ଥ୍ୟସ୍ଥିତି ଆଧାରରେ ଔଷଧ ମାତ୍ରା ଦେବ। ପ୍ରାୟତଃ ଡାକ୍ତର ରୋଗୀଙ୍କୁ ଔଷଧ ଦେଇ ତାର ପ୍ରଭାବକୁ ନଜର ରଖି ଆବଶ୍ୟକ ହେଲେ ଔଷଧ ବଦଳାନ୍ତି। ଏହି ମେସିନ୍ ପ୍ରତି ମିନିଟ୍‌କୁ ରୋଗୀଙ୍କୁ ନଜର ରଖିବ। ଆବଶ୍ୟକ ହେଲେ ଔଷଧ ବଦଳାଇବ। ମେସିନ୍‌ଟି ସେବିକା ଏବଂ ଡାକ୍ତରଙ୍କ କାମ ସହଜ କରିବ। ଅନ୍ୟମାନଙ୍କ ଉପରେ ନିର୍ଭରଶୀଳଥିବା ରୋଗୀଙ୍କ ପାଇଁ ମେସିନ୍‌ଟି ବରଦାନ ସଦୃଶ। ହୃଦ୍‌ଘାତ ରୋଗୀଙ୍କୁ ଏହା ସାହାଯ୍ୟ କରିବ। ହୃଦ୍‌ଘାତ ପରେ ହୃଦୟ ଉପରେ ଅଧିକ ଚାପ ପଡ଼ିଥାଏ। ମେସିନ୍ ଏହି ରୋଗୀଙ୍କ ଦେଖାଶୁଣା ସହ ଶରୀର ଅମ୍ଳଜାନକୁ ନିୟନ୍ତ୍ରଣ କରିଥାଏ। ଆଗାମୀ ଦିନରେ ସ୍ମାର୍ଟ ମେସିନ୍ ଚିକିତ୍ସା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

## ଓଜନ କମାଇବ ବ୍ରୋକଲି


**ବ୍ରୋକଲିରେ ଭିଟାମିନ୍, ଖଣିଜଦ୍ରବ୍ୟ ଏବଂ ଫାଇବର ରହିଛି। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ରୋଗ ଦୂର କରିଥାଏ। ଓଜନ ହ୍ରାସ କରୁଥିବା ଲୋକଙ୍କ ପାଇଁ ଏହା ଲାଭଦାୟକ ହୋଇଥାଏ।**

- ବ୍ରୋକଲିରେ କମ୍ କ୍ୟାଲୋରୀ ଏବଂ ଫାଇବର ଅଧିକ ଥାଏ। ଏହାକୁ ଖାଇବା ଦ୍ୱାରା ପେଟ ଭରି ରହେ। ଓଜନ ନିୟନ୍ତ୍ରଣ ସହିତ ରକ୍ତ ଶର୍କରାକୁ ସନ୍ତୁଳିତ ରଖିବାରେ ଏହା ସାହାଯ୍ୟ କରେ।
- ବ୍ରୋକଲି ରକ୍ତଚାପକୁ ସନ୍ତୁଳିତ ରଖେ। ଖରାପ କୋଲେଷ୍ଟ୍ରଲକୁ କମ୍ କରେ।
- କ୍ୟାଲସିୟମ ଏବଂ ଭିଟାମିନ୍-କେ'ରେ ଭରପୂର ବ୍ରୋକଲି ଅସ୍ଥିକୁ ଶକ୍ତ କରି ଅଷ୍ଟିଓପୋରୋସିସ ପରି ସମସ୍ୟାକୁ କମ୍ କରେ। ଛୋଟ ପିଲା, ମହିଳା ଏବଂ ବୟସ୍କଙ୍କ ପାଇଁ ବ୍ରୋକଲି ସେବନ ହିତକର। ଏଥିରେ ଥିବା ଲୌହସାର ରକ୍ତଅଭାବକୁ ପୂରଣ କରେ।
- ଏହା ରୋଗ ପ୍ରତିରୋଧକ କ୍ଷମତାକୁ ବଢ଼ାଏ।



## ଆଣ୍ଠୁ ଯନ୍ତ୍ରଣା ଦୂର ପାଇଁ ପଛୁଆ ଚାଲି

ସୁସ୍ଥ ଓ ଫିଟ୍ ରହିବାକୁ ବିଶେଷଜ୍ଞମାନେ ଚାଲିବାକୁ ସୁପାରିସ କରନ୍ତି। ସାଧାରଣତଃ ଦଶ ହଜାର ପାଦ ଚାଲିବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି କୁହାଯାଇଥାଏ। ହେଲେ ଅଫିସ୍, ଘର ତଥା ବିଭିନ୍ନ ଦାୟିତ୍ୱ ଭିତରେ ଲୋକେ ଦଶ ହଜାର ପାଦ ଚାଲିପାରନ୍ତି ନାହିଁ। ଏଥିପାଇଁ ଜଣେ ରେଟ୍ରୋ ୱାକିଂ ବା ପଛକୁ ଚାଲି ପାରିବେ। ଏଥିରେ ଜଣେ ବ୍ୟକ୍ତିଙ୍କୁ ଦିନରେ ୫ରୁ ୧୦ ମିନିଟ୍ ପଛକୁ ଚାଲିବାକୁ ହୋଇଥାଏ। ୧୦୦୦ର ପଛକୁ ଚାଲିବା ପାଖାପାଖି ୨୦୦୦ ସାଧାରଣ ପାଦ ଚାଲିବା ସହିତ ସମାନ। ଆରମ୍ଭରୁ କାନ୍ଥ କିମ୍ବା ରେଲିଂ ସାହାରା ନେଇ ଏହି ଚାଲିବା ଅଭ୍ୟାସ କରାଯାଏ। ପରେ ସମତଳ ସ୍ଥାନ ଯଥା ହଲ୍ ବା ଉଦ୍ୟାନରେ ଚାଲିବାକୁ ହୋଇଥାଏ। ଏହି ଚାଲିବା ଶୈଳୀରୁ ଶରୀରର ବିଭିନ୍ନ ମାଂସପେଶୀ ସକ୍ରିୟ ହୋଇଥାଏ ଆଣ୍ଠୁଗଣ୍ଠି, ପିଠି ଯନ୍ତ୍ରଣା ଦୂର ହୋଇପାରେ। ମାନସିକ ଏକାଗ୍ରତା ବୃଦ୍ଧି ପାଏ। ଓଜନ ନିୟନ୍ତ୍ରଣ କରିବାରେ ଏହା ବେଶ୍ ଫଳପ୍ରଦ।



# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

**ପୁରୁଷ ହକି ଇଣ୍ଡିଆ ଲିଗ୍**

# କାଲିଠୁ କମ୍ପିବ କଳିଙ୍ଗ: ଖେଳାଯିବ ୧୪ ମ୍ୟାଚ୍

## ଘରୋଇ ମାଟିରେ ଦ୍ୱିତୀୟ ଟାଇଟଲ୍ ଲକ୍ଷ୍ୟରେ କଳିଙ୍ଗ



ଭୁବନେଶ୍ୱର, ୧୫ା୧ (ସମିସ): ଫ୍ରାଞ୍ଚାଇଜଭିତ୍ତିକ ହକି ଟୁର୍ଣ୍ଣାମେଣ୍ଟ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଚଳିତ ୭ମ ସଂସ୍କରଣର ଚେନ୍ନଇ ଓ ରାଞ୍ଚି ଲେଗ୍ ଶୁକ୍ରବାର ଶେଷ ହେବ। ଅନ୍ତିମ ତଥା ୩ୟ ପର୍ଯ୍ୟାୟ ଶନିବାରଠାରୁ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଏଠାରେ ଖେଳାଯିବାକୁ ଥିବା ଅନ୍ତିମ ପର୍ଯ୍ୟାୟରେ ମୋଟ୍ ୧୪ଟି ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଗ୍ରାଣ୍ଡ ଫାଇନାଲ ସମେତ ୯ଟି ଲିଗ୍, ୨ଟି କ୍ୱାଲିଫାୟର ଏବଂ ଗୋଟିଏ ଲେଖାଏ ଏଲିମିନେଟର୍ ଓ କାଂସ୍ୟ ପଦକ ମ୍ୟାଚ୍ ରହିଛି। ସାଧାରଣତନ୍ତ୍ର ଦିବସରେ ଉଭୟ ସ୍ୱର୍ଣ୍ଣ ପଦକ ଓ କାଂସ୍ୟ ପଦକ ଲାଗି ମ୍ୟାଚ୍ ଅନୁଷ୍ଠିତ ହେବ। ଫଳରେ ଶନିବାରଠୁ ୧୦ ଦିନ ଧରି କମ୍ପିବ କଳିଙ୍ଗ। ବିଶ୍ୱର ଅନେକ ତାରକା ହକି ଖେଳାଳିଙ୍କ କ୍ରୀଡ଼ା କୌଶଳକୁ ଅତି ନିକଟରୁ ପୁଣିଥରେ ଦେଖିବାର ସୁଯୋଗ ପାଇବେ ଓଡ଼ିଶାର କ୍ରୀଡ଼ାପ୍ରେମୀ।

### ପଏଣ୍ଟ ଟେବଲ୍

| ଦଳ | ମ୍ୟାଚ୍ | ବିଜୟ | ସୁ.ବି. | ସୁ.ପ. | ପରାଜୟ | ପଏଣ୍ଟ |
|---|---|---|---|---|---|---|
| କଳିଙ୍ଗ ଲାନ୍ସର୍ସ | ୪ | ୩ | ୧ | ୦ | ୦ | ୧୧ |
| ଏଚ୍ଆଇଏଲ୍ ଜିସି | ୫ | ୩ | ୦ | ୧ | ୧ | ୧୦ |
| ତାମିଲନାଡୁ ଡ୍ରାଗନ୍ସ | ୫ | ୧ | ୨ | ୦ | ୨ | ୭ |
| ରାଞ୍ଚି ରୟାଲ୍ସ | ୪ | ୨ | ୦ | ୦ | ୨ | ୬ |
| ବେଙ୍ଗଲ ଟାଇଗର୍ସ | ୫ | ୨ | ୦ | ୦ | ୩ | ୬ |
| ହାଇଦରାବାଦ | ୫ | ୧ | ୦ | ୨ | ୨ | ୫ |
| ସୁରମା ହକି କ୍ଲବ | ୪ | ୧ | ୧ | ୦ | ୨ | ୫ |
| ଏସ୍‌ଜି ପାଇପର୍ସ | ୪ | ୧ | ୦ | ୧ | ୨ | ୪ |

ବି.ଦ୍ର.: ସୁ.ବି.- ସୁଟ୍ଆଉଟ୍ ବିଜୟ, ସୁ.ପ- ସୁଟ୍ଆଉଟ୍ ପରାଜୟ

### ଅପରାଜେୟ ସହ ଶୀର୍ଷରେ କଳିଙ୍ଗ

ଓଡ଼ିଶାଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଚଳିତ ସଂସ୍କରଣରେ ବେଶ୍ ଦମ୍‌ଦାର ପ୍ରଦର୍ଶନରେ ରହିଛି। ବେଲ୍‌ଜିୟମର ଆର୍ଥର ଭାନ ଡୋରେନଙ୍କ ନେତୃତ୍ୱରେ ଖେଳୁଥିବା କଳିଙ୍ଗ ଦଳ ବର୍ତ୍ତମାନ ସୁଦ୍ଧା ୪ଟି ମ୍ୟାଚ୍ ଖେଳି ୪ ବିଜୟ ସହ ୧୧ ପଏଣ୍ଟ ପାଇ ଆଠ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି। ଘରୋଇ ପରିବେଶରେ ଲାନ୍ସର୍ସ ଲିଗ୍ ପର୍ଯ୍ୟାୟର ଆଉ ୩ଟି ମ୍ୟାଚ୍ ଖେଳିବାକୁ ବାକି ରହିଛି। ଚେନ୍ନଇ ଓ ରାଞ୍ଚିରେ ହାସଲ କରିଥିବା ବିଜୟଧାରାକୁ ଭୁବନେଶ୍ୱରରେ ବଜାୟ ରଖିବାକୁ ଲାନ୍ସର୍ସ ଲକ୍ଷ୍ୟ ରଖିଛି। ଏଚ୍ଆଇଏଲ୍ ଇତିହାସରେ କଳିଙ୍ଗ ଲାନ୍ସର୍ସ ୨୦୧୭ରେ ଥରେ ମାତ୍ର ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ତେଣୁ ୯ ବର୍ଷ ପରେ କଳିଙ୍ଗ ଘରୋଇ ପରିବେଶରେ ଏହାର ଦ୍ୱିତୀୟ ଟାଇଟଲ୍ ଜିତିବା ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ଟର୍ଫକୁ ଓହ୍ଲାଇବ।

### କଳିଙ୍ଗ ପର୍ଯ୍ୟାୟର କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୧୭ ।୧ | ବେଙ୍ଗଲ ଟାଇଗର୍ସ-ହାଇଦରାବାଦ୍ ତୁଫାନ୍ସ | ସନ୍ଧ୍ୟା ୫ଟା |
| ୧୭ ।୧ | କଳିଙ୍ଗ ଲାନ୍ସର୍ସ-ଏସ୍‌ଜି ପାଇପର୍ସ | ରାତି ୭ଟା ୩୦ |
| ୧୮ ।୧ | ଏସ୍‌ଜି ପାଇପର୍ସ-ବେଙ୍ଗଲ ଟାଇଗର୍ସ | ସନ୍ଧ୍ୟା ୫ଟା |
| ୧୮ ।୧ | କଳିଙ୍ଗ ଲାନ୍ସର୍ସ-ତାମିଲନାଡୁ ଡ୍ରାଗନ୍ସ | ରାତି ୭ଟା ୩୦ |
| ୧୯ ।୧ | ଏଚଆଇଏଲ୍ ଜିସି-ରାଞ୍ଚି ରୟାଲ୍ସ | ରାତି ୭ଟା ୩୦ |
| ୨୦ ।୧ | ହାଇଦରାବାଦ୍ ତୁଫାନ୍ସ-ଏଚଆଇଏଲ୍ ଜିସି | ସନ୍ଧ୍ୟା ୫ଟା |
| ୨୦ ।୧ | କଳିଙ୍ଗ ଲାନ୍ସର୍ସ-ସୁରମା ହକି କ୍ଲବ | ରାତି ୭ଟା ୩୦ |
| ୨୧ ।୧ | ତାମିଲନାଡୁ ଡ୍ରାଗନ୍ସ-ରାଞ୍ଚି ରୟାଲ୍ସ | ରାତି ୭ଟା ୩୦ |
| ୨୨ ।୧ | ଏସ୍‌ଜି ପାଇପର୍ସ-ସୁରମା ହକି କ୍ଲବ | ରାତି ୭ଟା ୩୦ |
| ୨୩ ।୧ | କ୍ୱାଲିଫାୟର-୧ (ପ୍ରଥମ ବନାମ ଦ୍ୱିତୀୟ) | ସନ୍ଧ୍ୟା ୫ଟା |
| ୨୩ ।୧ | ଏଲିମିନେଟର୍ (ତୃତୀୟ ବନାମ ଚତୁର୍ଥ) | ରାତି ୭ଟା ୩୦ |
| ୨୫ ।୧ | କ୍ୱାଲିଫାୟର-୨ (କ୍ୱା.-୧ ପରାଜିତ - ଏ.ବିଜେତା) | ରାତି ୭ଟା ୩୦ |
| ୨୬ ।୧ | କାଂସ୍ୟ ପଦକ ମ୍ୟାଚ୍ | ସନ୍ଧ୍ୟା ୫ଟା |
| ୨୬ ।୧ | ଫାଇନାଲ | ରାତି ୭ଟା ୩୦ |

**ସମସ୍ତ ମ୍ୟାଚ୍ ସୋନି ସ୍ପୋର୍ଟ୍ସ ଓ ଡିଡି ସ୍ପୋର୍ଟ୍ସରେ ପ୍ରସାରିତ ହେବ**

### କଳିଙ୍ଗରେ ଟିକଟ ଫ୍ରି

ଓଡ଼ିଶାର କ୍ରୀଡ଼ାପ୍ରେମୀ ଏଥର କଳିଙ୍ଗରେ ଖେଳାଯିବାକୁ ଥିବା ସମସ୍ତ ୧୪ଟି ମ୍ୟାଚକୁ ମାଗଣାରେ ଦେଖିପାରିବେ। ଦର୍ଶକ ବିନା କୌଣସି ଦେୟରେ ନିଜ ନିଜର ଟିକଟ୍ ଅନଲାଇନରେ ବୁକ୍ କରି ଷ୍ଟାଡିୟମରେ ଖେଳ ଉପଭୋଗ କରିବେ। ଏଚ୍ଆଇଏଲ୍ ଗଭର୍ଣ୍ଣିଂ କାଉନସିଲର ଅଧ୍ୟକ୍ଷ ଦିଲୀପ ତିର୍କୀ ନିକଟରେ ଏହା ଘୋଷଣା କରିଥିଲେ। ଦର୍ଶକମାନେ https://ticketgenie.in/event/Hero-Hockey-India-League-2025-26 ୱେବ୍‌ସାଇଟ୍‌ରେ ନିଜ ଟିକଟ ସଂରକ୍ଷିତ କରିପାରିବେ।

## ସୁରମା ହକି କ୍ଲବ୍‌ର ବଡ଼ ବିଜୟ

ରାଞ୍ଚି,୧୫ା୧(ଏଜେନ୍ସି): ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ୩-୧ ଗୋଲରେ ଏଚ୍ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ୍‌କୁ ହରାଇ ବଡ଼ ବିଜୟ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ସୁରମା ପକ୍ଷରୁ ପ୍ରଥମ ୩ଟି ଗୋଲ ହୋଇଥିଲା। ଅଧିନାୟକ ହରମନପ୍ରୀତ ସିଂହ ୨ଟି ଓ ଗୁରଜାନ୍ତ ସିଂହ ଗୋଟିଏ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ସୁର୍‌ମା ୨-୦ ଗୋଲରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ଖେଳ ପରେ ୩୮ତମ ମିନିଟ୍‌ରେ ସୁରମା ପକ୍ଷରୁ ହରମନପ୍ରୀତ୍ ଫିଲ୍ଡ ଗୋଲ ଦେଇ ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲା। କିନ୍ତୁ ଖେଳ ଶେଷ ହେବାକୁ ଗୋଟିଏ ମିନିଟ୍ ବାକିଥିଲାବେଳେ ଗଭର୍ଣ୍ଣିଂ କାଉନ୍ସିଲ ପକ୍ଷରୁ କେନ୍ ରସେଲ ପେନାଲ୍ଟି କର୍ଣ୍ଣରରୁ ଗୋଟିଏ ଗୋଲ ଶୁଝାଇଦେଇଥିଲେ। ଆସନ୍ତାକାଲି ସୁରମା ହକି କ୍ଲବ୍ ଓ ରାଞ୍ଚି ରୟାଲ୍ସ ମୁକାବିଲା ସହ ହକି ଇଣ୍ଡିଆର ଲିଗ୍‌ର ରାଞ୍ଚି ଲେଗ୍ ଶେଷ ହେବ। ଏହା ପରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଏଚ୍ଆଇଏଲ୍‌ର ତୃତୀୟ ତଥା ଶେଷ ପର୍ଯ୍ୟାୟ ମୁକାବିଲା ଶନିବାରଠାରୁ ଆରମ୍ଭ ହେବ।

## ଡବ୍ଲ୍ୟୁପିଏଲ୍: ଶେଷରେ ଜିତିଲା ୟୁପି

ନଭି ମୁମ୍ବଇ, ୧୫ା୧ (ଏଜେନ୍ସି): ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ୟୁପି ୱାରିୟର୍ଜ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ମେଗ୍ ଲାନ୍ନିଂଙ୍କ ୟୁପି ଦଳ ୭ ୱିକେଟରେ ଡିଫେଣ୍ଡିଂ ତଥା ଦୁଇଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ୧୬୨ ରନର ଟାର୍ଗେଟ୍‌କୁ ପିଛା କରିଥିବା ୟୁପି ୧୮.୧ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ହର୍ଲିନ ଦେଓଲ ୧୨ ଚୌକା ବଳରେ ୩୯ ବଲ୍‌ରୁ ୬୪ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଏହି ପ୍ରତୀକ୍ଷିତ ବିଜୟ ଭେଟି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୋଲେ ଟ୍ରିୟନ ଅପରାଜିତ ୨୭, ଅଧିନାୟକ ଲାନ୍ନିଂ ଓ ଫୋଏବ ଲିଚଫିଲ୍ଡ ଉଭୟ ୨୫ ରନର ଉପଯୋଗୀ ପାଳି ଖେଳିଥିଲେ। ଘରୋଇ ମୁମ୍ବାଇର ନାଟାଲୀ ସ୍କିଭର-ବ୍ରଣ୍ଟଙ୍କୁ ୨ଟି ୱିକେଟ୍ ମିଳିଥିଲା। ପୂର୍ବରୁ ନାଟାଲୀଙ୍କ ୬୫ ରନ ବଳରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୫ ୱିକେଟ୍‌ରେ ୧୬୧ ରନ କରିଥିଲା। ଏଥିସହ ହ୍ୟାଟ୍ରିକ ପରାଜୟ ପରେ ୟୁପି ବିଜୟ ପଏଣ୍ଟ ପାଇଛି। ଶୁକ୍ରବାର ଗୁଜରାଟ ଜାଏଣ୍ଟ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଖେଳାଯିବ।

**■ ଜାତୀୟ ଖୋ ଖୋ'ରେ ଓଡ଼ିଶାକୁ ଡବଲ୍ ପଦକ**


## ମହିଳାଙ୍କୁ ରୌପ୍ୟ; ପୁରୁଷ ଜିତିଲେ କାଂସ୍ୟ



ଭୁବନେଶ୍ୱର, ୧୫ା୧ (ସମିସ): ତେଲଙ୍ଗାନାର କାଜିପେଟସ୍ଥିତ ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସିନିଅର ଚାମ୍ପିଅନସିପ୍‌ର ୫୮ତମ ସଂସ୍କରଣରେ ଓଡ଼ିଶା ଡବଲ୍ ପଦକ ସଫଳତା ପାଇଛି। ଓଡ଼ିଶା ବାଳିକା ଦଳ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ଦଳ କାଂସ୍ୟରେ ସନ୍ତୁଷ୍ଟ ରହିଛି। ଗୁରୁବାର ଅନୁଷ୍ଠିତ ମହିଳା ଫାଇନାଲରେ ଓଡ଼ିଶା କଡ଼ା ସଂଘର୍ଷ କରିଥିଲେ ମଧ୍ୟ ମାତ୍ର ୧ ପଏଣ୍ଟ (୨୩-୨୨)ରେ ଶକ୍ତିଶାଳୀ ମହାରାଷ୍ଟ୍ର ନିକଟରୁ ହାରିଯାଇଛି। ଗତ ବର୍ଷ ପୁରୀରେ ଅନୁଷ୍ଠିତ ୫୭ତମ ସଂସ୍କରଣରେ ମଧ୍ୟ ଓଡ଼ିଶାକୁ ହରାଇ ମହାରାଷ୍ଟ୍ର ମହିଳା ଦଳ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ପୁରୁଷ ବିଭାଗରେ ରେଳବାଇ ଦଳ ୨୬-୨୧ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇ ଟାଇଟଲ୍ ବଜାୟ ରଖିଛି। ପୁରୁଷରେ କାଂସ୍ୟ ପଦକ ମୁକାବିଲାରେ ଓଡ଼ିଶା ବିଜୟୀ ହୋଇଛି। ମହିଳା ବିଭାଗରେ ଅର୍ଚ୍ଚନା ମାଝୀ ପ୍ରତିଯୋଗିତାର ଶ୍ରେଷ୍ଠ ମହିଳା ଖେଳାଳି ହୋଇଛନ୍ତି। ପଦକ ବିଜୟୀ ଓଡ଼ିଶା ଦଳକୁ ରାଜ୍ୟ ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

## ନ୍ୟୁଜିଲାଣ୍ଡ ସିରିଜ୍‌ରୁ ସୁନ୍ଦର ବାଦ୍; ବିଶ୍ୱକପ୍‌ରେ ଖେଳିବା ନେଇ ସନ୍ଦେହ

ମୁମ୍ବଇ,୧୫ା୧(ଏଜେନ୍ସି): ଆହତ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଆସନ୍ତା ୨୧ରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ବିସିସିଆଇ ଏଯାଏ ଅନ୍ୟ କୌଣସି ଖେଳାଳିଙ୍କୁ ସାମିଲ କରିନାହିଁ। ନ୍ୟୁଜିଲାଣ୍ଡ ସିରିଜ୍ ଲାଗି ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ, କିନ୍ତୁ ଜାନୁଆରୀ ୩୦ ସୁଦ୍ଧା ବିଶ୍ୱକପ୍ ଲାଗି ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯିବ। ସୂଚନାଯୋଗ୍ୟ ନ୍ୟୁଜିଲାଣ୍ଡ ସହ ବରୋଦାରେ ଜାନୁଆରୀ ୯ ତାରିଖ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ବୋଲିଂ କରୁଥିଲାବେଳେ ସୁନ୍ଦର ଆହତ ହୋଇଥିଲେ। ଏହା ପରେ ତାଙ୍କୁ ଅବଶିଷ୍ଟ ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଥିଲା। ସ୍କାନ ପରେ ଆହତ ସମସ୍ୟା ଗୁରୁତର ହେବାରୁ ତାଙ୍କୁ ମଧ୍ୟ ଟି-୨୦ ସିରିଜ୍‌ରୁ ବାଦ୍ ଦିଆଯାଇଛି। ସେ ଖୁବ୍ ଶୀଘ୍ର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଯୋଗ ଦେବାକୁ କୁହାଯାଇଛି। ତାଙ୍କ ବଦଳରେ କିଏ ଦଳରେ ସାମିଲ ହେବେ ତାହା ସ୍ଥିର ହୋଇନାହିଁ।



ସେହିପରି ବିଜୟ ହଜାରେ ଟ୍ରଫି ଖେଳୁଥିବାବେଳେ ତିଲକ ବର୍ମା ଆହତ ହୋଇଥିଲେ। ତାଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିଲା। ଉଭୟଙ୍କ ଆହତ ସମସ୍ୟା ଗୁରୁତର ହୋଇଥିବାରୁ ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ ନେଇ ସନ୍ଦେହ ରହିଛି।

**୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ: ହେନିଲ ପଟେଲଙ୍କୁ ୫ ୱିକେଟ୍**

## ବର୍ଷାରେ ଭାରତର ବିଜୟ ଅଭିଯାନ

ବୁଲାୱାୟୋ,୧୫ା୧(ଏଜେନ୍ସି): ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଆମେରିକାକୁ ୬ ୱିକେଟରେ ପରାସ୍ତ କରି ପ୍ରତିଭାବାନ ଖେଳାଳିମାନଙ୍କୁ ନେଇ ଗଠିତ ଭାରତ ୧୯ ବର୍ଷରୁ କମ୍ ଦଳ ବିଶ୍ୱକପ୍‌ରେ ବିଜୟଅଭିଯାନ ଆରମ୍ଭ କରିଛି। ଜିମ୍ବାୱେର ବୁଲାୱାୟୋସ୍ଥିତ କ୍ୱିନ୍ ସ୍ପୋର୍ଟ୍ସ କ୍ଲବ୍‌ରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଆମେରିକା ୩୫.୨ ଓଭରରେ ୧୦୭ ରନ୍ କରିଥିଲା। ଦଳ ପକ୍ଷରୁ ନୀତୀଶ ସୁଦିନ ସର୍ବାଧିକ ୩୬, ଅଦନିତ ଝାମ୍ବ ୧୮, ସାହିଲ ଗର୍ଗ ଓ ଅର୍ଜୁନ ମହେଶ ୧୬ ରନ୍ ଲେଖାଏଁ କରିଥିଲେ। ଭାରତ ପକ୍ଷରୁ ବାମହାତୀ ପେସ୍ ବୋଲର ହେନିଲ ପଟେଲ ୫ଟି ୱିକେଟ ପାଇଥିଲେ।



ଜବାବରେ ୧୦୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ତୃତୀୟ ଓଭରରେ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ହରାଇଥିଲା। ସେ ମାତ୍ର ୨ ରନ୍‌ରେ ପ୍ରତିପକ୍ଷ ପେସ୍ ବୋଲର ରିତଭିକ୍ ଆପିଡିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୪ ଓଭରରେ ୧ ୱିକେଟ ହରାଇ ୨୧ ରନ୍ କରିଥିଲାବେଳେ ବର୍ଷା ଓ ଘଡଘଡି ଯୋଗୁ ଖେଳ ବନ୍ଦ ରହିଥିଲା। ବର୍ଷା ଛାଡିବା ପରେ ମ୍ୟାଚ୍‌କୁ ୩୭ ଓଭର ବିଶିଷ୍ଟ କରାଯାଇଥିଲା ଓ ୩୭ ଓଭରରେ ୯୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟକରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ୧୭.୨ ଓଭରରେ ୪ ୱିକେଟ ହରାଇ ୯୯ ରନ୍ କରିବା ସହ ୬ ୱିକେଟରେ ମ୍ୟାଚ୍ ଜିତିନେଇଥିଲା। ମ୍ୟାଚ୍ ଜିତିଲା ବେଳକୁ ଅଭିଜ୍ଞାନ କୁଣ୍ଡୁ ୪୨ ଓ କନିସ୍କ ଚୋହାନ ୧୦ ରନ୍‌ରେ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଆୟୁଷ ମାହାତ୍ରେ ୧୯, ବିହାନ ମାଲହୋତ୍ରା ୧୮ ଓ ବେଦାନ୍ତ ତ୍ରିବେଦୀ ୨ ରନ୍ କରିଥିଲେ। ଆପିଡିଙ୍କୁ ୨ଟି ୱିକେଟ ମିଳିଥିଲା। ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ବାଂଲାଦେଶ ସହ ଜାନୁଆର ୧୭ରେ ଖେଳିବ।

### ଶୁକ୍ରବାର ବିଶ୍ୱକପ୍ ମୁକାବିଲା

| | |
|---|---|
| ପାକିସ୍ତାନ ବନାମ ଇଂଲଣ୍ଡ | ହରାରେ |
| ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ | ୱିଣ୍ଡୋହକ୍ |
| ଆଫଗାନିସ୍ତାନ- ଦକ୍ଷିଣ ଆଫ୍ରିକା | ୱିଣ୍ଡୋହକ୍ |

### ୱେଷ୍ଟଇଣ୍ଡିଜ୍‌ର ସହଜ ବିଜୟ

ୱିଣ୍ଡେହକ୍: ଏହି ବିଶ୍ୱକପ୍‌ର ପ୍ରଥମ ଦିନରେ ଆଉ ୨ଟି ମ୍ୟାଚ୍ ଖେଳାଯାଇଥିଲା। ନାମିବ୍ୟାର ୱିଣ୍ଡେହକ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୫ ୱିକେଟରେ ତାଞ୍ଜାନିଆକୁ ପରାସ୍ତ କରିଛି। ସେହିପରି ବର୍ଷା, ଖରାପ ପାଗ ଓ ଓଦା ପଡ଼ିଆ ଯୋଗୁଁ ଘରୋଇ ଜିମ୍ବାୱେ ଓ ସ୍କଟଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବାତିଲ କରାଯାଇଛି। ନାମିବ୍ୟାର ୱିଣ୍ଡୋହେକ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ତାଞ୍ଜାନିଆ ୧୨୨ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୨୧ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ଓପନର ତାନେଜ ଫ୍ରାନସିସ୍ ୫୨ ଓ ଜୁଏଲ ଆଣ୍ଡ୍ର୍ୟୁ ୪୪ ରନ୍ କରିଥିଲେ। କିନ୍ତୁ ତାଞ୍ଜାନିଆ ଇନିଂସରେ ୭ ଓଭରରୁ ୨୩ ରନ୍ ଦେଇ ୨ଟି ୱିକେଟ ନେଇଥିବା ଶାକ୍ୱାନ ବେଲେଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ଜାତୀୟ ମହିଳା ଫୁଟ୍‌ବଲ୍ ଦଳରେ ୩ ଓଡ଼ିଆ







କଟକ,୧୫ା୧(ସମିସ): ଏଏଫସି ମହିଳା ଏସିଆ କପ୍ ପୂର୍ବରୁ ଭାରତୀୟ ମହିଳା ଫୁଟବଲ ଦଳ ଏକ୍ସପୋଜର ଟୁର୍‌ରେ ତୁର୍କୀ ଯାତ୍ରା କରିଛି। ସେଠାରେ ଏଫସି ମେଟାଲିଷ୍ଟ, ଏଫସି ଜୁରିକ ଏବଂ ଏଫସି ସିଲିରେନ୍ ବିପକ୍ଷରେ ତିନୋଟି ମ୍ୟାଚ୍ ଖେଳିବ। ତେବେ ୨୬ ଜଣିଆ ଭାରତୀୟ ଦଳରେ ତିନି ଓଡ଼ିଆଙ୍କୁ ସ୍ଥାନ ମିଳିଛି। ଏମାନେ ହେଲେ ମିଡଫିଲ୍ଡର ଯଶୋଦା ମୁଣ୍ଡା, ଫରୱାର୍ଡ ପ୍ୟାରୀ ଖାଖା ଏବଂ ଡିଫେଣ୍ଡର ଜୁଲି କିଶାନ। ହରିୟାଣାର ଗୁରୁଗ୍ରାମରେ ତିନି ଦିନିଆ ଅଭ୍ୟାସ ସେସନ ଶେଷ କରିବା ପରେ ତିନିଜଣ ଜାତୀୟ ଦଳ ସହ ତୁର୍କୀ ଯାତ୍ରା କରିଛନ୍ତି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଟଙ୍କଧର ତ୍ରିପାଠୀ ଏବଂ ସମ୍ପାଦକ ଆଶୀର୍ବାଦ ବେହେରା ଉପରୋକ୍ତ ତିନି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଦର୍ଶନଙ୍କୁ ୫ ୱିକେଟ; ଅମନଙ୍କ ଶତକ**

## ବିଜୟ ହଜାରେ ଟ୍ରଫି ଫାଇନାଲରେ ବିଦର୍ଭ

ବେଙ୍ଗାଲୁରୁ,୧୫ା୧(ଏଜେନ୍ସି): ଦର୍ଶନ ନାଲକାଣ୍ଡେଙ୍କ ଘାତକ ବୋଲିଂ ଓ ଅମନ ମୋଖାଡେଙ୍କ ଶତକ ସହାୟତାରେ ବିଦର୍ଭ ୬ ୱିକେଟରେ କର୍ଣ୍ଣାଟକକୁ ଏଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ପଞ୍ଜାବ ଓ ସୌରାଷ୍ଟ୍ର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ବିଦର୍ଭ ସହ ଆସନ୍ତା ରବିବାର ୧୮ ତାରିଖରେ ଫାଇନାଲ ମୁକାବିଲା ହେବ। ଏହି ମ୍ୟାଚ୍‌ରେ ଦର୍ଶନ ନାଲକାଣ୍ଡେ ୪୮ ରନ୍‌ରେ ୫ ଓ ୟଶ ଠାକୁର ୬୪ ରନ୍‌ରେ ୨ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି କର୍ଣ୍ଣାଟକ ୨୮୦ ରନ୍ କରିଥିଲା। କରୁନ ନାୟାର ୭୬ ଓ କ୍ରିଷନ ଶ୍ରୀଜିତ ୫୪ ରନ କରିଥିଲେ। ଜବାବରେ ଅମନ ମୋଖାଡେଙ୍କ ୧୨୨ ବଲ୍‌ରେ ୧୩୮, କର୍ଣ୍ଣାଟକର ପୂର୍ବତନ ଖେଳାଳି ରବିକୁମାର ସମର୍ଥଙ୍କ ଅପରାଜିତ ୭୬ ଓ ଧ୍ରୁବ ସୋରୀଙ୍କ ୪୭ ରନ୍ ସହାୟତାରେ ବିଦର୍ଭ ୭ ୱିକେଟ ଓ ୩.୪ ଓଭର ଖେଳ ବାକିଥାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ପ୍ରତିପକ୍ଷ ଦଳର ଅଭିଳାଷ ସେଟ୍ଟୀଙ୍କୁ ୩ ୱିକେଟ ମିଳିଥିଲା। ଅମନଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ଜାତୀୟ ଦୃଷ୍ଟିହୀନ କ୍ରିକେଟ ଶନିବାରରୁ

ଭୁବନେଶ୍ୱର,୧୫ା୧(ସମିସ): ସମର୍ଥନମ୍ ଟ୍ରଷ୍ଟ, କ୍ରିକେଟ ଆସୋସିଏସନ ଫର ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (ସିଏବିଆଇ) ଏବଂ କ୍ରିକେଟ ଆସୋସିଏସନ ଫର ଭିଜୁଆଲୀ ଇମ୍ପେଆରଡ୍ (ସିଏଭିଆଇ)ର ମିଳିତ ସହଯୋଗରେ ଇଣ୍ଡସଇଣ୍ଡ ବରିଷ୍ଠ ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ପ୍ରତିଯୋଗିତା ଶନିବାରଠାରୁ ଭୁବନେଶ୍ୱରରେ ଆୟୋଜିତ ହେବ। ରାଜଧାନୀ ଉପକଣ୍ଠସ୍ଥ ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ଜାନୁଆରୀ ୨୨ ତାରିଖଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୮ ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଦଳଗୁଡିକୁ ୫ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ମଧ୍ୟପ୍ରଦେଶ (ଚାମ୍ପିଅନ), ରାଜସ୍ଥାନ, ତାମିଲନାଡୁ ଓ କେରଳ, ଗ୍ରୁପ୍-ବି'ରେ କର୍ଣ୍ଣାଟକ, ଝାଡଖଣ୍ଡ, ଦିଲ୍ଲୀ ଓ ଗୁଜରାଟ, ଗ୍ରୁପ୍-ସି'ରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ବିହାର ଓ ଚଣ୍ଡିଗଡ, ଗ୍ରୁପ୍-ଡି'ରେ ମହାରାଷ୍ଟ୍ର, ତେଲଙ୍ଗାନା ଓ ଉତ୍ତରପ୍ରଦେଶ, ଗ୍ରୁପ୍-ଇ'ରେ ପଶ୍ଚିମବଙ୍ଗ, ହରିୟାଣା ଓ ଆସାମ ରହିଛନ୍ତି। ହାଇଟେକ୍ ମେଡିକାଲ କଲେଜ୍ ଅଡିଟୋରିୟମ୍‌ରେ ଆସନ୍ତାକାଲି ରାତି ୮ଟା ବେଳେ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସିଏଭିଆଇ ସଭାପତି ମହମ୍ମଦ୍ ଜାଫର ଇକ୍‌ବାଲ ଜଣାଇଛନ୍ତି।


## ନୀରଜଙ୍କ ନୂଆ କୋଚ୍

ନୂଆଦିଲ୍ଲୀ, ୧୫ା୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ନୂଆ କୋଚ୍ ଜୟ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି। ସିଜନ ପୂର୍ବରୁ ଏହି ପ୍ରସ୍ତୁତି ଲାଗି ନୀରଜ ଦକ୍ଷିଣ ଆଫ୍ରିକାର ପୋଶ୍ଚେଷ୍ଟ୍ରମକୁ ପସନ୍ଦ କରିଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍ଓସି) ନୂଆ କୋଚ୍ ଚୌଧୁରୀଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକାରେ ୩୨ ଦିନିଆ ଏହି ପ୍ରସ୍ତୁତି ଲାଗି ଅନୁମତି ପ୍ରଦାନ କରିଛି। ଏଥିଲାଗି ସାଇ ୧୧.୮୦ ଲକ୍ଷ ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ଗତ ସପ୍ତାହରେ ନୀରଜ ଚେକ୍ ଗଣରାଜ୍ୟର କିମ୍ବଦନ୍ତୀ ଜାଭେଲିନ ଥ୍ରୋ' ପ୍ରଶିକ୍ଷକ ଜାନ୍ ଜେଲେଜ୍ନିଙ୍କଠାରୁ ଅଲଗା ହୋଇଥିଲେ।

**ବାଂଲା ଖେଳାଳିଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଲା ବୋର୍ଡ**

## ତାମିମ୍‌ଙ୍କୁ ଭାରତୀୟ ଏଜେଣ୍ଟ କହିଥିବା ନଜମୁଲ ବହିଷ୍କୃତ

ଢାକା,୧୫ା୧(ଏଜେନ୍ସି): ମୁସ୍ତାଫିଜୁର ରହେମାନ ବିବାଦରେ ବାଂଲାଦେଶର ବିସ୍ଫୋରକ ଓପନର ତାମିମ୍ ଇକବାଲଙ୍କୁ ଭାରତୀୟ ଏଜେଣ୍ଟ କହିଥିବା ବୋର୍ଡ ନିର୍ଦ୍ଦେଶକ ଏମ୍ ନାଜମୁଲ ଇସ୍‌ଲାମଙ୍କୁ ବାଂଲାଦେଶ କ୍ରିକେଟ ବୋର୍ଡ ବହିଷ୍କୃତ କରିଛି। ଏହା ସହ ତାଙ୍କ ଉପରେ ଥିବା ସମସ୍ତ ଦାୟିତ୍ୱକୁ ବୋର୍ଡ ପ୍ରତ୍ୟାହାର କରିନେଇଛି। ତାଙ୍କୁ ମଧ୍ୟ ବୋର୍ଡର ଅର୍ଥନୈତିକ କମିଟିର ଅଧ୍ୟକ୍ଷ ପଦରୁ ବିଦା କରାଯାଇଛି। ଏହା କେବଳ ସମ୍ଭବ ହୋଇଛି ବାଂଲାଦେଶ ଖେଳାଳିଙ୍କ ଯୋଗୁଁ। ଖେଳାଳି କଲ୍ୟାଣ ସଂଘ ଓ ପ୍ରାୟ ସମସ୍ତ ବରିଷ୍ଠ ଖେଳାଳି ତାମିମ୍‌ଙ୍କ ପ୍ରତି ଏପରି ମନ୍ତବ୍ୟକୁ ନାପସନ୍ଦ କରିବା ସହ ତୀବ୍ର ସମାଲୋଚନା କରିଥିଲେ। ସେ (ନାଜମୁଲ) ତାଙ୍କ ମନ୍ତବ୍ୟ ଲାଗି ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରନ୍ତୁ ଓ ପରେ ଇସ୍ତଫା ଦିଅନ୍ତୁ ବୋଲି ବାଂଲା ଖେଳାଳି ସଂଘ ଦାବି କରିଥିଲା। କିନ୍ତୁ ନାଜମୁଲ କ୍ଷମା ତ ମାଗି ନ ଥିଲେ, ବରଂ ଭାରତ-ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରୁ ବାଂଲାଦେଶ ଓହରି ଆସିଲେ ଖେଳାଳିଙ୍କୁ କୌଣସି କ୍ଷତିପୂରଣ ଦିଆଯିବ ନାହିଁ ବୋଲି ଘୋଷଣା କରି ଆଉଏକ ବିବାଦ ସୃଷ୍ଟି କରିଥିଲେ। ଏହାର ପ୍ରଭାବ ଆଜି ଦେଖାଦେଇଥିଲା। ନାଜମୁଲ୍‌ଙ୍କୁ ବହିଷ୍କାର କରାଯିବା ଦାବିରେ ଖେଳାଳି ଓ ଖେଳାଳି କଲ୍ୟାଣ ସଂଘ ଅଟଳ ରହିଥିଲେ। ଏ ସମ୍ପର୍କରେ ବୋର୍ଡ କିଛି ନିଷ୍ପତ୍ତି ନ ନେବାରୁ ଆଜି ବାଂଲାଦେଶ ପ୍ରିମିୟର ଲିଗ୍‌ରେ ଥିବା ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲେ। ଏହା ଫଳରେ ଆଜି ହେବାକୁ ଥିବା ମ୍ୟାଚ୍ ସମ୍ଭବ ହୋଇପାରି ନ ଥିଲା। ଆଜି ସନ୍ଧ୍ୟାରେ ବାଂଲା କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ ନିର୍ଦ୍ଦେଶକ ପଦରେ ଥିବା ନାଜମୁଲଙ୍କୁ ବୋର୍ଡରୁ ବହିଷ୍କାର କରିଛନ୍ତି।



ସୂଚନାଯୋଗ୍ୟ ବାଂଲା ଖେଳାଳି ମୁସ୍ତାଫିଜୁର ରହେମାନଙ୍କୁ ବିସିସିଆଇ ଭାରତରେ ହେଉଥିବା ଆଇପିଏଲ୍‌ରୁ ବିଦା କରିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା। ରହେମାନଙ୍କୁ ବିଦା କରିବା ପରେ ବାଂଲାଦେଶ ଭାରତରେ ବିଶ୍ୱକପ୍ ଖେଳୁ ବୋଲି ତାମିମ୍ ଇଚ୍ଛା ପ୍ରକାଶ କରିଥିଲେ। ଏଥିଲାଗି ନାଜମୁଲ ତାଙ୍କୁ ଭାରତୀୟ ଏଜେଣ୍ଟ ବୋଲି ଫେସ୍‌ବୁକ୍‌ରେ ଏକ ପୋଷ୍ଟ କରି ସମାଲୋଚନା କରିଥିଲେ। ଏହା କିନ୍ତୁ ଖେଳାଳିଙ୍କୁ ବହୁତ ବାଧିଥିଲା। ସମସ୍ତ ବରିଷ୍ଠ ଖେଳାଳି ଓ ଖେଳାଳି କଲ୍ୟାଣ ସଂଘ ଏହାକୁ ଦୃଢ଼ ବିରୋଧ କରିବା ସହ ନାଜମୁଲଙ୍କୁ ବହିଷ୍କାର କରିବାକୁ ଦାବି କରିଥିଲେ। ଶେଷରେ ଖେଳାଳିଙ୍କ ଦାବି ଆଗରେ ବୋର୍ଡ ମୁଣ୍ଡ ନୁଆଁଇଥିଲା ଓ ନାଜମୁଲ୍‌ଙ୍କୁ ସମସ୍ତ ପଦରୁ ବହିଷ୍କାର କରିଥିଲା। ଦୀର୍ଘ ୧୬ ବର୍ଷ ଧରି ବାଂଲାଦେଶ ପକ୍ଷରୁ କ୍ରିକେଟ ଖେଳିଥିବା ତାମିମ୍‌ଙ୍କ ପ୍ରତି ଏଭଳି ମନ୍ତବ୍ୟକୁ ଖେଳାଳି ସଂଘ ଗ୍ରହଣ କରିପାରି ନ ଥିଲେ। ପରେ ଟି-୨୦ ବିଶ୍ୱକପ୍‌ରୁ ବାଂଲାଦେଶ ଓହରିଗଲେ ଖେଳାଳିଙ୍କୁ କୌଣସି କ୍ଷତିପୂରଣ ଦିଆଯିବ ନାହିଁ ବୋଲି କହିବା ପରେ ନିଆଁରେ ଘିଅ ଢାଳିବା ଭଳି ହୋଇଥିଲା। ଏବେ ସେ ବହିଷ୍କୃତ ହେବା ପରେ ପରିସ୍ଥିତି କ'ଣ ହେବ ତାହା ଦେଖିବାକୁ ବାକି ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS